

ଶ୍ରୀମନ୍ଦିର ପରିକ୍ରମା ସ୍ୱତନ୍ତ୍ର

▸ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ▪ JEYPORE ▪ SAMBALPUR ▪ PANIKOILI

◆VOLUME- 41 ◆ISSUE-203 ◆BHUBANESWAR ◆WEDNESDAY ◆17 JANUARY 2024 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୩ ◆ଭୁବନେଶ୍ୱର ◆ବୁଧବାର ◆୧୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬+୮ ◆ଟ.୬.୦୦



DADLS-83

ଜୟ ଜଗନ୍ନାଥ





ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଜି
୧୭ ଜାନୁଆରୀ ୨୦୨୪ ପୌଷ ଶୁକ୍ଲପକ୍ଷ ସପ୍ତମୀ ତିଥି
ଅପରାହ୍ନ ୦୧.୧୫ ଘଟିକାରେ
'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର
ଭବ୍ୟ ଲୋକାର୍ପଣ ସମ୍ପନ୍ନ ହେବ ।

ସକାଳ ୭ ଘଟିକାରୁ କାର୍ଯ୍ୟକ୍ରମର ସିଧାପ୍ରସାରଣ
ସମସ୍ତ ଓଡ଼ିଆ ଟିଭି ଚାନେଲ୍ ଏବଂ "IPR Odisha"
ୟୁଟ୍ୟୁବ୍ ଚାନେଲ୍‌ରେ ଦେଖିପାରିବେ ।




OIPR - 15001/13/0267/2324

● ମାଳଦ୍ୱୀପ ରାସ୍ତାରେ ବାଂଲାଦେଶ

# ମୁଖ୍ୟ ବିରୋଧୀ ଦଳ ବିଏନ୍‌ପିର 'ଇଣ୍ଡିଆ ଆଉଟ୍' ଅଭିଯାନ

**ଢାକା, ୧୬ ।୧(ଏଜେନ୍ସି):** ମାଳଦ୍ୱୀପର ଶାସକ ଦଳ ଏମଡିପି(ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି) ଏବେ ଚୀନ୍ ପ୍ରେମରେ ପଡ଼ି ଭାରତ ବିରୋଡ଼ଧୀ ହୋଇପଡ଼ିଛି । ଯାହାର ନମୁନା ଏବେ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଛି । ଏହାକୁ ନେଇ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ତିକ୍ତତା ବଢିଥିବା ବେଳେ ଏବେ ବାଂଲାଦେଶର ସର୍ବବୃହତ ବିରୋଧୀ ଦଳ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ମଧ୍ୟ ମାଳଦ୍ୱୀପ ରାସ୍ତାରେ ଚାଲିବା ଆରମ୍ଭ କରିଛି । ଏହି ଦଳ ବାଂଲାଦେଶରେ ଭାରତ ବିରୋଧୀ ପ୍ରଚାର ଅଭିଯାନ ଚଳାଇବା ସହିତ 'ଇଣ୍ଡିଆ ଆଉଟ' କାର୍ଯ୍ୟକ୍ରମ ଆରମ୍ଭ କରିଛି । ଉଲ୍ଲେଖଯୋଗ୍ୟ ଯେ, ନିକଟରେ ବାଂଲାଦେଶ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । କିନ୍ତୁ ବିଏନପି ଏହି ନିର୍ବାଚନକୁ ପ୍ରତ୍ୟାଖ୍ୟାନ କରି ନିର୍ବାଚନ ଲଢି ନଥିଲା । ହେଲେ ପ୍ରଧାନମନ୍ତ୍ରୀ ଶେଖ ହସିନା ବହୁମତରେ ବିଜୟ ହେବା ସହିତ ୫ମ ଥର ପାଇଁ କ୍ଷମତାସୀନ ହୋଇଛନ୍ତି । ଶେଖ ହସିନା ଭାରତ ସହ ଉତ୍ତମ ସମ୍ପର୍କ ରଖି ଆସିବା ସହିତ ଭାରତ ଭଳି ଏକ ପଡୋଶୀ ରାଷ୍ଟ୍ର ପାଇବା ସୌଭାଗ୍ୟର ବିଷୟ ବୋଲି ନିର୍ବାଚନ ବେଳେ କହିଥିଲେ । ଏହି ସମୟରେ ସେ ବିରୋଧୀ ବିଏନପି ଦଳକୁ ଦେଶ ବିରୋଧୀ, ଆତଙ୍କବାଦୀ ଦଳ ଭାବେ କହିବାକୁ ପଛାଇ ନଥିଲେ । କିନ୍ତୁ ହସିନାଙ୍କ ବିରୋଧରେ ଲୋକମତ ସୃଷ୍ଟି କରିବାକୁ ବିଏନପି ଭାରତ ବିରୋଧୀ କାର୍ଯ୍ୟକ୍ରମ ଆରମ୍ଭ କରିଛି । ମାଳଦ୍ୱୀପ ନିର୍ବାଚନ ବେଳେ ରାଷ୍ଟ୍ରପତି ମହମ୍ମଦ ମୋଇଜୁ ଯେଭଳି ଭାରତ ବିରୋଧୀ ପ୍ରଚାର ଅଭିଯାନ ଚଳାଇ ବିଜୟୀ ହେଲେ ବିଏନପି ମଧ୍ୟ ବାଂଲାଦେଶରେ ସେଭଳି କରି ହସିନାଙ୍କ ବିରୋଧରେ ଜନମତ ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ କରିଛି ।ଉଲ୍ଲେଖଯୋଗ୍ୟ ଯେ,ଏକ ଇସଲାମିକ୍ ପାର୍ଟି ଭାବେ ବିଏନପିକୁ ଆମେରିକା ଟିୟର-୩ ଆତଙ୍କବାଦୀ ସଂଗଠନ ଘୋଷଣା କରିସାରିଛି ।

● ଲେପାକ୍ଷୀ ମନ୍ଦିରରେ ମୋଦୀଙ୍କ ପୂଜାର୍ଚ୍ଚନା

# ବିଜେପିର ଦକ୍ଷିଣ ଭାରତ ଅଭିଯାନ!



ନୂଆଦିଲ୍ଲୀ,୧୬।୧(ଏଜେନ୍ସି)

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି । ଏଥିପାଇଁ ମଙ୍ଗଳବାର ଠାରୁ ସ୍ୱତନ୍ତ୍ର ପୂଜାବିଧି ଏବଂ ହୋମଯଜ୍ଞ ଆରମ୍ଭ ହୋଇଯାଇଛି । ଅନ୍ୟପଟେ ପ୍ରାଣ ପ୍ରତିଷ୍ଠା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଭାରତର ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପ୍ରାଣପ୍ରତିଷ୍ଠା ଉତ୍ସବରେ ଯଜମାନ ହୋଇଥିବାରୁ ୧୧ ଦିନ ପୂର୍ବରୁ ବ୍ରତ କରିବା ସହିତ ପ୍ରଥମେ ନାସିକସ୍ଥିତ ଗୋଦାବରୀ ନଦୀକୂଳରେ ଅବସ୍ଥିତ ପଞ୍ଚବଟି ବନରେ କାଳାରାମ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏଠାରେ ପୂଜାଚର୍ଚ୍ଚନା କରି ସେ ଦେଶବାସୀଙ୍କୁ ସମ୍ବୋଧିତ କରି ପଞ୍ଚବଟି ଆଶ୍ରମରେ ପ୍ରଭୁ ରାମଙ୍କ ଲୀଳା ଅମୃତ କାହାଣୀ ବଖାଣିଥିଲେ । ଏହାପରେ ମୋଦୀ ମଙ୍ଗଳବାର ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାସ୍ଥିତ ଲେପାକ୍ଷୀ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ମାତାସୀତାଙ୍କୁ ରାବଣ ଅପହରଣ କରି ନେବା ପରେ ଜଟାୟୁ ଅବରୋଧ କରିବା ସହିତ ରାବଣ ଆଘାତରେ ତଳକୁ ଖସିପଡ଼ି ଏହିଠାରେ ହିଁ ମୃତ୍ୟୁବରଣ କରିଥିଲା । ସେହି ଅନୁସାରେ ଲେପାକ୍ଷୀ ମନ୍ଦିରରେ ପ୍ରଭୁ ରାମଙ୍କ ପୂଜାର୍ଚ୍ଚନା କରାଯାଇଆସୁଛି । ଏହାପରେ ଆସନ୍ତାକାଲି ମୋଦୀ କେରଳର ଗୁରୁବାୟୁର ମନ୍ଦିର ପରିଦର୍ଶନ କରିବା ସହିତ ସେଠାରେ ରାମସ୍ୱାମୀଙ୍କୁ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଭୁ ରାମଙ୍କ ବନବାସ କାଳରେ ଯେଉଁ ସବୁ କ୍ଷେତ୍ର ଏବେ ତୀର୍ଥ କ୍ଷେତ୍ରରେ ପରିଣତ ହୋଇଛି ଏବଂ ଯେଉଁ ଠାରେ ରାମସୀତାଙ୍କ କିଛି ସ୍ମୃତି ରହିଛି ସେଠାରେ ମୋଦୀ ପୂଜାର୍ଚ୍ଚନା କରୁଛନ୍ତି ବୋଲି କୁହାଯାଉଛି । କିନ୍ତୁ ମୋଦୀଙ୍କ ଏହି ପୂଜାର୍ଚ୍ଚନାକୁ ନେଇ ରାଜନୀତିକ ମହଲରେ ଅନ୍ୟ ଚର୍ଚ୍ଚା ଚାଲିଛି । ରାମ ମନ୍ଦିର ପ୍ରତିଷ୍ଠା ପୂର୍ବରୁ ମୋଦୀଙ୍କ ଏହି ଗସ୍ତ ବିଜେପିର ଦାକ୍ଷିଣାତ୍ୟ ଅଭିଯାନ ବୋଲି କୁହାଯାଉଛି ।

## ବିଜେପିକୁ ରାହୁଲଙ୍କ ନିଶାଣ

ମଣିପୁରରୁ ଆରମ୍ଭ ହୋଇଥିବା ଭାରତ ଯୋଡୋ ଯାତ୍ରାର ତୃତୀୟ ଦିନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନାଗାଲାଣ୍ଡରେ ପହଞ୍ଚିଛନ୍ତି । ଏହି ସମୟରେ ସେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନର ସଦସ୍ୟମାନଙ୍କୁ ଭେଟିବା ସହିତ ଧର୍ମକୁ ନେଇ ବିଜେପି ଉପରେ ବର୍ଷିଛନ୍ତି । ରାହୁଲ କହିଛନ୍ତି ଯେ, ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବରୁ କଂଗ୍ରେସ ଦୂରେଇ ରହିଥିବାରୁ ବିଜେପି କଂଗ୍ରେସକୁ ହିନ୍ଦୁ ବିରୋଧୀ ଦଳ କହୁଛି । କିନ୍ତୁ ଧର୍ମକୁ ନେଇ ମୋର ଧାରଣା ସେମାନଙ୍କ ଠାରୁ ଭିନ୍ନ ରହିଛି । ଧାର୍ମିକ ରୀତିନୀତିକୁ ଆଧାର କରି ସେ ତାଙ୍କ ଜୀବନ ପରିଚାଳନା କରନ୍ତି, ହେଲେ ଧର୍ମକୁ କାନ୍ଧରେ ବୋହି ନେବାକୁ ପସନ୍ଦ କରନ୍ତି ନାହିଁ ବୋଲି ରାହୁଲ କହିଛନ୍ତି । ଏହି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ଧର୍ମ ସହ ଜଣଙ୍କର ସମ୍ପର୍କ ସମ୍ପୂର୍ଣ୍ଣ ବ୍ୟକ୍ତିଗତ । ଯିଏ ଯେକୌଣସି ଧର୍ମ ଉପରେ ଆସ୍ଥା ରଖେ ସେ ବିଶ୍ୱାସର ସହ ତାହାକୁ ଅନୁସରଣ କରେ । କିନ୍ତୁ କେବେ ବି ଧର୍ମର ଫାଇଦା ଉଠାଏ ନାହିଁ । କିନ୍ତୁ ଯିଏ ଧର୍ମକୁ ସାମ୍ନାରେ ରଖି ଏହାକୁ ଦେଖାଏ ସିଏ ଧର୍ମକୁ ଉପଯୋଗ କରି ଫାଇଦା ନେବାକୁ ଚେଷ୍ଟା କରେ । ଆଜି ଏଭଳି କିଛି ଦେଖାଯାଉଛି ବୋଲି ରାହୁଲ ପରୋକ୍ଷରେ ବିଜେପିକୁ ନିଶାଣ କରି କହିଛନ୍ତି ।

## ଜାପାନରେ ପୁଣି ୨ ବିମାନ ମୁହାଁମୁହିଁ

**ଟୋକିଓ, ୧୬।୧ (ଏଜେନ୍ସି):** ଜାପାନରେ ପୁଣି ବିମାନ ଦୁର୍ଘଟଣା ଘଟିଛି । ମଙ୍ଗଳବାର ହୋକାଇଡୋର ନ୍ୟୁ ଚିଟୋସ ବିମାନବନ୍ଦରରେ କୋରିଆ ଏୟାରଲାଇନ୍ସ ଏବଂ କ୍ୟାଥେ ପ୍ୟାସିଫିକ ଏୟାରୱେଜ ବିମାନ ମଧ୍ୟରେ ଧକ୍କା ହୋଇଛି । ମାତ୍ର ଏଥିରେ କୌଣସି କ୍ଷୟକ୍ଷତି ହୋଇନାହିଁ । କୋରିଆ ବିମାନରେ ଯାଉଥିବା ୨୮୯ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଛି । ଅନ୍ୟ ବିମାନରେ କୌଣସି ଯାତ୍ରୀ ନ ଥିଲେ । ଅଧିକାରୀଙ୍କ ଅନୁଯାୟୀ ବିମାବନ୍ଦରରେ ଥିବା ବରଫ ଯୋଗୁ ଏହି ଦୁର୍ଘଟଣା ହୋଇଥିଲା । ଉଡ଼ାଣ ଆରମ୍ଭ କରିବା ପୂର୍ବରୁ ୨ ବିମାନର ପଙ୍ଖା ମାଡ଼ ହୋଇଥିଲା । ଉଭୟ ବିମାନକୁ ପରସ୍ପର ବିରୋଧୀ ସୂଚନା ଦିଆଯାଇଥିଲା । ଏବେ ମାମଲାର ଯାଞ୍ଚ ଚାଲିଛି ।

## ଆମେରିକା ରାଷ୍ଟ୍ରପତି ନିର୍ବାଚନରୁ ଓହରିଲେ ରାମାସ୍ୱାମୀ

**ୱାଶିଂଟନ, ୧୬।୧ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ବିବେକ ରାମାସ୍ୱାମୀ ଆମେରିକା ରାଷ୍ଟ୍ରପତି ନିର୍ବାଚନରୁ ଓହରି ଯାଇଛନ୍ତି । ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ କରିବେ ବୋଲି ସୋମବାର ଘୋଷଣା କରିଛନ୍ତି । ଏବେ ତାଙ୍କ ପାଇଁ କୌଣସି ମାର୍ଗ ନ ଥିବା କହିଛନ୍ତି । ସୂଚନା ଅନୁଯାୟୀ ସୋମବାର ରିପବ୍ଲିକାନ ପାର୍ଟିର ପ୍ରାର୍ଥୀଙ୍କ ପାଇଁ ଆୟୋୱାରେ ପ୍ରଥମ କାକସ ଆୟୋଜନ ହୋଇଥିଲା । ଏଥିରେ ଟ୍ରମ୍ପ ବିଜୟୀ ହୋଇଥିଲେ । ଏବେ ଟ୍ରମ୍ପଙ୍କ ସହ ନିକି ହେଲି ଏବଂ ରୋନ ଦେସାନ୍ତିସ୍ ପ୍ରତିଦ୍ୱନ୍ଦ୍ୱିତା କରିବେ । ବିବେକ ଏହି ତିନି ଜଣଙ୍କଠାରୁ ପଛରେ ରହି ୭.୭ ପ୍ରତିଶତ ଭୋଟ ପାଇଥିଲେ । ତେଣୁ ସେ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୨୩ ଫେବୃଆରୀ ପ୍ରାର୍ଥୀ ହେବେ ବୋଲି ଘୋଷଣା କରି ବିବେକ ଚର୍ଚ୍ଚାକୁ ଆସିଥିଲେ ।

## କୁନୋରେ ଆଉ ଏକ ଚିତାର ମୃତ୍ୟୁ

**ଭୋପାଳ, ୧୬।୧ (ଏଜେନ୍ସି):** ମଧ୍ୟପ୍ରଦେଶ ସିଓପୁର ଜିଲ୍ଲା ସ୍ଥିତ କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ଅପରାହ୍ଣରେ ଆଉ ଏକ ଚିତା ବାଘ 'ଶୌର୍ଯ୍ୟ'ର ମୃତ୍ୟୁ ହୋଇଛି । ଏହି ଚିତାକୁ ନାମିବ୍ୟାରୁ ଅଣା ଯାଇଥିଲା । ଏ ପର୍ଯ୍ୟନ୍ତ କୁନୋରେ ୩ ଶାବକଙ୍କୁ ମିଶାଇ ୧୦ ଚିତାଙ୍କ ମୃତ୍ୟୁ ହେଲାଣି । ଏବେ ୪ ଶାବକଙ୍କ ସମେତ ୧୩ ଚିତା ସୁସ୍ଥ ଅଛନ୍ତି । ସୂଚନା ଅନୁଯାୟୀ ପର୍ଯ୍ୟବେକ୍ଷଣ ଟିମ୍ ସକାଳେ ଶୌର୍ଯ୍ୟକୁ ଅଚେତ ଅବସ୍ଥାରେ ଠାବ କରିଥିଲା । ପରେ ତାଙ୍କୁ ଟ୍ରାଙ୍କୁଲାଇଜ କରି ସିପିଆର ଦିଆଯାଇଥିଲା । କିଛି ସମୟ ପରେ ସେ ଚେତା ପାଇଥିଲା । କିନ୍ତୁ ବହୁତ ଦୁର୍ବଳ ଥିଲା । ଅନେକ ପ୍ରୟାସ ସତ୍ତ୍ୱେ ଡାକ୍ତର ତାଙ୍କୁ ବଞ୍ଚାଇ ପାରିଲେ ନାହିଁ । ଏ ପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ । ଏହା ଜାଣିବା ପାଇଁ ବ୍ୟବଚ୍ଛେଦ କରାଯାଉଛି । ଶୌର୍ଯ୍ୟକୁ ନିଜ ଭାଇ ଗୌରବ ସହ ଭାରତ ଅଣା ଯାଇଥିଲା । ଉଭୟେ ସବୁବେଳେ ଏକାଠି ରହୁଥିଲେ ଏବଂ ଶିକାର କରୁଥିଲେ । କିଛି ଦିନ ତଳେ ଅଗ୍ନି ଏବଂ ବାୟୁ ଚିତା ସହ ଉଭୟଙ୍କ ସଂଘର୍ଷ ହୋଇଥିଲା । ଏଥିରେ ଅଗ୍ନି ଗୁରୁତର ଆହତ ହୋଇଥିଲା । ଏହା ପରେ ଚିତାଙ୍କୁ ଖୁଆଡ଼ରେ ବନ୍ଦ କରିଦିଆଯାଇଥିଲା ।

## ଇଡିକୁ ବାସଭବନ ଡାକିଲେ ମୁଖ୍ୟମନ୍ତ୍ରୀ

**ରାଞ୍ଚି, ୧୬।୧ (ଏଜେନ୍ସି):** ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅଷ୍ଟମ ସମନର ଜବାବ ଦେଇଛନ୍ତି । ସିଏମ୍‌ଓ କର୍ମଚାରୀଙ୍କ ହାତରେ ଇଡି କାର୍ଯ୍ୟାଳୟକୁ ଚିଠି ପଠାଇଛନ୍ତି । ଏଥିରେ ଇଡିକୁ ତାଙ୍କ ସରକାରୀ ବାସଭବନକୁ ଡାକିଛନ୍ତି । ୨୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଆସି ପଚରାଉଚୁରା କରିବାକୁ କହିଛନ୍ତି । ସୂଚନାଯୋଗ୍ୟ ଯେ ଇଡି ଶନିବାର ସୋରେନଙ୍କୁ ସମନ ଜାରି କରି ଏ ପର୍ଯ୍ୟନ୍ତ ଅନୁପସ୍ଥିତ ରହିବାର କାରଣ ପଚାରି ଥିଲା । ଏହି ମାମଲାରେ ଜବାବ ଦେବା ପାଇଁ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲା । ନିଜ ଆସନ୍ତୁ ନଚେତ ଇଡି ପହଞ୍ଚି ଯିବ ବୋଲି କୁହାଯାଇଥିଲା । ଏବେ ହେମନ୍ତ ସମୟପୂର୍ବରୁ ଇଡିକୁ ଜବାବ ଦେଇଛନ୍ତି ।

## ମୋସାଦ ମୁଖ୍ୟାଳୟ ଉଡ଼ାଇଦେଲା ଇରାନ

● ୫ ମୃତ; ୬ ଗୁରୁତର



**ତେଲ ଆଭିଭ, ୧୬।୧ (ଏଜେନ୍ସି):** ଇରାକ ଇରବିଲ ସ୍ଥିତ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ମୁଖ୍ୟାଳୟ ଉପରେ ଇରାନ ମଙ୍ଗଳବାର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ଆକ୍ରମଣରେ ଅତିକମରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ୬ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । କୁର୍ଦିଶ ଆଞ୍ଚଳିକ ସରକାରର ସୁରକ୍ଷା ପରିଷଦ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହି ଆକ୍ରମଣକୁ ନେଇ ଆମେରକା ପକ୍ଷରୁ ବଡ଼ ମନ୍ତବ୍ୟ ଦିଆଯାଇଛି । ଆମେରିକା ନିନ୍ଦା କରିଛି । କ୍ଷେପଣାସ୍ତ୍ର ମାଡ଼କୁ ଦାୟିତ୍ୱହୀନ ଏବଂ ଅସ୍ୱଷ୍ଟ ଷ୍ଟ୍ରାଇକ୍ କୁହାଯାଇଛି । ହମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଏହି ଆକ୍ରମଣ ହୋଇଛି । ତେଣୁ ଯୁଦ୍ଧ ସମ୍ପୂର୍ଣ୍ଣ ମଧ୍ୟ-ପ୍ରାଚ୍ୟକୁ ବ୍ୟାପିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଇରାକ ପକ୍ଷରୁ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି । ଏହା ଦେଶର ସାର୍ବଭୌମତ୍ୱର ଉଲ୍ଲଙ୍ଘନ ବୋଲି କୁହାଯାଇଛି । ସେହିପରି ଇରାନର ରିଭୋଲ୍ୟୁସନାରୀ ଗାର୍ଡ୍ସ ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଗୁଇନ୍ଦା କେନ୍ଦ୍ର ଏବଂ ଦେଶ ବିରୋଧୀ ଆତଙ୍କବାଦୀ ଗୋଷ୍ଠୀକୁ ନିପାତ କରିବା ପାଇଁ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି । ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ଇସ୍ରାଏଲ ସିରିଆ ଏବଂ ଲେବନାନ ଉପରେ ଏୟାରଷ୍ଟ୍ରାଇକ କରିଥିଲା । ଏଥିରେ ଇରାନର ବ୍ରିଗେଡିୟର ଜେନେରାଲ ରାଜି ମୁସାଭି ଏବଂ ହମାସର ଉପନେତା ସାଲେହ ଅଲ ଅରୁରିର ମୃତ୍ୟୁ ହୋଇଥିଲା । ଏହି ଦୁଇ ଜଣ ଇରାନର ଘନିଷ୍ଠ ଥିଲେ ।

## ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ପନ୍ନୁ'ର ହତ୍ୟା ଧମକ



**ୱାଶିଂଟନ୍,୧୬।୧(ଏଜେନ୍ସି):** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କୁ ହତ୍ୟା କରିବାକୁ ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍ ମୁଖ୍ୟ ଗୁରୁପତୱନ୍ତ ସିଂହ ପନ୍ନୁ ଧମକ ଦେଇଛି ।ଜାନୁଆରୀ ୨୬ରେ ଭଗୱନ୍ତ ମାନ୍‌ଙ୍କ ସହ ପଞ୍ଜାବ ଡିଜିପି ଗୌରବ ଯାଦବଙ୍କୁ ମଧ୍ୟ ହତ୍ୟା କରାଯିବ ବୋଲି ଏକ ଭିଡିଓ ଜାରି କରି ପନ୍ନୁ ଧମକ ଦେଇଛି । ସମସ୍ତେ ଏକାଠି ହୋଇ ଜାନୁଆରୀ ୨୬ରେ ମୁଖ୍ୟମନ୍ତ୍ରୀ ମାନ୍‌ଙ୍କ ଉପରେ ଆକ୍ରମଣ କରିବାକୁ ସେ ପଞ୍ଜାବର ଗ୍ୟାଙ୍ଗଷ୍ଟରମାନଙ୍କୁ ଆହ୍ୱାନ କରିଛି । ଯେଉଁ ଗ୍ୟାଙ୍ଗଷ୍ଟରମାନେ ବର୍ତ୍ତମାନ ପଞ୍ଜାବ ଜେଲରେ ରହିଛନ୍ତି ସେମାନେ ତାକୁ ସମ୍ପର୍କ କରିବାକୁ ମଧ୍ୟ ପନ୍ନୁ କହିଛି । ପଞ୍ଜାବରେ ଯୁବକମାନଙ୍କ ବିରୋଧରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ପନ୍ନୁ ଏଭଳି ପ୍ରତିଶୋଧପରାୟଣ ହୋଇପଡ଼ିଛି । ଏଠାରେ ଯୁବକମାନଙ୍କୁ ଗ୍ୟାଙ୍ଗଷ୍ଟର ଦର୍ଶାଇ ଜେଲରେ ପୁରାଇ ଦିଆଯାଉଥିବା ବେଳେ ମିଥ୍ୟା ଏନକାଉଣ୍ଟରରେ ସେମାନଙ୍କୁ ମାରି ଦିଆଯାଉଛି ବୋଲି ପନ୍ନୁ କହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ମାସରେ ମଧ୍ୟ ପନ୍ନୁ ଏକ ଭିଡିଓ ଜାରି କରି ଭାରତକୁ ଧମକ ଦେଇଥିଲା । ଡିସେମ୍ବର ୧୩ ତାରିଖରେ ସଂସଦ ଉପରେ ଆକ୍ରମଣ କରିବ ବୋଲି ପନ୍ନୁ କହିଥିଲା ।ଏହା ପୂର୍ବରୁ ମଧ୍ୟ ଦିଲ୍ଲୀ ବିମାନ ବନ୍ଦର ଓ ଏୟାର ଇଣ୍ଡିଆ ବିମାନକୁ ନେଇ ଚେତାବନୀ ଜାରି କରିଥିଲା । ଏୟାର ଇଣ୍ଡିଆରେ ଯାତ୍ରା କଲେ ଯାତ୍ରୀଙ୍କ ପ୍ରତି ବିପଦ ରହିଛି ବୋଲି ପନ୍ନୁ କହିଥିଲା । ଏହି ଘଟଣାକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ) ପନ୍ନୁ ନାଁରେ ମାମଲା ରୁଜୁ କରିଛି ।

● ୱାଇଏସ୍ ଶର୍ମିଳା ଆନ୍ଧ୍ର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତ

# ୨୦୨୪ରେ ଭାଇ-ଭଉଣୀ ଲଢ଼େଇ

ନୂଆଦିଲ୍ଲୀ,୧୬।୧(ଏଜେନ୍ସି)



ଚଳିତବର୍ଷ ଆନ୍ଧ୍ର ପ୍ରଦେଶରେ ଲୋକସଭା ସହ ବିଧାନସଭା ନିର୍ବାଚନ ହେବ । ଯାହାକୁ ନେଇ ରାଜନୀତିକ ସରଗରମ ଆରମ୍ଭ ହୋଇଯାଇଛି । ସବୁ ପ୍ରମୁଖ ଦଳ ନିଜର ରଣନୀତି ପ୍ରସ୍ତୁତ କରିବାକୁ ପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହିକ୍ରମରେ କଂଗ୍ରେସ ୱାଇଏସ୍ ଶର୍ମିଳାଙ୍କୁ ପ୍ରଦେଶ କମିଟି ଅଧ୍ୟକ୍ଷ ନିଯୁକ୍ତ କରିଛି । ଗତ ୪ ତାରିଖରେ ଶର୍ମିଳା କଂଗ୍ରେସରେ ସାମିଲ ହୋଇଥିଲା ବେଳେ ମାତ୍ର ୧୨ ଦିନ ପରେ ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ଦିଆଯିବା ବିଭିନ୍ନ ମହଲକୁ ବିସ୍ମିତ କରିଛି । ତେବେ ଶର୍ମିଳାଙ୍କୁ ପ୍ରଦେଶ କମିଟି ମୁଖ୍ୟ କରାଯିବା ପଛରେ ଦଳର କିଛି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ରହିଥିବା କୁହାଯାଉଛି । ଶର୍ମିଳା ହେଉଛନ୍ତି ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନମୋହନ ରେଡ୍ଡିଙ୍କ ଭଉଣୀ । ସେହିଭଳି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କଂଗ୍ରେସର ଦିବଂଗତ ଟାଣୁଆ ନେତା ୱାଇଏସ୍ ରାଜଶେଖର ରେଡ୍ଡିଙ୍କ ଝିଅ । ରାଜଶେଖର ରେଡ୍ଡିଙ୍କ ମୃତ୍ୟୁ ପରେ ଜଗନମୋହନ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦାବି କରିଥିଲେ । କିନ୍ତୁ ତାଙ୍କୁ ସୁଯୋଗ ଦିଆଯାଇ ନଥିଲା । ଏହାପରେ ସେ କଂଗ୍ରେସରୁ ଅଲଗା ହୋଇ ୱାଇଏସଆର କଂଗ୍ରେସ ନାଁରେ ଏକ ନୂଆ ଦଳ ଗଠନ କରିଥିଲେ । ପରେ ବିପୁଳ ଜନମତରେ ନିର୍ବାଚନ ଜିତି ମୁଖ୍ୟମନ୍ତ୍ରୀ ହୋଇଥିଲେ । ତେବେ ଭଉଣୀ ଶର୍ମିଳାଙ୍କ ସହ ତାଙ୍କର ମତଭେଦ ରହି ଆସିଛି । ଏବେ ଶର୍ମିଳାଙ୍କୁ ପିସିସି ଅଧ୍ୟକ୍ଷ କରାଯାଇଥିବାରୁ ୨୦୨୪ ସାଧାରଣ ନିର୍ବାଚନରେ ଭାଇ-ଭଉଣୀଙ୍କ ମଧ୍ୟରେ ଲଢେଇ ହେବ ବୋଲି ଆଲୋଚନା ଆରମ୍ଭ ହୋଇଛି ।

● କୃଷ୍ଣ ଜନ୍ମଭୂମି ମାମଲା

# ଶାହି ଇଦ୍‌ଗାହ ସର୍ଭେ ଉପରେ ସୁପ୍ରିମକୋର୍ଟଙ୍କ ରହିତାଦେଶ

ନୂଆଦିଲ୍ଲୀ, ୧୬।୧(ଏଜେନ୍ସି)



ମଥୁରା କୃଷ୍ଣ ଜନ୍ମଭୂମି ବିବାଦ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ଉପରେ ରୋକ୍ ଲଗାଇଛନ୍ତି । ବିବାଦୀୟ ସ୍ଥଳରେ ଜଣେ କୋର୍ଟ କମିସନରଙ୍କୁ ନିଯୁକ୍ତ କରି ସଂପୃକ୍ତ ଅଞ୍ଚଳରେ ସର୍ଭେ କରିବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ଏହା ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ରୋକ୍ ଲଗାଇଛନ୍ତି । କୃଷ୍ଣ ଜନ୍ମଭୂବି ବିବାଦକୁନ୍‌ଇଦେ ହିନ୍ଦୁ ସମାଜ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ଗତ ଡିସେମ୍ବର ୧୪ ତାରିଖରେ ଶାହି ଇଦ୍‌ଗାହ ମସଜିଦ୍ ପରିସରର ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ । କୋର୍ଟ ଦ୍ୱାରା ନିଯୁକ୍ତ ଜଣେ ଆଇନଜୀବୀଙ୍କ ତତ୍ୱବଧାନରେ ଏହି କାର୍ଯ୍ୟ କରାଯିବ ବୋଲି କୁହାଯାଇଥିଲା । କୋର୍ଟ ମଧ୍ୟ ଜଣେ ଆଡଭୋକେଟ କମିସନର ନିଯୁକ୍ତ କରି ଏହି କାର୍ଯ୍ୟ କରିବାକୁ ରାଜି ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ମସଜିଦ୍ କମିଟି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାଏର କରାଯାଇଥିଲା । ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତ ଏହି ମାମଲାର ଶୁଣାଣି କରି ଆଇନ ଦୃଷ୍ଟିରୁ ବହୁ ଆହ୍ୱାନ ରହିଥିବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଥିବା ଜଣାପଡ଼ିଛି ।

## ଜ୍ଞାନବାପୀ ୱଜୁଖାନା ସଫା କରିବାକୁ ଅନୁମତି

ସୁପ୍ରିମକୋର୍ଟ ମଙ୍ଗଳବାର ଜ୍ଞାନବାପୀ ମସଜିଦ୍ ମାମଲାରେ ବଡ଼ ନିଷ୍ପତ୍ତି ନେଇଛନ୍ତି । ମସଜିଦ୍ ପରିସରରେ ରହିଥିବା ୱଜୁଖାନା ବା ହାତ ଧୋଇବା ପାଇଁ ଉଦ୍ଦିଷ୍ଟ ଜଳକୁଣ୍ଡ ସଫା କରିବା ପାଇଁ ଅନୁମତି ଦେଇଛନ୍ତି । ମୁସଲମାନ ପକ୍ଷ ଯେଉଁ ସ୍ଥାନକୁ ୱଜୁଖାନା କହୁଛନ୍ତି ସେଥିରେ ଶିବଲିଙ୍ଗ ରହିଥିବା ହିନ୍ଦୁ ପକ୍ଷ ଦାବି କରୁଛନ୍ତି । ତେବେ ମସଜିଦ ପରିସରରେ ପୂଜା କରିବାକୁ ଅନୁମତି ଲୋଡିବା ସହିତ ୱଜୁଖାନା ସଫା କରିବାକୁ ହିନ୍ଦୁଙ୍କ ପକ୍ଷରୁ ଆବେଦନ କରାଯାଇଥିଲା ବେଳେ ପ୍ରଧାନବିଚାରପତି ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ , ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ୱଜୁଖାନା ସଫେଇ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ବାରଣାସୀ ଜିଲ୍ଲାପାଳଙ୍କ ତଦାରଖରେ ଏହି ସଫେଇ କାର୍ଯ୍ୟ କରିବାକୁ ସୁପ୍ରିମକୋର୍ଟ ପହିଛନ୍ତି ।ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ମେ 'ରେ ମସଜିଦ ୱଜୁଖାନାରେ ଶିବଲିଙ୍ଗ ରହିଥିବା ଦାବି ଉଠିବା ପରେ ଏହାକୁ ସିଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

● ବିହାର ସରକାରଙ୍କ ବଡ଼ ଘୋଷଣା

## ୯୪ ଲକ୍ଷ ପରିବାରକୁ ମିଳିବ ୨ ଲକ୍ଷ ଟଙ୍କା

● ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଥମ କିସ୍ତି

**ପାଟନା, ୧୬।୧ (ଏଜେନ୍ସି):** ଲୋକସଭା ନିର୍ବାଚନ ପୂର୍ବରୁ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିହାର ସରକାର ବଡ଼ ଘୋଷଣା କରିଛନ୍ତି । ରାଜ୍ୟର ୯୪ ଲକ୍ଷ ଗରିବ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ୫ ବର୍ଷ ପାଇଁ ଏହି ଯୋଜନା ଚାଲିବ । ରୋଜଗାର ତଥା ସ୍ୱାବଲମ୍ବୀ ହେବା ପାଇଁ ତିନୋଟି କିସ୍ତିରେ ଏହି ଟଙ୍କା ଦିଆଯିବ । ଲୋକସଭା ନିର୍ବାଚନ ପୂର୍ବରୁ ପ୍ରଥମ କିସ୍ତି ଜାରି କରାଯିବ । ପ୍ରଥମ ପର୍ଯ୍ୟାୟରେ ୨୫ ପ୍ରତିଶତ, ଦ୍ୱିତୀୟରେ ୫୦ ଏବଂ ତୃତୀୟରେ ୨୫ ପ୍ରତିଶତ ଅର୍ଥ ଦିଆଯିବ । ଗୋଟିଏ କିସ୍ତିର ବ୍ୟବହାର କରି ସାରିବା ପରେ ଅନ୍ୟ କିସ୍ତି ମିଳିବ । ଦିନେ ଦୁଇଦିନ ଭିତରେ ଏ ନେଇ ବିଜ୍ଞପ୍ତି ଜାରି କରାଯିବ । ଗତ ନଭେମ୍ବର ୯ ତାରିଖରେ ବିଧାନସଭାରେ ଜାତିଭିତ୍ତିକ ଜନଗଣନା ତଥ୍ୟ ଉପସ୍ଥାପନ କରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହି ଘୋଷଣା କରିଥିଲେ । ଏବେ ଏହାକୁ କ୍ୟାବିନେଟ ମୋହର ଦେଇଛି । ଏହି ସର୍ଭେରେ ୯୪ ଲକ୍ଷ ଗରିବ ପରିବାରକୁ ଚିହ୍ନଟ କରାଯାଇଥିଲା । ଏବେ ବିହାରରେ ସାଧାରଣ ବର୍ଗରୁ ୧,୦,୮୫, ୯୧୩ ଗରିବ ପରିବାର, ପଛୁଆ ବର୍ଗରୁ ୨, ୪୭, ୯୭୦, ଅତ୍ୟନ୍ତ ପଛୁଆ ବର୍ଗର ୩୩, ୧୯, ୫୦୯, ଅନୁସୂଚିତ ଜାତିର ୨, ୩୪, ୯୧୧ ଏବଂ ଅନୁସୂଚିତ ଜନଜାତି ବର୍ଗରେ ୨ ଲକ୍ଷ ୮୦୯ ଗରିବ ପରିବାର ଅଛନ୍ତି । ସେହିପରି ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାର ସଦସ୍ୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି । କିଡନୀ ରୋଗର ଚିକିତ୍ସା ପାଇଁ ୨.୫ ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରାଯିବ ।

ଭାରତୀୟ ହୋଟେଲରେ ପରସା ଯାଉଛି ସାର୍କ ମାଂସ

# ବର୍ଷକେ ଖାଇ ଯାଉଛନ୍ତି ୨୫୧ ଟନ୍

ନୂଆଦିଲ୍ଲୀ, ୧୬।୧ (ଏଜେନ୍ସି)

● ବିଲୁପ୍ତ ହେବାରେ ଲାଗିଛି ସାର୍କ ପ୍ରଜାତି
● ବର୍ଷକୁ ଶିକାର ହେଉଛି ୮୩, ୮୭୬ ସାର୍କ
● ଗୋଆରେ ମାଂସର ସର୍ବାଧିକ ଚାହିଦା
● ତାମିଲନାଡୁ ଓ ଗୋଆରେ ୭୦% ବେପାର



ସାର୍କ ପ୍ରତି ବିପଦ ବଢ଼ିବାରେ ଲାଗିଛି । ଏହି ବିରାଟ ସାମୁଦ୍ରିକ ଜୀବନ ଅନିୟନ୍ତ୍ରିତ ଶିକାର ଏବଂ ଲୋକଙ୍କ ଉପଭୋଗର ସାମଗ୍ରୀ ପାଲଟି ଯାଇଛି । ଏଥିଯୋଗୁଁ ବିଶ୍ୱରେ ସାର୍କ ସଂଖ୍ୟା କମ୍ ହେବାରେ ଲାଗିଛି । ସାର୍କ ଏବଂ ସାଙ୍କୁଚ ଭଳି 'ରେ' ପ୍ରଜାତି ଗୁଡିକ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ ବିଲୁପ୍ତ ହେବାର ଦ୍ୱାରଦେଶରେ ପହଞ୍ଚି ଗଲେଣି । ଅନ୍ୟପଟେ ଭାରତରେ ସାର୍କ ମାଂସର ଚାହିଦା ଅହେତୁକ ବୃଦ୍ଧି ପାଇଛି । ଅନେକ ଉପକୂଳବର୍ତ୍ତୀ ହୋଟେଲ ଏବଂ ରେସ୍ତୋରାଂ ଗୁଡିକର ବ୍ୟଞ୍ଜନରେ ସାର୍କକୁ ସାମିଲ କରାଯାଇଛି । ପ୍ରତି ବର୍ଷ ଦେଶର ହୋଟେଲ ଏବଂ ରେସ୍ତୋରାଂରେ ୨୫୧.୬ ଟନ୍ ସାର୍କ ମାଂସ ବିକ୍ରି କରାଯାଉଛି । ଏହା ୮୩,୮୭୬ ସାର୍କ ସହ ସମାନ । 'କନଜରଭେସନ ସାଇନ୍ସ ଆଣ୍ଡ ପ୍ରାକ୍ଟିସ' ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ ସାର୍କ ଏବଂ 'ରେ' ପ୍ରଜାତିର ଜୀବଙ୍କ ସଂଖ୍ୟାରେ ଭାରତ ତୃତୀୟ ସ୍ଥାନରେ ରହିଛି । ବିଶେଷ କରି ଦକ୍ଷିଣ କ୍ଷେତ୍ରରେ ଏହି ମାଂସର ଚାହିଦା ଦ୍ରୁତଗତିରେ ବଢ଼ିବାରେ ଲାଗିଛି । ଏହି ଅଧ୍ୟୟନରେ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଥିବା ଅନେକ ହୋଟେଲର ଅନୁଧ୍ୟାନ କରାଯାଇଥିଲା ।

ରିପୋର୍ଟ ଅନୁଯାୟୀ ଗୋଆର ସର୍ବାଧିକ ରେସ୍ତୋରାଁରେ ସାର୍କ ମାଂସ ପରସା ଯାଉଛି । ସ୍ଥାନୀୟ ଅଧିବାସୀ ଏବଂ ପର୍ଯ୍ୟଟକ 'ବେବି ସାର୍କ'ର ମାଂସ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି । ଏଥିପାଇଁ ଅଧିକ ଶିକାର ହେଉଛି । ଫଳରେ ଛୋଟ ସାର୍କଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ବେବି ସାର୍କର ଓଜନ ତିନି କେଜିରୁ ଅଧିକ ହୋଇଥାଏ । ଏହି ଅଧ୍ୟୟନରେ ଭାରତର ୧୦ଟି ଉପକୂଳ କ୍ଷେତ୍ରର ୨,୬୪୯ ହୋଟେଲରେ ଅନୁଧ୍ୟାନ କରାଯାଇଥିଲା । ଏହା ମଧ୍ୟରୁ ୨୯୨ ହୋଟେଲରେ ସାର୍କ ମାଂସ ସାମିଲ କରାଯାଇଥିଲା । ଗୋଆରେ ଏଭଳି ହୋଟେଲ ସଂଖ୍ୟା ୩୫.୮ ପ୍ରତିଶତ ରହିଛି । ଏହା ପଛକୁ ତାମିଲନାଡୁ ୩୪.୬ ଏବଂ ମହାରାଷ୍ଟ୍ର ୪.୬ ପ୍ରତିଶତ ରହିଛି । ଭାରତର ୭୦ ପ୍ରତିଶତ ସାର୍କ ମାଂସ ଗୋଆ ଏବଂ ତାମିଲନାଡୁରେ ପରସା ଯାଉଛି ।



ବିଶାଳଙ୍କ ସହ କାମ କରିବେ ଶାହାରୁଖ୍
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-203 ◆BHUBANESWAR ◆WEDNESDAY ◆17 JANUARY 2024 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୩ ◆ଭୁବନେଶ୍ୱର ◆ବୁଧବାର ◆୧୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬+୮ ◆ଟ.୬.୦୦







**ଶ୍ରୀମନ୍ଦିର ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ**

# ଆଜିଠୁ ନିର୍ବିଘ୍ନ ପରିକ୍ରମା



## ‘ପରିକ୍ରମା’ ପ୍ରକଳ୍ପ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ, ପ୍ରସ୍ତୁତି ଓ ପ୍ରକଳ୍ପର ତଦାରଖ କଲେ ‘୫-ଟି’ ଅଧ୍ୟକ୍ଷ

**ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବେ ଗଜପତି ମହାରାଜା**

■ **ପୁରୀ, ୧୬।୧ (ସମିସ):** ପୌଷ ଶୁକ୍ଳସପ୍ତମୀ ତିଥିରେ ଶ୍ରୀକ୍ଷେତ୍ର ଲେଖିବ ନୂଆ ଇତିହାସ। ଶ୍ରୀମନ୍ଦିର ଇତିହାସରେ ଯୋଡିହେବ ସ୍ୱର୍ଣ୍ଣିମ ଫର୍ଦ୍ଦ। ବିଶ୍ୱ ଦେଖିବ ବିଶ୍ୱନିୟନ୍ତାଙ୍କ ବିଜେସ୍ଥଳୀର ଭବ୍ୟ ରୂପ। ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଲୋକାର୍ପଣ କରିବେ। ଅନୁରୂପ ଭାବରେ ତ୍ରିଦିନାତ୍ମକ ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବେ ଗଜପତି ମହାରାଜା ଦିବ୍ୟସିଂହ ଦେବ। ଏହି ତିଥି, ବାର, ନକ୍ଷତ୍ର ଓ ତାରିଖ କୋଟି କୋଟି ଜଗନ୍ନାଥପ୍ରେମୀ ଓ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ପାଇଁ ହେବ ଏକ ସ୍ମରଣୀୟ ଦିନ।

ମଙ୍ଗଳବାର ସକାଳ ସାଢେ ୭ଟାରେ ଦ୍ୱିତୀୟ ଦିନର ଯଜ୍ଞ କର୍ମ ଆରମ୍ଭ ହୋଇଛି। ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଦ୍ୱାରପାଳ ପୂଜା, ବରୁଣ ପୂଜା, ଗୋ ପୂଜା କରାଯାଇଛି। ଶାଳା ପ୍ରବେଶରେ ଦେବତାଙ୍କ ଆବାହନ ପରେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଅଧିବାସ କଳସ ଜଳ, ଚନ୍ଦନ, ହଳଦୀ, ରକ୍ଷାସୂତ୍ର, ଲାଜା, ପଞ୍ଚଗବ୍ୟ ନେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଶୋଧନ କରିଛନ୍ତି। ପରେ ପଞ୍ଚକର୍ମ, ମଣ୍ଡଳପୂଜା, ହବନ, ଆରତି, ପୁଷ୍ପାଞ୍ଜଳି ଏବଂ ପ୍ରଦକ୍ଷିଣ କରାଯାଇ ସନ୍ଧ୍ୟାରେ ଦ୍ୱିତୀୟ ଦିନର ଯଜ୍ଞକର୍ମ ଶେଷ କରାଯାଇଛି। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ସହ



ପରିକ୍ରମା ପ୍ରକଳ୍ପର ହେବ ଲୋକାର୍ପଣ। ଏହାର ଅବ୍ୟବହିତ ପୂର୍ବରୁ ପୁରୀ ଆସି ସବୁ ପ୍ରସ୍ତୁତି ଏବଂ ପରିକ୍ରମା ପ୍ରକଳ୍ପର ତଦାରଖ କରିଛନ୍ତି ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ▶ପୃଷ୍ଠା-୧୧

## ଝରିଲା ଅମୃତବାରି

**କଳସ ପଞ୍ଚଶସ୍ୟରୁ ଅଙ୍କୁରୋଦ୍‌ଗମ**

ଶ୍ରୀମନ୍ଦିର ‘ପରିକ୍ରମା’ ପ୍ରକଳ୍ପକୁ ଆଶୀର୍ବାଦ ଦେଇଛନ୍ତି ଇନ୍ଦ୍ରଦେବ। ପୌଷର ଶୁକ୍ଳପକ୍ଷ ଶୀତୁଆ ରାତିରେ ଆକାଶରୁ ଝରିଛି ଟୋପାଟୋପା ଅମୃତବାରି। ଆକାଶରୁ ପୁଷ୍ପ ବୃଷ୍ଟି ଭଳି ଝିପିଝିପି ବର୍ଷା ପଡିଥିଲା ଶ୍ରୀକ୍ଷେତ୍ର ମାଟିରେ। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଏହା ଏକ ଶୁଭ ସୂଚନା। ଏହି ବର୍ଷା ମହାଯଜ୍ଞର ସଫଳ ବାର୍ତ୍ତା ଦେଇଛି ବୋଲି କହିଛନ୍ତି, ଯଜ୍ଞରେ ପ୍ରଚାରକ ଭାବେ ବରଣ ହୋଇଥିବା ଶ୍ରୋତ୍ରୀୟ ବ୍ରାହ୍ମଣ ବିଶ୍ୱମ୍ବର



ଦାଶ। ସୋମବାର ଯଜ୍ଞ ଆରମ୍ଭ ହୋଇଥିଲା, ଆଉ ରାତିରେ ପୁରୀରେ ଝିପିଝିପି ବର୍ଷା ହୋଇଛି। ଏହା ହେଉଛି ଯଜ୍ଞର ଫଳ। ସେହିପରି ଯେଉଁ ଅଙ୍କୁରାରୋପଣ କରାଯାଇଥିଲା ସେଥିରୁ ମଧ୍ୟ ଶୁଭ ସୂଚନା ମିଳିଛି। ଅଙ୍କୁର କେବଳ ଗଜା ନୁହେଁ, ଗଛ ହୋଇଯାଇଛି। ବହୁ ପ୍ରତୀକ୍ଷିତ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପର୍ବ ପୂର୍ବରୁ ଏଭଳି ଶୁଭ ସାଙ୍କେତିକ ପରିଭାଷାକୁ ବୟାନ କରିବା ବେଳେ ବେଶ୍ ଖୁସି ହୋଇଯାଇଛନ୍ତି ପଣ୍ଡିତ ଶ୍ରୀ ଦାଶ।

**କଥା ରଖିଲେ ମୁଖ୍ୟମନ୍ତ୍ରୀ**

## ଶ୍ରୀକ୍ଷେତ୍ରକୁ ‘ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍’

**୧୮ରେ ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ**

**ପ୍ରଥମ ପର୍ଯ୍ୟାୟରେ ୧୫ ଜିଲ୍ଲାରୁ ଗଡ଼ିବ ବସ୍**

■ **ଭୁବନେଶ୍ୱର, ୧୬।୧ (ସମିସ):** କଥା ଦେଇ କଥା ରଖିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶ୍ରୀକ୍ଷେତ୍ରକୁ ଯିବା ଆସିବା ପାଇଁ ଶ୍ରଦ୍ଧାଳୁ ଭୋଗିବେ ନାହିଁ ସମସ୍ୟା। ଆରାମଦାୟକ ଶୀତତାପ ନିୟନ୍ତ୍ରିତ ବସ୍‌ରେ ଭକ୍ତ ଓ ଶ୍ରଦ୍ଧାଳୁ ପୁରୀକୁ ଯାତ୍ରା କରିବାକୁ ସକ୍ଷମ ହେବେ। ସବୁ ଜିଲ୍ଲାରୁ ଶଙ୍ଖକ୍ଷେତ୍ର ପୁରୀକୁ ଗଡ଼ିବ ‘ଲକ୍ଷ୍ମୀ’ ବସ୍ ‘ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ’। ପ୍ରଥମ ପର୍ଯ୍ୟାୟରେ ୧୫ ଜିଲ୍ଲା ମୁଖ୍ୟାଳୟରୁ ପୁରୀକୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ଗଡ଼ିବ। ଆସନ୍ତା ୧୮ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଏହି ବସ୍ ସେବାର ଶୁଭାରମ୍ଭ କରିବା କାର୍ଯ୍ୟକ୍ରମ ରହିଛି ବୋଲି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆରଟିସି) ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ଭୁବନେଶ୍ୱରରେ ୧୫ଟି ନୂଆ ଭୋଲ୍‌ଭୋ ବସ୍ ପହଞ୍ଚି ସାରିଛି। ‘ଲକ୍ଷ୍ମୀ’ ବସ୍ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଗାଁରୁ ବ୍ଲକ୍‌କୁ ବସ୍ ଚଳାଚଳ ଆରମ୍ଭ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକ୍‌ରୁ ସହର ମୁଖ୍ୟାଳୟ ଏବଂ ତୃତୀୟ ପର୍ଯ୍ୟାୟରେ ସହରରୁ ଭାୟା ଭୁବନେଶ୍ୱର ଦେଇ ପୁରୀକୁ ▶ପୃଷ୍ଠା-୧୧

## ‘ପରିକ୍ରମା’ ବିରୋଧୀଙ୍କୁ ହାଇକୋର୍ଟଙ୍କ ଛାଟ



**ଆବେଦନ ଖାରଜ ସହ ଭର୍ତ୍ସନା**

**ଆୟସୂତ୍ର ଦାଖଲ ନିର୍ଦ୍ଦେଶ**

■ **କଟକ, ୧୬।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ବିରୋଧରେ ରୁଜୁ ମାମଲାରେ ଆବେଦନକାରୀଙ୍କୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ଆବେଦନକାରୀ ଭାରତୀୟ ବିକାଶ ପରିଷଦ ତରଫରୁ ସୁରେନ୍ଦ୍ର ପାଣିଗ୍ରାହୀ ଓ ଜଗନ୍ନାଥ ସେନା ପକ୍ଷରୁ ପ୍ରିୟଦର୍ଶନ ପଟ୍ଟନାୟକଙ୍କ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ହାଇକୋର୍ଟ ଆଜି ବିରକ୍ତି ପ୍ରକାଶ କରିଛନ୍ତି। ଏପରିକି ଉଭୟ ଆବେଦନକାରୀଙ୍କ ଆୟଉତ୍ସ ସମ୍ପର୍କରେ ଅଦାଲତ ଜାଣିବାକୁ ଚାହିଁଥିଲେ। ଏ ସମ୍ପର୍କିତ ତଥ୍ୟ ନଦେଲେ ଆଜି ଏହି ମାମଲାକୁ ରଦ୍ଦକରି ୧ ଲକ୍ଷ ଲେଖାଁଏ ଜରିମାନା ▶ପୃଷ୍ଠା-୧୧

## ବିଏସ୍‌କେୱାଇ ‘ନବୀନ କାର୍ଡ’ ଆବେଦନ ଅବଧି ବୃଦ୍ଧି

**ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ହୋଇପାରିବ ଆବେଦନ**




**ବର୍ତ୍ତମାନ ସୁଦ୍ଧା ଆବେଦନ କଲେଣି ୩.୪୬ ଲକ୍ଷ ପରିବାର**

**ଆବେଦନରେ ୯.୭୦ ଲକ୍ଷ ସଦସ୍ୟଙ୍କ ନାମ ପଞ୍ଜିକୃତ**

**ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଭଦ୍ରକରୁ ସର୍ବାଧିକ ଆବେଦନ**

■ **ଭୁବନେଶ୍ୱର, ୧୬।୧ (ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନବୀନ କାର୍ଡ ପାଇଁ ଆବେଦନ ଅବଧି ଜାନୁଆରୀ ୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ନବୀନ କାର୍ଡ ପ୍ରତି ଗ୍ରାମାଞ୍ଚଳର ଲୋକଙ୍କ ବ୍ୟାପକ ଆଗ୍ରହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପଞ୍ଜିକରଣ ଅବଧି ଜାନୁଆରୀ ୧୬ରୁ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଜନସାଧାରଣଙ୍କ ଠାରୁ ହସ୍ତଗତ ମତାମତ ଆଧାରରେ ରାଜ୍ୟ ସରକାର ନବୀନ କାର୍ଡ ପଞ୍ଜିକରଣ ଅବଧି ବୃଦ୍ଧି କରିଛନ୍ତି।

ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନ ୨ଟା ସୁଦ୍ଧା ବିଭିନ୍ନ ଜିଲ୍ଲାରୁ ସମୁଦାୟ ୩,୪୬,୨୯୪ଟି ପରିବାର ପକ୍ଷରୁ ଅନ୍‌ଲାଇନ୍‌ରେ ଆବେଦନ କରାଯାଇଛି। ଏହି ଆବେଦନରେ ୯.୭୦ ଲକ୍ଷରୁ ଅଧିକ ସଦସ୍ୟଙ୍କ ନାମ ରହିଛି। ଗଞ୍ଜାମ ଜିଲ୍ଲାରୁ ସର୍ବାଧିକ ୪୮,୫୦୦ ଆବେଦନ ଆସିଥିଲା ବେଳେ ଖୋର୍ଦ୍ଧାରୁ ୨୬,୮୨୫, କଟକରୁ ୨୮,୭୯୪, ଭଦ୍ରକରୁ ୨୩,୦୪୨ ପଞ୍ଜିକୃତ ଦରଖାସ୍ତ ମିଳିଛି। ସେହିପରି ବାଲେଶ୍ୱର ଜିଲ୍ଲାରୁ ୨୨,୫୭୦, ପୁରୀରୁ ୨୦,୭୪୪, କେନ୍ଦ୍ରାପଡ଼ାରୁ ୧୯,୫୭୮, ନୟାଗଡ଼ରୁ ୧୪,୯୪୭, ଜଗତସିଂହପୁରରୁ ୧୫,୨୪୮, ଯାଜପୁରରୁ ୧୪,୦୬୧, ବରଗଡ଼ରୁ ୧୪,୫୬୯, ସୁନ୍ଦରଗଡ଼ରୁ ୧୨,୩୪୯, ଅନୁଗୁଳରୁ ୧୨,୩୯୭, ଢେଙ୍କାନାଳରୁ ୧୧,୮୮୦ଟି ଦରଖାସ୍ତ ବିଭାଗ ନିକଟରେ ପହଞ୍ଚିଛି।

ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ବିଏସ୍‌କେୱାଇ ନବୀନ କାର୍ଡ ଆରମ୍ଭ କରାଯାଇ ଥିବା ବେଳେ ସିଂହଭାଗ ହିତାଧିକାରୀ ଜନସେବା ▶ପୃଷ୍ଠା-୧୧




# ଭକ୍ତ ଅପେକ୍ଷାରେ ଶ୍ରୀସେତୁ ଓ ଶ୍ରୀମାର୍ଗ

## ଆଜି ଉଦ୍‌ଘାଟନ, ଗଡ଼ିବ ଗାଡ଼ି

**ପୁରୀ, ୧୪।୧(ସମିସ): ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ (ଶ୍ରୀସେତୁ) ଏବଂ ଜଗନ୍ନାଥ ବଲ୍ଲଭ ପରିସରରୁ ଦୋଳବେଦୀକୁ ସଂଯୋଗ କରୁଥିବା ନୂଆରାସ୍ତା (ଶ୍ରୀମାର୍ଗ) ଏବେ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି। ଭକ୍ତଙ୍କୁ ଅପେକ୍ଷା କରିଛନ୍ତି ଶ୍ରୀମନ୍ଦିର ନିକଟରେ ନେଇ ସୁବିଧାରେ ପହଞ୍ଚାଇବାର ଏହି ଦୁଇ ମାଧ୍ୟମ। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ଏହା ଭକ୍ତ ଏବଂ ଯାତ୍ରୀଙ୍କୁ ସେବା ଯୋଗାଇବ। ଏଥିପାଇଁ ସମସ୍ତେ ଉତ୍ସାହର ସହ ଅପେକ୍ଷାରତ।**




ଏହି ଦୁଇ ପ୍ରକଳ୍ପକୁ ଅତି ଆକର୍ଷଣୀୟ ଭାବେ ସଜାଇ ଦିଆଯାଇଛି। ଯେ ହେତୁ ପରିକ୍ରମା ଲୋକାର୍ପଣ ପାଇଁ ଏହି ସେତୁ ଏବଂ ରାସ୍ତା ଦେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ଦେଶବିଦେଶର ଦେବପୀଠର ମୁଖ୍ୟ ଏବଂ ବିଶିଷ୍ଟ ଅତିଥି ଆସିବେ ସେଥିପାଇଁ ଶ୍ରୀସେତୁ ଏବଂ ଶ୍ରୀମାର୍ଗକୁ ପ୍ରସ୍ତୁତ କରାଯାଇଛି। ଶ୍ରୀସେତୁର ଉଭୟ ପାର୍ଶ୍ୱ କାନ୍ଥରେ ପାରମ୍ପରିକ ଝୋଟିଚିତାର ଚମକ ଦେଖିବାକୁ ମିଳୁଥିବା ବେଳେ ଆକର୍ଷଣୀୟ ଚିତ୍ରକଳା ବି ସ୍ଥାନୀତ ହୋଇଛି। ସେହିପରି ଉଭୟ ପାର୍ଶ୍ୱରେ ଉତ୍କଳୀୟ କଳା, ସ୍ଥାପତ୍ୟର ନିଦର୍ଶନ ସ୍ୱରୂପ ଶୋଭାପାଉଛି ଖଣ୍ଡେଲାଇଟ ପଥରରେ ନିର୍ମିତ ବୃହତ୍ ପଥର ଭାସ୍କର୍ଯ୍ୟ। ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଡିଜାଇନର ଶ୍ରୀସେତୁ ରାଜ୍ୟରେ ପ୍ରଥମକରି ନିର୍ମାଣ ହୋଇଛି। ଏହାର ନିର୍ମାଣ ଡିଜାଇନ ବି ବଡ଼ ବିଚିତ୍ର ଶୈଳୀରେ ହୋଇଛି। ହାତୀ ଶୁଣ୍ଢ ଭଳି ଏହି ସେତୁ ଦୂରରୁ ଦେଖାଯିବ। ପୁରୀକୁ ଆସୁଥିବା ଦେଶ ବିଦେଶର ଯାତ୍ରୀ, ପର୍ଯ୍ୟଟକଙ୍କ ପାଇଁ ଏହା ନିଶ୍ଚିତ ମୁଖ୍ୟ ଆକର୍ଷଣ ପାଲଟିବ। ଏହାର ବିଶେଷତ୍ୱ ହେଉଛି ପୁରୀକୁ ଆସୁଥିବା ସମସ୍ତ ଚାରିଚକିଆ ମଙ୍ଗଳାଘାଟ ବାଇପାସ୍ ଦେଇ ସିଧାସଳଖ ଶ୍ରୀସେତୁ ମାଧ୍ୟମରେ ଶ୍ରୀଜଗନ୍ନାଥ ବଲ୍ଲଭ ପରିସର ବହୁତଳ ପାର୍କିଂରେ ପହଞ୍ଚିବେ। ସେଠାରେ ଗାଡ଼ି ପାର୍କିଂ କରିବେ। ଜଗନ୍ନାଥ ବଲ୍ଲଭ ବହୁତଳ ପାର୍କିଂରେ ୧୨ ଶହରୁ ଅଧିକ କାର୍ ଏବଂ ୩୦୦ରୁ ଊର୍ଦ୍ଧ୍ୱ ବାଇକ୍ ରହିବାର ବ୍ୟବସ୍ଥା ରହିଛି। ଅବଢ଼ା ଯୋଜନାରେ ପ୍ରାୟ ୧୬୧.୪୩ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଛି ୨ କିମି ୩୦୦ ମିଟର ଲମ୍ବର ଶ୍ରୀସେତୁ।
ସେହିପରି ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି)ରୁ ଦୋଳବେଦୀକୁ ସଂଯୋଗ ହୋଇଛି ନୂଆରାସ୍ତା ଶ୍ରୀମାର୍ଗ। ପ୍ରାୟ ୮୦୦ ମିଟର ଲମ୍ବ, ୧୨ ମିଟର ଚଉଡ଼ା ଏହି ରାସ୍ତାର ଉଭୟ ପାର୍ଶ୍ୱକୁ ସବୁଜିମାମୟ କରାଯାଇଥିବା ବେଳେ ଆକର୍ଷଣୀୟ କଳାକୃତି ବି ସ୍ଥାନୀତ କରାଯାଇଛି। ଏଥିପାଇଁ ୧୪ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ଜେବିପିସିରେ ଭକ୍ତ ଓ ଯାତ୍ରୀ ପହଞ୍ଚି ସେଠାରେ ଗାଡ଼ି ପାର୍କିଂ କରିବା ପରେ ଏହି ରାସ୍ତାଦେଇ ଚାଲିକି କିମ୍ବା ବ୍ୟାଟେରି ଗାଡିରେ କମ୍ ସମୟ ମଧ୍ୟରେ ଶ୍ରୀମନ୍ଦିରରେ ପହଞ୍ଚି ପାରିବେ।

### ଅତିଥିଙ୍କୁ ସ୍ୱାଗତ କରୁଛି ଶ୍ରୀକ୍ଷେତ୍ର

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବରେ ସାମିଲ ହେବା ପାଇଁ ଦେଶ ବିଦେଶରୁ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। ପ୍ରାୟ ୯୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ମଙ୍ଗଳବାର ରାତି ସୁଦ୍ଧା ଅନେକ ଅତିଥି ଶ୍ରୀକ୍ଷେତ୍ରରେ ପହଞ୍ଚିଛନ୍ତି। ସେମାନଙ୍କୁ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ଆତିଥେୟତା ପ୍ରଦାନ କରାଯାଇଛି। ରହିବା, ଖାଇବା ଏବଂ ପ୍ରକଳ୍ପକୁ ଯିବା ଆସିବା ସବୁ ବୁଝିବା ଲାଗି ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆମେରିକା ଏବଂ ନାଇଜେରିଆରୁ ଜଗନ୍ନାଥ ମନ୍ଦିର ମୁଖ୍ୟ ଯୋଗଦେଉଥିବା ବେଳେ ଆହୁରି ଅନେକ ରାଜ୍ୟ ବାହାରୁ ଆସିଛନ୍ତି। ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି।

### ଯଜ୍ଞସ୍ଥଳରେ ବସିବେ ୧୬୫ ଅତିଥି

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ନିମନ୍ତ୍ରିତ ଅତିଥି କିଏ କେଉଁଠି ବସିବେ ତା'ର ବ୍ୟବସ୍ଥା କରାଯାଇଛି। ଯଜ୍ଞମଣ୍ଡପ ନିକଟରେ ୧୬୫ ଅତିଥି ବସିବେ ବୋଲି ଜଣାପଡ଼ିଛି। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଶିଷ୍ଟ ଅତିଥି ବସିବେ। ସେହିପରି ଉତ୍ତର ପାର୍ଶ୍ୱ ମଠ ନିକଟରେ ଏକ ବୃହତ୍ ଅଡିଟୋରିୟମ କରାଯାଇଛି। ଏଠାରେ ପ୍ରାୟ ୮୦୦ ଅତିଥି ବସିବା ଲାଗି ବ୍ୟବସ୍ଥା ହୋଇଛି। ଯଜ୍ଞମଣ୍ଡପ ନିକଟରେ ଅତିଥିମାନେ ସିଧାସଳଖ ଯଜ୍ଞକର୍ମ ଦେଖିବେ। ସେହିପରି ଅଡିଟୋରିୟମରେ ବସିଥିବା ଅତିଥି ବଡ ଏଲ୍ଇଡି ମାଧ୍ୟମରେ ଏହି ଯଜ୍ଞକର୍ମ ଦେଖିପାରିବେ।

### ମଠ ସୌନ୍ଦର୍ଯ୍ୟକରଣ ଦେଖିଲେ '୫-ଟି' ଅଧ୍ୟକ୍ଷ

ପରିକ୍ରମାର ଲୋକାର୍ପଣ ଅବ୍ୟବହିତ ପୂର୍ବରୁ ମଙ୍ଗଳବାର ସନ୍ଧ୍ୟାରେ ପୁରୀ ଆସି ସବୁ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ପ୍ରଥମେ ଯଜ୍ଞମଣ୍ଡପରେ ଆଳତି ଦର୍ଶନ ଏବଂ ଆଳତି ନେବା ପରେ ପ୍ରକଳ୍ପ ଚତୁଃପାର୍ଶ୍ୱ ବୁଲିଥିଲେ। ଏହି ସମୟରେ ପୁନରୁଦ୍ଧାର ହୋଇଥିବା ବିଭିନ୍ନ ମଠ ବୁଲିଥିଲେ। ଏହି ଅବସରରେ ମଠଗୁଡ଼ିକର ସୌନ୍ଦର୍ଯ୍ୟକରଣ ଦେଖି ଖୁସିବ୍ୟକ୍ତ କରିଥିଲେ '୫-ଟି' ଅଧ୍ୟକ୍ଷ। ଏତଦ୍‌ବ୍ୟତୀତ ଶ୍ରଦ୍ଧାଳୁଙ୍କ ସହ ମଧ୍ୟ ଫଟୋ ଉଠାଇଥିଲେ।

### ମହାପ୍ରଭୁଙ୍କ ପାଇଁ ଦୀପଟିଏ

ପୌଷ ଶୁକ୍ଳ ସପ୍ତମୀ ତିଥିରେ ବୁଧବାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ଏଥିପାଇଁ ପ୍ରତ୍ୟେକ ଓଡ଼ିଆ ନିଜ ନିଜ ଘରେ ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଟିଏ ଜଳାଇବାକୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ। ଏହି ଲୋକାର୍ପଣ ଉତ୍ସବରେ ଯୋଗଦେବାକୁ ଦେଶ ବିଦେଶର ପ୍ରମୁଖ ଦେବପୀଠର ମୁଖ୍ୟ, ପୂଜାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଶ୍ରୀକ୍ଷେତ୍ର ଆସୁଛନ୍ତି। ସେମାନଙ୍କୁ ସ୍ୱାଗତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଆତିଥେୟତା ଦେବାରେ ଶ୍ରୀକ୍ଷେତ୍ର ପୁରୀ କେବେ ଊଣା କରିନାହିଁ। ତେଣୁ ସହରର ସବୁ ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ସାଧ ମୁତାବକ ନିଜ ନିଜ ଘରକୁ ଆଲୋକମାଳାରେ ସୁସଜ୍ଜିତ କରିବା, ଘର ଆଗରେ ଦୀପଟିଏ ଜଳାଇବା ପାଇଁ ଅନୁରୋଧ କରିଛନ୍ତି ମୁଖ୍ୟ ପ୍ରଶାସକ। ଏହାଦ୍ୱାରା ଶ୍ରୀକ୍ଷେତ୍ରକୁ ଆସିଥିବା ଅତିଥିମାନେ ଏକ ଅନୁଭୂତି ନେଇଯିବେ। ଆମ ସଂସ୍କୃତି ଓ ପରମ୍ପରାର ଗରିମା ଆହୁରି ବୃଦ୍ଧି ପାଇବ ବୋଲି କହିଛନ୍ତି।



## ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

# କାର୍‌କେଡ ରିହର୍ସାଲ ଶେଷ

**ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳ**

**ଯଜ୍ଞମଣ୍ଡପ, ଲୋକାର୍ପଣ ସ୍ଥଳ ଏବଂ ସମ୍ବର୍ଦ୍ଧନା ମଞ୍ଚ ବୁଲିଲେ**





ପୁରୀ, ୧୬।୧(ସମିସ)

ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ବୁଧବାର ପୁରୀ ଗସ୍ତରେ ଆସିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ ମଙ୍ଗଳବାର କାର୍‌କେଡ ରହର୍ସାଲ କରାଯାଇଛି। ମୁଖ୍ୟମନ୍ତ୍ରୀ ପହଞ୍ଚିବା ସ୍ଥାନ ଅର୍ଥାତ୍ ମାଟିତୋଟାସ୍ଥିତ ଅସ୍ଥାୟୀ ହେଲିପ୍ୟାଡଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ହୋଇଛି କାର୍‌କେଡ ରିହର୍ସାଲ। କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରିହର୍ସାଲରେ ଏସ୍‌ପି ଡ. କନୱର ବିଶାଳ ସିଂଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳ ଏବଂ ବହୁ ବରିଷ୍ଠ ଅଧିକାରୀ ସାମିଲ ଥିଲେ। ମୁଖ୍ୟମନ୍ତ୍ରୀ ଯେଉଁଭଳି ଭାବେ ଆସି କାର୍ଯ୍ୟକ୍ରମ ଯୋଗଦେବେ ଠିକ୍ ସେହିଭଳି ଅଭ୍ୟାସ କରାଯାଇଥିଲା। ସେମାନେ ସୁରକ୍ଷା ବ୍ୟବସ୍ଥାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା ସହ ଯଜ୍ଞମଣ୍ଡପ, ଲୋକାର୍ପଣ ଶିଳାସ୍ଥଳ, ସମ୍ବର୍ଦ୍ଧନା ମଞ୍ଚ ଏବଂ ପ୍ରକଳ୍ପ ବୁଲିଥିଲେ। ପୁରୀରେ ମୁଖ୍ୟମନ୍ତ୍ରୀଙ୍କର ୨ ଘଣ୍ଟିଆ କାର୍ଯ୍ୟସୂଚୀ ରହିଛି। ଅପରାହ୍ନ ୧ଟାରେ ମୁଖ୍ୟମନ୍ତ୍ରୀ ହେଲିକପ୍ଟରରେ ଆସି ମାଟିତୋଟାସ୍ଥିତ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ କାର୍‌ରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପରିସର ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି)କୁ ଆସିବେ। ସେଠାରୁ ବ୍ୟାଟେରି ଗାଡ଼ିରେ ଜେବିପିସିରୁ ଦୋଳବେଦୀ କୋଣକୁ ସଂଯୋଗ କରୁଥିବା ନୂଆରାସ୍ତା ଶ୍ରୀମାର୍ଗ ଦେଇ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସ୍ଥଳରେ ଅପରାହ୍ନ ୧ଟା ୧୫ରେ ପହଞ୍ଚିବେ। ଅପରାହ୍ନ ୧ଟା ୨୦ରେ ପରିକ୍ରମା ପ୍ରକଳ୍ପକୁ ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିବା ପରେ ସାଢେ ୧ଟାରେ ଯଜ୍ଞସ୍ଥଳରେ ପହଞ୍ଚି ପୂର୍ଣ୍ଣାହୁତିରେ ଯୋଗଦେବେ। ଅପରାହ୍ନ ୧ଟା ୫୦ରେ ଗଜପତି ମହାରାଜା, ନିମନ୍ତ୍ରିତ ଅତିଥିଙ୍କ ସହିତ ପ୍ରକଳ୍ପ ପ୍ରଦକ୍ଷିଣ କରିବେ ମୁଖ୍ୟମନ୍ତ୍ରୀ। ଏହାପରେ ସମ୍ବର୍ଦ୍ଧନା ମଞ୍ଚକୁ ଯିବେ। ଏହି ସମୟରେ ଶ୍ରୀମନ୍ଦିର ସେବାୟତମାନେ ମୁଖ୍ୟମନ୍ତ୍ରୀଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିବେ। ପରିକ୍ରମା ପ୍ରକଳ୍ପକୁ ନେଇ ପ୍ରସ୍ତୁତ ଡକ୍ୟୁମେଣ୍ଟାରୀ ଭିଡ଼ିଓ ଜାରି କରାଯିବ। ପରେ ପ୍ରକଳ୍ପରେ ସହଯୋଗ ଏବଂ ସହଭାଗିତା ରଖିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦେଇ ଅପରାହ୍ନ ୨ଟା ୪୭ ମିନିଟ୍‌ରେ ଅସ୍ଥାୟୀ ହେଲିପ୍ୟାଡ ଅଭିମୁଖେ ଯାଇ ୩ଟାରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

ତେଣୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପୁରୀରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ୮୦ ପ୍ଲାଟୁନ ଫୋର୍ସ ସହ ୩ଟି କେ୯ ଟିମ୍ ଓ ୪ଟି ବୋମା ନିଷ୍କ୍ରିୟକାରୀ ଦଳ ମୁତୟନ କରାଯାଇଛି। ସୁରକ୍ଷା ଚାଦର ଓ ସିସିଟିଭି କ୍ୟାମେରା ବଳୟ ମଧ୍ୟରେ ରହିଛି ପୁରୀ। ଦେଶ ବିଦେଶରୁ ଆସୁଥିବା ବିଭିନ୍ନ ଧର୍ମପୀଠର ମୁଖ୍ୟ ଓ ପୂଜକଙ୍କ ସମେତ ବିଶିଷ୍ଟ ଅତିଥିଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସୁପରିଚାଳନା, ଅତିଥି ଓ ଭକ୍ତଙ୍କ ସୁରକ୍ଷା ଏବଂ ଦର୍ଶନ ପାଇଁ ଆନୁଷଙ୍ଗିକ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ୧୦୦ ଜଣ ସୁପରଭାଇଜିଂ ଅଧିକାରୀ, ୨୫୦ ଜଣ ସବ୍ ଇନ୍ସପେକ୍ଟରଙ୍କ ସହ ବହୁ ପୁଲିସ୍ ଓ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି।

### 'ଏକ୍ସ'ରେ ଟ୍ରେଣ୍ଡ କଲା ପରିକ୍ରମା ପ୍ରକଳ୍ପ

**ଭୁବନେଶ୍ୱର, ୧୬।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଆସନ୍ତାକାଲି (ବୁଧବାର) ଉଦ୍‌ଘାଟନ ହେବ। ଏଥିପାଇଁ ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ନଜର ପୁରୀ ଉପରେ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବା ପୂର୍ବରୁ ସୋସିଆଲ ମିଡିଆ ସାଇଟ୍ 'ଏକ୍ସ'ରେ ଟ୍ରେଣ୍ଡ କରିଛି ପରିକ୍ରମା ପ୍ରକଳ୍ପ। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ସୋସିଆଲ ମିଡିଆରେ ଏକାଧିକ ପୋଷ୍ଟ କରାଯାଉଛି। ଯାହାଦ୍ୱାରା ମଙ୍ଗଳବାର ଦିନତମାମ ପୁରୀ ସୋସିଆଲ୍ ମିଡିଆ ଟ୍ରେଣ୍ଡରେ ରହିଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ଜାତୀୟ ଗଣମାଧ୍ୟମ ସଂସ୍ଥା ଓ ବିଶିଷ୍ଟ ବ୍ୟକ୍ତିବିଶେଷ ପୁରୀକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି।

# ରଙ୍ଗତୂଳୀରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ



**ପୁରୀ, ୧୬।୧(ସମିସ):** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଏବଂ ଶ୍ରୀମନ୍ଦିର ପ୍ରଶାସନ ସହଯୋଗରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଅବସରରେ ଅନୁଷ୍ଠିତ ହୋଇଛି ଦିନିକିଆ ଚିତ୍ରକଳା ଶିବିର। ଏହାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା, ଏକାଡେମୀ ସଭାପତି ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୦ ଜଣ ଶିଳ୍ପୀ ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ, ମହାପ୍ରଭୁ ଶ୍ରୀଜଗନ୍ନାଥ, ପରିକ୍ରମା ପ୍ରକଳ୍ପର ସୁନ୍ଦର ସୁନ୍ଦର ଚିତ୍ରମାନ ଅଙ୍କନ କରିଥିଲେ, ଯାହାକି ଭକ୍ତ ଓ ଦର୍ଶକଙ୍କ ମନମୁଗ୍ଧ କରିଥିଲା। ଶିଳ୍ପୀ ଚନ୍ଦ୍ରଶେଖର ମହାରଣା, ଦେବେନ୍ଦ୍ର ଦାସ, ରାଜୀବ କୁମାର ଦେ, ପ୍ରଦୀପ ପାଣ୍ଡେ, ପ୍ରବାଳ ମଲ୍ଲିକ, ସନ୍ତୋଷ କୁମାର ମହାରଣା, ଲକ୍ଷ୍ମଣ ନାୟକ, ବିଦ୍ୟୁତ୍‌ଲତା ପାଟଶାଣୀ, ପ୍ରଦୀପ୍ତ ଷେଣ୍ଟ, ଜନାର୍ଦ୍ଦନ ପରମଗୁରୁ, ପ୍ରଶାନ୍ତ କୁମାର ସାହୁ, ନିରୋଦ ନଳିନୀ ବେହେରା ଓ ରଘୁନାଥ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ଶିବିରର ଆଭିମୁଖ୍ୟ ବିଷୟରେ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଏକାଡେମୀ କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ। ବୁଧବାର ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଏହାର ପ୍ରଦର୍ଶନୀ ଆୟୋଜିତ ହେବ।

# ଜୁବିନ୍‌ଙ୍କ କଣ୍ଠରେ 'ପରିକ୍ରମା'



**ଭୁବନେଶ୍ୱର,୧୬।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ସାରା ଦେଶ ଜଗନ୍ନାଥମନସ୍କ। ଗାଁଠାରୁ ସହର; ସବୁଠି ଜଗନ୍ନାଥମୟ ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ବଲିଉଡ୍‌ର ଲୋକପ୍ରିୟ ଗାୟକ ଜୁବିନ ନୌଟିଆଲ ଜଗନ୍ନାଥ ଭଜନ ଗାଇଛନ୍ତି। ତାଙ୍କ କଣ୍ଠରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କିତ ଭଜନ ପ୍ରତିଟି ଓଡ଼ିଆଙ୍କ ଭାବାବେଗକୁ ଯୋଡୁଛି। ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଭାବ ଓ ଭକ୍ତିରେ ସାରା ଶ୍ରୀକ୍ଷେତ୍ର ପୂରି ଉଠୁଛି। ଏସବୁ ତାଙ୍କରି ଇଚ୍ଛାରେ ସମ୍ଭବ ହୋଇଛି। ଭବ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ଲୋକପ୍ରିୟ ଗାୟକ ଜୁବିନ ନୌଟିଆଲଙ୍କ କଣ୍ଠରେ ଭକ୍ତିର ଏ ସଙ୍ଗୀତ ପ୍ରତିଟି ଓଡ଼ିଆଙ୍କ ଭାବାବେଗକୁ ଯୋଡୁଛି। ସଙ୍ଗୀତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଶ୍ରୀମନ୍ଦିର ପରିକ୍ରମାଠୁ ଆରମ୍ଭ କରି ମେଘନାଦ ପାଚେରି, ବାଇଶି ପାହାଚ ଓ ଭକ୍ତଙ୍କୁ ମିଳୁଥିବା ଦିବ୍ୟ ଅନୁଭୂତି ସମ୍ପର୍କରେ ଗୀତରେ ବର୍ଣ୍ଣନା ରହିଛି।

ଏହି ଭଜନକୁ ଓଡ଼ିଶା ସଙ୍ଗୀତ ଜଗତର ଆଗଧାଡ଼ିର ସଙ୍ଗୀତଜ୍ଞ ବାପୁ ଗୋସ୍ୱାମୀ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ୍‌ଆନନ୍ଦ। ତେବେ ହ୍ୟାସ୍‌ଟ୍ୟାଗ ଶ୍ରୀମନ୍ଦିର ଖୁସି, ଓଡ଼ିଶା ଖୁସି ନାଁରେ ଭଜନଟି ଟ୍ରେଣ୍ଡ କରୁଛି। ଏ ସଂପର୍କରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ କହିଛନ୍ତି ଯେସବୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମ୍ଭବ ହୋଇଛି। ଜୁବିନ୍ ପ୍ରଥମଥର ଲାଗି ଓଡ଼ିଆ ଭଜନ ଗାଇଛନ୍ତି। ପରିକ୍ରମା ପ୍ରକଳ୍ପ ଭଳି ଏକ ଶୁଭ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ସେ ଏହି ଗୀତକୁ ଗାଇଥିବାରୁ ଗର୍ବ ଅନୁଭବ କରୁଥିବା କହିଛନ୍ତି। ଗୀତଟି ମୁମ୍ବାଇରେ ରେକର୍ଡିଂ ହୋଇଥିବା ବେଳେ ଯୁବିନ୍‌ଙ୍କ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଆଜି ମୁକ୍ତିଲାଭ କରିଛି।

### ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-203 ◆BHUBANESWAR ◆WEDNESDAY ◆17 JANUARY 2024 ◆PAGE-16+8 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୩ ◆ଭୁବନେଶ୍ୱର ◆ବୁଧବାର ◆୧୭ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬+୮ ◆ଟ.୬.୦୦


## କଲେଜ ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୬ ।୧(ସମିସ):** ଏଣିକି କଲେଜସ୍ତରରେ ଛାତ୍ରୀମାନଙ୍କୁ ମିଳିବ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ । ପ୍ରତ୍ୟେକ ଯୁକ୍ତ ତିନି କଲେଜରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ ଖୋଲିବାକୁ ଯାଉଛି । ଏହି କ୍ଲବ ଜରିଆରେ ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୦୦ କଲେଜକୁ ଚିହ୍ନଟ କରାଯାଇଛି । ଏଥିରେ ୪୩ ସରକାରୀ କଲେଜ ଥିବା ବେଳେ ୧୫୨ ଅନୁଦାନପ୍ରାପ୍ତ କଲେଜ ସାମିଲ ଅଛି । କଲେଜଗୁଡ଼ିକରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ କ୍ଲବ୍ ଖୋଲିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରତ୍ୟେକ କଲେଜକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ଏହାର ସଂଯୋଜକ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉପ-ସଚିବଙ୍କ ପକ୍ଷରୁ କଲେଜ ଅଧ୍ୟକ୍ଷମାନଙ୍କୁ ଚିଠି ଲେଖାଯାଇଛି । ଏଥିସହ ସଂଯୋଜକଙ୍କ ନାମ ସମେତ କଲେଜ ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଆସନ୍ତା ୨୨ ଜାନୁଆରୀ ସୁଦ୍ଧା ଏକ ନିର୍ଦ୍ଧାରିତ ଫର୍ମାଟରେ ପ୍ରଦାନ କରିବାକୁ କଲେଜ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଦ୍ୱନ୍ଦ୍ୱ ଉପୁଜିଲେ, କ୍ଲବ୍‌ର ରାଜ୍ୟ ଉପଦେଷ୍ଟା ଡଃ ନିବେଦିତା ଜେନାଙ୍କୁ ଯୋଗାଯୋଗ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି ।






## ଧର୍ମେନ୍ଦ୍ରଙ୍କୁ 'ଅପାରଗତା' ଆଇନା ଦେଖାଇଲେ ପ୍ରଣବ

**ଭୁବନେଶ୍ୱର,୧୬ ।୧(ସମିସ):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ଜବାବ ଦେଇଛନ୍ତି ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ। ଟ୍ୱିଟ୍ କରି କେନ୍ଦ୍ରମନ୍ତ୍ରୀଙ୍କୁ 'ଅପାରଗତା'ର ଆଇନା ଦେଖାଇବା ସହ ଓଡ଼ିଶା ପ୍ରତି ତାଙ୍କର ଅବଦାନକୁ



ନେଇ ପ୍ରଶ୍ନ ଉଠାଇଛନ୍ତି। ସତ ପଚାରିଲେ କେନ୍ଦ୍ରମନ୍ତ୍ରୀଙ୍କ ରକ୍ତଚାପ ବଢ଼ି ଯାଉଛି ଓ କ୍ରୋଧରେ ରକ୍ତଚାଉଳ ଚୋବାଉଛନ୍ତି ବୋଲି ଉଲ୍ଲେଖ କରି ପ୍ରଣବପ୍ରକାଶ ରକ୍ତଚାପ ହ୍ରାସ ପାଇଁ ଯୋଗାଭ୍ୟାସ ପାଇଁ ଧର୍ମେନ୍ଦ୍ରଙ୍କୁ ପରାମର୍ଶ ଦେଇଛନ୍ତି । ନିଜ ସୋସିଆଲ ମିଡ଼ିଆ ଆକାଉଣ୍ଟ 'ଏକ୍ସ'ରେ ଶ୍ରୀ ଦାସ କହିଛନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘ ଦିନ ଧରି କେନ୍ଦ୍ର ସରକାରରେ ମନ୍ତ୍ରୀ ଅଛନ୍ତି; କିନ୍ତୁ ଓଡ଼ିଶା କଥା ଦୂରରେ ଥାଉ ନିଜ ଅଞ୍ଚଳ କିମ୍ବା ପଡ଼ୋଶୀ ଜିଲ୍ଲା ପାଇଁ କିଛି କଲେ ନାହିଁ। କିନ୍ତୁ ତାଙ୍କର ଅପରାଗତାକୁ ନେଇ ପ୍ରଶ୍ନ ଉଠାଇବାରୁ ସେ କ୍ରୋଧାନ୍ୱିତ ହୋଇଯାଉଛନ୍ତି ।

ଟୁଇଟ୍ କରି ଶ୍ରୀ ଦାସ କହିଛନ୍ତି ଯେ ଶ୍ରୀ ପ୍ରଧାନ କେନ୍ଦ୍ରରେ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ହେଲେ ନିଜ ମାଟି ପାଇଁ ଗୋଟେ ନୂଆ ବିଶ୍ୱବିଦ୍ୟାଳୟ କରିବା ତ ଦୂରର କଥା, ନିଜ ଜିଲ୍ଲା ଅନୁଗୁଳ, ପଡୋଶୀ ଢେଙ୍କାନାଳ ଓ ସମ୍ବଲପୁରରେ ଗୋଟିଏ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଜବାହାର ନବୋଦୟ ବିଦ୍ୟାଳୟଟିଏ କରିପାରି ନାହାନ୍ତି। ସେହିଭଳି କେନ୍ଦ୍ର ସରକାରରେ ଦକ୍ଷତା ବିକାଶ ମନ୍ତ୍ରୀ ଥାଇ ସୁଦ୍ଧା ସେ ଦକ୍ଷତା ବିକାଶ କେନ୍ଦ୍ରଟିଏ ବି ସ୍ଥାପନ କରିପାରିଲେ ନାହିଁ। କେବଳ ସେତିକି ନୁହେଁ ନିଜ ଟୁଇଟ୍‌ରେ ପ୍ରଣବ ୫୫ ନମ୍ବର ଜାତୀୟ ରାଜପଥର ଦୁରବସ୍ଥା ସଂକ୍ରାନ୍ତରେ ଧର୍ମେନ୍ଦ୍ରଙ୍କୁ ମନେ ପକାଇ ଦେଇଛନ୍ତି। ସେ କହିଛନ୍ତି ଯେ ଏହି ରାଜପଥ କାର୍ଯ୍ୟ ୧୦ ବର୍ଷ ହେଲା ସରିପାରୁନାହିଁ। ଯାହା

- ଓଡ଼ିଶା ପ୍ରତି ଅବଦାନ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀଙ୍କ ପାରା ଚଢ଼ି ଯାଉଛି
- ପ୍ରଶ୍ନର ଉତ୍ତର ଦେବା ବଦଳରେ ରକ୍ତଚାଉଳ ଚୋବାଉଛନ୍ତି
- ସତର ଆଇନା ଦେଖାଇଲେ କେନ୍ଦ୍ରମନ୍ତ୍ରୀଙ୍କ ରକ୍ତଚାପ ବଢ଼ିଯାଉଛି
- ରକ୍ତଚାପ ହ୍ରାସ ପାଇଁ ଯୋଗାଭ୍ୟାସ ଲାଗି ଦେଲେ ପରାମର୍ଶ

ଖବର ମିଳୁଛି ଶ୍ରୀ ପ୍ରଧାନ ଏବେ ଖାଲଖମା ଯୋଗୁଁ ଜାତୀୟ ରାଜପଥ ବଦଳରେ ରାଜ୍ୟ ରାଜପଥରେ ଯିବାକୁ ଅଧିକ ଭରସା କରୁଛନ୍ତି। କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ମନ୍ତ୍ରୀ ଥିବାବେଳେ ନିଜ ଜିଲ୍ଲା ପାଇଁ ଆଇଆଇଏମସି ସହ ଅନ୍ୟ କେନ୍ଦ୍ରୀୟ ପ୍ରକଳ୍ପ କିଭଳି କାର୍ଯ୍ୟକାରୀ କରାଇଥିଲେ। ଆହୁରି ଅନେକ ନେତା ଦଳମତ ନିର୍ବିଶେଷରେ ଓଡ଼ିଶା ପାଇଁ କିଛି ନା କିଛି କରିଛନ୍ତି। କିନ୍ତୁ ଓଡ଼ିଶା ପ୍ରତି ତାଙ୍କର ଅବଦାନ କ'ଣ ବୋଲି ପଚାରିଲେ ଏଭଳି ପ୍ରଶ୍ନ ଶୁଣି ଶ୍ରୀ ପ୍ରଧାନ କୋଧାନ୍ୱିତ ହେଉଛନ୍ତି। ଶ୍ରୀ ପ୍ରଧାନଙ୍କୁ ତାଙ୍କ ଅପାରଗତାର ଆଇନା ଦେଖାଇଲେ



ସେ ଚିଡି ଯାଉଛନ୍ତି। ପ୍ରଶ୍ନ ପଚାରିଲେ ସେ ଜୋରରେ ରାଗିଯିବା ସହିତ ତାଙ୍କ ରକ୍ତଚାପ ବଢ଼ି ଯାଉଛି। ରାଗିବା ଯୋଗୁଁ କିଭଳି ଧର୍ମେନ୍ଦ୍ରଙ୍କ ରକ୍ତଚାପ ବଢ଼ିଯାଇଛି ତାହା ଉଲ୍ଲେଖ କରିବା ସହିତ ଆର୍ନ୍ତଜାତୀୟ ଯୋଗ ଦିବସରେ ଯେଭଳି ଯୋଗ କରୁଥିଲେ ଅନୁରୂପ ଭାବେ ନିୟମିତ ଯୋଗ ଜାରି ରଖିବାକୁ ପ୍ରଣବ ପରାମର୍ଶ ଦେଇଛନ୍ତି।

## ଲଣ୍ଡନରେ ଜଗନ୍ନାଥ ମନ୍ଦିର ପାଇଁ ମିଳିଲା ଜମି

**ଭୁବନେଶ୍ୱର, ୧୬ ।୧(ସମିସ):** ଲଣ୍ଡନରେ ନିର୍ମାଣ ହେବ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର। ମନ୍ଦିରରେ ପୂଜା ପାଇବେ ଚତୁର୍ଦ୍ଧା ମୂରତି। ମନ୍ଦିର ନିର୍ମାଣ ପରେ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ମଧ୍ୟ ଧୁମ୍‌ଧାମ୍‌ରେ ପାଳନ କରାଯିବ। କୋଟି ଓଡ଼ିଆଙ୍କ ମଉଡ଼ମଣି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ଦର୍ଶନାଭିଳାଷ ରଖି

### ଖୁବ୍‌ଶୀଘ୍ର ଭୂମି ପୂଜନ କାର୍ଯ୍ୟକ୍ରମ

ଲଣ୍ଡନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଦୀର୍ଘ ଦିନଧରିଇଚ୍ଛା ପ୍ରକାଶ କରିଥିଲେ ସେଠାରେ ଶ୍ରୀଜଗନ୍ନାଥ ସୋସାଇଟିର ସଦସ୍ୟମାନେ। ସ୍ଥାନୀୟ ଓଡ଼ିଆ ସମାଜର କର୍ମକର୍ତ୍ତାମାନେ ଏନେଇ ବର୍ଷାଧିକ କାଳ ହେବ ଚେଷ୍ଟା ଜାରି ରଖିବା ପରେ ଏବେ ଏହା ସଫଳ ହେବାକୁ ଯାଉଛି। ଲଣ୍ଡନରେ ନିର୍ମାଣ ହେବାକୁ ଥିବା ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ବ୍ରିଟେନ୍ ସରକାର ଜମି ଅଧିଗ୍ରହଣ ପାଇଁ ଅନୁମତି ଦେଇଛନ୍ତି। ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରାଯିବ ଓ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କରାଯିବ।

ଲଣ୍ଡନରେ ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଦୀର୍ଘ ଦିନ ହେବ ଆଲୋଚନା ହୋଇ ଆସୁଥିବା



ବେଳେ ଏହି ମନ୍ଦିର ନିର୍ମାଣ ପାଇଁ ଓଡ଼ିଆ ପୁଅ ତଥା ଫିନେଷ୍ଟ କମ୍ପାନୀର ଅଧ୍ୟକ୍ଷ ୨୫୦ କୋଟି ଦେଇଛନ୍ତି। ଏହା ପରେ ସେଠାରେ ମନ୍ଦିର ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ଚିହ୍ନଟ କରାଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦେଶ ବିଦେଶରେ ପ୍ରଶଂସା କରାଯାଉଛି। ଏଥିପାଇଁ ବିଶ୍ୱସ୍ତରରେ ମଧ୍ୟ ଜଗନ୍ନାଥ ଚେତନା ଓ ମାହାତ୍ମ୍ୟକୁ ନେଇ ଆଲୋଚନା କରାଯାଉଛି। ଏହି ସମୟରେ ଲଣ୍ଡନରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ରାସ୍ତା ଖୋଲିଥିବାରୁ ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ଏହି ଖବର ସନ୍ତୋଷ ଆଣି ଦେଇଛି। ଗତ ବର୍ଷ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସମେତ ରାଜ୍ୟ ସରକାରଙ୍କ ଏକ ଟିମ୍ ଆମେରିକାର ସିଲିକନ୍ ଭ୍ୟାଲି ଗସ୍ତରେ ଯାଇଥିବା ବେଳେ ସେଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହା ବ୍ୟତୀତ ବିଶ୍ୱର ଯେକୌଣସି ସ୍ଥାନରେ ଜଗନ୍ନାଥ ମନ୍ଦିର କିମ୍ବା ଜଗନ୍ନାଥ ଚେତନାର ପ୍ରଚାର ପସାର ପାଇଁ ରାଜ୍ୟ ସରକାରଙ୍କ ଓଡ଼ିଶା ପରିବାର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଓଡ଼ିଆ ସମାଜର ଲୋକମାନଙ୍କୁ ଶ୍ରୀ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ।

## ଲୋକକଥା



ଐତିହାସିକ ପ୍ରକଳ୍ପ ଏ ଜାଣ
ହେବ ଆଜି ଲୋକାର୍ପିତ,
ଶଙ୍ଖକ୍ଷେତ୍ରେ 'ଶଙ୍ଖ' ନିର୍ମାଣ କରିଲା
ଭକ୍ତ ପରିକ୍ରମା ପଥ ।
ଭକ୍ତବତ୍ସଳ ହେ ନାଥ,
ଜଗତଜନଙ୍କ କଲ୍ୟାଣ ନିମନ୍ତେ
ଉଡୁଅଛି ତା'ର ନେତ ।।

## ନାବାଳକକୁ ପଥରରେ ଛେଚି ହତ୍ୟା

**ଯୋଡ଼ା,୧୬ ।୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଂଶେଇକଳା ପଞ୍ଚାୟତ କୋହ୍ଲହୁଣ୍ଡୁଳା ଗାଁ ନିକଟ କଲର୍ଭଟ ତଳୁ ଏକ ନାବାଳକର କ୍ଷତବିକ୍ଷତ ମୃତଦେହକୁ ଯୋଡ଼ା ପୁଲିସ ଉଦ୍ଧାର କରିଛି। ମଙ୍ଗଳବାର ସକାଳେ ଗ୍ରାମର କିଛି ମହିଳା ଶୌଚ ହେବାକୁ ଯାଇଥିବା ବେଳେ କଲର୍ଭଟ ତଳେ ଏକ ମୃତଦେହ ଦେଖି ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ତୁରନ୍ତ ପୁଲିସକୁ ଖବର ଦେବା ପରେ ଯୋଡ଼ା ଥାନା ଆଇଆଇସି ଲୋକେଶ ସାହୁ, ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତକ ହେଲେ, ନିକଟସ୍ଥ ଜାମକୁଣ୍ଡିଆ ଗ୍ରାମର ଶୁକଦେବ ଲାଗୁରୀ (୧୫)। କେହି ଦୁର୍ବୃର୍ତ୍ତ ତାକୁ ଅତି ନୃଶଂସ ଭାବେ ପଥରରେ ଛେଚି ହତ୍ୟା କରିଥିବା ବେଳେ ରକ୍ତାକ୍ତ ପଥରକୁ ପୁଲିସ ଜବତ କରିଛି। ସୂଚନା ଅନୁଯାୟୀ, ବାପା ମା' ଛେଉଣ୍ଡ ୧୫ ବର୍ଷୀୟ ଶୁକଦେବ ବିଲେଇପଦାରେ ଥିବା ଏକ କମ୍ପାନୀ ଅଧୀନରେ ଆସ୍ୱାୟାର ଆବାସିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ଥିଲେ। ମକର ସଂକ୍ରାନ୍ତି ହେତୁ



ଗତ ଶନିବାର ସେ ନିଜ ଗାଁକୁ ଆସି ସୋମବାର ସନ୍ଧ୍ୟା ୫ଟାରୁ ମକର ମେଳା ଦେଖିବା ପାଇଁ ଘରୁ ବାହାରି ଯାଇଥିଲେ। ସନ୍ଧ୍ୟାରେ ନିକଟସ୍ଥ ଗାଁକୁ ମକର ମେଳା ଦେଖିବାକୁ ଯାଇ ଘରକୁ ଫେରି ନଥିଲେ। ମଙ୍ଗଳବାର ବଡ଼ି ଭୋରୁ ତାଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହକୁ ପୁଲିସ ଉଦ୍ଧାର କରିବା ସହ କେନ୍ଦୁଝରର ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଏନେଇ ଯୋଡ଼ା ଥାନାରେ ୬୩/୨୪ରେ ମାମଲା ରୁଜୁ ହୋଇଛି।






### ସୁଶାସନର 'ନବୀନ' ନୀତିକୁ ସ୍ୱୀକୃତି

## ୯ ବର୍ଷରେ ୧.୨ କୋଟି ଦାରିଦ୍ର୍ୟମୁକ୍ତ

**ଭୁବନେଶ୍ୱର, ୧୬ ।୧ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସାମଗ୍ରିକ ବିକାଶ ତ୍ୱରାନ୍ୱିତ ହୋଇଛି । ଓଡ଼ିଶାର ଏହି ରୂପାନ୍ତରଣକୁ ବିଭିନ୍ନ ସମୟରେ ଦେଶ ତଥା ଦେଶ ବାହାରର ବିଭିନ୍ନ ସଂସ୍ଥା ମଧ୍ୟ ସ୍ୱୀକୃତି ପ୍ରଦାନ କରି ଆସୁଛନ୍ତି। ନିକଟରେ ନୀତି ଆୟୋଗ ଏବଂ ୟୁଏନ୍‌ଡିପି ପକ୍ଷରୁ ମିଳିତ ଭାବେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ ଓଡ଼ିଶାର ପ୍ରଗତି ଉପରେ ମୋହର ବାଜିଛି। ୨୦୧୩-୧୪ରୁ ୨୦୨୨-୨୩ ଅର୍ଥାତ ବିଗତ ୯ ବର୍ଷ ମଧ୍ୟରେ ଓଡ଼ିଶାର ପ୍ରାୟ ୧ କୋଟି ୨ ଲକ୍ଷ ଲୋକ ବହୁମୁଖୀ ଦାରିଦ୍ର୍ୟ କବଳରୁ ମୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଦେଶବ୍ୟାପୀ ଦାରିଦ୍ର୍ୟ ମୁକ୍ତ ତାଲିକାରେ ଓଡ଼ିଶା ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି । ଯାହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ସୁଶାସନକୁ ଦର୍ଶାଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

**ଶ୍ରେଷ୍ଠ ୫ ରାଜ୍ୟରେ ଓଡ଼ିଶା**

ରିପୋର୍ଟ ଅନୁଯାୟୀ ଏହି ଅବଧି ମଧ୍ୟରେ ଦେଶର ୨୪.୮୨ କୋଟିରୁ ଉର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟରୁ ମୁକୁଳିଛନ୍ତି। ଉତ୍ତର ପ୍ରଦେଶର ସର୍ବାଧିକ ଲୋକେ ଦାରିଦ୍ର୍ୟରୁ ମୁକୁଳିଥିବା ବେଳେ ତାଲିକାର ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୦୫-୨୬ରେ ଓଡ଼ିଶାରେ ପ୍ରାୟ ୬୩.୮୪ ପ୍ରତିଶତ ଲୋକେ ବହୁମୁଖୀ ଦାରିଦ୍ର୍ୟ ତାଲିକାରେ ରହିଥିଲେ। ୨୦୧୫-୧୬ରେ ଏହା ୨୯.୩୪ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ୨୦୧୯-୨୧ରେ ଏହା ୧୫.୬୮ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାରେ ଅନ୍ୟ ରାଜ୍ୟ ତୁଳନାରେ ବହୁମୁଖୀ ଦାରିଦ୍ର୍ୟ ହ୍ରାସରେ ବେଶ୍ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିବା ବେଳେ ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ରାଜନୀତି ଏବଂ ସୁଶାସନକୁ ଦର୍ଶାଉଛି ବୋଲି ଅର୍ଥନୀତି ବିଶାରଦମାନେ ମତପ୍ରକାଶ କରିଛନ୍ତି।

କେବଳ ବହୁମୁଖୀ ଦାରିଦ୍ର୍ୟ ମୁକ୍ତ ନୁହେଁ; ବରଂ ଆର୍ଥିକ ପରିଚାଳନାଠାରୁ ଆରମ୍ଭ କରି ନିଯୁକ୍ତି ପ୍ରଦାନ ଯାଏଁ ଓଡ଼ିଶା ଲଗାତାର କିଛି ବର୍ଷ ଧରି ଚମକପ୍ରଦ ପ୍ରଦର୍ଶନ କରି ଆସୁଛି। ଆଗାମୀ ଦିନରେ ଓଡ଼ିଶା ଏ କ୍ଷେତ୍ରରେ ଅଧିକ ଚମକପ୍ରଦ ପର୍ଦର୍ଶନ କରିବା ସହ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଅନ୍ୟରାଜ୍ୟମାନଙ୍କ ପାଇଁ ଉଦାହରଣ ସାଜିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶାରେ ବର୍ତ୍ତମାନ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

ଜାନି କାନି ଚ ପାପାନି ଜନ୍ମାନ୍ତର କୃତାନି ଚ
ତାନି ସର୍ବାଣୀ ନଶ୍ୟନ୍ତୁ ପ୍ରଦକ୍ଷିଣ ପଦେପଦେ
-ପଣ୍ଡିତସର୍ବସ୍ୱ

ସକାଳ
THE SAKALA

# ଜଗବନ୍ଧୁ ପରି ଜଣେ ସାମନ୍ତ, ନାହିଁ ନାହିଁ ତ !

ଆଜି ଓଡ଼ିଶାର ସର୍ବତ୍ର ଜଗନ୍ନାଥମୟ! ମହୋଦଧିଠାରୁ ମହେନ୍ଦ୍ରଗିରି ଯାଏଁ, ମାଲକାନଗିରିଠାରୁ ମେଘାସନ ଯାଏଁ, ଗଗନ ପବନ ଗୁଞ୍ଜରିତ ଦାରୁବ୍ରହ୍ମ ଚଉଦଭୁବନ ଠାକୁରଙ୍କ ଭଜନ କୀର୍ତ୍ତନରେ! ଓଡ଼ିଶାବାସୀ ସମେତ ଭାରତ ଓ ସମ୍ପୂର୍ଣ୍ଣ ବିଶ୍ୱ ଆଜି ଦିବ୍ୟପୁଲକରେ ଉଲ୍ଲସିତ! ପୁରୁଷୋତ୍ତମ ଶ୍ରୀକ୍ଷେତ୍ରରେ କାଳିଆ ଠାକୁରଙ୍କ ଶ୍ରୀମନ୍ଦିର ଆଜି ଅପରୂପ ବେଶରେ ସୁସଜ୍ଜିତ! ମେଘନାଦ ପ୍ରାଚୀର ଆଜି ଦର୍ପିତ ଓ ଗୌରବାନ୍ୱିତ! ପତିତପାବନ ବାନା ଆଜି ଅପ୍ରତିମ ଭଙ୍ଗୀରେ ହିଲ୍ଲୋଳାୟିତ! ଜଗତର ନାଥ ଆଜି ଦେଖିବେ ତାଙ୍କର ଅଗଣିତ ଭକ୍ତଙ୍କର ଉଚ୍ଛ୍ୱସିତ ଶ୍ରୀମନ୍ଦିର ପରିକ୍ରମା ଏକ ନୂତନ ଦିବ୍ୟ ସୁସଜ୍ଜିତ ପ୍ରଦକ୍ଷିଣା ବଳୟରେ!

ସତରେ କେତେ ପବିତ୍ର ଓ ଐତିହାସିକ ଦିନ ଆଜି ଓଡ଼ିଶାବାସୀଙ୍କ ପାଇଁ! ଗତ ପ୍ରାୟ ଅର୍ଦ୍ଧସହସ୍ରରୁ ଉର୍ଦ୍ଧ୍ୱକାଳ ଧରି ଶ୍ରୀମନ୍ଦିରରେ ଏଭଳି କାମ କେବେ ହୋଇନଥିଲା! ଆମେ କେତେ ଭାଗ୍ୟଶାଳୀ ଯେ ଆମ ଜୀବନ କାଳରେ ଏହା ସମ୍ଭବ ହୋଇଛି! ମେଘନାଦ ପାଚେରିର ଚତୁଃପାର୍ଶ୍ୱରେ ତିନୋଟି ଭବ୍ୟ ପରିକ୍ରମା ବଳୟ ଆଜି ଶ୍ରୀମନ୍ଦିର ଶୋଭାକୁ ବହୁଗୁଣିତ କରିଛି। ଯେଉଁଠି ଦେଖିବ ଭଜନ, କୀର୍ତ୍ତନ ଓ ଭକ୍ତଙ୍କର ଉର୍ଦ୍ଧ୍ୱବାହୁ ହୋଇ ରସୋତୀର୍ଣ୍ଣ ଅବସ୍ଥା! ନୀଳାଚଳ ଧାମ ଆଜି ପରଂବ୍ରହ୍ମ ପୁରୁଷୋତ୍ତମଙ୍କ ଭକ୍ତିରେ ସରବୁଡ଼ ହୋଇଯାଇଛି!

ବହୁବର୍ଷ ଧରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୁପରିକଳ୍ପିତ ବଳୟ ନିର୍ମାଣର କଥା ଉଠୁଥିଲା। ମେଘନାଦ ପାଚେରିକୁ ଲାଗି ଦୋକାନ, ଘର, ବାଡ଼ି ଓ ମଠ ସମ୍ପ୍ରସାରଣ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟକୁ ଆବୃତ୍ତ କରିପକାଇଥିଲା। ଦେଶରେ ଧର୍ମବିଦ୍ୱେଷୀ ରାଜନୀତିର ପ୍ରସାର ମଧ୍ୟ ମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନଚିହ୍ନ ଉଠାଇଥିଲା। ଓଡ଼ିଶା ଇତିହାସର ଅନେକ ନିନ୍ଦନୀୟ ଅଧ୍ୟାୟରେ ଆମ ଶ୍ରୀମନ୍ଦିର ଉପରେ ବିଧର୍ମୀଙ୍କ ଦ୍ୱାରା ବହୁବାର ଆକ୍ରମଣ ହୋଇଛି ଏବଂ ଆମ ଠାକୁରଙ୍କୁ ସୁରକ୍ଷା ଦେବା ପାଇଁ ସେବକ ଅଙ୍ଗରକ୍ଷୀ ତାଙ୍କୁ ଓଡ଼ିଶାର ଅନେକ ସ୍ଥାନରେ ଗୋପନରେ ଲୁଚାଇ ରଖିଥିଲେ। ରକ୍ତବାହୁଠାରୁ କଳାପାହାଡ଼ ଯାଏଁ କେତେ ବିଧର୍ମୀଙ୍କର କୋପଦୃଷ୍ଟି ପଡ଼ିଥିଲା। ଶେଷରେ ସୁବର୍ଣ୍ଣପୁରଠାରେ ଶତାଧିକ ବର୍ଷ ପାତାଳୀ ହେବା ପରେ ପୁଣି ଆସି ବଡ଼ଦେଉଳରେ ଚତୁର୍ଦ୍ଧାମୂର୍ତ୍ତି ବିଜେ ହୋଇଛନ୍ତି। ଏ କଳଙ୍କର ଇତିହାସ ଭୁଲିବାର ନୁହେଁ। ତେଣୁ ଆଜିର ଏହି ସୁରକ୍ଷା ପରିକ୍ରମା ବଳୟର ଅତ୍ୟନ୍ତ ଆବଶ୍ୟକତା ରହିଥିଲା! ଏହାଛଡ଼ା ଭିତର ପରିକ୍ରମା ଓ ବାହାର ପରିକ୍ରମାର ଯଥେଷ୍ଟ ଉପଯୋଗିତା ମଧ୍ୟ ରହିଛି।

ଜଗନ୍ନାଥପ୍ରାଣ ଓଡ଼ିଆଙ୍କ ଅଗାଧ ବିଶ୍ୱାସ ଯେ, ଜଗନ୍ନାଥଙ୍କ ଆଦେଶ ବିନା ଦୁବପତ୍ରଟିଏ ମଧ୍ୟ ହଲି ପାରେନା। ତେଣୁ ଆଜି ଶ୍ରୀମନ୍ଦିରରେ ତଥା ସମ୍ପୂର୍ଣ୍ଣ ପୁରୀଧାମରେ ଯେଉଁ ସବୁ ନୂତନ ବିନିର୍ମାଣ ହେଉଛି, ତାହା ପ୍ରଭୁଙ୍କ ଅଜ୍ଞାରେ ହିଁ ସମ୍ପନ୍ନ ହୋଇଛି। ପରିକ୍ରମା ପ୍ରକଳ୍ପ, ଶ୍ରୀସେତୁ, ଶ୍ରୀଦାଣ୍ଡ, ଭକ୍ତନିବାସ, ବହୁତଳ ଯାନବାହାନ ଆଶ୍ରୟ, ବଡ଼ଦାଣ୍ଡର ସୌନ୍ଦର୍ଯ୍ୟବୃଦ୍ଧି ଏବଂ 'ଅବଢ଼ା' ଯୋଜନା ଅନ୍ତର୍ଗତ ସମସ୍ତ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ। ଶ୍ରୀମନ୍ଦିର ସୁରକ୍ଷା, ଭକ୍ତଙ୍କ ସୁବିଧା ତଥା ଜଗନ୍ନାଥ ଧାମକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଆମ ଜନନାୟକ ଧର୍ମପ୍ରାଣ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ମାର୍ଗଦର୍ଶନରେ ଏ ଯେଉଁ ଭବ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ତାହା ଅଭୂତପୂର୍ବ ଓ ଐତିହାସିକ! ପୂର୍ବତନ ବରିଷ୍ଠ ପ୍ରଶାସକ ଓ ସମ୍ପ୍ରତି '୫-ଟି' ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଯେଭଳି ନିରନ୍ତର ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଏହି ମହାନ ପ୍ରକଳ୍ପକୁ ସଫଳ ଭାବେ ରୂପାୟିତ କରିଛନ୍ତି, ତାହା ସାମ୍ପ୍ରତିକ ଭାରତୀୟ ପ୍ରଶାସନିକ ପରମ୍ପରାରେ ଏକ ଅଭୂତପୂର୍ବ କୀର୍ତ୍ତିମାନ ସ୍ଥାପନ କରିଛି। ଏଭଳି ସ୍ୱପ୍ନଦ୍ରଷ୍ଟା ରାଜ୍ୟମୁଖ୍ୟ ଓ ସିଦ୍ଧହସ୍ତ ତଥା କର୍ମନିଷ୍ଠ ପ୍ରଶାସକ ପାଇବା ଓଡ଼ିଶା ପାଇଁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଛଡ଼ା ଆଉ କିଛି ନୁହେଁ।

ଗତ ୨୪ ବର୍ଷ ଧରି ଓଡ଼ିଶାରେ ସ୍ଥିର ରାଜନୀତି, ନିରନ୍ତର ବିକାଶ ଓ ଜନକଲ୍ୟାଣମୂଳକ ଶାସନ ଆଜି ଆମ ରାଜ୍ୟକୁ ଦେଶର ଅନ୍ୟତମ ଅଗ୍ରଣୀ ରାଜ୍ୟ ମଧ୍ୟରେ ଚିହ୍ନିତ କରି ପାରିଛି। ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ବିକାଶପର୍ବକୁ ପ୍ରଶଂସା ମିଳିଚାଲିଛି। ଆମର 'ମିଶନ ଶକ୍ତି' ଭଳି ଅନେକ ବିକାଶ ଯୋଜନାକୁ କେନ୍ଦ୍ର ଓ ଅନ୍ୟ ରାଜ୍ୟମାନଙ୍କରେ ଅନୁସରଣ କରାଯାଉଛି। ଏଥିରୁ ପ୍ରମାଣିତ ହେଉଛି ଯେ ଓଡ଼ିଶାବାସୀ ନିଶ୍ଚୟ ମହାପ୍ରଭୁ ଜଗନ୍ନାଥଙ୍କ ଆଶିଷ ପାଉଛନ୍ତି।

ଜଗନ୍ନାଥ ଆସ୍ଥା ଓ ଭାବର ଠାକୁର! ତାଙ୍କରି ଆଶୀର୍ବାଦରୁ ଓଡ଼ିଶା ଯୁଗେ ଯୁଗେ ଏକ ସମୃଦ୍ଧ ସଂସ୍କୃତିର ରାଜ୍ୟ ଭାବେ ପରିଚିତ। ଆଜି ପବିତ୍ର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଶ୍ରୀଜଗନ୍ନାଥଙ୍କ ସେବାରେ ସମର୍ପି ଦେଇ ସମଗ୍ର ଓଡ଼ିଶାବାସୀ ଦିବ୍ୟ ଆନନ୍ଦ ଅନୁଭବ କରୁଛନ୍ତି! ଆସନ୍ତୁ ଚକାନୟନକୁ ଭଜିଭଜି ଆମ ଜୀବନର ସମସ୍ତ ଆଶା, ଆକାଂକ୍ଷା, ସ୍ୱପ୍ନ, ସଂକଳ୍ପ ଓ ସିଦ୍ଧିକୁ ଚତୁର୍ଦ୍ଧାମୁରତିଙ୍କ ପାଦତଳେ ସମର୍ପି ଦେଇ 'ମୁକତି-ମେଲାଣି' ମାଗିବା! ଓଡ଼ିଶାର ଉତ୍ତରୋତ୍ତର ସମୃଦ୍ଧି କାମନା କରିବା!

**ବନ୍ଦେ ଉତ୍କଳ ଜନନୀ! ଜୟ ଜଗନ୍ନାଥ!**

# ଶ୍ରୀକ୍ଷେତ୍ରର ନବକଳେବର



**ପ୍ରଫେସର ହରେକୃଷ୍ଣ ଶତପଥୀ**
ଭୁବନେଶ୍ୱର, ମୋ: ୮୭୬୩୭୦୬୬୯୫

ଶାସ୍ତ୍ରୀୟ ପରମ୍ପରା ଅନୁସାରେ ଯେଉଁ ବର୍ଷ ଯୋଡ଼ା ଆଷାଢ଼ ପଡ଼େ; ସେ ବର୍ଷ ରଥଯାତ୍ରା ଅବସରରେ ଶ୍ରୀଜୀଉମାନଙ୍କର ନବକଳେବର ବିଧାନ କରାଯାଏ। ଏହି ନବକଳେବର ପର୍ବ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମହୋତ୍ସବ ଏବଂ ଏହାର ଉଭୟ ଲୌକିକ ଓ ଅଲୌକିକ ପ୍ରକ୍ରିୟା ସମଗ୍ର ବିଶ୍ୱର ଜଗନ୍ନାଥ ପ୍ରେମୀ ଭକ୍ତମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପବିତ୍ର ବାସଭୂମି ହେଉଛି ପୁରୁଷୋତ୍ତମ କ୍ଷେତ୍ର ବା ଶ୍ରୀକ୍ଷେତ୍ର। କେଉଁ ଅନାଦି କାଳାରୁ ସେ ଏଠାରେ ବିରାଜମାନ କରି ଜାତି, ଧର୍ମ, ବର୍ଣ୍ଣ ଓ ଅଞ୍ଚଳ ନିର୍ବିଶେଷରେ ସମସ୍ତ ବିଶ୍ୱବାସୀଙ୍କର କଲ୍ୟାଣସାଧନ କରିଆସୁଛନ୍ତି ତା'ର ହିସାବ ଇତିହାସକାରମାନେ ଏପର୍ଯ୍ୟନ୍ତ ସଠିକ୍ ନିର୍ଦ୍ଧାରଣ କରିପାରିନାହାନ୍ତି। ତେଣୁ କୁହାଯାଇଛି - 'ସର୍ବଂ ରହସ୍ୟଂ ପୁରୁଷୋତ୍ତମସ୍ୟ, ଦେବା ନ ଜାନନ୍ତି କୁତୋ ମନୁଷ୍ୟାଃ।' ଅର୍ଥାତ୍ ମହାପ୍ରଭୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର ରହସ୍ୟକୁ ଦେବତାମାନେ ଜାଣିପାରନ୍ତି ନାହିଁ, ମନୁଷ୍ୟମାନେ ବା କିଭଳି ଜାଣିବେ? ପୃଥିବୀରେ ଯେତେ ତୀର୍ଥକ୍ଷେତ୍ର ରହିଛି, ସେମାନଙ୍କ ମଧ୍ୟରେ ଏହି ପୁରୁଷୋତ୍ତମକ୍ଷେତ୍ର ହେଉଛି ସର୍ବଶ୍ରେଷ୍ଠ କ୍ଷେତ୍ର ବା ତୀର୍ଥରାଜ। ଏ ବିଷୟ ବିଭିନ୍ନ ପୁରାଣ ଓ ସଂହିତାରେ ପ୍ରତିପାଦିତ ହୋଇଛି। ସ୍କନ୍ଦପୁରାଣ ଅନୁସାରେ ଏ କ୍ଷେତ୍ରର ଅସାଧାରଣତା ହେଉଛି ଯେ ଯେଭଳି ଏହାର ଅଧିଷ୍ଠାତା ଆରାଧ୍ୟ ଦେବତାଙ୍କ ନାମ ପୁରୁଷୋତ୍ତମ; ଠିକ୍ ସେହିଭଳି ଏହି କ୍ଷେତ୍ରର ନାମ ମଧ୍ୟ ପୁରୁଷୋତ୍ତମ; କାରଣ ଏ କ୍ଷେତ୍ର ମହାପ୍ରଭୁଙ୍କର ବପୁ ବା ଶରୀର ଅଟେ।

ଯେଭଳି ଶ୍ରୀଜୀଉଙ୍କର ନବକଳେବର ମହୋତ୍ସବ ସମ୍ପନ୍ନ ହୋଇଥାଏ; ଠିକ୍ ସେହିଭଳି ତାଙ୍କର ବପୁଭୂତ ଶରୀରର ଯେତେବେଳେ ଆକର୍ଷଣୀୟ ଓ ଆଖିଦୃଶିଆ ପରିବର୍ତ୍ତନ କରାଯାଏ ଏବଂ ତାହା ତାଙ୍କ ଭକ୍ତମାନଙ୍କର କଲ୍ୟାଣ ସାଧକ ଓ ଆନନ୍ଦଦାୟକ ହୁଏ; ସେତେବେଳେ ତାଙ୍କ କ୍ଷେତ୍ର 'ଶ୍ରୀକ୍ଷେତ୍ର'ର ନବକଳେବର ସମ୍ପନ୍ନ ହୋଇଥାଏ। ବିଗତ ଅନେକ ବର୍ଷ ଧରି ଶ୍ରୀକ୍ଷେତ୍ରରେ କିଛି ନା କିଛି ଉନ୍ନତିମୂଳକ କାର୍ଯ୍ୟ ହୋଇଛି; ହେଲେ ଶ୍ରୀମନ୍ଦିର ଓ ଶ୍ରୀଜୀଉଙ୍କୁ କେନ୍ଦ୍ର କରି କୌଣସି ଆଖିଦୃଶିଆ ତଥା ସ୍ଥାୟୀ ଆକର୍ଷଣୀୟ କାର୍ଯ୍ୟ ହୋଇ ନଥିବାରୁ ସେ ପରିବର୍ତ୍ତନକୁ ନବକଳେବରର ଆଖ୍ୟା ଦିଆଯାଇ ନପାରେ।

ଆଜକୁ ପ୍ରାୟ ୭୦୦ବର୍ଷ ତଳେ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ବା ତା' ପୂର୍ବରୁ ପୁରୀକୁ ଆସିଥିବା ବିଶିଷ୍ଟାଦ୍ୱୈତ ପ୍ରବର୍ତ୍ତକ ଆଚାର୍ଯ୍ୟ ରାମାନୁଜଙ୍କ ସମୟରେ ବା ତା'ର ବହୁତ ପୂର୍ବରୁ ପୁରୀ ଧାମକୁ ଦିଗ୍‌ବିଜୟ ଯାତ୍ରାରେ ଆସିଥିବା ଅଦ୍ୱୈତବାଦର ପ୍ରବର୍ତ୍ତକ ଜଗଦ୍‌ଗୁରୁ ଆଦିଶଙ୍କରଙ୍କ ସମୟରେ ପୁରୁଷୋତ୍ତମ କ୍ଷେତ୍ରର ଏବଂ ଶ୍ରୀମନ୍ଦିରର ଅନେକ ଭକ୍ତଉପଯୋଗୀ ଆବଶ୍ୟକୀୟ ପରିବର୍ତ୍ତନ କରାଯାଇଥିଲା। ତାହାକୁ ଶ୍ରୀକ୍ଷେତ୍ର ବା ଶ୍ରୀମନ୍ଦିର ନବେକଳେବର ଆଖ୍ୟା ଦିଆଯାଇପାରେ। ଆଦିଶଙ୍କର ସୋନପୁରଠାରେ ପାତାଳୀ ହୋଇଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଣି ରତ୍ନସିଂହାସନରେ ପୁନଃପ୍ରତିଷ୍ଠା କରିବାର ପ୍ରମାଣ ମାଦଳା ପାଞ୍ଜିରୁ ମିଳେ। ସେ ମଧ୍ୟ ମନ୍ଦିର ଆଭ୍ୟନ୍ତରରେ ବେଦାନ୍ତ ବିଦ୍ୟାର ଆଲୋଚନା ଓ ପ୍ରଚାର ପାଇଁ ମୁକ୍ତିମଣ୍ଡପର ନିର୍ମାଣ କରିଥିଲେ। ସେହିଭଳି ଶ୍ରୀସମ୍ପ୍ରଦାୟର ସ୍ରଷ୍ଟା ଆଚାର୍ଯ୍ୟ ରାମାନୁଜ ମଧ୍ୟ ଦ୍ୱାଦଶ ଶତାବ୍ଦୀରେ ପୁରୁଷୋତ୍ତମ ଧାମକୁ ଆସି ମହାଲକ୍ଷ୍ମୀଙ୍କ ମନ୍ଦିର ତଥା ଅନ୍ୟାନ୍ୟ ଅନେକ ସଂସ୍କାରମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ।

ସୂର୍ଯ୍ୟବଂଶୀ ଗଜପତି ରାଜାମାନେ ମଧ୍ୟ ନିଜ ନିଜ ସମୟରେ ଅନେକ ଧନସମ୍ପତ୍ତି ବ୍ୟୟ କରି ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ଅଭ୍ୟୁଦୟ ସାଧନ କରିଥିଲେ। ସବୁଠାରୁ ଆଖିଦୃଶିଆ ଆକର୍ଷଣୀୟ ଉନ୍ନତି ହୋଇଥିଲା ରାଜା କପିଳେନ୍ଦ୍ରଦେବଙ୍କ ସମୟରେ। ସେ ୧୪୩୫ରୁ ୧୪୬୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟଶାସନ ଭାର ଗ୍ରହଣ କରିଥିଲେ ଏବଂ ଏହି ସମୟରେ ଶ୍ରୀଜୀଉ ଓ ଶ୍ରୀମନ୍ଦିରଙ୍କ ଉଦ୍ଦେଶ୍ୟରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଯଥା- ଶ୍ରୀମନ୍ଦିରର ଚତୁଃପାର୍ଶ୍ୱରେ ମନ୍ଦିରର ସୁରକ୍ଷା ଓ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ମେଘନାଦ ପାଚେରୀର ନିର୍ମାଣ କରିଥିଲେ। ମନ୍ଦିର ଅଭ୍ୟନ୍ତରରେ ଆନନ୍ଦବଜାର ନିର୍ମାଣ କରାଇ ବିଶ୍ୱଭ୍ରାତୃତ୍ୱ ଭାବନାର ଅଭିବୃଦ୍ଧି କରିବା ସଙ୍ଗେ ସଙ୍ଗେ ରଥ ଉପରେ ସୁନାବେଶ ଆଦି ଅନେକ ସଂସ୍କାରମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ। ମହାରାଜା କପିଳେନ୍ଦ୍ରଦେବଙ୍କ ପରେ ଅନେକ ରାଜା, ମହାରାଜା ଏବଂ ପ୍ରଶାସକମାନେ ଶ୍ରୀକ୍ଷେତ୍ର ଓ ଶ୍ରୀଜୀଉ ସମ୍ବନ୍ଧୀୟ ଅନେକ ଉନ୍ନତିମୂଳକ କାର୍ଯ୍ୟ ମଧ୍ୟ ସମ୍ପାଦନ କରିଛନ୍ତି। ହେଲେ ତାହା ସେଭଳି ଆକର୍ଷଣୀୟ ଓ ସ୍ମରଣୀୟ ହୋଇପାରିନାହିଁ।



ଗଜପତି କପିଳେନ୍ଦ୍ରଦେବଙ୍କ ପରେ ପ୍ରାୟ ୭୦୦ବର୍ଷ ବିତିଯା'ନ୍ତେ, ବର୍ତ୍ତମାନର ରାଜ୍ୟ ସରକାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯେଉଁ ଆକର୍ଷଣୀୟ ଓ ସ୍ମରଣୀୟ ଉନ୍ନତିମୂଳକ କାର୍ଯ୍ୟ ଶ୍ରୀକ୍ଷେତ୍ରରେ କରାଯାଇଛି, ତାହା ବାସ୍ତବରେ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ। କାରଣ ଏହା ହେଉଛି 'ଶ୍ରୀକ୍ଷେତ୍ରର ନବକଳେବର'। ଶ୍ରୀକ୍ଷେତ୍ରର ଏହି ନବୀକରଣ ପ୍ରକ୍ରିୟାରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଓଡ଼ିଶା ସରକାର ହାତକୁ ନେଇ ଅନେକ ଅର୍ଥବ୍ୟୟରେ ଏପର୍ଯ୍ୟନ୍ତ ସୁଚାରୁରୂପେ ସମ୍ପାଦନ କରିପାରିଛନ୍ତି; ସେଗୁଡ଼ିକ ଅତ୍ୟନ୍ତ ଆକର୍ଷଣୀୟ ଓ ଉଲ୍ଲେଖନୀୟ। ଏହି ଆଖିଦୃଶିଆ କାର୍ଯ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର, ପରିକ୍ରମା ପ୍ରକଳ୍ପ, ଶ୍ରୀସେତୁ ନିର୍ମାଣ, ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କପାଇଁ ବୃନ୍ଦାବତୀ ଅତିଥି ଗୃହର ନିର୍ମାଣ, ଶ୍ରୀଜଗନ୍ନାଥଙ୍କର ପ୍ରମୋଦ ଉଦ୍ୟାନ, ଜଗନ୍ନାଥ ବଲ୍ଲଭ ମଠର ନବୀକରଣ, ଉକ୍ତ ମଠର ଅଭ୍ୟନ୍ତରରେ ଏକ ଅତ୍ୟନ୍ତ ଆକର୍ଷଣୀୟ ବହୁତଳ ବିଶିଷ୍ଟ କାର୍ ପାର୍କିଂ କେନ୍ଦ୍ର, ଶ୍ରୀଜଗନ୍ନାଥ ତତ୍ତ୍ୱ ପ୍ରଚାର ଓ ପ୍ରଦର୍ଶନୀ ମଣ୍ଡପ, ଭକ୍ତ ଅଭ୍ୟର୍ଥନା ପ୍ରକୋଷ୍ଠ, ସାତ୍ତ୍ୱିକ ଭୋଜନାଶାଳା ନିର୍ମାଣ, ଜଗନ୍ନାଥବଲ୍ଲଭଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଖୁବ୍ କମ୍ ସମୟରେ ପହଞ୍ଚିବା ପାଇଁ ବଡ଼ଦାଣ୍ଡ ଡାହାଣରେ ଆଉ ଏକ ରାସ୍ତା ନିର୍ମାଣ, ଯାହାର ନାମ ଶ୍ରୀଦାଣ୍ଡ; ବଡ଼ଦାଣ୍ଡର ପ୍ରଶସ୍ତକରଣ ଓ ରୂପାନ୍ତରୀକରଣ; ହଜାର ହଜାର ଭକ୍ତମାନଙ୍କ ପାଇଁ ସଂଖ୍ୟାଧିକ ଅତିଥିଗୃହ ନିର୍ମାଣ ଯଥା- ପୁରୁଷୋତ୍ତମ ଭକ୍ତନିବାସ, ନୀଳାଦ୍ରି ଭକ୍ତନିବାସ, ଗୁଣ୍ଡିଚା ଭକ୍ତନିବାସ, ଇତ୍ୟାଦି; ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରର ନବୀକରଣ ଏବଂ ଉନ୍ନୟନ(କାର୍ଯ୍ୟ ଚାଲୁରହିଛି) ପଞ୍ଚତୀର୍ଥ ପୁଷ୍କରିଣୀଗୁଡ଼ିକର ଆକର୍ଷଣୀୟ ଉନ୍ନତି, ମୁକ୍ତିଧାମ ସ୍ୱର୍ଗଦ୍ୱାରାର ଅଭୂତପୂର୍ବ ରୂପାନ୍ତରୀକରଣ, ରାସ୍ତାଘାଟଗୁଡ଼ିକର ପ୍ରଶସ୍ତକରଣ ଏବଂ ନୂତନ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଇତ୍ୟାଦି କ୍ଷେତ୍ରରେ ନୂତନ ଅନୁଷ୍ଠାନ ନିର୍ମାଣ ଯଥା ଷ୍ଟାଡିୟମ୍, ମେଡିକାଲ୍ କଲେଜ୍ ଇତ୍ୟାଦି, ସର୍ବପ୍ରଥମ ସର୍ବସାଧାରଣ ପାଣି ଟ୍ୟାପରୁ ଶୁଦ୍ଧପାନୀୟ ଜଳଯୋଗାଣ ଆଦି ଅନେକ କାର୍ଯ୍ୟ ଉଲ୍ଲେଖନୀୟ। ଏହିସବୁ ଆକର୍ଷଣୀୟ ଏବଂ ଆବଶ୍ୟକୀୟ କାର୍ଯ୍ୟରାଶିର ସୁଚାରୁ ସମ୍ପାଦନକୁ ଦେଖିଲେ ଜଣାଯାଏ ଯେ ସତେଯେପରି କପିଳେଦନ୍ଦ୍ରଦେବଙ୍କ ପରେ ଦୀର୍ଘ ୭୦୦ ବର୍ଷ ବ୍ୟବଧାନରେ ଶ୍ରୀକ୍ଷେତ୍ର ବା ମହାପ୍ରଭୁଙ୍କ ଶରୀର ଏକ ନୂତନ ରୂପ ଧାରଣ କରିଛନ୍ତି। ଏହା ହିଁ ଓଡ଼ିଶା ଇତିହାସର ଏକ ଅବିସ୍ମରଣୀୟ 'ନବକଳେବର'।

ନୂତନଭାବରେ ସମ୍ପାଦିତ ହୋଇଥିବା ଉପର୍ଯ୍ୟୁକ୍ତ ଅନେକ କାର୍ଯ୍ୟ ମଧ୍ୟରୁ ଅତ୍ୟନ୍ତ ଆକର୍ଷଣୀୟ ତଥା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣକାରୀ ନିର୍ମାଣ କାର୍ଯ୍ୟଟି ହେଉଛି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'। ଶ୍ରୀମନ୍ଦିର ମେଘନାଦ ପାଚେରୀକୁ ଲାଗି ୭୫ମିଟର ପରିଧିରେ ଅନ୍ତର୍ଭୁକ୍ତ ଶହ ଶହ ବର୍ଷଧରି ଅଧିକୃତ ବା ଅନଧିକୃତ ଭାବରେ ବସବାସ ବା ବ୍ୟବସାୟ କରୁଥିବା ବାସିନ୍ଦାମାନଙ୍କଠାରୁ ମୁକ୍ତ କରି ଏହାକୁ ଏକ ଅଲୌକିକ ସୌନ୍ଦର୍ଯ୍ୟସମ୍ପନ୍ନ ପରିକ୍ରମା ବଳୟରେ ରୂପାନ୍ତରିତ କରି ଓଡ଼ିଶା ସରକାରଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ହସ୍ତାନ୍ତର କରିବା ଏକ ଐତିହାସିକ ଘଟଣା। ଏହି ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜକୁ ପ୍ରାୟ ପାଞ୍ଚ ବର୍ଷତଳେ ୨୦୧୯ ମସିହାରେ ଏବଂ ନିଜର ଜଗନ୍ନାଥଙ୍କ ପ୍ରତି ଭକ୍ତି, କର୍ତ୍ତବ୍ୟ ନିଷ୍ଠା ଓ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହି ପ୍ରକଳ୍ପକୁ ମହାପ୍ରଭୁଙ୍କର ଆଶୀର୍ବାଦରେ ବାସ୍ତବତାର ରୂପଦେଇପାରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଦ୍ୟ ସେବକ ତଥା ଶ୍ରୀମନ୍ଦିର ପ୍ରଶାସନ କମିଟିର ମୁଖ୍ୟ ମାନନୀୟ ଗଜପତି ଶ୍ରୀଦିବ୍ୟସିଂହ ଦେବ ମହାରାଜଙ୍କର ଗରିମାମୟୀ ଉପସ୍ଥିତିରେ ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ପଟ୍ଟନାୟକ ଶ୍ରୀକ୍ଷେତ୍ରର ଏହି ପ୍ରକଳ୍ପକୁ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରୁଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭଗବାନଙ୍କର ମନ୍ଦିରର ସୁରକ୍ଷା, ଭକ୍ତମାନଙ୍କର ସୁରକ୍ଷା ଓ ସୁବିଧା ତଥା ଶ୍ରୀମନ୍ଦିରର ପାରିପାର୍ଶ୍ୱିକ ବଳୟର ସୌନ୍ଦର୍ଯ୍ୟକରଣ।

ଏହି ପରିକ୍ରମା ବଳୟରେ ରହିଛି ନଅ ଗୋଟି ସୌନ୍ଦର୍ଯ୍ୟ ସମ୍ବର୍ଦ୍ଧକ ତଥା ସୁରକ୍ଷା ଓ ସୁବିଧା ପ୍ରଦାୟକ ବଳୟ ଯଥା- ସବୁଜ ସୁରକ୍ଷା ବଳୟ, ଆନ୍ତଃପ୍ରଦକ୍ଷିଣ ବଳୟ, ବାହ୍ୟ ପ୍ରଦକ୍ଷିଣ ବଳୟ, ଐତିହ୍ୟ ସଂରକ୍ଷଣ ବଳୟ, ସ୍ୱତନ୍ତ୍ର ସବୁଜିମା ବଳୟ, ଭକ୍ତଜନ ସୁବିଧା ବଳୟ, ଆପତ୍କାଳୀନ ଯାନ ବାହନ ଯାତାୟତ ବଳୟ, ସଂମିଶ୍ରିତ ଯାନବାହନ ଚଳାଚଳ ବଳୟ ଏବଂ ପଦବ୍ରଜୀ ବଳୟ।

ଭାରତୀୟ ବୈଦିକ ସନାତନ ଧର୍ମୀୟ ପରମ୍ପରା ଅନୁସାରେ ଯେ କୌଣସି ବିଷ୍ଣୁମନ୍ଦିର ଦର୍ଶନ କରିବା ପୂର୍ବରୁ ତା'ର ପ୍ରଦକ୍ଷିଣ କରିବା ଏକାନ୍ତ ଆବଶ୍ୟକ। ଏହାଦ୍ୱାରା ମନୁଷ୍ୟର ଜନ୍ମଜନ୍ମାନ୍ତରର ପାପ କ୍ଷୟ ହେବା ସଂଗେ ସଂଗେ ସେ ଅଶେଷ ପୁଣ୍ୟର ଅଧିକାରୀ ହୋଇଥାଏ। ହେ ରାଜ୍ୟ ସରକାର! ହେ ଶ୍ରୀମନ୍ଦିର ପ୍ରଶାସନ! ହେ ଜିଲ୍ଲା ପ୍ରଶାସନ! ଆପଣ ଏହି ପରିକ୍ରମା ପ୍ରକଳ୍ପ ଦ୍ୱାରା ଭକ୍ତମାନଙ୍କୁ ଅଶେଷ ପୁଣ୍ୟ ଅର୍ଜନ କରିବାର ଏବଂ ସମ୍ପୂର୍ଣ୍ଣ ଶ୍ରୀକ୍ଷେତ୍ରର ନବକଳେବର ମାଧ୍ୟମରେ ବିଶ୍ୱର ଅଗଣିତ ଜଗନ୍ନାଥପ୍ରେମୀଙ୍କୁ ଭୌମବୃନ୍ଦାବନ ବା ମର୍ତ୍ତ୍ୟବୈକୁଣ୍ଠର ଅପୂର୍ବ ସୌନ୍ଦର୍ଯ୍ୟର ଉପଭୋଗର ସୁଯୋଗ ଦେଇଥିବାରୁ ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ।

**ଜୟ ଜଗନ୍ନାଥ। ବନ୍ଦେ ଉତ୍କଳ ଜନନୀ।**

# ଶ୍ରୀମନ୍ଦିରପରିକ୍ରମା-ମଙ୍ଗଳାଶଂସନମ୍

## (ଛନ୍ଦଃ- ଶାର୍ଦ୍ଦୂଳବିକ୍ରୀଡିତମ୍)



**ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ**
ଭୁବନେଶ୍ୱର, ମୋ- ୯୪୩୭୫୬୬୩୨୪

*ଯୋ ବ୍ରହ୍ମେତି ପରାତ୍ପରାତ୍ମଭଗବାନିତ୍ୟେବ ବେଦେ ସ୍ତୁତୋ*
*ଯଃ ସାକ୍ଷାତ୍ପୁରୁଷୋତ୍ତମୋଽପ୍ୟୁପନିଷଦ୍ୟାର୍ଷେ ପୁରାଣେ ପ୍ରଭୁଃ ।*
*ଲୋକେ ଯସ୍ୟ ସୁବିଶ୍ରୁତଂ ଖଳୁ ଜଗନ୍ନାଥାଭିଧାନଂ ସଦା*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୧॥*

ଯିଏ ବ୍ରହ୍ମ, ପରମାତ୍ମା ଓ ଭଗବାନ୍ ବୋଲି ବେଦରେ ଭଣିତ, ଯିଏ ଉପନିଷଦରେ ପୁରୁଷୋତ୍ତମ, ଆର୍ଷ-ପୁରାଣରେ ପ୍ରଭୁ ଭାବରେ ପରିଚିତ, ତ୍ରିଲୋକରେ ଯାହାଙ୍କ 'ଜଗନ୍ନାଥ'ନାମଟି ଅତ୍ୟନ୍ତ ବିଖ୍ୟାତ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ଯଂ ଶୈବା ରବିପୂଜକା ଗଣପତିପ୍ରେଷ୍ଠାର୍ଚ୍ଚକା ବୈଷ୍ଣବାଃ*
*ଶାକ୍ତାଃ ଯେଽନ୍ୟପରମ୍ପରାନୁଗଜନାଃ ସମ୍ପୂଜୟନ୍ତ୍ୟାଦରାତ୍ ।*
*ସର୍ବାଭୀଷ୍ଟଫଳପ୍ରଦାନକୁଶଲୋ ଯଃ ସର୍ବଦେବାତ୍ମକୋ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୨॥*

ଯାହାଙ୍କୁ ଶୈବ, ସୌର, ଗାଣପତ୍ୟ, ବୈଷ୍ଣବ, ଶାକ୍ତ ତଥା ଅନ୍ୟ ସମସ୍ତ ପରମ୍ପରାର ଅନୁଗାମିମାନେ (ନିଜ ଇଷ୍ଟଭାବରେ) ଆଦରରେ ପୂଜା କରନ୍ତି, ଯିଏ ସମସ୍ତ ଅଭୀଷ୍ଟଫଳପ୍ରଦାନରେ ନିପୁଣ ତଥା ସକଳଦେବମୟ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ନିମ୍ବାର୍କୋଽପି ଚ ମଧ୍ୱ ଏବ ବିବୁଧୋ ରାମାନୁଜଃ ଶଙ୍କର-*
*ଶ୍ଚୈତନ୍ୟୋ ନନୁ ବଲ୍ଲଭଶ୍ଚ ଯମମୀ ସ୍ତୁତ୍ୱା ଗତା ଗୌରବମ୍ ।*
*ନାନାଶାସ୍ତ୍ରମତପ୍ରବାଦତଟିନୀସମ୍ମେଳନେ ଯୋଽର୍ଣ୍ଣବୋ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୩॥*

ନିମ୍ବାର୍କ, ମଧ୍ୱ, ରାମାନୁଜ, ଶଙ୍କର, ବଲ୍ଲଭ, ଚୈତନ୍ୟ-ଏହି ବରେଣ୍ୟ ସନ୍ଥ-ମତବାଦିମାନେ ଯାହାଙ୍କୁ ସ୍ତୁତି କରି ଗୌରବପ୍ରାପ୍ତ ହୋଇଛନ୍ତି, ଯିଏ ନାନାଶାସ୍ତ୍ର-ମତ-ପ୍ରବାଦରୂପକ-ନଦୀମାନଙ୍କ ମିଳନରେ ସାକ୍ଷାତ୍ ସମୁଦ୍ରସଦୃଶ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ।

*ଯୋ ବିଶ୍ୱାବସୁନା ନୁତଃ ସୁକୃତିନା ବିଦ୍ୟାପତିପ୍ରାର୍ଥିତୋ*
*ନୀଳେନ୍ଦ୍ରାଶ୍ମବିଭାବିଭାଦପଘନଶ୍ରୀଳଃ ସ୍ୱୟଂ ମାଧବଃ ।*
*ଶ୍ରୀମନ୍ମାଳବରାଜଭାବିତପଦାମ୍ଭୋଜଃ କୃପାଳୁଶ୍ଚ ଯୋ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୪॥*

ଯିଏ ସୁକୃତସମ୍ପନ୍ନବିଶ୍ୱାବସୁଙ୍କ ଦ୍ୱାରା ସ୍ତୁତ, ବିଦ୍ୟାପତିଙ୍କ ପ୍ରାର୍ଥନୀୟ, ଇନ୍ଦ୍ରନୀଳମଣିତେଜୋମୟଶରୀରପ୍ରଭାରେ ସୁନ୍ଦର, ସ୍ୱୟଂ ମାଧବ, ମାଳବରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଚିନ୍ତନୀୟ ପାଦପଦ୍ମଶାଳୀ ତଥା ଯିଏ କୃପାଳୁ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ଯୋଽନନ୍ତେନ ଯଶସ୍ୱଦଚ୍ୟୁତଜଗନ୍ନାଥୈର୍ବଳେନାର୍ଚ୍ଚିତୋ*
*ବିଦ୍ୱଚ୍ଛ୍ରୀଜୟଦେବଗୀତରସିକୋ ଯଃ ସାଲବେଗସ୍ତୁତଃ ।*
*ଯୋ ବୈ ବନ୍ଧୁମହାନ୍ତିବାନ୍ଧବବରଃ ଶ୍ରୀଦାସିୟାପ୍ରୀଣିତୋ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୫॥*

ଯିଏ ଅନନ୍ତ-ଯଶୋବନ୍ତ-ଅଚ୍ୟୁତ-ଜଗନ୍ନାଥ-ବଳରାମଙ୍କ ଦ୍ୱାରା ଅର୍ଚ୍ଚିତ, କବିପଣ୍ଡିତ ଜୟଦେବଙ୍କ ଗୀତଗୋବିନ୍ଦର ରସିକ, ଯିଏ ସାଲବେଗଙ୍କ ଦ୍ୱାରା ପ୍ରାର୍ଥିତ, ଯିଏ ପୁଣି ବନ୍ଧୁମହାନ୍ତିଙ୍କ ବନ୍ଧୁପ୍ରବର ତଥା ଭକ୍ତ ଦାସିଆଙ୍କ ଦ୍ୱାରା (ନଡିଆ ନୈବେଦ୍ୟରେ) ପ୍ରୀତ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ସ୍ନାନସ୍ୱାପଶତାଙ୍ଗପାର୍ଶ୍ୱଚଳନପ୍ରେଙ୍ଖାକ୍ଷୟପ୍ରାବୃତି-*
*ପ୍ରୋତ୍ଥାନାୟନପୁଷ୍ୟପର୍ବଦମନାଦିଦ୍ୱାଦଶେଷ୍ଟୋତ୍ସବାନ୍ ।*
*ଶ୍ରୀକ୍ଷେତ୍ରେ ପରିପାଳୟନ୍ ବିଧିକରୈର୍ମୋମୋତ୍ତି ଯୋ ଲୀଳୟା*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୬॥*

ସ୍ନାନ-ଶୟନ-ରଥ-ପାର୍ଶ୍ୱପରିବର୍ତ୍ତନ-ଦୋଳ-ଅକ୍ଷୟତୃତୀୟା-ପ୍ରାବରଣ-ଉତ୍ଥାନ-ଅୟନ-ପୁଷ୍ୟାଭିଷେକ-ଦମନକ-ପ୍ରଭୃତି ଦ୍ୱାଦଶଯାତ୍ରାକୁ ସେବକମାନଙ୍କ ସହ ଶ୍ରୀକ୍ଷେତ୍ରରେ ପାଳନ କରି ଯିଏ ସ୍ୱତଃ ଆମୋଦିତ ହୁଅନ୍ତି, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ଯୋ ଧର୍ମସ୍ଥିତିହେତବେ ପ୍ରତିଯୁଗଂ ନାନାବତାରାଗ୍ରହୀ*
*ଚକ୍ରୀ ଚକ୍ରବିଲୋଚନଃ କିଲ କଲୌ ନୀଳାଦ୍ରିଲୀଳାପଟୁଃ ।*
*ଯୋ ଦାର୍ବାକୃତିସୁନ୍ଦରୋଽରୁଣବିଭାସଂବାଦିବିମ୍ବାଧରୋ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୭॥*

ଯିଏ ଧର୍ମସଂସ୍ଥାପନ ସକାଶେ ଯୁଗେ ଯୁଗେ ବହୁବିଧ ଅବତାରଗ୍ରହଣରେ ଆଗ୍ରହୀ, କଳିକାଳରେ ଚକ୍ରଧର ଓ ଚକ୍ରନୟନ (ଚକାଆଖି) ରୂପରେ ନୀଳାଚଳରେ ଲୀଳାକରିବାରେ ପଟୁ, ଯିଏ ଦାରୁଦେହରେ ମନୋହର, ଅରୁଣପ୍ରଭାର ପ୍ରତିବାଦି-ଆରକ୍ତ-ବିମ୍ବାଧରଧାରୀ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ଯତ୍କେତୁଃ ପତିତବ୍ରଜୈକଶରଣଂ ଯନ୍ନୀଳଚକ୍ରଂ ଜଗତ୍-*
*ପାପାପତ୍ତିବିପାକବିଘ୍ନଦଳନେ ଦୁର୍ବାରଧାରାନ୍ୱିତମ୍ ।*
*ଯଦ୍ଭୁକ୍ତା ଚ ମହାପ୍ରସାଦକଣିକା କୈବଲ୍ୟତୃପ୍ତିପ୍ରଦା*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୮॥*

ଯାହାଙ୍କ ପତାକା ପତିତଜନମାନଙ୍କ ଏକମାତ୍ର ଶରଣ, ଯାହାଙ୍କ ନୀଳଚକ୍ର ଜଗତର ଯାବତୀୟ ପାପ-ବିପତ୍ତି-ବିପାକ-ବିଘ୍ନାଦିର ଦଳନରେ ଦୁର୍ବାର-ଧାରଯୁକ୍ତ ତଥା ଯାହାଙ୍କ ଆସ୍ୱାଦିତ ମହାପ୍ରସାଦକଣିକା ଏକାଧାରରେ କୈବଲ୍ୟ-ସଂତୃପ୍ତି-ଦାୟିନୀ, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ଭଦ୍ରାଚକ୍ରଧରାହଳାୟୁଧରମାଶ୍ରୀମାଧବାବେଷ୍ଟିତୋ*
*ଯୋ ନୀଳାବ୍ଜନବୀନନୀରଦଘଟାଶ୍ୟାମାଭିରାମାନନଃ ।*
*ଯଜ୍ଞାଚାରପତିର୍ଜଗତ୍ତ୍ରୟପତିର୍ଯୋ ଧୀପତିଃ ଶ୍ରୀପତି-*
*ର୍ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୯॥*

ଯିଏ ସୁଭଦ୍ରା-ସୁଦର୍ଶନ-ଭୂଦେବୀ-ବଳଭଦ୍ର-ଶ୍ରୀଦେବୀ-ମାଧବଙ୍କ ଦ୍ୱାରା ବେଷ୍ଟିତ ତଥା ନୀଳୋତ୍ପଳ-ନବମେଘସମୂହ ଭଳି ଶ୍ୟାମଳସୁନ୍ଦର-ମୁଖଧାରୀ, ଯିଏ ଯଜ୍ଞପତି, ତ୍ରିଲୋକପତି, ବୁଦ୍ଧିପତି ତଥା ଶ୍ରୀପତି, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

*ପ୍ରୀତ୍ୟୈ ସ୍ୟାତ୍କବିକୃଷ୍ଣକେଶବକୃତଶ୍ଳୋକାବଳୀ ଶ୍ରୀଶିତୁଃ*
*କାରୁଣ୍ୟେନ ବିରାଜତାଂ ତ୍ରିଭୁବନେ ତସ୍ୟାପି ଶାନ୍ତିଃ ସଦା ।*
*ଯୋ ଦୃଷ୍ଟ୍ୟା ନିଜୟା ତନୋତି ନିତରାଂ ଭୂମଣ୍ଡଳେ ମଙ୍ଗଳଂ*
*ଭୂତ୍ୟୈ ତସ୍ୟ ପରିକ୍ରମା ଭଗବତଃ ଶ୍ରୀମନ୍ଦିରସ୍ୟାସ୍ତୁ ନଃ ॥୧୦॥*

କବି କୃଷ୍ଣକେଶବକୃତ ଶ୍ଳୋକାବଳୀ ଲକ୍ଷ୍ମୀପତି (ଶ୍ରୀଜଗନ୍ନାଥ)ଙ୍କ ପ୍ରୀତି ସମ୍ପାଦନ କରୁ । ତାହାଙ୍କ କରୁଣାରେ ତ୍ରିଭୁବନରେ ଶାନ୍ତି ବିରାଜମାନ କରୁ। ଯିଏ ନିଜ ଦୃଷ୍ଟିଦ୍ୱାରା ଭୂମଣ୍ଡଳରେ ମଙ୍ଗଳ ବିସ୍ତାର କରନ୍ତି, ସେହି ଭଗବାନଙ୍କ ଶ୍ରୀମନ୍ଦିରର ପରିକ୍ରମା ଆମ୍ଭମାନଙ୍କର କଲ୍ୟାଣ ନିମନ୍ତେ ସିଦ୍ଧ ହେଉ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## '୫-ଟି' ଅଧ୍ୟକ୍ଷଙ୍କ ପ୍ରତିଶ୍ରୁତି ପରେ ସମାବେଶ ସ୍ଥଗିତ ରଖିଲା କେନ୍ଦୁପତ୍ର କର୍ମଚାରୀ ସଂଘ

**ଭୁବନେଶ୍ୱର,୧୬ ।୧(ସମିସ):** ଆସନ୍ତା ୧୯ ତାରିଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ହେବାକୁ ଥିବା ସମାବେଶକୁ ସ୍ଥଗିତ ରଖାଯାଇଛି । ସଂଘ ପକ୍ଷରୁ ୧୪ଦଫା ଦାବି ନେଇ ଏକ ବିଶାଳ ସମାବେଶ ପାଇଁ ଯୋଜନା କରାଯାଇଥିଲା । ମାତ୍ର '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ପ୍ରତିଶ୍ରୁତିକୁ ଲକ୍ଷ୍ୟ କରି ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ।

ସମାବେଶ ପୂର୍ବରୁ ଗତ ଜାନୁଆରୀ ୧୩ ତାରିଖରେ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତି ଓ ଏହା ପୂର୍ବରୁ ୧୨ ତାରିଖରେ ସଂଘର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ରାଜ୍ୟ ସରକାରଙ୍କ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି '୫-ଟି' ଅଧ୍ୟକ୍ଷଙ୍କୁ ସମ୍ବଲପୁର ସର୍କିଟ୍ ହାଉସରେ ସାକ୍ଷାତ କରି ସଂଘର ଦାବି ସମ୍ପର୍କରେ ଅବଗତ କରାଇଥିଲେ । ଏହାସହ ସମ୍ବଲପୁର, ରେଙ୍ଗାଲି, କୁଚିଣ୍ଡା ଓ ରେଢ଼ାଖୋଲରେ ଅନୁଷ୍ଠିତ ସାଧାରଣ ସଭାଗୁଡ଼ିକରେ କେନ୍ଦୁପତ୍ର ତୋଳାଳି କର୍ମଚାରୀମାନେ ସେମାନଙ୍କ ଦାବି ସମ୍ପର୍କରେ ଶ୍ରୀ ପାଣ୍ଡିଆନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଆଗାମୀ ୧୫ଦିନ ମଧ୍ୟରେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିବେ ଏବଂ ବହୁ ଦିନର ଦାବି କନ୍ୟା ବିବାହ ଆର୍ଥିକ ସହାୟତା ମଧ୍ୟ ପୁନର୍ବାର ପ୍ରଚଳନ କରାଯିବ, ଜିଏସଟିର ରାଜ୍ୟ ସରକାର ଅଂଶକୁ ମଧ୍ୟ କେନ୍ଦୁପତ୍ର ସଂସ୍ଥାକୁ ଦିଆଯିବା ନେଇ ଶ୍ରୀ ପାଣ୍ଡିଆନ ରେଢ଼ାଖୋଲ ସାଧାରଣ ସଭାରେ ଘୋଷଣା କରିଥିଲେ । ଏହି ଘୋଷଣାକୁ ସମ୍ମାନ ଜଣାଇ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଜାନୁଆରୀ ୧୯ ତାରିଖରେ ଭୁବନେଶ୍ୱରରେ ହେବାକୁ ଥିବା ସମାବେଶକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି ବୋଲି ସଂଘ ପକ୍ଷରୁ କୁହାଯାଇଛି ।

## ୨ ଶିଶୁ ହତ୍ୟାକାରୀ ମା'ଙ୍କୁ ୧୧ ବର୍ଷ ଜେଲ୍

**ବାଲିଗୁଡ଼ା, ୧୬ ।୧(ସମିସ):** ୨୦୨୧ ଜୁଲାଇ ୧୬ ତାରିଖରେ ରାଇକିଆ ଥାନା ଅନ୍ତର୍ଗତ ଅଲିମାହା ଗାଁରେ ଘଟିଥିବା ଲୋମହର୍ଷକ ଘଟଣାରେ ବାଲିଗୁଡା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ସ୍ୱାମୀର ପରକୀୟା ପ୍ରୀତି ଓ ଘରୋଇ କଳହକୁ କେନ୍ଦ୍ର କର ଜନ୍ମଦାତ୍ରୀ ମା' ନିଜର ଦୁଇ

**ପତ୍ନୀକୁ ନିର୍ଯାତନା ପାଇଁ ସ୍ୱାମୀକୁ ମଧ୍ୟ ୫ ବର୍ଷ ଜେଲ୍**

ଶିଶୁ ସନ୍ତାନଙ୍କୁ କୂଅରେ ପକାଇ ହତ୍ୟା କରିଥିଲା । ଘଟଣାରେ ଶିଶୁ ହତ୍ୟାକାରୀ ମାଆକୁ ଦୋଷୀ ସାବ୍ୟସ୍ତ କରିବା ସହ ୧୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ବାଲିଗୁଡା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ । ହତ୍ୟାକାରୀ ମାଆ ଏମ. ଭାଗ୍ୟଲକ୍ଷ୍ମୀଙ୍କୁ ଶିଶୁ ସନ୍ତାନ ହତ୍ୟା ଘଟଣାରେ ୮ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା ଓ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣାରେ ଅଧିକ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିବା ଜଣାପଡ଼ିଛି । ଏଥିସହ ସ୍ୱାମୀ ଏମ. ରାଜେଶ ପାତ୍ରଙ୍କ ପରକୀୟା ପ୍ରୀତି ଓ ନିଜ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀଙ୍କୁ ନିର୍ଯାତନା ଦେଉଥିବା ଘଟଣାରେ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନିଜ ସ୍ତ୍ରୀଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ନେଇ ୫ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ମାମଲାର ବିଚାର ବେଳେ ମୋଟ ୩୦ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ସୂଚନା ଅନୁଯାୟୀ, ରାଇକିଆ ଥାନା ଅଲିମାହା ଗାଁରେ ନିଜେ ରହୁଥିବା ଘର ବାରିପଟେ ଥିବା କୂଅରେ ଦୁଇ କୋମଳମତି ଶିଶୁପୁତ୍ରଙ୍କୁ ହତ୍ୟାକାରୀ ମା' ଫୋପାଡ଼ି ଦେଇ ନିଜେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲା । କିନ୍ତୁ ଦୁଇଶିଶୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିବା ସହ ରାଇକିଆ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରବୀନ ଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ ।

## 'ସମାଜ' ବାର୍ତ୍ତା ସମ୍ପାଦକଙ୍କ ପିତୃବିୟୋଗ

**ଗରଦପୁର, ୧୬ ।୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଗରଦପୁର ବ୍ଲକ୍ ପତିସାହି ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ ତଥା ସମାଜର ବାର୍ତ୍ତା ସମ୍ପାଦକ ପ୍ରସନ୍ନ କୁମାର ପତିଙ୍କ ପିତା ସନାତନ ପତିଙ୍କ ଗତ ରାତିରେ ପରଲୋକ ଘଟିଛି । ତାଙ୍କୁ ୮୪ବର୍ଷ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ମଝିଆ ପୁଅ ଅରୁଣ କୁମାର ପତି, ପୁତ୍ରବଧୂ ଗୀତାଞ୍ଜଳି ପତି, ଅଧ୍ୟାପିକା ଶାନ୍ତିଲତା ପାଢ଼ୀ, ଲିଲିନ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମ ନିକଟ ଚିତ୍ରୋତ୍ପଳା ପାର୍ଶ୍ୱସ୍ଥ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ ପୁଅ ପ୍ରାଧ୍ୟାପକ ତପନ କୁମାର ପତି ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ଲୋକସେବକ ମଣ୍ଡଳ ଓଡ଼ିଶା ଶାଖା ଅଧ୍ୟକ୍ଷ ନିରଞ୍ଜନ ରଥ, ସମାଜର ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ମହାପ୍ରବନ୍ଧକ ଶିବରାମ ମିଶ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ସମାଜସେବୀ ଶରତ ଚନ୍ଦ୍ର ସାମଲ, ସମାଜ ରିଲିଫ କମିଟି ଅଧ୍ୟକ୍ଷ ଡ. ପ୍ରଭାସ ଆଚାର୍ଯ୍ୟ, ଗରଦପୁର ସରପଞ୍ଚଙ୍କ ପ୍ରତିନିଧି ବାବୁ ରମାକାନ୍ତ, ସାମ୍ବାଦିକ ବିବେକାନନ୍ଦ ସ୍ୱାଇଁ, ଗରଦପୁର ସାମ୍ବାଦିକ ଶ୍ରୀକାନ୍ତ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶୁଭେଚ୍ଛୁ ସ୍ୱର୍ଗତ ପତିଙ୍କ ଶେଷ ଦର୍ଶନ କରିଥିଲେ ।



■ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମ

## ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ସିଧା ପ୍ରସାରଣ ବ୍ୟବସ୍ଥା ହେଉ

**ଭୁବନେଶ୍ୱର,୧୬ ।୧(ସମିସ):** ଆସନ୍ତାକାଲି ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଭକ୍ତି ଓ ଉଲ୍ଲାସର ସହ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିଭିନ୍ନ ରାଜ୍ୟରୁ ଅତିଥିମାନେ ଯୋଗଦେବେ ।

**ମୁଖ୍ୟ ଶାସନ ସଚିବଙ୍କ ଅନୁରୋଧ**

ଉତ୍ସବରେ ଭକ୍ତ ତଥା ଜନସାଧାରଣ ଯେପରି ଭାଗ ନେଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭକ୍ତି ନିବେଦନ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁଆରୀ ୧୭ ତାରିଖ ଦିନକୁ ସରକାରୀ ଛୁଟି ଘୋଷଣା କରିଛନ୍ତି । ଏହି କ୍ରମରେ ବିଭିନ୍ନ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କରେ କାର୍ଯ୍ୟକ୍ରମ ସିଧା ପ୍ରସାରଣ ପ୍ରଦର୍ଶନର ସୁବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅନୁରୋଧ କରିଛନ୍ତି ।

ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ସୂଚନା ଦେଇ କହିଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ କାର୍ଯ୍ୟକ୍ରମ ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ସିଧା ପ୍ରସାରଣ ହେବ । ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟାବସାୟିକ ପ୍ରତିଷ୍ଠାନମାନେ ନିଜ ନିଜସ୍ତରରେ ଜାନୁଆରୀ ୧୭ ତାରିଖରେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ନିଜନିଜ ଅନୁଷ୍ଠାନରେ ଏହି ସିଧା ପ୍ରସାରଣ ପ୍ରଦର୍ଶନର ସୁବ୍ୟବସ୍ଥା କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅନୁରୋଧ କରିଛନ୍ତି । ଯଦ୍ୱାରା ଅନୁଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବା ସହ ଏଥିରେ ନିଜକୁ ସାମିଲ କରିପାରିବେ ।

## ୨ଦିନ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା

**ଭୁବନେଶ୍ୱର,୧୬ ।୧(ସମିସ):** ଆଜିଠୁ ୨ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି । ପଶ୍ଚିମା ଝଡ଼ ପ୍ରଭାବରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । କେନ୍ଦ୍ରର ସୂଚନା ଅନୁଯାୟୀ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ସେହିପରି ୧୮ରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଆଦି ଜିଲ୍ଲାରେ ସ୍ୱଳ୍ପ ବର୍ଷା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ରାଜ୍ୟରେ ବର୍ତ୍ତମାନ ବିଭିନ୍ନ ଜିଲ୍ଲାରେ ଶୀତର ପ୍ରକୋପ ଜାରି ରହିଛି । ତାପମାତ୍ରାରେ ହ୍ରାସ ଯୋଗୁଁ ଶୀତ ବୃଦ୍ଧି ହୋଇଥିବା ବେଳେ ଏହି ସ୍ଥିତି ଆସନ୍ତା ୫ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

## ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କୁ ୨ବର୍ଷ ଜେଲ୍

**କଟକ,୧୬ ।୧(ସମିସ):** ଯାଜପୁର ଜିଲ୍ଲା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)ର ପୂର୍ବତନ ମେଡିକାଲ ଅଫିସର ତଥା ବର୍ତ୍ତମାନ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର କରୁଣାକର ରାଉତଙ୍କୁ ଲାଞ୍ଚ ନେବା ମାମଲାରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ ଧାରା୧୩(୨)/୧୩(୧) ଡି-୭ ଅନୁସାରେ ୨ବର୍ଷ ଜେଲ୍ ଓ ୧୦ ହଜାର ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ଅଦାଲତ ରାୟରେ ଉଲ୍ଲେଖ କରିଛନ୍ତି ।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

ପ୍ରକାଶ ଯେ ଗତ ୨୦୧୪ରେ ରାଜ୍ୟ ଟିମ୍ ପକ୍ଷରୁ ମଧୁବନ ସିଏଚ୍‌ସିରେ ଏମ୍‌ଡିଏ ଯାଞ୍ଚ ସମୟରେ ଜଣେ ଚୁକ୍ତିଭିତ୍ତିକ ସ୍ୱାସ୍ଥ୍ୟକର୍ମୀ ଅନୁପସ୍ଥିତ ଥିଲେ । ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ନିମନ୍ତେ ସେହି ସମୟରେ ମେଡିକାଲ ଅଫିସର୍ ଡା. ରାଉତ ସମ୍ପୃକ୍ତ ସ୍ୱାସ୍ଥ୍ୟ କର୍ମୀଙ୍କଠାରୁ ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ । ତାଙ୍କ ବିରୋଧରେ ଭିଜିଲାନ୍ସ ଏକ ମାମଲା ରୁଜୁ କରିଥିଲା । ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା । କଟକ ଭିଜିଲାନ୍ସ ଡିଭିଜନ୍‌ର ପ୍ରାକ୍ତନ ଡିଏସପି ଭରତ ଚନ୍ଦ୍ର ସେଠୀ ଏହି ମାମଲାର ତଦନ୍ତ କରିଥିଲେ । ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସର୍ବେଶ୍ୱର ବାରିକ ଓ ଏପିପି ଦୀପକ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ । ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ନିମନ୍ତେ ପାଇଁ ଭିଜିଲାନ୍ସ ପକ୍ଷରୁ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି ।






■ ଏନ୍‌ଏଚ୍‌ଆର୍‌ସିରେ ସନ୍ଦିଗ୍ଧ ଆତଙ୍କବାଦୀ ବୁଖାରୀ ଗିରଫ ଘଟଣା

## ୮ ସପ୍ତାହରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୬ ।୧(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ଗ୍ରାମରେ କାଶ୍ମୀର ଆତଙ୍କବାଦୀ ସଇଦ ଇଶାନ ବୁଖାରୀ ଗିରଫ ଘଟଣାରେ ଜାତୀୟ ମାନବାଧିକାର କମିସନ୍ (ଏନ୍‌ଏଚ୍‌ଆର୍‌ସି) ହସ୍ତକ୍ଷେପ କରିଛନ୍ତି । ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କରି ୮ ସପ୍ତାହ ଭିତରେ ରିପୋର୍ଟ ଦେବାକୁ ଯାଜପୁର ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାଶ୍ମୀର ପୁଲିସର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ବୁଖାରୀ ଦୀର୍ଘ ୫ ବର୍ଷ ହେଲା ଯାଜପୁରରେ ରହି ଆସୁଥିଲା । କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ତାକୁ ଗିରଫ କରିବା ପରେ ତା'ର ବହୁ କଳାକାରନାମା ପଦାକୁ ଆସିଥିଲା । କ୍ରାଇମ୍‌ବ୍ରାଞ୍ଚ ଛାନ୍‌ଭିନ୍ କରି ଜାଣିବାକୁ ପାଇଥିଲା ଯେ ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ବୁଖାରୀର ଲିଙ୍କ୍ ଅଛି । ଏହି ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା । ତେବେ ଏ ସଂପର୍କରେ 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ । ଏହାର ସଠିକ୍ ତଦନ୍ତ କରିବାକୁ ସେ କମିସନ୍‌ଙ୍କୁ ଗୁହାରି କରିଥିଲେ । ତେଣୁ ଏହି ସମ୍ବେଦନଶୀଳ ଘଟଣାରେ କମିସନ୍ ହସ୍ତକ୍ଷେପ କରି ତଦନ୍ତ ପାଇଁ ସ୍ପେଶାଲ ଟିମ୍ ଗଠନ କରିଥିଲେ । ତଦନ୍ତ କରିବାକୁ ଗତବର୍ଷ ଡିସେମ୍ବର ୧୭ରେ ଏନ୍‌ଏଚ୍‌ଆରସି ମାମଲା ରୁଜୁ କରିଥିଲେ । 'ନ୍ୟାୟ ପାଇଁ ଲଢ଼େଇ ପରିବାର'ର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରିଥିଲେ । ଯେଉଁ ଆଧାରରେ ଯେଉଁ ଆଧାରରେ ଏନ୍‌ଏଚ୍‌ଆର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କଲେ ମନୋରମା ମହାନ୍ତି



**ଭୁବନେଶ୍ୱର, ୧୬ ।୧(ସମିସ):** ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ନିର୍ଦ୍ଦେଶକ ଭାବେ ଡ. ମନୋରମା ମହାନ୍ତି ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଗୁଜରାଟ ଅହମ୍ମଦାବାଦସ୍ଥିତ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଡ. ମହାନ୍ତିଙ୍କର ନିକଟରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରକୁ ବଦଳି ହୋଇଥିଲା । ମଙ୍ଗଳବାର ସେ ବିଧିବଦ୍ଧ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ସବୁ ଲୋକଙ୍କ ପାଖରେ ପାଣିପାଗ ସମ୍ପର୍କିତ ଠିକ ତଥ୍ୟ ପହଞ୍ଚାଇବା କେନ୍ଦ୍ରର ପ୍ରଥମ ଲକ୍ଷ୍ୟ ହେବ ବୋଲି ଡ. ମହାନ୍ତି କହିଛନ୍ତି । ଡ. ମହାନ୍ତି ଆରବସାଗରର ସୃଷ୍ଟି ହୋଇଥିବା ଏକାଧିକ ଶକ୍ତିଶାଳୀ ବାତ୍ୟା ସମ୍ପର୍କରେ ସଠିକ୍ ଗତିପଥ ଓ ତୀବ୍ରତା ଆକଳନ କରିବାରେ ଅଭିଜ୍ଞତା ରଖିଛନ୍ତି ।

## ୧୬ ବଜ୍ରକାପ୍ତା କାତି ଜବତ, ୫ ଗିରଫ

**ନବରଙ୍ଗପୁର,୧୬ ।୧(ସମିସ):** ନବରଙ୍ଗପୁର ବନାଞ୍ଚଳ ଅଧୀନସ୍ଥ ତାରାଗାଁ କାଜୁବାଡରେ ବଜ୍ରକାପ୍ତା କାତି ବେପାର କରୁଥିବା ବେଳେ ବନ ବିଭାଗ ଚଢ଼ଉ କରି ୧୬ ଗୋଟି ବଜ୍ରକାପ୍ତା କାତି ସହ ୫ ମୋବାଇଲ, ୪ଟି ବାଇକ୍ ଜବତ କରିଛି । ଏହି ବେଆଇନ କାରବାର ଅଭିଯୋଗରେ ବନବିଭାଗ ୫ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିମାନେ ହେଲେ, କୋରାପୁଟ ଜିଲ୍ଲାର ତଳଲିମିକା ଗାଁର ରାମଚନ୍ଦ୍ର ମୁଦୁଲି, କେଲାଗୁଡା ଗାଁର ଲଳିତ ଭତ୍ରା, ମଦେଇଗୁଡା ଗ୍ରାମର ମଙ୍ଗୁଲୁ ଜାନୀ, ବଙ୍ଗଳାଗୁଡା ଗ୍ରାମର ଦୁର୍ଯ୍ୟୋଧନ ଗୌଡ଼ ଓ ବଣ୍ଡାମାଳିଗୁଡ଼ା ଗ୍ରାମର ଟଙ୍କଧର ଭୋଇ । ଏହି ବଜ୍ରକାପ୍ତା କାତି ବୋରିଗୁମ୍ମା ଅଞ୍ଚଳରୁ ଅଣାଯାଇଥିବା ବେଳେ ୪ ଲକ୍ଷ ୮୦ ହଜାର ଟଙ୍କାରେ ବିକ୍ରି ହୋଇଥାନ୍ତା ବୋଲି ଡିଏଫଓ ଶୁଭେନ୍ଦୁ ବେହେରା ପ୍ରକାଶ କରିଛନ୍ତି । ଏହି ଚଢ଼ଉରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବଟକୃଷ୍ଣ ମିଶ୍ର, ସହ ବନସଂରକ୍ଷକ ମନସୁନ୍ ଖେମୁଣ୍ଡୁ, କୋଡିଗାଁ ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନନ୍ଦ, ନବରଙ୍ଗପୁର ରେଞ୍ଜର ଗୋପିନାଥ ସାହୁ, ନବରଙ୍ଗପୁର ଥାନା ଏସ୍‌ଆଇ ଦେବାଶିଷ ସାହୁ, ବନପାଳ ଏ. ବୈରାଗୀ, ଗୋବିନ୍ଦ ନାୟକ, ହରିହର ବ୍ରହ୍ମା, ପ୍ରଭାତ ବିଷୋୟୀ, କାମାକ୍ଷା ପ୍ରସାଦ ସ୍ୱାଇଁ, ରମେଶ ବିଷୋୟୀ, ଲାଲୁ ବିଷୋୟୀ, ଭବାନୀ ବିଷୋୟୀ, ଦୀପକ ପ୍ରଧାନ, ଶୁଭାଶିଷ ନାୟକ, ଉମାଶଙ୍କର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅଭିଯୁକ୍ତକୁ ଥାର୍ଡଡିଗ୍ରୀ: ୩ ପୁଲିସ ବଦଳି

**ନନ୍ଦପୁର, ୧୬ ।୧ (ସମିସ):** ଥାର୍ଡ ଡିଗ୍ରୀ ଦେବା ଅଭିଯୋଗରେ କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନାର ତିନି କର୍ମଚାରୀଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଥାନା ଅଧିକାରୀଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି । ମାଛକୁଣ୍ଡର ଜଣେ ବ୍ୟବସାୟୀ ପି. ଶିବାଙ୍କୁ ଥାର୍ଡ ଡିଗ୍ରୀ ଦେଇ ଲହୁଲୁହାଣ କରିଥିବା ନେଇ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନାଙ୍କ ନିକଟରେ ନିଜେ ପୀଡ଼ିତ ଅଭିଯୋଗ କରିଥିଲେ । ଏହି ଘଟଣାରେ ଲମତାପୁଟ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନୀ, କନଷ୍ଟେବଲ ଭୁବନ ନାୟକ ଓ ହାବିଲଦାର ଜଗଦୀଶ ବାଘଙ୍କୁ କୋରାପୁଟ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି ।


**PRAYASH VIDYAMANDIR**
TANDARA, KOREI, JAJPUR

Join Us ! WE ARE HIRING

PRAYASH VIDYA MANDIR a CBSE school committed to academic excellence, state-of-the-art facilities with an outstanding learning environment, invites APPLICATION from trained and experienced candidates with bright academic career, proficiency in co-curricular activities, proficiency in computer, excellent communication skills for the following posts.

**TEACHING**
1. PGT/TGT: All subjects
2. ART & CRAFT TEACHER
3. DANCE / MUSIC TEACHER (FEMALE)
4. YOGA TEACHER
5. IT/COMPUTER SCIENCE TEACHER

**PRINCIPAL/VICE-PRINCIPAL**

**NON-TEACHING**
1. Front office Executive / Receptionist
2. Librarian
3. Data Entry Operator / DTP
4. Lab Assistant
5. Nurse
6. Hostel Warden / Supervisor
7. Student Counsellor
8. HR Manager

Qualification & Experience strictly as per CBSE Norms. *Salary as per the Central Government [Kendriya Vidyalaya/ Navodaya Vidyalaya Samiti (NVS)] Scale.* Eligible candidates may apply by sending their BIODATA/ Resume to *vidyamandirprayash@gmail.com* on or before 30/01/2024. Only shortlisted candidates will be called for interview.



**ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ**
ଶିକ୍ଷା ସୌଧ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ସଂଖ୍ୟା : ୯୨୭ ତାରିଖ: ୧୬.୦୧.୨୦୨୪

**କନିଷ୍ଠ ଶିକ୍ଷକ (Schematic)-2023 ପାଇଁ ଆବେଦନ କରି Computer Based Test(CBT) ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀ ମାନଙ୍କ ନିମନ୍ତେ ବିଶେଷ ସୂଚନା !**

ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର Resolution No.20336 dtd.22.08.2023 ଅନୁଯାୟୀ ୨୦,୦୦୦ କନିଷ୍ଠ ଶିକ୍ଷକ (Schematic)-2023 ନିଯୁକ୍ତ ନିମନ୍ତେ ତା. ୧୫.୦୧.୨୦୨୪ରିଖରେ କନିଷ୍ଠ ଶିକ୍ଷକ (Schematic)-2023 ପାଇଁ Computer Based Test(CBT) ପରୀକ୍ଷା ହୋଇଥିବାର ଫଳାଫଳ (Provisional Draft Merit List) ଓସେପା ୱେବ ସାଇଟ୍ osepa.odisha.gov.in ରେ ପ୍ରକାଶିତ ହୋଇଯାଇଛି ।

- ସମସ୍ତ Computer Based Test(CBT) ପରୀକ୍ଷା ଦେଇଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ସେମାନେ ସେମାନଙ୍କର Roll Number ଓ Application ID ଦେଇ ଓସେପା ୱେବ ସାଇଟ୍ osepa.odisha.gov.in ରେ ନିଜନିଜର Result Search କରନ୍ତୁ ଏବଂ ଆବଣ୍ଟିତ ହୋଇଥିବା ଜିଲ୍ଲାର ନାମକୁ ପରଖି ନିଅନ୍ତୁ ।
- Original document verification ପ୍ରାର୍ଥୀ ଏବଂ ପ୍ରାର୍ଥିନୀମାନଙ୍କ ଆବଣ୍ଟିତ ଜିଲ୍ଲାସ୍ତରରେ ଅନୁଷ୍ଠିତ ହେବ । Category-I ର ସମସ୍ତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ତା୨୦.୦୧.୨୦୨୪ରିଖରେ Original document verification କରାଯିବ ଓ ସେହିଭଳି Category-II ର ସମସ୍ତ ବର୍ଗର ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କ ନିମନ୍ତେ ତା ୨୧.୦୧.୨୦୨୪ରିଖରେ Original document verification କରାଯିବ ।
- ଏ ସମ୍ବନ୍ଧୀୟ ସବିଶେଷ ସୂଚନା ଓସେପା ୱେବ ସାଇଟ୍ osepa.odisha.gov.in ରେ ଦିଆଯାଇଅଛି । ଆଗକୁ ଯେଉଁ ସବୁ ସୂଚନା ଦିଆଯିବ ତାହା ବି ଓସେପା ୱେବ ସାଇଟ୍‌ରେ ଉପଲବ୍ଧ ହେବ ।
- Document verification ସମୟରେ ଆପଣମାନେ ଆପଣଙ୍କର ବୈଧ ପ୍ରମାଣପତ୍ର ଗୁଡ଼ିକୁ ଯାଞ୍ଚ ଅଧିକାରୀଙ୍କୁ ଦେଖାଇବେ ଏବଂ ସମସ୍ତ ପ୍ରମାଣପତ୍ରର ଏକ ସେଟ୍ Xerox copy self-attested କରି ଯାଞ୍ଚ ଅଧିକାରୀଙ୍କୁ ପ୍ରଦାନ କରିବେ । ଏତଦ୍‌ବ୍ୟତୀତ ୨ ଗୋଟି recent passport size photo ମଧ୍ୟ ପ୍ରଦାନ କରିବେ ।
- ନିର୍ଦ୍ଧାରିତ ଦିନମାନଙ୍କରେ ସମସ୍ତେ ନିଜ ନିଜର Original Certificate ଗୁଡ଼ିକୁ ଯାଞ୍ଚ କରାଇ ନେବେ । ଧାର୍ଯ୍ୟ ଦିବସରେ ଯଦି କୌଣସି ପ୍ରାର୍ଥୀ ଓ ପ୍ରାର୍ଥନୀ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କର ପ୍ରାର୍ଥୀତ୍ୱକୁ ବିଚାରକୁ ନିଆଯିବ ନାହିଁ ଓ ତାଙ୍କର ନାମକୁ Provisional Draft Merit List ରୁ ବାଦ ଦିଆଯିବ । ଏଥିପାଇଁ ଅନ୍ୟ କୌଣସି ଦିନ ଧାର୍ଯ୍ୟ କରାଯିବ ନାହିଁ ।
- Original Document verification ସମ୍ବନ୍ଧୀୟ ସବିଶେଷ ତଥ୍ୟ ପାଇଁ ଓସେପା ୱେବ ସାଇଟ୍ osepa.odisha.gov.in ରେ ଦିଆଯାଇଥିବା Link Recruitment of Junior Teacher (Schematic)-2023 କୁ click କରନ୍ତୁ ।
- ଉପରୋକ୍ତ ପ୍ରକ୍ରିୟା ନିମନ୍ତେ କୌଣସି ପତ୍ର ବିନିମୟ ହେବ ନାହିଁ କିମ୍ବା ଯଦି କୌଣସି ପ୍ରାର୍ଥୀ ଓ ପ୍ରାର୍ଥିନୀ ଧାର୍ଯ୍ୟ ଦିବସ ପରେ ଯାଞ୍ଚ ପାଇଁ ଅନୁରୋଧ କରନ୍ତି, ତେବେ ତାଙ୍କର ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ।
- ଏହି ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛ ଓ ସମ୍ପୂର୍ଣ୍ଣ ରୂପେ ନିରପେକ୍ଷ ଭାବରେ ସଂପାଦନ ହେଉଅଛି ।
- ଯଦି ଆପଣମାନଙ୍କୁ କୌଣସି ବ୍ୟକ୍ତି ବିଶେଷ ମିଥ୍ୟା ପ୍ରଲୋଭନ, ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦିଅନ୍ତି ଓ ଏଥିପାଇଁ ଟଙ୍କା ଦାବୀ କରନ୍ତି କିମ୍ବା ପ୍ରବର୍ତ୍ତାଇଥାନ୍ତି, ତାହା ହେଲେ ଆପଣମାନେ ତୁରନ୍ତ ନିକଟସ୍ଥ ପୋଲିସ୍ ଷ୍ଟେସନ ସହିତ ଯୋଗାଯୋଗ କରନ୍ତୁ । ଏ ସମ୍ବନ୍ଧରେ ସମସ୍ତ ପୋଲିସ୍ ଷ୍ଟେସନକୁ ସୂଚିତ କରାଯାଇଛି ।
- ତେଣୁ ସମସ୍ତଙ୍କୁ ବିଶେଷ ଅନୁରୋଧ କରାଯାଉଅଛି କି ଯେ, ଓସେପା ୱେବ ସାଇଟ୍ osepa.odisha.gov.in ରେ ଉପଲବ୍ଧ Draft Provisional Merit List କୁ ଭଲ ଭାବରେ Search କରାଇ ନିଅନ୍ତୁ ଓ ଧାର୍ଯ୍ୟ ଦିବସରେ ଉପସ୍ଥିତ ରହି ନିଜ ନିଜର Original Certificate ଯାଞ୍ଚ କରାଇ ନିଅନ୍ତୁ ।

ଆସନ୍ତୁ, ଆମେ ସାବଧାନ ହେବା, ଏକ ସ୍ୱଚ୍ଛ ଓ ନିରପେକ୍ଷ ନିଯୁକ୍ତି ପ୍ରକ୍ରିୟାରେ ଅଂଶୀଦାର ହେବା ଓ ସବିଶେଷ ସୂଚନା ପାଇଁ ଅବିରତ ଭାବେ OSEPA website କୁ ସଦାସର୍ବଦା login କରିବା ।

ସ୍ୱା/-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓସେପା

DSPL-548 OIPR - 27068/13/0048/2324





# ଖୋଲିଲା ହୋଟେଲ୍ ମାଲିକଙ୍କ ହତ୍ୟା ରହସ୍ୟ

**ଭୁବନେଶ୍ୱର, ୧୬ ।୧(ସମିସ):**

ହୋଟେଲ ମାଲିକ ବିଶ୍ୱଜିତ ନାୟକ ହତ୍ୟାକାଣ୍ଡ ଉପରୁ ପରଦା ହଟିଛି । ପଦାକୁ ଆସୁଛି ଚାଞ୍ଚଲ୍ୟକର ତଥ୍ୟ । ପୂର୍ବରୁ ଏକ ଡବଲ୍ ମର୍ଡର ମାମଲାରେ ୧୨ ବର୍ଷ ସଜା କାଟିଥିବା ମହିଳା ହିଁ ବିଶ୍ୱଜିତ୍‌କୁ ହତ୍ୟା କରିଥିବା ଜଣାପଡ଼ିଛି । ହତ୍ୟାରେ ସମ୍ପୃକ୍ତି ରହିଥିବା ମହିଳାକୁ ପୁରୀରୁ ଗିରଫ କରିଛି ବାଲିଅନ୍ତା ଥାନା ପୁଲିସ । ଗିରଫ ମହିଳା ହେଲେ ଝାରସୁଗୁଡ଼ାର ସୁଙ୍କି ରଣା (୩୬) । ହତ୍ୟାକାଣ୍ଡ ବେଳେ ସେ ପିନ୍ଧିଥିବା ବସ୍ତ୍ର, କାଠଫାଳିଆ ଓ ଦୁଇଟି ମୋବାଇଲ୍



## ● ପୁରୀରୁ ମହିଳା ଗିରଫ; କାଠଫାଳିଆ ଜବତ
## ● ୧୯ ବର୍ଷରେ ୩ ଜଣଙ୍କୁ ହତ୍ୟା କରିଛି ସୁଙ୍କି

ଫୋନ୍ ଜବତ କରିଛି ପୁଲିସ । ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠ ଫାଳିଆକୁ ଜବତ କରି ଫୋରେନ୍‌ସିକ ଟେଷ୍ଟ ଲାଗି ପଠାଯାଇଛି । ଆବଶ୍ୟକ ପଡ଼ିଲେ ସୁଙ୍କିକୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି । ସେହିପରି ବିଶ୍ୱଜିତକୁ ହତ୍ୟା କରିବା ପୂର୍ବରୁ ଆଉ ଏକ ଡବଲ୍ ମର୍ଡର ଘଟଣାରେ ସୁଙ୍କିର ସମ୍ପୃକ୍ତି ଥିବା ଜଣାପଡ଼ିଛି । ୨୦୦୫ ମସିହାରେ ନିଜ ଯାଆ ସମେତ ୧୩ ମାସର ପିଲାକୁ ହତ୍ୟା କରି ୧୨ ବର୍ଷ ସଜା କାଟିଛି । ୧୯ ବର୍ଷରେ ୩ଟି ହତ୍ୟା ମାମଲା ଘଟାଇଛି ସୁଙ୍କି । ହିତାହିତ ଜ୍ଞାନ ହରାଇ ସୁଙ୍କି ଏପରି ଦୁଇଟି ନିର୍ମମ ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ଆଗରେ ସ୍ୱୀକାର କରିଛି ।

### ଆଶ୍ରମ ଯିବାକୁ ବାରଣ କରିବାରୁ ହତ୍ୟା

ଜଘନ୍ୟ ହତ୍ୟାକାଣ୍ଡରେ ୧୨ ବର୍ଷ ଧରି ରାଜ୍ୟର ବିଭିନ୍ନ ଜେଲରେ ସୁଙ୍କି ସଜା କାଟିବା ପରେ ମୁକୁଳିଥିଲା । ଜେଲରୁ ମୁକୁଳିବା ପରେ ସେ ସିଧା ପୁରୀ ପଳାଇ ଚକ୍ରତୀର୍ଥ ରୋଡରେ ଥିବା ଶଙ୍କଟମୋଚନ ସେବାଶ୍ରମରେ ୪ବର୍ଷ ରହି ବିଭିନ୍ନ ଲୋକଙ୍କୁ ସେବା ଯୋଗାଇ ଭାବ ଓ ଭକ୍ତିରେ ରହୁଥିଲେ । ସୁଙ୍କି ରହୁଥିବା ଆଶ୍ରମକୁ ବିଶ୍ୱଜିତଙ୍କ ମାଆ ନିଶାମଣି ନାୟକ ଅନେକ ସମୟରେ ଚିକିତ୍ସା ଲାଗି ଯାଉଥିଲେ । ବିଶ୍ୱଜିତ ତାଙ୍କ ମାଆଙ୍କ ନିକଟକୁ ଯିବା ଆସିବା କରୁଥିବାରୁ ସୁଙ୍କିଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ପରେ ଉଭୟଙ୍କ ସମ୍ପର୍କ ଧୀରେ ଧୀରେ ଘନିଷ୍ଠ ହୋଇଥିଲା । ସୁଙ୍କି କ୍ରମଶଃ ବିଶ୍ୱଜିତ ରହୁଥିବା ହୀରାପୁରସ୍ଥିତ ଘରକୁ ଯିବା ଆସିବା କରୁଥିଲା । କିନ୍ତୁ ଆଶ୍ରମରେ ନିଜ ଘର ଝାରସୁଗୁଡ଼ାକୁ ଯାଉଛି ବୋଲି ଦର୍ଶାଉଥିଲା । ବିଶ୍ୱଜିତଙ୍କ ଘରେ ୨ରୁ ୩ଦିନ ରହିବା ପରେ ସୁଙ୍କିର ଆଶ୍ରମ ପ୍ରତି ଶ୍ରଦ୍ଧା ଓ ଆସ୍ଥା ରହିଥିବାରୁ ପୁଣି ପୁରୀ ପଳାଉଥିଲା । ଗତ ଡିସେମ୍ବର ୩୦ରେ ବିଶ୍ୱଜିତଙ୍କ ଘରକୁ ସୁଙ୍କି ଆସି ରହିଥିଲା । ପୁରୀ ନ ଫେରିବାରୁ ଆଶ୍ରମ ପକ୍ଷରୁ ସୁଙ୍କିକୁ ଯୋଗାଯୋଗ କରିବା ସହ ବାରମ୍ବାର ଫୋନ୍ କରି ଡାକୁଥିଲେ । ଏପଟେ କିନ୍ତୁ ସୁଙ୍କିକୁ ଛାଡ଼ିବାକୁ ରାଜି ନ ଥିଲେ ବିଶ୍ୱଜିତ୍ । ଆଶ୍ରମରେ ସୁଙ୍କିଙ୍କ ମିଛ ଧରାପଡ଼ିଯିବା ଭୟରେ ପୁରୀ ଫେରିଯିବାକୁ ଜିଦ୍ ଧରିଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହେଉଥିଲା । ଗତ ୧୨ ତାରିଖ ଦିନବେଳା ଉଭୟ ବାଲିଅନ୍ତାସ୍ଥିତ ଘରେ ଥିବା ବେଳେ ସେମାନଙ୍କ ଝଗଡ଼ା ଉଗ୍ର ରୂପ ଧାରଣ କରିଥିଲା । ଏଥିରେ ନିଜ ହିତାହିତ ଜ୍ଞାନ ହରାଇ ବସି ସୁଙ୍କି ଏକ କାଠ ଫାଳିଆରେ ବିଶ୍ୱଜିତ ମୁଣ୍ଡକୁ ବାରମ୍ବାର ପିଟିବାକୁ ଲାଗିଥିଲା । ବିଶ୍ୱଜିତ୍ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ସେ ତଳେ ପଡ଼ି ଯାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା ।

### ଶବ ସହ ୪ ଘଣ୍ଟା

ଗତ ୧୨ ତାରିଖ ଦିନ ୩ଟାରେ ବିଶ୍ୱଜିତ୍‌କୁ ହତ୍ୟା କରିବା ପରେ ମୃତଦେହରେ ଏକ କମଳ ଘୋଡ଼ାଇ ପ୍ରାୟ ୪ ଘଣ୍ଟା ପାଖରେ ବସି ରହିଥିଲା । ସନ୍ଧ୍ୟା ୬ଟାରେ ସୁଙ୍କି ଏକ ଅଟୋ ଭଡ଼ା କରି ପୁରୀକୁ ପଳାଇଥିଲା । ସେଠାରେ ରହୁଥିବା ଆଶ୍ରମରେ ରହି ପୂର୍ବବତ୍ ସେବା ଆରମ୍ଭ କରି ଦେଇଥିଲା ସୁଙ୍କି । ସେପଟେ ସୁଙ୍କିର ପୁରୁଣା ଅପରାଧ ରେକର୍ଡ ବିଷୟରେ ଅବଗତ ନ ଥିଲେ ଆଶ୍ରମ କର୍ତ୍ତୃପକ୍ଷ । ଆଶ୍ରମରେ ମିଛ କହି ସୁଙ୍କି ଦୀର୍ଘବର୍ଷ ହେବ ରହି ଆସୁଥିଲେ ବୋଲି ଆଶ୍ରମ କର୍ତ୍ତୃପକ୍ଷ କହିଛନ୍ତି ।

### ଧରାଇଦେଲା ବିଶ୍ୱଜିତ୍‌ଙ୍କ ଫୋନ୍

ହତ୍ୟାକାଣ୍ଡର ପରଦିନ ପରେ ବିଶ୍ୱଜିତ୍‌ଙ୍କ ଘରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଠାବ କରିଥିଲା ବାଲିଅନ୍ତା ଥାନା ପୁଲିସ । ମୃତଦେହକୁ ଜବତ କରି ହସ୍ପିଟାଲ ପଠାଇଥିଲା ପୁଲିସ । ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲା । ଘଟଣାସ୍ଥଳରୁ କିଛି ବି ସୁରାକ୍ ମିଳି ନ ଥିଲା । କେବଳ ବିଶ୍ୱଜିତଙ୍କ ଘରକୁ ଜଣେ ମହିଳା ଆସୁଥିବାର ପ୍ରମାଣ ମିଳିଥିଲା । କିନ୍ତୁ ହତ୍ୟା ପରଠୁ ସେ ଫେରାର ହୋଇ ଯାଇଥିଲେ । ଏପରିକି ବିଶ୍ୱଜିତଙ୍କ ଫୋନ୍ ଗାଏବ୍ ହୋଇଯାଇଥିବାରୁ ସନ୍ଦେହ ଆହୁରି ବଢ଼ିଯାଇଥିଲା । ତେବେ ବିଶ୍ୱଜିତଙ୍କୁ ହତ୍ୟା କରିବା ପରେ ସେ ବ୍ୟବହାର କରୁଥିବା ମୋବାଇଲ ଫୋନ୍‌କୁ ସାଥୀରେ ନେଇ ପୁରୀ ପଳାଇଥିଲେ ସୁଙ୍କି । ଉକ୍ତ ଫୋନ୍‌କୁ ଟ୍ରାକିଂ କରିବା ସହ ଆଉ କିଛି ପ୍ରମାଣ ଆଧାରରେ ପୁରୀର ଆଶ୍ରମରୁ ସୁଙ୍କିକୁ କାବୁ କରିଥିଲା କମିସନରେଟ୍ ପୁଲିସ ।

### ଡବଲ୍ ମର୍ଡର ଘଟଣାରେ ଭୋଗିଛି ୧୨ ବର୍ଷ ଜେଲ୍‌ଦଣ୍ଡ

ସୁଙ୍କିର ଘର ଝାରସୁଗୁଡ଼ା ସିଙ୍ଗାପୋକା ଗାଁରେ । ସୁଙ୍କି ସେଇ ଅଞ୍ଚଳରେ ଜଣେ ଯୁବକଙ୍କୁ ମଧ୍ୟ ବିବାହ କରିଥିଲେ । ସୁଙ୍କିକୁ ବିବାହ କରିଥିବା ଯୁବକ ଅନ୍ୟ ଜଣେ ଯୁବତୀଙ୍କୁ ପୂର୍ବରୁ ପ୍ରେମ କରୁଥିଲେ । କୌଣସି କାରଣବଶତଃ ଉକ୍ତ ଯୁବତୀଙ୍କୁ ବିବାହ ନ କରି ଉକ୍ତ ବ୍ୟକ୍ତି ସୁଙ୍କିକୁ ବିବାହ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଯୁବତୀ ଜଣକ ସୁଙ୍କି ସ୍ୱାମୀଙ୍କ ବଡ଼ଭାଇକୁ ବିବାହ କରିଥିଲେ । ଏଇ ହିସାବରେ ଉକ୍ତ ଯୁବତୀ ସୁଙ୍କିଙ୍କ ସ୍ୱାମୀଙ୍କ ଭାଉଜ ହୋଇଥିଲେ । ନିଜ ସ୍ୱାମୀ ସହ ଭାଉଜର ଅନୈତିକ ସମ୍ପର୍କ ଥିବା ସୁଙ୍କି ସନ୍ଦେହ କରିଥିଲେ । ପରବର୍ତ୍ତୀ ସମୟରେ ସେ ନିଜ ଯାଆ ଓ ଯାଆର ୧୩ ମାସର ପିଲାକୁ ଅତି ନିର୍ମମ ଭାବେ ହତ୍ୟା କରିଥିଲା । ଏହି କାଣ୍ଡରେ ୨୦୦୫ ମସିହାରେ ସେ ଜେଲ୍ ଯାଇଥିଲା । ଏହି ମାମଲାରେ ସୁଙ୍କି କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ୧୨ ବର୍ଷ ଜେଲ୍‌ରେ ରହିଥିଲେ ।

## ● ୬୮ ଏକର ଜମି ଜବରଦଖଲ ମାମଲା

# ଜଗିବେ ସୁରକ୍ଷାକର୍ମୀ ଲାଗିବ ସାଇନ୍ ବୋର୍ଡ

**ଭୁବନେଶ୍ୱର, ୧୬।୧(ସମିସ):** ଶ୍ୟାମପୁର ମୌଜାର ୬୮ଏକର ଜମି ଜବରଦଖଲ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଡିଏ ଅଣ୍ଟାଭିଡ଼ିଥିବାବେଳେ ଆଗକୁ ଆହୁରି ନୂଆ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାପଡ଼ିଛି । ଏହା ବିଡିଏର ଜମି, କୌଣସି ଘରୋଇ ଲୋକର ଜମି ନୁହେଁ ବୋଲି ସାଇନ୍‌ବୋର୍ଡ ଲାଗିବ । ସରକାରଙ୍କ ସମ୍ପତ୍ତି ହୋଇଥିବାରୁ ଏଠାରେ ପ୍ରବେଶ କରିବା ଦଣ୍ଡନୀୟ ଅପରାଧ ବୋଲି ବିଡିଏ ପକ୍ଷରୁ ବୋର୍ଡ ମରାଯିବ । ଏହାସହ ଜମିକୁ ସୁରକ୍ଷା ଦେବାକୁ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ୪ଜଣ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ । ଜବରଦଖଲ କରିବାକୁ ଆସିବା ମାତ୍ରେ ସୁରକ୍ଷାକର୍ମୀ ଜବରଦଖଲକାରୀଙ୍କୁ ରୋକିବା ସହ ବିଡିଏକୁ ଖବର ଦେବେ । ବିଡିଏ ପକ୍ଷରୁ ଏ ନେଇ ଏକ ନିର୍ଦ୍ଦେଶନାମା ଜାରି ହୋଇଛି । ବିଡିଏ ସଚିବଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ନିର୍ଦ୍ଦେଶନାମାକୁ ଅପାତକାଳୀନ ଭାବେ ଲାଗୁ କରିବା ଓ ଆବଶ୍ୟକ ସାଧନ ଯୋଗାଇ ଦେବା ଲାଗି ଉଲ୍ଲେଖ କରାଯାଇଛି । ସୂଚନାଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) କୁ ଶ୍ୟାମପୁର ମୌଜାରେ ୬୮ ଏକର ଜମି ଦେଇଛି । ଏଠାରେ ଆଫୋଡେବଲ ହାଉସିଂ ପ୍ରକଳ୍ପ କରି ଅଞ୍ଚଳ ବିକାଶ କରିବାକୁ ଯୋଜନା ରହିଛି । ହେଲେ ଏହି ସରକାରୀ ଜମିରେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ମୋଟ ୬୮ ଏକର ଜମିରୁ ପ୍ରାୟ ୧୦ ଏକର ଜମି ଉପରେ କିଛିଲୋକ ହାଇକୋର୍ଟରୁ ଷ୍ଟେ ଆଣିଛନ୍ତି । ଏଭଳି ଷ୍ଟେ'କୁ ହଟାଇବାକୁ ବିଡିଏ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯିବ ବୋଲି ଜଣାପଡ଼ିଛି । ଏ ନେଇ ଲିଗାଲ ସେଲ୍‌ଫ କାର୍ଯ୍ୟକରୁଥିବା ଜଣେ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷରେ ମଙ୍ଗଳବାର ବିଡିଏ ଟିମ୍ ଘଟଣାସ୍ଥଳ ପରିଦର୍ଶନରେ ଯାଇଥିଲା । ଏହି ଟିମ୍‌ରେ ଡେପୁଟି କମିସନର ଏନ୍‌ଫୋର୍ସମେଣ୍ଟ ଅରୁଣ କୁମାର ନାୟକଙ୍କ ସମେତ ଅନ୍ୟ ବିଡିଏ ଅଧିକାରୀ ଥିଲେ । ତେବେ ୯୫ରୁ ଊର୍ଦ୍ଧ୍ୱ ବେଆଇନ ନିର୍ମାଣ ହୋଇଥିବା ବିଡିଏ ଏନ୍‌ଫୋର୍ସ ମେଣ୍ଟ ଟିମ୍ ଜାଣିବାକୁ ପାଇଛି । ଦିନକୁ ଦିନ ନିର୍ମାଣ ବଢୁଥିବାରୁ ଏହାକୁ ରୋକିବାକୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଡିଏ ପକ୍ଷରୁ କୁହାଯାଇଛି ।

## ● ଆଜି ପରିକ୍ରମା ପ୍ରକଳ୍ପ ହେବ ଲୋକାର୍ପିତ

# ସବୁ ବନ୍ଦ; 'ରମାଦେବୀ' ଖୋଲା

**ଭୁବନେଶ୍ୱର, ୧୬ ।୧(ସମିସ):** ବୁଧବାର ପୁରୀଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି୧୭ ତାରିଖକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରୀ ଛୁଟି ଭାବରେ ଘୋଷଣା କରିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଏପରି ନିଷ୍ପତ୍ତିକୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଅଣଦେଖା କରିଥିବା ନେଇ ଛାତ୍ରୀ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ୧୭ ତାରିଖ ବିଶ୍ୱ ବିଦ୍ୟାଳୟ ଖୋଲାରହିବ ବୋଲି ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି । ନାକ୍ ପ୍ରସ୍ତୁତି, ଆନ୍ତଃ ବିଶ୍ୱବିଦ୍ୟାଳୟ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଏବଂ ସମ୍ମିଳନୀ ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟାଳୟ ଓ ବିଭାଗ ଖୋଲାରହିବ । ଅତଏବ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଆସନ୍ତାକାଲି ନିଜ ନିଜ କାର୍ଯ୍ୟରେ ଯୋଗ ଦେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମାରେ କହିଛନ୍ତି । କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତ୍ତିକୁ ନେଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଛାତ୍ରୀ ଏବଂ ଅଧ୍ୟାପକ । ତୁରନ୍ତ ଏପରି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି ।

# ଲକ୍ଷେ ଟଙ୍କା ଠକି ନେଲେ ସାଇବର ଠକ

**ଭୁବନେଶ୍ୱର, ୧୬ ।୧(ସମିସ):** ଅନ୍‌ଲାଇନ୍‌ରେ ଡ୍ରେସ୍ ଅର୍ଡର କରି ଜଣେ ଯୁବତୀ ୧ ଲକ୍ଷ ଟଙ୍କାର ସାଇବର ଠକାମିର ଶିକାର ହୋଇଛନ୍ତି । ଠକାମିର ଶିକାର ହୋଇଥିବା ରେବତୀ ବେଉରା ଏନେଇ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ରେବତୀ ଅନ୍‌ଲାଇନରେ ଡ୍ରେସ୍ ଅର୍ଡର କରିଥିଲେ । ଡ୍ରେସ୍ ଦାମ୍ ଅନୁସାରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିଲା । କିନ୍ତୁ ସମୟ ମଧ୍ୟରେ ତାଙ୍କ ପାର୍ସଲ ଆସିନଥିଲା । ସେ ଗୁଗଲରୁ ଉକ୍ତ ଅନ୍‌ଲାଇନ୍ ସଂସ୍ଥାର ଟୋଲ ଫ୍ରି ନମ୍ବର ସର୍ଚ୍ଚ କରିଥିଲେ । ସାଇବର ଠକ ଗୁଗଲରେ ଛାଡ଼ିଥିବା ଜାଲ୍ ନମ୍ବରକୁ ପାଇ ରେବତୀ ଫୋନ୍ କରିଥିଲେ । ଏହାପରେ ଠକ ବିଭିନ୍ନ ଆଳରେ ତାଙ୍କର ଓଟିପି ନେଇ ଏକ ଲକ୍ଷ ଟଙ୍କା ଲୁଟି ନେଇଯାଇଥିଲେ ।

# ଆକ୍ରମଣ ଘଟଣାରେ ଜଣେ ଗିରଫ



**ଧଉଳି, ୧୬।୧(ସମିସ):** ମରଣାନ୍ତକ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ । କେସ୍ ନମ୍ବର ୮/୧୮ରେ ସମ୍ପୃକ୍ତ ଥିବା ଏହି ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ଗିରଫ ବ୍ୟକ୍ତି ହେଲା ନୂଆଗାଁ ଜେନାସାହିର ମୁରୁଗଙ୍ଗ ଶେଖର ବଡ଼ଜେନା (୩୫) ଓରଫ୍ ବାବୁନି । ପୁଲିସ ସୂତ୍ରରୁ ପ୍ରକାଶଯେ, ଗତ ୪ତାରିଖ ସନ୍ଧ୍ୟାରେ ଅଭିଯୋଗକାରିଣୀଙ୍କ ପୁଅ ନିଜର ଅନ୍ୟ ବନ୍ଧୁମାନଙ୍କ ସହ ମିଶି ନାଥପୁର କ୍ଲବ୍ ସମ୍ମୁଖରେ ଥିବା ଚା' ଦୋକାନ ପିଣ୍ଡି ଉପରେ ବସିଥିବା ବେଳେ ଅଭିଯୁକ୍ତ ବାବୁନି ଏବଂ ତାଙ୍କ ସହଯୋଗୀମାନେ ସେଠାରେ ପହଞ୍ଚି ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଗଦା, ବନ୍ଧୁକ, ଲୁହାଛଡ଼ ତଥା ଅନ୍ୟାନ୍ୟ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ଫଳରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ବାମ ହାତ ଭାଙ୍ଗି ଯାଇ ଗୁରୁତର ଆହତ ହୋଇଥିଲେ । ଅଭିଯୁକ୍ତମାନେ ତାଙ୍କ ବେକରୁ ଏକ ସୁନା ଚେନ ସହିତ ପକେଟରେ ଥିବା ୮୫୦ ଟଙ୍କା ଲୁଟିନେଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ଅଭିଯୋଗକାରିଣୀ ଗୁରୁତର ପୁଅକୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ । ଏହି ମାମଲାରେ ଅଭିଯୁକ୍ତ ବାବୁନି ବିରୋଧରେ ଧଉଳି ଥାନା ପକ୍ଷରୁ କୋର୍ଟରେ ଚାର୍ଜସିଟ ହୋଇଥିବା ବେଳେ ସେ କୋର୍ଟରେ ହାଜର ନହୋଇ ୨୦୧୮ରୁ ଫେରାର ଥିଲା । ଫଳରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟର ବିଚାରପତି ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହିତ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଧଉଳି ଥାନା ପୁଲିସକୁ ଆଦେଶ ଦେଇଥିଲେ । ଏହି ଆଦେଶ ପାଇବା ପରେ, ଧଉଳି ଥାନା ପୁଲିସ ଚଢ଼ଉ କରି ବାବୁନିକୁ କାବୁ କରିବା ସହିତ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି ।

## ପାନ ଦୋକାନରେ ଗଞ୍ଜେଇ କାରବାର

# ୮ କେଜି ଗଞ୍ଜେଇ ସିଗାରେଟ୍ ଜବତ; ବ୍ୟବସାୟୀ ଗିରଫ

**ଭୁବନେଶ୍ୱର, ୧୬ ।୧(ସମିସ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ କଲେଜ ନିକଟ ଏକ ପାନ ଦୋକାନରେ ଗଞ୍ଜେଇ ବିକ୍ରି କରାଯାଉଥିବା ନେଇ ଅଭିଯୋଗ ପାଇବା ପରେ ଅବକାରୀ ବିଭାଗ ଚଢ଼ଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ସୁକାନ୍ତ ଦାସ । ତା' ନିକଟରୁ ଅବକାରୀ ବିଭାଗ ୮ କେଜି ୨୦୦ ଗ୍ରାମ ଓଜନର ଗଞ୍ଜେଇ ସିଗାରେଟ୍ ଓ ନଗଦ ୩୬ ହଜାର ୮୪୦ ଟଙ୍କା ଜବତ କରିଛି । ସୁକାନ୍ତକୁ ହେପାଜତରେ ରଖି ଜେରା କରିବା ପରେ ଅଦାଲତ ଚାଲାଣ କରିଛି ବୋଲି କହିଛନ୍ତି ଅବକାରୀ ଇନ୍ସପେକ୍ଟର ବିକାଶ କୁମାର ନାୟକ । ଦୀର୍ଘବର୍ଷ ହେବ ଏଠାରେ ଗଞ୍ଜେଇ କାରବାର କରୁଥିଲା । ଗତ ୨୦୨୩ରେ ଗଞ୍ଜେଇ କାରବାର୍ ଅଭିଯୋଗରେ ସୁକାନ୍ତର ସ୍ତ୍ରୀକୁ ଅବକାରୀ ବିଭାଗ ଗିରଫ କରିଥିଲା ।

### କୋଡ୍ ୱାର୍ଡରେ ଚାଲିଥିଲା କାରବାର

ସୁକାନ୍ତ ନାମକୁ ମାତ୍ର ପାନ ଦୋକାନ କରିଥିଲା । ଭିତରେ ଗଞ୍ଜେଇ ବ୍ୟବସାୟ ଚାଲିଥିଲା । ଦୋକାନରେ ଛାତ୍ରମାନଙ୍କ ଗହଳି ଜମୁଥିଲା । ବାବା ଓ ଗୋଗୋ କୋଡ୍‌ରେ ଗଞ୍ଜେଇ ସିଗାରେଟ ବିକୁଥିଲା ସୁକାନ୍ତ । ବାବା ହାଲକା ନିଶା ରହୁଥିଲା । 'ବାବା' ସିଗାରେଟ୍‌କୁ ସେ ଗୋଟିକୁ ୧୦୦ ଟଙ୍କାରେ ବିକ୍ରି କରୁଥିଲା । ସେହିପରି ଅନ୍ୟଟି ହେଲା 'ଗୋଗୋ' । ଏହାକୁ ସେ ୨୦୦ ଟଙ୍କାରେ ବିକ୍ରି କରୁଥିଲା । ବିଶେଷକରି ଏହି ସିଗାରେଟ୍‌କୁ ଛାତ୍ରମାନେ ନେଉଥିଲେ । ସେଥିଲାଗି ସେ ଏକ ଶିକ୍ଷାନୁଷ୍ଠାନ ପାଖରେ ନିଶା ବ୍ୟବସାୟ ଚଳାଇଥିଲା । ପ୍ରତ୍ୟେକ ଦିନ ସେ ୫୦ଟିରୁ ଅଧିକ ସିଗାରେଟ ବିକ୍ରି କରୁଥିଲା । ଗଞ୍ଜେଇ କେଜି ପ୍ରତି ୩ରୁ ୪ ହଜାର ଟଙ୍କାରେ ଆଣୁଥିଲା । ଏହାକୁ ସେ ସିଗାରେଟ୍ କରି ୧ କେଜିକୁ ପ୍ରାୟ ୧୫ ହଜାର ଟଙ୍କାରେ ବିକ୍ରି କରୁଥିଲା ।

## ଭଣ୍ଡ ଜ୍ୟୋତିଷ ଗିରଫ ମାମଲା | ବ୍ୟାଙ୍କ୍ କାରବାର ତଥ୍ୟ ମାଗିଲା ପୁଲିସ

**ଭୁବନେଶ୍ୱର, ୧୬ ।୧(ସମିସ):** ଭଣ୍ଡ ଜ୍ୟୋତିଷ ନୀଳାମ୍ବର ପାଣିର କାରନାମା ପଦାକୁ ଆସିବା ପରେ ତା ଆକାଉଣ୍ଟ କାରବାର ନେଇ ତଥ୍ୟ ଜାଣିବା ପାଇଁ ନୂଆପଲ୍ଲୀ ଥାନା ପୁଲିସ ବ୍ୟାଙ୍କ୍‌କୁ ଚିଠି ଲେଖିଛି । କେବଳ ବ୍ୟାଙ୍କ୍ ଆକାଉଣ୍ଟ ନୁହେଁ, ତାର ସମ୍ପତ୍ତି ସମ୍ପର୍କରେ ତଥଶ ମଗାଇଛି ପୁଲିସ । ତଥ୍ୟ ଆସିବା ପରେ ଅଭିଯୁକ୍ତ ନୀଳାମ୍ବରଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ପୁଲିସ କହିଛି । ନୀଳାମ୍ବର ସୋସିଆଲ ମିଡିଆକୁ ଅସ୍ତ୍ର ଭାବେ ବ୍ୟବହାର କରି ମହିଳା ଓ କଲେଜ ଛାତ୍ରୀଙ୍କୁ ଟାର୍ଗେଟ କରି ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୋସିଆଲ ମିଡିଆରେ ଭର୍ଚୁଆଲ୍ ପରାମର୍ଶ ଦେବା ନାଁରେ ନଗ୍ନ ଭିଡିଓ ରେକର୍ଡିଂ କରି ବ୍ଲାକମେଲ୍ କରୁଥିବା ନେଇ ମହିଳାମାନେ ତା ନାଁରେ ଅଭିଯୋଗ କରିଛନ୍ତି ।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବ୍ୟାସକବିଙ୍କ ଜୟନ୍ତୀ




**ଭୁବନେଶ୍ୱର, ୧୬।୧(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ସମାରୋହ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ଫକୀର ମୋହନଙ୍କ ସାମଗ୍ରିକ କୃତିତ୍ୱରେ ଓଡ଼ିଆ ସାହିତ୍ୟର ସମୃଦ୍ଧି ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଫକୀର ମୋହନଙ୍କ ଅସାଧାରଣ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିବା ସହ ଫକୀର ମୋହନଙ୍କ ଅବଦାନ ଯୋଗୁଁ ଆମ ସାହିତ୍ୟ କିଭଳି ଋଦ୍ଧିମନ୍ତ ହୋଇଛି । ସେ ବିଷୟରେ ଆଲୋଚନା କରିଥିଲେ । କୁଳସଚିବ ଅନାମିକା ଅଧିକାରୀ ବ୍ୟାସକବି ଫକୀର ମୋହନଙ୍କ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରୀତିକୁ ଛାତ୍ରଛାତ୍ରୀମାନେ ଅନୁକରଣ କରିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଡ଼ଃ. ଲଳିତ କୁମାର ଲେଙ୍କା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗ ମୁଖ୍ୟ ଡ଼ଃ. ଚକ୍ରଧର ବେହେରା ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହିତ୍ୟ ଏକାଡେମୀର 'କଥାସନ୍ଧି'

**ଭୁବନେଶ୍ୱର, ୧୬ ।୧(ସମିସ):** କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'କଥାସନ୍ଧି' କାର୍ଯ୍ୟକ୍ରମ ରୋଟାରୀ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଥାକାର ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଯୋଗଦେଇ ଗଳ୍ପପାଠ କରିଥିଲେ । ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୋଲକାତା କାର୍ଯ୍ୟାଳୟର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାଏକ ସଂଯୋଜନା କରିଥିଲେ । ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପବିତ୍ର ମୋହନ କର ଧନ୍ୟବାଦ ଦେଇଥିଲେ ।

## ଜୀବନକୁ ଆଖିଠାର

# ନକଲି ହେଲ୍‌ମେଟ୍‌ରେ ବଜାର ଭରା

**ଭୁବନେଶ୍ୱର, ୧୬।୧ (ସମିସ):**

ଆଇଏସ୍‌ଆଇ ଅଣସ୍ୱୀକୃତି ପ୍ରାପ୍ତ ହେଲ୍‌ମେଟ ବିକ୍ରି କରାଗଲେ ଲକ୍ଷେ ଟଙ୍କା ଜରିମାନା ସାଙ୍ଗକୁ ଏକ ବର୍ଷରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ବ୍ୟବହାର କଲେ ୨୦୦୦ ଟଙ୍କା ଦଣ୍ଡ ଗଣିବାକୁ ପଡ଼ିବା ନେଇ କେନ୍ଦ୍ର ସରକାର ୨୦୨୧ ଜୁନ ୧ ତାରିଖରେ ଏକ ଆଇନ ପାରିତ କରିଥିଲେ । କିନ୍ତୁ ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଲୋକେ ନିୟମ ଉଲ୍ଲଂଘନ କରି ମାଲ ମାଲ ବେନାମୀ ସଂସ୍ଥା ନକଲି ହେଲ୍‌ମେଟ କରୁଛନ୍ତି । ଫଳରେ ରାଜଧାନୀରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି । ସେହି କ୍ରମରେ କେନ୍ଦ୍ରୀୟ ମଟରଯାନ ନିୟମ ୧୯୮୯ ର ୧୩୮ (୪) (ଏଫ୍) ଅନୁଯାୟୀ, ଦୁଇଚକିଆ ଉତ୍ପାଦନକାରୀ ଓ ଡିଲରମାନେ ଗାଡ଼ି ବିକ୍ରି କରିବା ସମୟରେ ବିଆଇଏସ୍ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ) ତଥା ଆଇଏସ୍‌ଆଇ (ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଇନଷ୍ଟିଚ୍ୟୁସନ ମାର୍କ) ନିର୍ଦ୍ଧାରିତ ମାନର ହେଲ୍‌ମେଟ ଗ୍ରାହକଙ୍କୁ ଦେବା ବାଧ୍ୟତାମୂଳକ । ଏହି ନିୟମାବଳୀକୁ କଡ଼ାକଡ଼ି ପାଳନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସଡ଼କ ସୁରକ୍ଷା କମିଟିର ନିର୍ଦ୍ଦେଶ ରହିଛି । ହେଲେ ଏହାକୁ ଅନେକ ଶୋ' ରୁମ କର୍ତ୍ତୃପକ୍ଷ ମାନୁନାହାନ୍ତି । ସେପଟେ ଯେଉଁମାନେ ଦୁଇଚକିଆ ଗାଡ଼ି କିଣୁଛନ୍ତି, ସେମାନେ ମଧ୍ୟ ଅସଲି



## ■ ହେଉନି ଧରପଗଡ଼; ଲୋକେ ହେଉନାହାନ୍ତି ସଚେତନ
## ■ ବ୍ରାଣ୍ଡେଡ୍ କମ୍ପାନୀର ବି ବିକ୍ରି ହେଉଛି ନକଲି ମାଲ୍

ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ହେଲ୍‌ମେଟ୍ ପିନ୍ଧି ନ ଥିବା କାରଣରୁ ଗୁରୁତର ହେଉଥିବା ବେଳେ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି । ଜରିମାନାରୁ ବର୍ତ୍ତିବା ଲାଗି କମ୍ ଟଙ୍କାରେ ମିଳୁଥିବା ଶସ୍ତା ହେଲ୍‌ମେଟ କିଣି ବ୍ୟବହାର କରୁଛନ୍ତି । ତାହା ସୁରକ୍ଷିତ ନୁହେଁ ବୋଲି ଜାଣି ମଧ୍ୟ ବିଆଇଏସ୍ କିମ୍ବା ଆଇଏସ୍‌ଆଇ ମାର୍କ ଉନ୍ନତମାନର ହେଲ୍‌ମେଟ କିଣୁ ନାହାନ୍ତି । ବିଆଇଏସ୍ ତଥା ଆଇଏସ୍‌ଆଇ ମାର୍କ ଥିବା ହେଲମେଟ କିଣୁନାହାନ୍ତି । ନକଲି ହେଲମେଟ ମୂଲ୍ୟ ଠାରୁ ଅସଲି ମାର୍କ ଥିବା ହେଲ୍‌ମେଟର ମୂଲ୍ୟ ଅଧିକ ହୋଇଥିବାରୁ ଦୁଇଚକିଆ ଗାଡ଼ିଚାଳକମାନେ ଅସଲି ହେଲ୍‌ମେଟ କିଣୁ ନ ଥିବା ଦେଖିବାକୁ ମିଳୁଛି । କିଛି ଅସାଧୁ ବେପାରୀ ଏହାର ଭରପୁର ଫାଇଦା ଉଠାଉଛନ୍ତି । ରାଜଧାନୀ ରାସ୍ତାକଡ଼ରେ ନକଲି ହେଲ୍‌ମେଟର ପସରା ମେଲାଇଛନ୍ତି । ଖୁବ୍ କମ୍ ଟଙ୍କାରେ ହେଲ୍‌ମେଟ ବିକ୍ରି କରୁଛନ୍ତି । କମ୍ ଦରରେ ମିଳୁଥିବା ଏହି ନକଲି ହେଲ୍‌ମେଟରେ ମଧ୍ୟ ବିଆଇଏସ୍ ତଥା ଆଇଏସ୍‌ଆଇ ମାର୍କ ଥିବା ଦେଖିବାକୁ ମିଳୁଛି । ଅତ୍ୟନ୍ତ ନିମ୍ନମାନର ହେଲ୍‌ମେଟ ହୋଇଥିବାରୁ ଦୁର୍ଘଟଣା ସମୟରେ ହେଲ୍‌ମେଟରେ ସାମାନ୍ୟ ଆଘାତ ଲାଗିଲେ ସେଗୁଡ଼ିକ ଭାଙ୍ଗି ଯାଉଛି । ବିଆଇଏସ୍ ତଥା ଆଇଏସ୍‌ଆଇ ମାର୍କ ନ ଥିବା କହିବା ବା ନକଲି ମାର୍କ ଥିବା ହେଲ୍‌ମେଟ ବିକ୍ରି କରିବା ନିଷେଧ ବା ବେଆଇନ ହୋଇଥିଲେ ମଧ୍ୟ ଏଥିରେ ରୋକ ଲାଗି ପାରୁନାହିଁ । ପୁଲିସ ଓ ପ୍ରଶାସନ କେବଳ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବା ଲୋକଙ୍କୁ ଧରି ଜରିମାନା ଓ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ହେଲେ ରାଜଧାନୀ ରାଜରାସ୍ତାରେ ନକଲି ହେଲ୍‌ମେଟ ବିକ୍ରି କରୁଥିବା ଅସାଧୁ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସେପଟେ ହେଲ୍‌ମେଟ ପିନ୍ଧି ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ଦିଆନଯିବାର ନିୟମ ହୋଇଥିଲେ ମଧ୍ୟ ନିୟମ ଏବେ କୋମାରେ ରହିବା ଭଳି ମନେ ହେଉଛି ।

# ମାନବ ସମାଜର ପିତାମହ ପ୍ରଜାପିତା ବ୍ରହ୍ମା

ଆଜି ସମଗ୍ର ବିଶ୍ୱରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦେଶ ଏବଂ ଭାରତ ମାଟିରେ ପ୍ରତି ରାଜ୍ୟ, ପ୍ରତି ସହର, ପ୍ରତି ଗ୍ରାମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପ୍ରସିଦ୍ଧି ଲାଭ କରିଛି, ଏକ ଆଧ୍ୟାତ୍ମିକ ସଂଗଠନ ଭାବରେ। ବର୍ତ୍ତମାନର ସମସ୍ୟାବହୁଳ ସମାଜ ଭିତରେ ଏକ ଶାନ୍ତ, ସରଳ, ନିରାଡ଼ମ୍ବର ଜୀବନଶୈଳୀରେ ବଞ୍ଚିବାର ଶିକ୍ଷାଦେଇ ଚାଲୁଥିବା ଅନୁଷ୍ଠାନର କଥା ଆପଣ ଅନ୍ତେବହୁତେ ଜାଣିଥିବେ ନିଶ୍ଚୟ। ଆଉ ସେହି ଅନୁଷ୍ଠାନର ସଂସ୍ଥାପକ 'ପ୍ରଜାପିତା ବ୍ରହ୍ମା'ଙ୍କ ମହାପ୍ରୟାଣ ଦିବସ ଜାନୁୟାରୀ ୧୮ ତାରିଖ ଆଧ୍ୟାତ୍ମିକ ଇତିହାସରେ ଏକ ସ୍ମରଣୀୟ ଦିନ। ଏହିଦିନ ବିଶ୍ୱ ରଙ୍ଗମଞ୍ଚରୁ ବିଦାୟ ନେଇଥିଲେ ସେ ଆଧ୍ୟାତ୍ମିକ ମହାନାୟକ। ୧୯୩୭ ମସିହାରୁ ୧୯୬୯ମସିହା ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷର ଯୋଗ ସାଧନାକରି ସେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ବନିଯାଇଥିଲେ ପ୍ରେରଣାର ଉତ୍ସ। ଆଜିର ବିଶେଷ ଦିନରେ ସେହି ମହାନଆତ୍ମାଙ୍କ ବିଷୟରେ ଦୁଇପଦ ସ୍ମୃତିଚାରଣ କରିବା ନିଶ୍ଚୟ ଯୁକ୍ତିସଙ୍ଗତ ହେବ।

ପ୍ରଜାପିତା ବ୍ରହ୍ମାଙ୍କ ଦୈହିକ ଜନ୍ମ ଅବିଭକ୍ତ ଭାରତବର୍ଷର ସିନ୍ଧ୍ ପ୍ରଦେଶର ହାଇଦ୍ରାବାଦ ଠାରେ ପ୍ରଖ୍ୟାତ କୃପାଳିନୀ ବଂଶରେ ୧୮୭୬ ମସିହାରେ ହୋଇଥିଲା। ତାଙ୍କ ଶାରୀରିକ ନାମଥିଲା ଦାଦା ଲେଖରାଜ୍ କୃପାଳିନୀ। ତାଙ୍କ ପିତା ଗୋଟିଏ ସ୍କୁଲର ପ୍ରଧାନ ଶିକ୍ଷକ ଥିଲେ। ବାଲ୍ୟକାଳରେ ଲେଖରାଜ୍ ପିତାମାତାଙ୍କୁ ହରାଇ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହୋଇଥିଲେ ମଧ୍ୟ ମୌଳିକ ଶିକ୍ଷାର ଦୃଢ଼ ମୂଳଦୁଆ ତାଙ୍କୁ ଭବିଷ୍ୟତ ଜୀବନରେ ସକଳ ବ୍ୟବହାରିକ ଜ୍ଞାନ ହାସଲ କରିବାରେ ସହାୟକ ହୋଇଥିଲା। ତାଙ୍କର ଅମାୟିକ ବ୍ୟବହାର ଓ ଅକପଟ ସ୍ନେହ ସମସ୍ତଙ୍କୁ ସହଜରେ ଆକର୍ଷିତ କରୁଥିଲା। ବଡ଼ ହେଲା ପରେ ସେ ବ୍ୟବସାୟ ବାଣିଜ୍ୟରେ ଖୁବ୍ ପାରଦର୍ଶିତା ଲାଭ କରିଥିଲେ। ହୀରା-ମୋତି ଚିହ୍ନିବାର ତୀକ୍ଷ୍ଣଦୃଷ୍ଟି ଓ ନୂଆ ନୂଆ ଅଳଙ୍କାର ପ୍ରସ୍ତୁତିର ସୂକ୍ଷ୍ମଜ୍ଞାନ ତାଙ୍କୁ



ସେ ସମୟରେ ଜଣେ ଶ୍ରେଷ୍ଠ ହୀରାବ୍ୟବସାୟୀ ରୂପେ ପ୍ରସିଦ୍ଧି ଆଣିଦେଇଥିଲା। ସେଥିପାଇଁ ସେ ରାଜା, ମହାରାଜାମାନଙ୍କ ମଧ୍ୟରେ ବେଶ୍ ଖ୍ୟାତିଲାଭ କରିପାରିଥିଲେ। ବାଲ୍ୟକାଳରୁ ଦାଦା ଶ୍ରୀନାରାୟଣଙ୍କର ଅନନ୍ୟ ଭକ୍ତ ଥିଲେ। ସଦାସର୍ବଦା ଶ୍ରୀନାରାୟଣଙ୍କ ରୂପ ଦର୍ଶନ କରିବାପାଇଁ ସେ ପୂଜାଘରଠାରୁ ଆରମ୍ଭକରି ଶୟନ କକ୍ଷ, କୋଷାଗାର ଏପରିକି ନିଜ ପୋଷାକର ପକେଟ୍‌ରେ ମଧ୍ୟ ଶ୍ରୀନାରାୟଣଙ୍କର ଫଟୋଚିତ୍ର ରଖୁଥିଲେ। ଦାଦା ଭକ୍ତିମାର୍ଗରେ ଗଭୀର ମନୋନିବେଶ କଲେ ମଧ୍ୟ ସାମ୍ପ୍ରତିକ ସମାଜର ଲୋକ ଦେଖାଣିଆ ବା ଅନ୍ଧଶ୍ରଦ୍ଧାମୂଳକ ଭକ୍ତିର ସମର୍ଥକ ନଥିଲେ। ଖାଦ୍ୟପାନୀୟରେ ସମ୍ପୂର୍ଣ୍ଣ ସାତ୍ତ୍ୱିକତା ଅବଲମ୍ବନ କରୁଥିଲେ। ସେ ସମୟରେ ଦାଦାଙ୍କର ୧୨ଜଣ ଗୁରୁ ଥିଲେ। ଏହାସତ୍ତ୍ୱେ ସାଧୁ, ସନ୍ନ୍ୟାସୀମାନଙ୍କୁ ଆତିଥ୍ୟଦେବା ଏବଂ ସେମାନଙ୍କଠାରୁ ହରିକଥା ଶୁଣିବାରେ ସେ ପରମଶାନ୍ତି ଲାଭ କରୁଥିଲେ।

ଦାଦା ଲେଖରାଜ୍‌ଙ୍କୁ ୬୦ବର୍ଷ ବୟସରେ ହଠାତ୍ ଦିନେ ସତ୍‌ସଙ୍ଗରେ ଏକ ଦିବ୍ୟପ୍ରେରଣାର ଅନୁଭବ ହେଲା। ସେ ସେଠାରୁ ଉଠିଯାଇ ନିଜ ଶୟନକକ୍ଷକୁ ଚାଲିଗଲେ। ଏକ ସମ୍ମୋହିତ ଅବସ୍ଥାରେ ରହିବା ଅବସରରେ ତାଙ୍କୁ ଚତୁର୍ଭୁଜ ଶ୍ରୀବିଷ୍ଣୁଙ୍କର ସାକ୍ଷାତକାର ହେଲା। ଏହାସହ ଅନ୍ତର୍ମନରେ ଗୁଞ୍ଜରିତ ହେଲା ଏକ ଗୁରୁଗମ୍ଭୀର ଶବ୍ଦ: "ଅହଂ ଚତୁର୍ଭୁଜଃ, ତତ୍ ତ୍ୱମ୍"। ଏହି ସାକ୍ଷାତ୍‌କାର ଦାଦାଙ୍କ ମନରେ ଭରିଦେଲା ଅପାର ଆନନ୍ଦ। ସେ ଖୋଜିବସିଲେ ଏହାର ଅର୍ଥ ଏବଂ କାରଣ, ମାତ୍ର ସେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହୋଇପାରିଲେ ନାହିଁ। କିଛି ଦିନ ପରେ... ଦାଦା ନିଜ କୋଠରିରେ ବସିଥିବା ଅବସ୍ଥାରେ ସମଗ୍ର କୋଠରି ଲାଲ୍ ଆଲୋକରେ ଉଦ୍‌ଭାସିତ ହୋଇଉଠିଲା ଏବଂ ସେ ନିଜ ଦୈହିକ ସତ୍ତା ହରାଇବସିଲେ। କୋଠରି ଭିତରେ ଶୁଭିଲା ଏକ ବଜ୍ରଗମ୍ଭୀର ସ୍ୱର -

ନିଜାନନ୍ଦ ସ୍ୱରୂପଂ ଶିବୋଽହମ୍ ଶିବୋଽହମ୍...
ଜ୍ଞାନ ସ୍ୱରୂପଂ ଶିବୋଽହମ୍ ଶିବୋଽହମ୍...
ପ୍ରକାଶ ସ୍ୱରୂପଂ ଶିବୋଽହମ୍ ଶିବୋଽହମ୍...।

ପରେପରେ ଦାଦାଙ୍କୁ ଅନୁଭବ ହେଲା, ସତେ ଯେମିତି ତାଙ୍କ ଭିତରେ ଅନ୍ୟ ଏକ ଶକ୍ତି ପ୍ରବେଶକରି ତାଙ୍କୁ ନିର୍ଦ୍ଦେଶ ହେଉଛି – ଏ ଦୁଃଖ, ଅଶାନ୍ତିଭରା କଳିଯୁଗ ଦୁନିଆରେ ମହାବିନାଶ ହୋଇ ନିକଟ ଭବିଷ୍ୟତରେ ଏ ଭାରତ ମାଟିରେ ଫେରି ଆସିବ ସୁଖ, ଶାନ୍ତି ଭରା ସତ୍ୟଯୁଗୀ ନୂତନ ଦୁନିଆ। ଆଉ ଏ ଦିବ୍ୟ ଭାଗବତ୍ କାର୍ଯ୍ୟର ପ୍ରଥମ ନିମିତ ହେବ ସ୍ୱୟଂ ତୁମେ। ତୁମେ ହିଁ ହେବ ସେହି ନୂଆ ଦୁନିଆର ପ୍ରଥମ ପୁରୁଷ, ଆଦିଦେବ ବ୍ରହ୍ମା। ସେହିଦିନ ଠାରୁ ଅଦ୍‌ଭୁତଭାବେ ଏକ ଅଦୃଶ୍ୟଶକ୍ତି ବାରମ୍ବାର ପ୍ରବେଶକଲା ତାଙ୍କ ଶରୀର ଭିତରେ ଏବଂ ସେ ନିମିତ ଭାବେ ଶୁଣାଇ ଚାଲିଲେ ଅନେକ ରହସ୍ୟଯୁକ୍ତ ଆଧ୍ୟାତ୍ମିକ ଜ୍ଞାନ...। ସେହି ଆଧ୍ୟାତ୍ମିକ ଜ୍ଞାନରୁ ନିଜ ଜୀବନଚର୍ଯ୍ୟାରେ ଧାରଣକରି ଯେଉଁମାନେ ନିଜ ଜୀବନକୁ ପରିବର୍ତ୍ତନ କରିପାରିଲେ, ସେମାନଙ୍କୁ ନେଇ ଗଢ଼ିଉଠିଲା ଏହି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ। ସ୍ୱୟଂ ନିରାକାର ପରମେଶ୍ୱର ପରମାତ୍ମା ଏ କଳିଯୁଗୀ ସଂସାରକୁ ବିନାଶକରି ପୁଣିଥରେ ଆତ୍ମଜ୍ଞାନ ଓ ସହଜ ରାଜଯୋଗର ଶିକ୍ଷାଦ୍ୱାରା ଆମ ଜୀବନଧାରାକୁ ପରିବର୍ତ୍ତନକରି ଏକ ସତ୍ୟଯୁଗୀ ନୂଆ ଦୁନିଆ ନିକଟ ଭବିଷ୍ୟତରେ ଆଣୁଛନ୍ତି। ସେ ନିରାକାର ହେବା କାରଣରୁ ଏହି ଦିବ୍ୟକାର୍ଯ୍ୟର ମାଧ୍ୟମରୂପେ ବାଛିଛନ୍ତି ଏ ଦାଦା ଲେଖରାଜ୍‌ଙ୍କୁ ଏବଂ ତାଙ୍କରି ନାମ ଦେଇଛନ୍ତି "ପ୍ରଜାପିତା ବ୍ରହ୍ମା"। ଯଦିଓ ସେ ୧୯୬୯ମସିହା ଜାନୁୟାରୀ ୧୮ ତାରିଖରୁ ଏ ଦୈହିକ ସ୍ଥୂଳ ଦୁନିଆରୁ ବିଦାୟ ନେଇଛନ୍ତି, ମାତ୍ର ସେ ଏବେ ବି ସୂକ୍ଷ୍ମ ଦୁନିଆରେ ରହି ସମଗ୍ର ମାନବ ଜାତିକୁ ପରମାତ୍ମାଙ୍କ ପ୍ରଦତ୍ତ ସୁଖ, ଶାନ୍ତିଭରା ଦୁନିଆକୁ ନେବାପାଇଁ ଆତ୍ମିକସେବା ଜାରି ରଖିଛନ୍ତି। ପିତାଶ୍ରୀ "ପ୍ରଜାପିତା ବ୍ରହ୍ମା"ଙ୍କୁ ଆମର ଶତ ଶତ ପ୍ରଣାମ। ■

ବ୍ରହ୍ମାକୁମାରୀ ଗୋଲାପ ଭଉଣୀ
ସେବାକେନ୍ଦ୍ର ସଞ୍ଚାଳିକା
ଅମୃତଭବନ, ପଟିଆ
ପ୍ଲଟ ନଂ-୬୪୫, ଭୁବନେଶ୍ୱର
ମୋ.ନଂ-୯୨୩୮ ୬୬୫୧୨୧

# ବଗି ଛାଡ଼ି ଚାଲିଗଲା ମାଲଗାଡ଼ି

**ବ୍ରହ୍ମପୁର, ୧୬।୧(ସମିସ):** ବ୍ରହ୍ମପୁର ରେଳ ଷ୍ଟେସନ ନିକଟରେ ଆଜି ଏକ ବଡ଼ଧରଣର ରେଳ ଦୁର୍ଘଟଣା ଅଳ୍ପକେ ଟଳିଯାଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ମାଲବାହୀ ଟ୍ରେନ୍ ଗାର୍ଡ ବଗି ସହ ଅନ୍ୟ ୪ଟି ବଗିକୁ ଛାଡ଼ି କିଛି ବାଟ ଗଡ଼ି ଯାଇଥିଲା। ଟ୍ରେନ୍‌ଟି ୧୦ଟା ୪୦ରେ ଗୋଲନ୍ଥରା ଷ୍ଟେସନ୍ ଛାଡ଼ିବାର ମାତ୍ର କିଛି ଦୂରରେ ଏହି ଅଘଟଣ ଘଟିଥିଲା। ତେବେ ତୁରନ୍ତ ଜଣାପଡ଼ିବାରୁ ଟ୍ରେନ୍‌ଟିକୁ ଅଟକାଇ ବିଚ୍ଛିନ୍ନ ହୋଇଥିବା ବଗିଗୁଡ଼ିକୁ ସଂଯୋଗ କରି ଦିଆଯାଇଥିଲା। ଏଥିପାଇଁ ଦୀର୍ଘ ଦେଢ଼ଘଣ୍ଟାରୁ ଅଧିକ ଅର୍ଥାତ୍ ୧୨ଟା ୧୫ମିନିଟ ପର୍ଯ୍ୟନ୍ତ ସମୟ ଲାଗିଥିଲା। ଫଳରେ ଗୋଟିଏ ଲାଇନ୍‌ରେ ଦେଢ଼ ଘଣ୍ଟା ଧରି ଟେନ୍‌ଟି ଅଟକିଯିବାରୁ ସେହି ଲାଇନ୍‌ରେ ଟ୍ରେନ ଚଳାଚଳ ବ୍ୟାଘାତ ହୋଇଥିଲା। ଏହି ସମୟରେ କୌଣସି ଯାତ୍ରୀବାହୀ ଟ୍ରେନ୍ ନଥିବା ବେଳେ ବିଶାଖା ଟ୍ରେନ୍‌ର ଆସିବା ସମୟ ପୂର୍ବରୁ ଏକ ବଡ଼ଧରଣର ଅଘଟଣ ଟଳିଯାଇଥିବା କୁହାଯାଉଛି।

# ଅବଶିଷ୍ଟାଂଶ...

## ଆଜିଠୁ ନିର୍ବିଘ୍ନ...

ଯଜ୍ଞସ୍ଥଳ, ସମ୍ବର୍ଦ୍ଧନା ମଞ୍ଚ ବୁଲି ଦେଖିବା ସହ ଶ୍ରୀମନ୍ଦିର ଚତୁଃପାଶ୍ୱର୍ ସବୁ ସ୍ଥାନକୁ ଟିକିନିଖି ପରଖିଛନ୍ତି। ଯଜ୍ଞସ୍ଥଳରେ ପହଞ୍ଚି ଆଳତି ଦର୍ଶନ ଓ ଗ୍ରହଣ କରିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ତାଙ୍କ ସହିତ ବିଧାୟକ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ପ୍ରମୁଖ ଅଧିକାରୀ ସାମିଲ ହୋଇଛନ୍ତି। ତେବେ ବୁଧବାର କାର୍ଯ୍ୟସୂଚୀ ଅନୁଯାୟୀ, ସକାଳ ସାଢେ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ସୂର୍ଯ୍ୟପୂଜା, ଧରିତ୍ରୀ ପୂଜା, ଗୋପୂଜା, ପଞ୍ଚକର୍ମ, ବାସ୍ତୁ ଶୋଧନ, ଅଧିବାସ ସମ୍ପନ୍ନ ହେବ। ସକାଳୁ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ ଚାଲିବ।

ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ଆହୁତି ସମାପ୍ତ କରାଯିବ । ସାଢେ ୧୨ଟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ଅପରାହ୍ନ ୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଜ୍ଞସ୍ଥଳରେ ପହଞ୍ଚିବେ । ଅପରାହ୍ନ ୧ଟା ୧୫ରୁ ସାଢେ ୧ଟା ମଧ୍ୟରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଫଳକ ଉନ୍ମୋଚନ କରିବେ। ଅପରାହ୍ନ ସାଢେ ୧ଟାରୁ ୨ଟା ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଦ୍ୱାରା ଯଜ୍ଞ ପୂର୍ଣ୍ଣାହୁତି ପରେ ଆରତି ଓ ପୁଷ୍ପାଞ୍ଜଳି, ଅପରାହ୍ନ ୨ଟାରୁ ସାଢେ ୨ଟା ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ ସହ ଶୋଭାଯାତ୍ରା କରାଯିବ । ଏଥିରେ ବିଭିନ୍ନ ସାଂସ୍କୃତିକ ଦଳ ଓ ସାଧୁସନ୍ଥଙ୍କ ସହିତ ମୁଖ୍ୟମନ୍ତ୍ରୀ ଅତିଥିମାନଙ୍କ ଗହଣରେ ପ୍ରକଳ୍ପ ପ୍ରଦକ୍ଷିଣ କରିବେ। ଏହାପରେ ସାଢେ ୨ଟାରୁ ୩ଟା ମଧ୍ୟରେ ଉତ୍ତର ପାର୍ଶ୍ୱ ମଠ ନିକଟସ୍ଥ ସଭା ସ୍ଥଳରେ ମୁଖ୍ୟମନ୍ତ୍ରୀ ପ୍ରକଳ୍ପରେ ସହଯୋଗ ଏବଂ ସହଭାଗିତା ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଜଣାଇବେ । ଏଥିସହ ବିଭିନ୍ନ ପ୍ରକଳ୍ପର ଭିଡିଓ ଜାରି କରାଯିବ । ଅପରାହ୍ନ ୩ଟା ପରେ ସର୍ବସାଧାରଣଙ୍କୁ ପରିକ୍ରମା ମାର୍ଗକୁ ବୁଲିବା ପାଇଁ ଛଡାଯିବ । ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ପାଇଁ ଲାଇଟ୍ ଏବଂ ସାଉଣ୍ଡ ଶୋ'ର ବ୍ୟବସ୍ଥା କରାଯାଇଛି ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ପୁରୀର ଏକାଧିକ ପ୍ରକଳ୍ପ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ), ଶ୍ରୀମାର୍ଗ ଅନ୍ୟତମ । ବୁଧବାର ଶ୍ରୀସେତୁ ଏବଂ ଜଗନ୍ନାଥ ବଲ୍ଲଭ ପରିସରରୁ ଦୋଳବେଦୀକୁ ସଂଯୋଗ କରୁଥିବା ନୂଆରାସ୍ତା ଶ୍ରୀମାର୍ଗ ଲୋକାର୍ପଣ ପରେ ଏହା ଉପରେ ଗାଡ଼ି ଚଳାଚଳ ଆରମ୍ଭ କରିବ । ଏବେ ଭକ୍ତଙ୍କ ଅପେକ୍ଷାରେ ରହିଛି ରହିଛି ଶ୍ରୀକ୍ଷେତ୍ରର ଏହି ଦୁଇ ବୃହତ୍ ପ୍ରକଳ୍ପ ଶ୍ରୀସେତୁ ଓ ଶ୍ରୀମାର୍ଗ ।

## ଶ୍ରୀକ୍ଷେତ୍ରକୁ 'ଶ୍ରୀ ଜଗନ୍ନାଥ...

ବସ୍ ଚଳାଚଳ ଆରମ୍ଭ ହେବ। ଓଏସ୍‌ଆରଟିସି ପକ୍ଷରୁ ପ୍ରଦତ୍ତ ସୂଚନା ଅନୁସାରେ ୧୮ ତାରିଖରେ ବଲାଙ୍ଗିର, ବରଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କୋରାପୁଟ, କଳାହାଣ୍ଡି, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରୁ ପୁରୀକୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ଚଳାଚଳ କରିବ। ଜିଲ୍ଲା ମୁଖ୍ୟାଳୟରୁ ଏହି ବସ୍ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରୁଟ୍ ଦେଇ ଯା ଆସ କରିବ। ଫଳରେ ସେ ସବୁ ସ୍ଥାନର ଲୋକେ ଏହି ବସ୍‌ରେ ଯାତାୟାତ କରିବାର ସୁଯୋଗ ପାଇବେ। ପରେ ଅନ୍ୟ ଜିଲ୍ଲାରୁ ପୁରୀକୁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ଗଡ଼ିବ।

ରାଜ୍ୟର ଅପହଞ୍ଚ, ସୁଦୂର ତଥା ବସ୍ ସେବା ନଥିବା ଅଞ୍ଚଳରେ ସୁଲଭ ମୂଲ୍ୟରେ ବସ୍ ସେବା ଆରମ୍ଭ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଲକ୍ଷ୍ମୀ' ବସ୍ ଯୋଜନାର ଶୁଭାରମ୍ଭ କରିଥିଲେ। ଗାଁରୁ ବ୍ଲକ୍, ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ବସ୍ ସେବା ଆରମ୍ଭ ହୋଇଛି। ଆଉ କିଛି ମାସ ମଧ୍ୟରେ ସମଗ୍ର ରାଜ୍ୟକୁ ଲକ୍ଷ୍ମୀ ବସ୍ ସେବାର ସମ୍ପ୍ରସାରଣ ହୋଇଯିବ। ଏପରିସ୍ଥଳେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବାର ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତା ୧୭ ତାରିଖରେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ହେଉଥିବା ବେଳେ ପୂରା ରାଜ୍ୟବାସୀ ଏହି ଐତିହାସିକ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ବୋଲି ଆହ୍ୱାନ ଦିଆଯାଇଛି। କିଛି ମାସ ପର୍ଯ୍ୟନ୍ତ ପରିକ୍ରମା ପ୍ରକଳ୍ପ ଦେଖିବା ଲାଗି ସାରା ରାଜ୍ୟରୁ ଭକ୍ତଙ୍କ ସୁଅ ପୁରୀକୁ ଛୁଟିବ। ଏପରିସ୍ଥଳେ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହେବା ବେଶ୍ ଗୁରୁତ୍ୱବହନ କରୁଛି।

## 'ପରିକ୍ରମା' ବିରୋଧୀଙ୍କୁ...

କରାଯିବ ବୋଲି ଆବେଦନକାରୀଙ୍କ ଓକିଲଙ୍କୁ ଅଦାଲତ କହିଛନ୍ତି। ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ତଥ୍ୟ ଦାଖଲ ପାଇଁ ସମୟ ଲୋଡ଼ାଯାଇଥିଲା। ତେବେ ଆସନ୍ତା ଦୁଇ ସପ୍ତାହ ଭିତରେ ସେମାନଙ୍କ ଆୟ ସମ୍ପର୍କିତ ତଥ୍ୟକୁ ସତ୍ୟପାଠ ଜରିଆରେ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଂଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି। ଅନ୍ୟପଟେ, ଆସନ୍ତାକାଲି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବାକୁ ଯାଉଥିବାରୁ ଏହି ମାମଲା ପ୍ରାସଙ୍ଗିକତା ହରାଇଛି।

## ବିଏସ୍‌କେୱାଇ 'ନବୀନ କାର୍ଡ'...

କେନ୍ଦ୍ର ସହାୟତାରେ ଆବେଦନ କରୁଛନ୍ତି। କେଇ ମିନିଟ୍ ମଧ୍ୟରେ ଆବେଦନ ପ୍ରକ୍ରିୟା ଶେଷ ହେଉଛି। ତେବେ ଆବେଦନର ଶେଷ ତାରିଖ ୧୬ ତାରିଖ ଥିବାରୁ ବହୁ ଲୋକ ଜନସେବା କେନ୍ଦ୍ରରେ ଭିଡ଼ ଜମାଉଥିଲେ। ଆବେଦନ ଶେଷ ହେବା ପରେ ପଞ୍ଜିକୃତ ହିତାଧିକାରୀଙ୍କ ବୈଧତା ଯାଞ୍ଚ କରାଯିବ। ଏହା ପରେ ସେମାନଙ୍କୁ ବିଏସ୍‌କେୱାଇ ନବୀନ କାର୍ଡ ଜାରି କରାଯିବ ଏବଂ ଚଳିତ ବର୍ଷ ମେ' ପହିଲାରୁ ହିତାଧିକାରୀଙ୍କୁ କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ସେବା ମିଳିବ।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**PUBLIC NOTICE**

M/s Vedwaa Consultany Regd. No. 1220202301009, At- Madhuban, Po- Paradeep, Pin-754142 has been shifted to Purushottampur, Po- Gatanai, Kujanga, Kendrapara, Plot No. 203/90, Pin-754141, Odisha.

**AFFIDAVIT**

I, Shisira Bishi, S/o- Chulashikha Bishi, resident of At-Sukutapali, Po-Manapada, Ps-Attabira, Dist- Bargarh, Pin-768027, Odisha declare by this affidavit No.4886, dated- 16/01/2024, that now onwards I shall be known as **SHISHIRA BISHI** for all future purposes.

**AFFIDAVIT**

By virtue of an affidavit (No.4885, dated-16/01/2024) before the Notary Public, Bhubaneswar. That, I **Ujjawal Ram Tripathy,** W/o: Late Ram Anupam Tripathy, resident of Flat No- A-034, A Tower, The Cosmopolis Apartment, Ps-Khandagiri, Bhubaneswar, Pin-751019, Odisha have Changed my son's name from **Abhimanyuu Ruk Tripathy to Ruknarayan Tripathy** for all future purposes.

KK-369

**ନିଯୁକ୍ତି ମେଳା ୨୦୨୩-୨୪**
**ଭଦ୍ରକ**

ଏତଦ୍ ଦ୍ୱାରା ଭଦ୍ରକ ଜିଲ୍ଲାର ନିଯୁକ୍ତି ଆଶାୟୀ ସମସ୍ତ ପ୍ରାର୍ଥୀ / ପ୍ରାର୍ଥୀନୀ ମାନଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା 19/01/2024 ରିଖ ଦିବା 10 ଘଟିକା ସ୍ଥାନୀୟ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ଏକ ନିଯୁକ୍ତି ମେଳା ର ଆୟୋଜନ ହେବାକୁ ଯାଉଅଛି । ଏହି ନିଯୁକ୍ତି ମେଳାରେ ଅନେକ ପ୍ରତିଷ୍ଠିତ ବେସରକାରୀ ସଂସ୍ଥା ର ନିଯୁକ୍ତିଦାତା ଓ ଦକ୍ଷତା ବିକାଶ ପ୍ରଦାନକାରୀ ସଂସ୍ଥା ଅଂଶ ଗ୍ରହଣ କରିବେ । ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଏହି ନିଯୁକ୍ତି ମେଳାର ପ୍ରତ୍ୟକ୍ଷ ନିଯୁକ୍ତିର ସୁଯୋଗ ପାଇପାରିବେ, 18 ବର୍ଷ ବୟସ ରୁ 35 ବର୍ଷ ବୟସ ମଧ୍ୟରେ ଏବଂ ୫ମ ଶ୍ରେଣୀ ପାସ୍ ଠାରୁ ଉର୍ଦ୍ଧ ସମସ୍ତ ପ୍ରାର୍ଥୀ ଓ ପ୍ରାର୍ଥୀନୀ ନିଜର ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣପତ୍ର ,ଆଧାର କାର୍ଡ ଓ ପାସପୋର୍ଟ ଫଟୋ ସହିତ ଯୋଗ ଦେଇ ନିଶ୍ଚିନ୍ତ ନିଯୁକ୍ତିର ସୁଯୋଗ ନିଅନ୍ତୁ ।

ସ୍ୱା /-
ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଭଦ୍ରକ

ସ୍ୱା /-
ଜିଲ୍ଲାପାଳ, ଭଦ୍ରକ

OIPR-44022/11/0001/2324

**ଭାରତୀୟ ପଟସନ ନିଗମ ଲିମିଟେଡ**
(ଭାରତ ସରକାରଙ୍କ ଏକ ସଂସ୍ଥା)
ଭଦ୍ରକ - ଆର୍.ଏଲ୍.ଡି
ସା/ପୋ- ଲାଗୁଡି, ଭାୟା- ଅର୍ଣ୍ଣାପାଳ, ଜିଲ୍ଲା- ଭଦ୍ରକ, ପିନ୍-୭୫୬୧୧୬ (ଓଡ଼ିଶା)
CORPORATE IDENTITY NUMBER - U17232WB1971GOI027958

**ଟେଣ୍ଡର କଲ୍ ନୋଟିସ୍**

ଭଦ୍ରକ ଆରଏଲ୍‌ଡି ମଧ୍ୟରେ ଥିବା ବିଭିନ୍ନ କେନ୍ଦ୍ର / ଷ୍ଟୋରେଜ୍ ଗୋଦାମରୁ କ୍ରୟ କରାଯାଇଥିବା ଜୁଟ୍ ବେଲ୍ସ (୧୩୦କେଜି)କୁ କୋଲକାତା ଏବଂ ବର୍ଦ୍ଧନ ମଧ୍ୟରେ ଥିବା ବିଭିନ୍ନ ଜୁଟ୍ ମିଲ୍ / ଷ୍ଟୋରେଜ୍ ଗୋଦାମଗୁଡିକୁ ପରିବହନ କରିବା ପାଇଁ ଖ୍ୟାତି ସମ୍ପନ୍ନ / ଅଭିଜ୍ଞ ପରିବହନ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଜଉମୁଦ ଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡର ଡକ୍ୟୁମେଣ୍ଟ **JCI** ଭଦ୍ରକ ଆରଏଲ୍‌ଡି ଅଫିସ ଏବଂ କର୍ପୋରେସନ୍‌ର ୱେବସାଇଟ୍ ଯଥା **www.jutecorp.in** ଏବଂ **CPP** ପୋର୍ଟାଲରେ ଉପଲବ୍ଧ ହେବ।
ଇଚ୍ଛୁକ ପକ୍ଷମାନଙ୍କୁ ଅନୁରୋଧ କରାଯାଉଛି ଯେ ସମସ୍ତ ଆବଶ୍ୟକୀୟ ଦଲିଲ ଏବଂ EMD ସେମାନଙ୍କ ଟେଣ୍ଡର ସହିତ **ତା.୦୬.୦୨.୨୦୨୪, ଦିବା ୦୩.୦୦ ଘଟିକା** ପର୍ଯ୍ୟନ୍ତ ଉକ୍ତ ଭଦ୍ରକ ଆରଏଲ୍‌ଡି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ।
ଦାଖଲ ହୋଇଥିବା ଟେଣ୍ଡରଗୁଡ଼ିକ **ତା.୦୬.୦୨.୨୦୨୪ରିଖ, ଦିବା ୪.୦୦ଘଟିକାରେ** ଭଦ୍ରକ ଆଞ୍ଚଳିକ କାର୍ଯ୍ୟାଳୟରେ ଖୋଲାଯିବ। କୌଣସି କାରଣ ନ ଦର୍ଶାଇ କୌଣସି କିମ୍ବା ସମସ୍ତ କୋଟେସନ୍ ଗ୍ରହଣ କିମ୍ବା ପ୍ରତ୍ୟାଖାନ କରିବାର ଅଧିକାର ନିମ୍ନଲିଖିତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ସଂରକ୍ଷିତ ରହିଅଛି ।
ଅଧିକ ବିବରଣୀ ପାଇଁ ଦୟାକରି ଆମର ୱେବସାଇଟ୍ ପରିଦର୍ଶନ କରନ୍ତୁ, ଯଥା **www.jutecorp.in**

davp 41122/12/0021/2324

ସା/- ଆଞ୍ଚଳିକ ପ୍ରବନ୍ଧକ
ଭାରତୀୟ ପଟସନ ନିଗମ ଲିମିଟେଡ, ଭଦ୍ରକ ଆରଏଲ୍‌ଡି

**ପୂର୍ବ ତଟ ରେଳପଥ**
**'ଇ'-କ୍ରୟ ପ୍ରଣାଳୀ**
ଟେଣ୍ଡର ସଂ. TP235029A

**ସାମଗ୍ରୀଗୁଡ଼ିକର ବିବରଣୀ :** ପୂର୍ବ ତଟ ରେଳପଥରେ ଫିଲ୍ଡ ଟ୍ରାଏଲ (Field trials) ନିମନ୍ତେ ନିୟମିତ ଗ୍ରାସିଙ୍ଗ୍ ଆବଶ୍ୟକ କରୁନଥିବା କିଙ୍କ୍ ଫ୍ଲେକ୍ସ କୋଟେଡ୍ ERC MK-V T-5919 (Alt.2), ପରିମାଣ : 36,520 ଗୋଟି।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.02.2024ରିଖ 1430 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଛେ।

ଉପ ମୁଖ୍ୟ ଯନ୍ତ୍ରୀ/TP/ ଭୁବନେଶ୍ୱର
PR-987/O/23-24

**ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ , ଭୁବନେଶ୍ୱର – ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ .(୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍ : https://oshb.org
CAD-3725

ପତ୍ର ସଂଖ୍ୟା ୧୪ **ବିଜ୍ଞାପନ** ତା. ୦୪.୦୧.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି ଘର ନଂ ଏଲ.ଆଇ.ଜି-୧୦୫ (LIG-105) କାକି, ସୁନାବେଡା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଅବନିକାନ୍ତ ପ୍ରଧାନ, ପିତା-ଗୌତମ ପ୍ରଧାନ, ଗ୍ରା/ପୋ-ହୁଗୁଡି ପାରି, ଥାନା-ଜି.ଉଦୟଗିରି, ଜିଲ୍ଲା-ଫୁଲବାଣୀଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅବନିକାନ୍ତ ପ୍ରଧାନ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ କାବେରୀ ଲେଙ୍କା, ସ୍ୱାମୀ-ଲମ୍ବୋଦର ରାଉତ, ଗ୍ରା-ଏଲ.ଆଇ.ଜି-୫୭, ହାଉସିଂ ବୋର୍ଡ଼ କଲୋନୀ, ପୋ/ଥାନା-ସୁନାବେଡା, ଜିଲ୍ଲା-କୋରାପୁଟଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷକୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ପନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତାହାଲେ ଏହି ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ପନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣଯୋଗ୍ୟ ନୁହେଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0611/2324

**Government of Odisha "e" procurement Notice** B-1621
**Bid Identification No. PWDK- 36/2023-24**
No. G2/ 183 Dt. 08.01.2024
e-mail : eepwdkeonjhar@yahoo.com
GOVT. OF ODISHA

| | | |
|---|---|---|
| 1 | No. of the work :- | 01 No. Building Work |
| 2 | Estimated cost :- | ₹ 14.85 Lakh |
| 3 | Period of completion :- | 4 (Four) Calendar Months |
| 4 | Date and Time of availability of Bid document in the portal:- | From 10.00 Hr 17.01.2024 to 17.00 HR of 29.01.2024 |
| 5 | Last date / Time for receipt of bids in the portal :- | 17.00 Hr of 29.01.2024. |
| 6 | Date of opening of Bid from Portal :- | 11.30 Hr of 30.01.2024. |
| 7 | Name and address of the officer inviting Bid :- | Superintending Engineer, Keonjhar (R&B) Division, Keonjhar |

Further details can be seen from the e-procurement portal "http://tendersodisha.gov.in"

Sd/- Superintending Engineer
Keonjhar (R&B) Division

OIPR - 34004/11/0026/2324

C-2362

Tel/Fax - 06852 – 250740
e-mail –eephkrp@nic.in
eephkrp@gmail.com

**OFFICE OF THE SUPERINTENDING ENGINEER**
**P.H. DIVISION KORAPUT**
**GOVERNMENT OF ODISHA "e" procurement Notice**
**e-procurement Notice for 2023-24**
**Bid Identification No.SE,P.H.KPT-09 of 2023-24 Dt.05.01.2024**

| | | |
|---|---|---|
| 1. | No. of the works | 2 nos |
| 2. | Estimated Cost | From Rs.64.32 lakh to Rs.137.28 lakh (Approx.) |
| 3. | Period of completion | 6 months |
| 4. | Date & time of availability of bid document in the portal | From 11.00 A.M. of 17.01.2024 to 05.00 P.M. of 29.01.2024 |
| 5. | Last date / time of receipt of bids in the portal | 05.00 P.M. of 29.01.2024 |
| 6. | Date & time of opening of bids | 11.00 A.M. of 30.01.2024 |
| 7. | Name and address of the Officer Inviting Bid | Superintending Engineer, P.H. Division, Koraput |

Further details can be seen from the e-Procurement portal "https://www.tendersodisha.gov.in"

Sd/- Er. Chiranjibi Mahali
Superintending Engineer, Division, Koraput

OIPR - 13008/11/0015/2324

B-1624

E-mail.ID-sectcrb_2006@yahoo.co.in
Tel/Fax – 0671-2301751/2302751

Government of Odisha
**OFFICE OF THE CHIEF CONSTRUCTION ENGINEER**
**CUTTACK (R&B) CIRCLE, CUTTACK**
**('e' – PROCUREMENT NOTICE)**
**Bid Identification No.CCE.Ctc.(R&B) 36 /2023-24.**

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Building work as mentioned below.

| | | | |
|---|---|---|---|
| 2. | No. of work | :- | 02 Nos. |
| 3. | Nature of work | :- | Building works |
| 4. | Class of contractor | :- | 'A' Class |
| 5. | Tender paper cost | :- | Rs.10000/- (online) |
| 6. | Available of bid document in the web site. | :- | From 19.01.2024 to 17.30 Hours of 01.02.2024 |
| 7. | Date of opening of bid | :- | Dt.02.02.2024 at 11.00 Hours. |

8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

Sd/- Chief Construction Engineer
Cuttack (R&B) Circle

OIPR - 34012/11/0054/2324

B-1617 **Government of Odisha, e- Procurement Notice**
**INVITATION FOR BIDS (IFB)**
Bid Identification No. C.C.E.Dkl.(R&B) 30/2023-24 Email Id-sedklpwd@gmail.com
Letter No. 155/ Dt. 11.01.2024

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:

| | |
|---|---|
| 1. Name of the work | : Building works |
| 2. No of works | : 03 (Three) No |
| 3. Estimated Cost | : Rs.1.72crore to Rs.6.90crore (as given in column No. 03 of table) |
| 4. Cost of tender paper | : Rs 10,000.00 |
| 5. Class of contractor | : 'B', 'A'&' Special' Class (as given in column No. 07 of table) |
| 6. Period of Completion of work | : 07(Seven) to 09(Nine) Calendar months (as given in column No. 08 of table) |
| 7. Date and time of availability of bid Document in the website | : From Dt.17.01.2024 to 5.00P.M.of Dt.31.01.2024 |
| 8. Date of opening of bid | : Dt.31.01.2024 at 5.30 P.M. |

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Chief Engineer
Dhenkanal (R&B) Circle, Dhenkanal

OIPR - 34132/11/0038/2324

O-2228

Tel. 06766-258094(O)
Mail: eerw1_klr@yahoo.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
**"e" Procurement Notice for Building Works**
**Identification No Online NCB - 17/2023-24.**

| | | |
|---|---|---|
| 1. Name of the Work | : | 12 Nos. Building Work |
| 2. Total Number of Work | : | 12 No. |
| 3. Estimated Cost | : | Rs. 46.53 Lakhs to Rs. 46.56 Lakhs |
| 4. Class of Contractor | : | B Class |
| 5. Period of Completion | : | As per annexure of e-Procurement Notice No.17/2023-24. |
| 6. Other Details | : | |

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Building Online NCB No. 17 | Dt.20.01.2024 at 11.00 A.M. | Dt.30.01.2024 up to 5.00 P.M. | Dt.29.01.2024 up to 5.00 P.M. | Dt.31.01.2024 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Superintending Engineer
R.W.Division-I, Keonjhar

OIPR - 25110/11/0031/2324

O-2222

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, KENDRAPARA**
**Office Order No. 138 Dt.12.01.2024**
eerw_kendraparat@yahoo.co.in

**'E' PROCUREMENT NOTICE NO.RWD-II/KPD-07/23-24 DTD 12.01.2024**

| | | |
|---|---|---|
| 1 | Name of work | : Building works in the District of Kendrapara for the year 2023-24. |
| 2 | Total No of Work | : 38 Nos Roads |
| 3 | Estimated Cost | : Rs.46.90 Lakhs to 49.70 Lakhs (Approx.) |
| 4 | Period of Completion | : 9 Months |
| 5 | Class of contractors | : C, D Class |
| 6 | Cost of Tender Paper | : Cost of Tender paper is to be remitted ONLINE as specified in column-3 of the Annexure |
| 7 | Detail projects | : As specified in the Annexure |
| | **Other details as follows:** | |
| a) | Procurement officer | : Executive Engineer Rural Works Division-II, Kendrapara |
| b) | Availability of tender online & submission of bid | : 18.01.2024 at 11:00 AM to 29.01.2024 up to 5:00 PM |
| c) | Last date & time of seeking of tender clarification | : 25.01.2024 up to 5:00 PM |
| d) | Opening of Tender | : 30.01.2024 at 11.00A.M |

**Further details can be seen from the Govt. website www.tendersorissa.gov.in**

Executive Engineer
Rural Works Division-II
Kendrapara

OIPR - 25098/11/0014/2324

CAD-3718

**GOVERNMENT OF ODISHA**
**ST&SC DEVELOPMENT, MINORITIES & BACKWARD CLASSES WELFARE DEPARTMENT, ODISHA**
**OFFICE OF THE PROJECT ADMINISTRATOR,**
**INTEGRATED TRIBAL DEVELOPMENT AGENCY, RAIRANGPUR**
**e- Procurement Notice**
**Bid Identification No. 05 / ITDA (RRP) 2023-24**

No. 149 //2023-ITDA, RRP Dated, 16.01.2024

Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in"

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 3 (Three) Numbers only |
| 03. | Estimated Cost | : | Rs. 217.00 Lakhs to Rs. 219.00 Lakhs |
| 04. | Period of completion | : | 9 (Nine) Calendar Months as per work category |
| 05. | Date & Time of availability of bid document in the portal | : | 17.01.2024 at 10.00 A.M. to 02.02.2024 05.30 hours |
| 06. | Last date for receipt of bids in the portal | : | 02.02.2024 till 5.30 hours |
| 07. | Bid received Online shall be opened on | : | 03.02.2024 at 11.00 hours onwards |
| 08. | Name and address of the officer inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in"

Project Administrator,
I.T.D.A., Rairangpur

OIPR - 26041/11/0005/2324



## ଭୁବନେଶ୍ୱର ସିଟି

# ଚମକିବ ଜାତୀୟ ରାଜପଥର ଉଭୟପାର୍ଶ୍ୱ

**ଭୁବନେଶ୍ୱର, ୧୬ ।୧(ସମିସ):**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ଉଭୟପାର୍ଶ୍ୱରେ ଥିବା ଖାଲି ସ୍ଥାନର ଉନ୍ନତିକରଣ କରାଯିବ। ସହର ଭିତରେ ଥିବା ୧୭ କି.ମି ରାସ୍ତାପାର୍ଶ୍ୱ ଜାଗାକୁ ଯାତ୍ରୀ, ପଥଚାରୀ ଓ ସାଇକେଲ ଆରୋହୀଙ୍କ ବ୍ୟବହାର ଉଦ୍ଦେଶ୍ୟରେ କନଷ୍ଟ୍ରକସନ୍ ଏଜେନ୍ସିକୁ ଏହି ପ୍ରକଳ୍ପ ଦାୟିତ୍ୱ ଦିଆଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାସହ ଆସନ୍ତା ତିନି ମାସ ଭିତରେ ଏହି ପ୍ରକଳ୍ପ ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଆଚାର୍ଯ୍ୟବିହାର ବସ୍‌ଷ୍ଟପ୍ ନିକଟରେ ଥିବା ଖାଲି ସ୍ଥାନକୁ ବିକଶିତ କରାଯାଇଥିଲା। ବସିବା ପାଇଁ ଚେୟାର୍‌ଠାରୁ ଆରମ୍ଭ କରି ଘାସ ଗାଲିଚା ବିଛାଇବା ସହ ସ୍ୱତନ୍ତ୍ର ରାସ୍ତା ତିଆରି

- **ସୌନ୍ଦର୍ଯ୍ୟକରଣ ହେବ ୧୭ କିଲୋମିଟର**
- **ଖର୍ଚ୍ଚ ହେବ ୩.୨୯ କୋଟି; ୩ ମାସରେ ସରିବ କାମ**
- **ରାସ୍ତାପାର୍ଶ୍ୱରେ ଆମୋଦପ୍ରମୋଦ କରିବେ ଯାତ୍ରୀ**
- **ଦୂରହେବ ପଥଚାରୀଙ୍କ ଦୁର୍ଘଟଣାର ଭୟ**



ହୋଇଛି। ଏଠାରେ ଲୋକମାନେ ବସି ଆମୋଦପ୍ରମୋଦ କରିବା ସହ ସନ୍ଧ୍ୟାରେ ଖୋଲା ଆକାଶ ତଳେ ବସି ସହରର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି।

୧୬ ନମ୍ବର ଜାତୀୟ ରାଜପଥ ଭୁବନେଶ୍ୱର ସହରର ମଧ୍ୟଭାଗ ଦେଇଯାଇଛି। ସବୁବେଳେ ରାସ୍ତା ଭିଡ଼ ହେବା ସହ ପ୍ରତିଦିନ ଏହି ରାସ୍ତା ଦେଇ ସଂଖ୍ୟାଧିକ ଗାଡ଼ି ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। ଏହା ଭିତରେ ଏକାଧିକ ସ୍ଥାନ ଦୁର୍ଘଟଣାପ୍ରବଣ ଅଞ୍ଚଳ ରହିଛି, ଯେଉଁଥିପାଇଁ ପଥଚାରୀ ଓ ଯାତ୍ରୀମାନେ ଅଧିକାଂଶ ସମୟରେ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ବିଡିଏ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାଦ୍ୱାରା ସହରବାସୀ ଉପକୃତ ହେବେ ବୋଲି ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ହ୍ରାସ କରିବା ସହ ଯାତ୍ରୀମାନଙ୍କୁ ସର୍ବୋତ୍ତମ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ଫୁଟ୍‌ପାଥ ଓ ବିଭିନ୍ନ ଛକ ସ୍ଥାନର ଉନ୍ନତିକରଣ କରାଯିବ। ଏହାସହ ଲୋକଙ୍କ ବସିବା ପାଇଁ ସୁବିଧା କରାଯିବା ସହ ପଥଚାରୀ ଓ ସାଇକଲ ଆରୋହୀଙ୍କ ସୁବିଧାକୁ ପ୍ରାଥମିକତା ଦିଆଯିବ। ଏହି ପ୍ରକଳ୍ପ ମଧ୍ୟରେ ବର୍ଷାଜଳ ପରିଚାଳନା ଉପରେ ମଧ୍ୟ ଧ୍ୟାନ ଦିଆଯିବ। ସାମାନ୍ୟ ବର୍ଷା ହେଲେ ଜାତୀୟ ରାଜପଥରେ ଯେଉଁ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେଉଛି, ତା'ର ନିରାକରଣ କରାଯିବା ନେଇ ମଧ୍ୟ ଏଥିରେ ଯୋଜନା କରାଯାଇଛି।

ଏ ସଂପର୍କରେ ଆଚାର୍ଯ୍ୟ ବିହାରର ଜଣେ ବରିଷ୍ଠ ନାଗରିକଙ୍କ କହିଛନ୍ତି, ଜାତୀୟରାଜପଥ ସହରର ମଧ୍ୟଭାଗ ଦେଇ ଯାଇଛି। ଏହା ପଥଚାରୀ ଓ ଗାଡ଼ି ଚାଳକଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ରାସ୍ତା। ଦିନରାତି ୨୪ ଘଣ୍ଟା ଭିତରେ ରାସ୍ତାରେ ମାତ୍ରାଧିକ ଭିଡ଼ ପରିଲକ୍ଷିତ ହେଉଛି। ବିଡିଏ ପକ୍ଷରୁ କରାଯାଉଥିବା ଏହି ପ୍ରକଳ୍ପ ଦ୍ୱାରା ପଥଚାରୀମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଅନ୍ୟ ଜଣେ ବାସିନ୍ଦା ପ୍ରଭଞ୍ଜନ ବିଶ୍ୱାଳ କହିଛନ୍ତି, ସାମାନ୍ୟ ବର୍ଷା ହେଲେ, ଭୁବନେଶ୍ୱର ସହରରେ ଗଳିକନ୍ଦି ବର୍ଷା ପାଣିରେ ବୁଡ଼ି ଯାଉଥିବା ବେଳେ ଜାତୀୟ ରାଜପଥ ମଧ୍ୟ ଏଥିରୁ ବର୍ତ୍ତିପାରୁନି। ତେଣୁ ଏଭଳି ବିକଶିତ କରାଯିବା ଦ୍ୱାରା ଏଭଳି ସମସ୍ୟାରୁ ନିସ୍ତାର ମିଳିବ ବୋଲି ସେ ଆଶାବାଦୀ ଅଛନ୍ତି।

ରାଜଧାନୀରେ ଥିବା ଖାଲି ସ୍ଥାନକୁ ସୁରକ୍ଷା ଦେବା ପାଇଁ ବିଡିଏ ପକ୍ଷରୁ ଏଭଳି ଉପାୟ ଅବଲମ୍ବନ କରି ଜବରଦଖଲରୁ ସୁରକ୍ଷା ଦିଆଯାଇପାରିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଖାଲି ସ୍ଥାନ ରହିବା ଦ୍ୱାରା ସେଠି ବେଆଇନ ଭାବେ ବ୍ୟବସାୟିକ ସ୍ଥଳ ଗଢ଼ି ଉଠୁଛି। ଯାହା ପରବର୍ତ୍ତୀ ସମୟରେ ସହରବାସୀଙ୍କ ପାଇଁ ବିପଦର କାରଣ ପାଲଟୁଛି।

(ପ୍ରଥମ ସ୍ତମ୍ଭର ଅବଶିଷ୍ଟ ଅଂଶ:) ବିକଶିତ ଓ ସୌନ୍ଦର୍ଯ୍ୟକରଣ କରାଯିବ। ବିଶେଷକରି ବସିବା ସହ ଆମୋଦପ୍ରମୋଦ ପାଇଁ ସମସ୍ତ ବନ୍ଦୋବସ୍ତ କରାଯିବ ବୋଲି ଜଣାପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ଫାୟାର୍ ଷ୍ଟେସନ୍‌ରୁ ବରମୁଣ୍ଡା ଆଇଏସ୍‌ବିଟି ଅଣ୍ଡରପାସ୍ ଭିତରେ ଥିବା ଖାଲି ସ୍ଥାନର ସୌନ୍ଦର୍ଯ୍ୟକରଣ କରାଯିବା ନେଇ ବିଡିଏ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହା ଯାତ୍ରୀମାନଙ୍କୁ ଏକ ନୂଆ ଅନୁଭୂତି ଦେବା ସହ ରାସ୍ତାପାର୍ଶ୍ୱରେ ବସି ଥକ୍କା ମେଣ୍ଟାଇବା ସହ ବ୍ୟସ୍ତବହୁଳ ଜୀବନରେ ଟିକେ ଆରାମ ଦେବ। ଏହି ସ୍ଥାନରେ କେବଳ ପଥଚାରୀ ଓ ସାଇକେଲ ଆରୋହୀମାନେ ଚଳପ୍ରଚଳ କରିପାରିବେ। ଏଥିରେ କୌଣସି ଯାନବାହାନ ଚଳାଚଳ ନକରିବା ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ।

ସୂଚନାନୁସାରେ, ଏଥିପାଇଁ ବିଡିଏ ପକ୍ଷରୁ ୩.୨୯ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇ ଏକ

# ୩ରୁ ଏକାମ୍ର ଉତ୍ସବ

**ଭୁବନେଶ୍ୱର, ୧୬।୧(ସମିସ):** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଏକାମ୍ର ଉତ୍ସବ ଆୟୋଜନ କରିବାକୁ ଯାଉଛି। ଫେବୃଆରୀ ୩ରୁ ଭୁବନେଶ୍ୱରରେ ଏକାମ୍ର ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ପରମ୍ପରା ଏବଂ ସଂସ୍କୃତିକୁ ସମ୍ମାନ ଜଣାଇବା ଓ ଏହାର ପ୍ରଚାରପ୍ରସାର କରିବା ଏକାମ୍ର ଉତ୍ସବ ଆୟୋଜନର ପ୍ରକୃତ ଉଦ୍ଦେଶ୍ୟ ବୋଲି ବିଡିଏ ପକ୍ଷରୁ କୁହାଯାଇଛି। ଉତ୍ସବ ପରିଚାଳନା ପାଇଁ ବିଡିଏ ପକ୍ଷରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଅନ୍ୟପକ୍ଷରେ ୩ଦିନିଆ 'ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ମଧ୍ୟ ୩ ଫେବୃଆରୀରୁ ଆରମ୍ଭ ହେବାକୁ ଯାଉଛି। ପ୍ରଥମଥର ପାଇଁ ରାଜ୍ୟରେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀର ଆୟୋଜନ ହେବାକୁ ଯାଉଛି। ଏକାମ୍ର ଉତ୍ସବର ତିନୋଟି ଉପାଦାନ ରହିଛି। ସେଗୁଡିକ ହେଲା ଭୁବନ୍-ଇ-ସ୍ୱର୍ (ମୁଖ୍ୟ କାର୍ଯ୍ୟକ୍ରମ), ସିଟି କାର୍ନିଭାଲ୍- ଲୋକ ଉତ୍ସବ ଏବଂ ଖାଦ୍ୟ ମହୋତ୍ସବ- ଆମ ବ୍ୟଞ୍ଜନ। ଭୁବନ୍-ଇ-ସ୍ୱର୍ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ। ଓଲିଉଡ୍ ଓ ବଲିଉଡ୍‌ର ଖ୍ୟାତିସମ୍ପନ୍ନ କଳାକାର ଏଥିରେ ଯୋଗଦେବେ। ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଭୁବନ୍-ଇ-ସ୍ୱର୍ (ମୁଖ୍ୟ କାର୍ଯ୍ୟକ୍ରମ) ଅନୁଷ୍ଠିତ ହେବ। ବିଭିନ୍ନ ବ୍ୟାଣ୍ଡ ଦ୍ୱାରା ପ୍ରସ୍ତୁତ ଲାଇଭ୍ ମ୍ୟୁଜିକ୍‌କୁ ମନଭରି ଉପଭୋଗ କରିବେ ରାଜଧାନୀବାସୀ। ସେହିଭଳି, ସିଟି କାର୍ନିଭାଲ୍ 'ଲୋକ ଉତ୍ସବ' ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ନେଇ ଏହା ପାଳନ କରାଯିବ। ବିଭିନ୍ନ ପ୍ରକାର ଥିମ୍ ଆଧାରିତ ଏହି କାର୍ନିଭାଲ୍ ଭୁବନେଶ୍ୱରର ପ୍ରମୁଖ ରାସ୍ତାରେ ପାଳନ କରାଯିବ। ଫୁଡ୍ ଷ୍ଟଲ, ଦୋଳି, ବିଭିନ୍ନ ଖେଳ, ରାସ୍ତାରେ ଲାଇଭ ଏଣ୍ଟରଟେନ୍‌ମେଣ୍ଟ, ରାସ୍ତାରେ ଅଭିନୟ ନାଟକ, ଚିତ୍ରାଙ୍କନ, ମୁହଁଙ୍କ ଚିତ୍ର ଆଙ୍କିବା ଏବଂ ଅସ୍ଥାୟୀ ଟାଟୋ ପ୍ରଭୃତି ପ୍ରଦର୍ଶନ କରାଯିବ। ଓଡ଼ିଶାର ହାତ ତିଆରି ଆଞ୍ଚଳିକ ଖାଦ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ 'ଖାଦ୍ୟ ମହୋତ୍ସବ-ଆମ ବ୍ୟଞ୍ଜନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ସୁସଜ୍ଜିତ ଖାଦ୍ୟ ଟ୍ରକ ଅଂଶ ଗ୍ରହଣ କରିବେ ବୋଲି ବିଡିଏ ପକ୍ଷରୁ କୁହାଯାଇଛି।

- **ପ୍ରଦର୍ଶନୀ ପଡ଼ିଆରେ ହେବ ଭୁବନ୍-ଇ-ସ୍ୱର୍**
- **ରାସ୍ତାରେ ଜମିବ ଅଭିନୟ, ଚିତ୍ରାଙ୍କନ ପ୍ରତିଯୋଗିତା**
- **ଆଞ୍ଚଳିକ ଖାଦ୍ୟର ପ୍ରଚାରପ୍ରସାର ପାଇଁ ପ୍ରୟାସ**

# ଦେବୀ ମ୍ୟୁଜିକ୍ ଷ୍ଟୁଡିଓର ଉଦ୍‌ଘାଟନ



**ଭୁବନେଶ୍ୱର, ୧୬।୧(ସମିସ):** ପାଣ୍ଡରାରେ ମଙ୍ଗଳବାର ଦେବୀ ମ୍ୟୁଜିକ୍ ଷ୍ଟୁଡିଓର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଅତିଥିଭାବେ ଉତ୍ତର ବିଧାୟକ ସୁଶାନ୍ତ ରାଉତ୍ ଏହାକୁ ଉଦ୍‌ଘାଟନ କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ତଥା ଓଲିଉଡ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗ ଦେଇଥିଲେ। ଷ୍ଟୁଡିଓର ପ୍ରତିଷ୍ଠାତା ପ୍ରତିଷ୍ଠାତା ଦେବୀ ବାବୁ ଓ ତାଙ୍କ ପତ୍ନୀଙ୍କୁ ଏଭଳି ଅତ୍ୟାଧୁନିକ ଷ୍ଟୁଡିଓର କଳ୍ପନା କରିବାରୁ ଅତିଥିମାନେ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ବିଜେଡିର ବରିଷ୍ଠ ନେତା ଓ ପ୍ରବକ୍ତ ତଥା ଦୈନିକ ଖବରକାଗଜ ସକାଳର ପ୍ରକାଶକ ଅମିତ ମଲ୍ଲିକ, ୟୁଥ୍ ଭଏସ୍‌ର ସଭାପତି ଚିତ୍ତରଞ୍ଜନ ଦାସ, ଯୁବ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ।

# ମେରି ବେବସ୍ ସ୍କୁଲର ଉତ୍ସବ ପାଳିତ



**ଭୁବନେଶ୍ୱର, ୧୬।୧(ସମିସ):** କିଟ୍ ଛକ ଆଦର୍ଶ ବିହାରସ୍ଥିତ ମେରି ବେବସ୍ ସ୍କୁଲ ଏବଂ ନୃତ୍ୟ ସଙ୍ଗୀତର ସ୍କୁଲ 'ଶିଳ୍ପୀ'ର ମଙ୍ଗଳବାର କିଟ୍ ଅଡିଟୋରିୟମ୍ ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଟିଡିସିର ଅଧ୍ୟକ୍ଷ ଲେନିନ୍ ମହାନ୍ତି ଯୋଗ ଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରବି ନାରାୟଣ ଶତପଥୀ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନରେ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅନୀଲ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ନପୂର୍ଣ୍ଣା ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ 'ନୂଆ-ଓ'



**ଭୁବନେଶ୍ୱର, ୧୬।୧(ସମିସ):** ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନୂଆ-ଓ' ସହ ଯୁବ ଓଡ଼ିଶା ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସାଙ୍ଗକୁ ସଙ୍ଗୀତ, ନୃତ୍ୟ, ରଙ୍ଗୋଲି, ତର୍କ ପ୍ରତିଯୋଗିତା ଆଦି କରାଯାଇଥିଲା। ସେହିପରି ଯୋଗ ଶିବିର, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ବିଜୟ କୁମାର ଜେନା ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ୫୦୦ରୁ ଅଧିକ ଛାତ୍ରଛାତ୍ରୀ ତଥା ଅଧ୍ୟାପନା ମଣ୍ଡଳୀ ଉକ୍ତ ଶିବିରରେ ଯୋଗଦାନ କରି ଯୋଗଗୁରୁ ଡ. ସୁଶୀଲ କୁମାର ପଟ୍ଟନାୟକ ଏବଂ ସାଥୀଙ୍କଠାରୁ ବିଭିନ୍ନ ଯୋଗମୁଦ୍ରା ଶିକ୍ଷାଲାଭ କରିଥିଲେ। ରକ୍ତଦାନ ଶିବିରରେ ମହାବିଦ୍ୟାଳୟ ୬୦ରୁ ଅଧିକ ଛାତ୍ରଛାତ୍ରୀ ରକ୍ତଦାନରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଦୁର୍ଘଟଣାଜନିତ ଆଶୁ ଚିକିତ୍ସା ନିମନ୍ତେ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଶେଷରେ ୪୫ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି ବୋଲି ଗୁରୁ ନିମାଇକାନ୍ତ ରାଉତରାୟ ଜଣାଇଥିଲେ।

# ଦେବାଶିଷ ମହାପାତ୍ରଙ୍କୁ 'ପ୍ରଣବ ପରମ୍ପରା ସମ୍ମାନ'

**ଭୁବନେଶ୍ୱର, ୧୬।୧(ସମିସ):** ଆସନ୍ତା ୧୯ ତାରିଖରେ ଓଡ଼ିଶାର କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜନ୍ମଦିନର ପୂର୍ବ ସନ୍ଧ୍ୟାରେ ଆୟୋଜିତ ହେବ ପ୍ରଣବ ଜୟନ୍ତୀ ଓ ସଙ୍ଗୀତର କାର୍ଯ୍ୟକ୍ରମ 'ପ୍ରଣବ ପ୍ରଣାମ'। ଏହି ମହାନ ଗାୟକଙ୍କ ସମ୍ମାନ ଉଦ୍ଦେଶ୍ୟରେ ଗତ ଅଠର ବର୍ଷ ଧରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହି ଅବସରରେ ରୁଚିପୂର୍ଣ୍ଣ ସଙ୍ଗୀତ ଗାୟନ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ପ୍ରଣବ ପରମ୍ପରା ସମ୍ମାନ ଚଳିତ ବର୍ଷ ସଙ୍ଗୀତ ଶିଳ୍ପୀ ଦେବାଶିଷ ମହାପାତ୍ରଙ୍କୁ ପ୍ରଦାନ କରାଯିବ। ଚଳିତବର୍ଷର ବିଶେଷତ୍ୱ ହେଉଛି ପୂର୍ବରୁ ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିଥିବା ପ୍ରଖ୍ୟାତ ଶିଳ୍ପୀମାନେ କାର୍ଯ୍ୟକ୍ରମରେ ଯୋଗଦେବେ। ସେଥିମଧ୍ୟରେ ତୃପ୍ତି ଦାସ, ଗୀତା ପଟ୍ଟନାୟକ, ଶ୍ୟାମାମଣି ଦେବୀ, ଶେଖର ଘୋଷ, ଡ.ସୁଧା ମିଶ୍ର, ଇନ୍ଦ୍ରାଣୀ ମିଶ୍ର, ଡ.ସଙ୍ଗୀତା ଗୋସାଇଁ, ସ୍ୱରୂପା ଚକ୍ରବର୍ତ୍ତୀ ପ୍ରମୁଖ ରହିଛନ୍ତି। ସମ୍ଭାବନା ପକ୍ଷରୁ ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ଉଦ୍ଦେଶ୍ୟରେ ଆୟୋଜିତ ଓଡ଼ିଆ ମହୋତ୍ସବର ପ୍ରଥମ କାର୍ଯ୍ୟକ୍ରମ ପ୍ରଣବ ପ୍ରଣାମ ଅବସରରେ ବହୁ ଜନପ୍ରିୟ ପ୍ରଣବ ସଙ୍ଗୀତ ପରିବେଷଣ କରାଯିବ।

# ପରଲୋକରେ କାହ୍ନୁସାର୍



**ବଡ଼ରଘୁନାଥପୁର, ୧୬।୧(ସମିସ):** ରାଜଧାନୀ ଉପକଣ୍ଠ ପାଇକରାପୁର ଉଚ୍ଚପ୍ରାଥମିକ (ମଧ୍ୟ ଇଂରାଜୀ) ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କାହ୍ନୁଚରଣ ସାହୁଙ୍କ ମଙ୍ଗଳବାର ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶ୍ରୀ ସାହୁ ଦୀର୍ଘ ତିନି ଦଶନ୍ଧୀରୁ ଅଧିକ କାଳ ପାଇକରାପୁର ମଧ୍ୟଇଂରାଜୀ ବିଦ୍ୟାଳୟରେ ଶିକ୍ଷକତା କରିଥିବା ବେଳେ ତାଙ୍କର ପ୍ରାୟ ଦେଢ଼ ହଜାରରୁ ଅଧିକ ଛାତ୍ରଛାତ୍ରୀ ବିଭିନ୍ନ ସମୟରେ ତାଙ୍କଠାରୁ ଶିକ୍ଷାଲାଭ କରିଛନ୍ତି। ସରକାରୀ ଉଚ୍ଚବିଦ୍ୟାଳୟ (ପଞ୍ଚାୟତ ହାଇସ୍କୁଲ୍) ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି।

# 'ପୋଷ୍ଟର୍ ପୋଏମ୍' ଉନ୍ମୋଚିତ

**ଭୁବନେଶ୍ୱର, ୧୬।୧(ସମିସ):** ଜେଡି ସେଣ୍ଟର୍ ଅଫ୍ ଆର୍ଟ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଜେଡି ସେଣ୍ଟର ଅଫ୍ ଆର୍ଟ ଖଣ୍ଡଗିରିଠାରେ 'ପୋଷ୍ଟର ପୋଏମ୍'ର ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମାୟାଧର ମାନସିଂହ, ଜୟନ୍ତ ମହାପାତ୍ର, ଦେବୀପ୍ରସନ୍ନ ପଟ୍ଟନାୟକ, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଜଗନ୍ନାଥ ପ୍ରସାଦ ଦାସ, ଯତୀନ ଦାସ ଏବଂ ବିୟତ୍‌ପ୍ରଜ୍ଞା ତ୍ରିପାଠୀ ପ୍ରମୁଖ ୮ ଜଣ କବିଙ୍କର ପୋଷ୍ଟର ପୋଏମ୍ ଉଦ୍‌ଘାଟିତ ହୋଇଛି। ଏହି ପୋଷ୍ଟର ପୋଏମ୍‌ରେ କବିମାନଙ୍କର ହାତଲେଖା ଏବଂ ଦସ୍ତଖତ ଥିବା କବିତା ସହିତ ବିଶ୍ୱ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଯତୀନ ଦାସ୍‌ଙ୍କର ଚିତ୍ର ଓ ହସ୍ତାକ୍ଷର ରହିଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯତୀନ ଦାସ୍ କହିଥିଲେ ଯେ, ଓଡ଼ିଶାର ସମସ୍ତ ଶିଳ୍ପୀ କବି କିମ୍ବା ଲେଖକ ପରସ୍ପର ସହ ଭାବ ଆଦାନପ୍ରଦାନର ଆବଶ୍ୟକତା ରହିଛି। ଏହାଦ୍ୱାରା ଆମର ସାମାଜିକ ଚେତନା ଓ ଜୀବନର



ମାନଦଣ୍ଡ ବୃଦ୍ଧି ହୋଇପାରିବ। କାର୍ଯ୍ୟକ୍ରମରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ବକ୍ତବ୍ୟ ରଖିଥିବାବେଳେ ବିଶିଷ୍ଟ କବି ସୀତାକାନ୍ତ ମହାପାତ୍ର ନିଜର କବିତା ଆବୃତ୍ତି କରିଥିଲେ। ରାମହରି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁନାମଧନ୍ୟ କବି, ଚିତ୍ରକର, କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ, ଚିତ୍ରଶିଳ୍ପୀ ଓ କଳାକୁ ଭଲ ପାଉଥିବା ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ଉଡ଼ିବା...ଉଡ଼େଇବା...



ଦୟାପଠାରେ ଗୁଡ଼ିଉଡ଼ା

ଫଟୋ-ଦୀପକ

# ରାସ୍ତା ମଝିରେ ୱାଟର୍ ଫାଉଣ୍ଟେନ୍!

**ଭୁବନେଶ୍ୱର, ୧୬ ।୧(ସମିସ):** ବିଏମ୍‌ସିର ୩୨ନମ୍ବର ୱାର୍ଡ ଅନ୍ତର୍ଗତ ଝାରପଡ଼ା କେନାଲ ରୋଡ୍‌ସ୍ଥିତ ଜୟଦୁର୍ଗା ନଗର ମୁଖ୍ୟ ରାସ୍ତାରେ ଗତ ୧୦ଦିନ ହେଲା ସ୍ୱେରେଜ୍ ଚ୍ୟାମ୍ବର ଫାଟି ମଇଳା ପାଣି ରାସ୍ତାରେ ଭାସୁଛି। ସ୍ଥାନୀୟ ବାସିନ୍ଦା ଏ ନେଇ ସ୍ୱେରେଜ୍ ବୋର୍ଡ ନିକଟରେ ଅଭିଯୋଗ କରିଥିଲେ ହେଁ କେହିହେଲେ କର୍ଣ୍ଣପାତ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଝାରପଡ଼ା କେନାଲ ରୋଡ୍ ମୁଖ୍ୟ ରାସ୍ତାର ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସେହି ରାସ୍ତା ଦେଇ ବାଇକ୍ ବ୍ୟତୀତ ଅନ୍ୟ କୌଣସି ଗାଡ଼ି ଯାତାୟାତ କରିପାରୁନି। ବାଇକ୍ ଆରୋହୀ ମଧ୍ୟ ଅତି ସତର୍କତାର ସହ ରାସ୍ତା ଅତିକ୍ରମ କରୁଛନ୍ତି। ଜଳ ଫୁଆରା ଭଳି ସ୍ୱେରେଜ୍‌ର ମଇଳା ପାଣି ରାସ୍ତାରେ ଭାସୁଛି। ରାସ୍ତାର ଖାଲୁଆ ଅଞ୍ଚଳରେ ପାଣି ଜମା ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ରାସ୍ତା କଡ଼ରେ ଘର କରି ରହୁଥିବା ଲୋକମାନେ ଦୁର୍ଗନ୍ଧରେ କବାଟ ତାଟି ପକାଇ ରହୁଛନ୍ତି। ଘରୁ ବାହାରିଲେ ମଇଳା ପାଣି କୁଦି ଯିବାକୁ ପଡୁଛି। ପଚା ପାଣି ସାଙ୍ଗକୁ ଦୁର୍ଗନ୍ଧ ଅସ୍ତବ୍ୟସ୍ତ କରି ଦେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସୂଚାନାନୁସାରେ, ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟାତ କରୁଛନ୍ତି। ବାଇକ୍, କାର୍ ଓ ବିଭିନ୍ନ ସାମଗ୍ରୀ ନେଇ ପରିବହନ କରୁଥିବା ଗାଡ଼ି ସକାଳୁ ରାତି ଯାଏଁ ଏହି ରାସ୍ତାରେ ଯାଉଛି। କେନାଲ ରୋଡ୍‌ର ଅପରପାର୍ଶ୍ୱରେ ଥିବା ରାସ୍ତାର ସ୍ଥିତି ଭଲନଥିବାରୁ ଲୋକମାନେ ଏହି ରାସ୍ତାକୁ ବେଶି ଗୁରୁତ୍ୱ ଦେଉଥିଲେ। ସବୁ ଦୃଷ୍ଟିରୁ ଏହି ରାସ୍ତା ସମଗ୍ର ଅଞ୍ଚଳରେ ଗୁରୁତ୍ୱ ବହନ କରୁଥିଲେ ମଧ୍ୟ ସ୍ୱେରେଜ୍ ବୋର୍ଡ କର୍ତ୍ତୃପକ୍ଷ ଏଥିପ୍ରତି ଆଖି ବୁଜି ଦେଇଛନ୍ତି। କେବଳ ଜୟଦୁର୍ଗା ନଗର ନୁହେଁ, ସହର ଭିତରେ ଏକାଧିକ ସ୍ଥାନରେ ପ୍ରତିଦିନ ଏଭଳି ସ୍ଥିତି ଉପୁଜୁଥିଲେ ହେଁ ଏଥିପ୍ରତି ପ୍ରଶାସନର ନିରବତା ଲୋକଙ୍କୁ ବ୍ୟଥିତ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଅଜୟ ସାହୁ କହିଛନ୍ତି, ଏହି ରାସ୍ତାରେ ସ୍ୱେରେଜ୍ ପାଇପ୍ ବିଛା ହେବାବେଳେ ଗତବର୍ଷ ଆମେ ମାସାଧିକ କାଳ ଦହଗଞ୍ଜ ହୋଇଛୁ। ମାତ୍ର କେଇଟା ମାସ ନ ଯାଉଣୁ ସ୍ୱେରେଜ୍ ଚ୍ୟାମ୍ବରର ଏଭଳି ସ୍ଥିତି ଆମକୁ ବ୍ୟଥିତ କରୁଛି। ଆଗାମୀ ଦିନରେ ଯଦି କେତେବେଳେ ସ୍ୱେରେଜ୍ ଚ୍ୟାମ୍ବର ଭୁଶୁଡ଼ି ପଡ଼ିବ ତାକୁ ନେଇ ଆଶଙ୍କା ସୃଷ୍ଟ ହେଲାଣି। ଅନ୍ୟଜଣେ ବାସିନ୍ଦା ସଦାଶିବ ବେହେରା କହିଛନ୍ତି, ରାସ୍ତାରେ ଏଭଳି ପଚା ପାଣିର ଜଳ ଫୁଆରା କ'ଣ ସ୍ୱେରେଜ୍ ଅଧିକାରୀମାନଙ୍କୁ ଦେଖାଯାଉନି। ଲୋକମାନଙ୍କ ପାଇଖାନା ପାଣି ଏହି ସ୍ୱେରେଜ୍‌ରେ ଆସୁଛି। ଆମେ ଘରୁ ବାହାରିଲେ ଏହି ମଇଳା ପାଣି କୁଦି ଯାଉଛୁ। ତେଣୁ ତୁରନ୍ତ ଏହାର ମରାମତି କରାଯାଉ ବୋଲି ସେ ଦାବି କରିଛନ୍ତି।

- **ରାସ୍ତାରେ ଭାସୁଛି ମଇଳା ପାଣି**
- **୧୦ଦିନ ହେଲା ଫାଟିଛି ସ୍ୱେରେଜ୍ ଚ୍ୟାମ୍ବର**



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୮୫ ● ପାଉଣ୍ଡ ୧୦୫.୫୫
- ୟୁରୋ ୯୦.୪୯ ● ୟେନ୍ ୦.୫୬

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୮,୧୫୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୧୨୮.୦୦
- ନିଫ୍ଟି ୨୨,୦୩୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଲୋକସଭା ନିର୍ବାଚନରେ ଏଆଇ ବ୍ୟବହାର କରିବାକୁ ଅନୁମତି ଦେବନାହିଁ ଓପନ୍‌ଏଆଇ

**ନୂଆଦିଲ୍ଲୀ,୧୬।୧(ଏଜେନ୍ସି):** ଆମେରିକାଭିତ୍ତିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ରିସର୍ଚ୍ଚ କମ୍ପାନୀ ଓପନଏଆଇ କହିଛି ଯେ ଭାରତରେ ଲୋକସଭା ନିର୍ବାଚନର ପ୍ରଚାର ପାଇଁ ଏଆଇ ବ୍ୟବହାର କରାଯାଇପାରିବ ନାହିଁ। ଦେଶରେ ନିରପେକ୍ଷ ଭିତ୍ତିରେ ନିର୍ବାଚନ ହେବା ଆବଶ୍ୟକ। ସୋମବାର ଦିନ ଓପନଏଆଇ କହିଛି ଯେ ଏହା ଡିପ୍‌ଫେକ୍ ଭିଡିଓ, ଫଟୋ ଏବଂ ମିଥ୍ୟା ଖବର ବନ୍ଦ କରିବା ପାଇଁ କିଛି ଉପକରଣ ଆଣିବାକୁ ଯାଉଛି।

ଓପନଏଆଇର କହିବନୁଯାୟୀ, ଚାଟ୍‌ଜିପିଟି ମାଧ୍ୟମରେ ଉପଭୋକ୍ତାମାନେ ପ୍ରକୃତ ସମୟରେ ସୂଚନା ପାଇପାରିବେ। ଚାଟ୍‌ବର୍ଟ ମଧ୍ୟ କେଉଁଠାରୁ ସୂଚନା ନେଇଛି ତାହାର ଲିଙ୍କ୍ ସଂଲଗ୍ନ କରିବ। କାରଣ ସମ୍ପ୍ରତି ଚାର୍ଟଜିପିଟିରେ ଏହି ବୈଶିଷ୍ଟ୍ୟ ନାହିଁ। କଣ୍ଟେଣ୍ଟର ବ୍ୟବହାର କରିବାକୁ କମ୍ପାନ ସିଏନ୍‌ଏନ୍, ଫକ୍ସ ନ୍ୟୁଜ୍, ଟାଇମ୍ ଏବଂ ବ୍ଲୁମବର୍ଗ ସହ ଅନେକ ଗଣମାଧ୍ୟମ ସଂସ୍ଥା ସହିତ ଆଲୋଚନା କରୁଛି।

ଓପନ୍‌ଏଆଇ କହିଛି ଯେ ସେମାନେ ଏପରି ଏକ ଉପକରଣ ଆଣିବାକୁ ଯାଉଛନ୍ତି ଯାହା ଏଆଇ ଉତ୍ପାଦିତ ପ୍ରତିଛବିଗୁଡ଼ିକୁ ଚିହ୍ନିବାରେ ସାହାଯ୍ୟ କରିବ। ଏଥିପାଇଁ କମ୍ପାନୀ ଫଟୋ ଏନକୋଡିଂ ଆରମ୍ଭ କରିବ। ଏହାସହିତ, ଉପଭୋକ୍ତାମାନେ ଫଟୋ ସୃଷ୍ଟି କରିଥିବା ବ୍ୟକ୍ତି ଏବଂ ଏହାର ସମୟ ବିଷୟରେ ସୂଚନା ପାଇବାକୁ ସକ୍ଷମ ହେବେ। ଏହାସହିତ, ଲୋକମାନେ ଜାଣିବାକୁ ସକ୍ଷମ ହେବେ ଯେ ଏକ ଚିତ୍ର ବାସ୍ତବ କି କମ୍ପ୍ୟୁଟର ସାହାଯ୍ୟରେ ଏହା ପ୍ରସ୍ତୁତ ହୋଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୪ରେ ବିଶ୍ୱର ୬୩ଟି ଦେଶରେ ରାଷ୍ଟ୍ରପତି କିମ୍ବା ସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଏଥିମଧ୍ୟରେ ଭାରତ, ଆମେରିକା, ବ୍ରିଟେନ, ରୁଷ ଭଳି ରାଷ୍ଟ୍ର ଅନ୍ତର୍ଭୁକ୍ତ। ଏହି ସମସ୍ତ ଦେଶରେ ନିର୍ବାଚନ ପ୍ରଚାର ପାଇଁ ସୋସିଆଲ ମିଡିଆ ବହୁଳ ଭାବରେ ବ୍ୟବହୃତ ହେବ। ନିର୍ବାଚନ ପୂର୍ବରୁ ମଧ୍ୟ ଅନେକ ନେତା ଡିପ୍‌ଫେକ୍ ଭିଡିଓ ଏବଂ ଫଟୋକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସପ୍ତାହକ ମଧ୍ୟରେ ଡିପ୍‌ଫେକ୍ ପାଇଁ ନୂଆ ନିୟମ

**ସୋସିଆଲ ମିଡିଆ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ**

**ନିକଟରେ ସଚିନ୍‌ଙ୍କ ଭିଡିଓ ହୋଇଥିଲା ଭାଇରାଲ୍**



**ନୂଆଦିଲ୍ଲୀ,୧୬।୧(ଏଜେନ୍ସି)**

ଡିପ୍‌ଫେକ୍‌କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ନିକଟରେ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ଡିପ୍‌ଫେକ୍ ଭିଡିଓ ଭାଇରାଲ୍ ହୋଇଥିଲା। ଏହାପରେ ଏବେ ଏଭଳି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ନେଇ ସଶକ୍ତ ହୋଇଛନ୍ତି କେନ୍ଦ୍ର ସରକାର। ଡିପ୍‌ଫେକ୍ ରୋକିବାକୁ ସପ୍ତାହକ ମଧ୍ୟରେ କେନ୍ଦ୍ର ସରକାର ନୂଆ ନିୟମ ଆଣିବାକୁ ଯାଉଛନ୍ତି। ନୂଆ ନିୟମରେ ସୋସିଆଲ ମିଡିଆ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେନ୍ଦ୍ର ଆଇଟି ରାଷ୍ଟ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର କହିଛନ୍ତି ଯେ, ସରକାର ଡିପ୍‌ଫେକ ସମ୍ବନ୍ଧରେ ନୂତନ ନିୟମ ଆଣିବାକୁ ଯାଉଛନ୍ତି। ଜାନୁଆରୀ ୧୬ରେ ୭-୮ ଦିନ ମଧ୍ୟରେ ନୂତନ ଆଇଟି ନିୟମ ସମ୍ପର୍କରେ ସୂଚନା ଦିଆଯିବ। ନୂଆ ଆଇଟି ନିୟମରେ ଭୁଲ ତଥ୍ୟ ଏବଂ ଡିପ୍‌ଫେକ୍‌କୁ ନେଇ ବଡ଼ ବ୍ୟବସ୍ଥା କରାଯାଇଛି। ଏହାକୁ ଅନୁସରଣ କରିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ, ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହାପୂର୍ବରୁ ନଭେମ୍ବର ୨୩ରେ କେନ୍ଦ୍ର ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଗଣତନ୍ତ୍ର ପାଇଁ ଡିପ୍‌ଫେକ୍ ଏକ ନୂଆ ବିପଦ ଭାବରେ ଉଭା ହୋଇଛି। ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମ ଡିପ୍‌ଫେକ୍‌ର ବିପଦ ଏବଂ ଏହାର ଗମ୍ଭୀରତାକୁ ଗ୍ରହଣ କରିଛି। ବୈଷ୍ଣବ କହିଥିଲେ ଯେ ଡିପ୍‌ଫେକ୍‌ର ସୃଷ୍ଟିକର୍ତ୍ତା ଏବଂ ଏହାର ହୋଷ୍ଟିଂ ପ୍ଲାଟଫର୍ମଗୁଡିକ କୌଣସି ଘଟଣା ପାଇଁ ଉତ୍ତରଦାୟୀ ରହିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡିପ୍‌ଫେକ୍‌କୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଙ୍କର ମଧ୍ୟ ଏକ ଡିପ୍‌ଫେକ୍ ଭିଡିଓ ଆସିଥିଲା। ଗତ ବର୍ଷ ନଭେମ୍ବରରେ, ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର ଏକ ଡିପ୍‌ଫେକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ସୋସିଆଲ ମିଡିଆରେ ହଜାର ହଜାର ଲୋକ ରଶ୍ମିକାଙ୍କର ଏହି ନକଲି ଭିଡିଓକୁ ବାସ୍ତବ ବୋଲି ବିବେଚନା କରିଥିଲେ କାରଣ ଏଥିରେ ଦେଖାଯାଇଥିବା ଅଭିବ୍ୟକ୍ତିଗୁଡ଼ିକ ସମ୍ପୂର୍ଣ୍ଣ ବାସ୍ତବ ଦେଖାଯାଉଥିଲା।

## ପରିକ୍ରମା ପ୍ରକଳ୍ପରେ ସିପି ପ୍ଲସ୍‌ର ସିସିଟିଭି ସଂସ୍ଥାପିତ

**ଭୁବନେଶ୍ୱର,୧୬।୧(ସିମସ):** ବୁଧବାର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ହେବାକୁ ଯାଉଛି। ଏଥିପାଇଁ ପୁରୀରେ ଲକ୍ଷ ଲକ୍ଷ ଲୋକଙ୍କ ଭିଡ଼ ହେବାକୁ ଯାଉଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ସିପି ପ୍ଲସ୍ ପୁରୀ ଅଞ୍ଚଳରେ ସିସିଟିଭି ଲଗାଇଛି। ଲୋକଙ୍କ ସୁରକ୍ଷା




ସହିତ ତୀକ୍ଷ୍ଣ ନଜର ରଖିବା ପାଇଁ ସିପି ପ୍ଲସ୍ ପୁରୀରେ ସିସିଟିଭି ଲଗାଇଛି। ସିସିଟିଭି ଦ୍ୱାରା କେବଳ ନଜର ରଖିହେବ ତାହା ନୁହେଁ ଅସୁବିଧା ସମୟରେ ସାଧାରଣ ଜନତାଙ୍କୁ ସାହାଯ୍ୟ ମଧ୍ୟ କରିହେବ। ପରିକ୍ରମା ପ୍ରକଳ୍ପରେ ସିସିଟିଭି ସଂସ୍ଥାପନ ପାଇଁ ସୁଯୋଗ ଦିଆଯାଇଥିବାରୁ ସିପି ପ୍ଲସ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ, ୫ଟି ସଚିବ ଏବଂ ପୁଲିସ ଆଇଜିଙ୍କୁ ଧନ୍ୟବାଦ ଦିଆଯାଇଛି।

**ଲିଥିୟମ ଖଣି ଅନୁସନ୍ଧାନ ଏବଂ ଉତ୍ତୋଳନ**

## କାବିଲ୍-କେମେନ୍ ଏସ୍‌ଇ ଚୁକ୍ତିନାମା ସ୍ୱାକ୍ଷର

**ଅନୁଗୋଳ, ୧୬।୧ (ସମିସ):** ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଅଧୀନସ୍ଥ ଉଦ୍ୟୋଗ - ଖଣିଜ ବିଦେଶ ଇଣ୍ଡିଆ ଲିମିଟେଡ୍ (କାବିଲ) ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଆର୍ଜେଣ୍ଟିନାର କାଟାମାର୍କା ପ୍ରଦେଶ ସରକାରଙ୍କ ଅଧୀନସ୍ଥ ଉଦ୍ୟୋଗ କେମେନ ଏସ ଇ ସହ କାଟାମାର୍କା ରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। କାଟାମାର୍କାର ଗଭର୍ଣ୍ଣର ରଲ ଜଲିଲ, ଭାଇସ ଗଭର୍ଣ୍ଣର ଙ୍କ ରୁବେନ ଡସୋ, କାଟାମାର୍କା ପ୍ରଦେଶର ଖଣି ମନ୍ତ୍ରୀ ମାରସେଲୋ ମାରୁଆ ଏବଂ ଆର୍ଜେଣ୍ଟିନାରେ ଭାରତର ରାଷ୍ଟ୍ରଦୂତ ଦିନେଶ ଭାଟିଆଙ୍କ ଉପସ୍ଥିତି ରେ ଏହି ଚୁକ୍ତିନାମାପତ୍ର ସ୍ୱାକ୍ଷରିତ ହୋଇଛି। ମାନ୍ୟବର କେନ୍ଦ୍ର ସଂସଦୀୟ ବ୍ୟାପାର, କୋଇଲା ଏବଂ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ସଚିବ, ଏଲ କାନ୍ତା ରାଓ ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉପସ୍ଥିତ ଥିଲେ। ନାଲ୍‌କୋ ସିଏମଡି ତଥା କାବିଲ ଚେୟାରମ୍ୟାନ ଶ୍ରୀଧର ପାତ୍ର ଏବଂ ନାଲକୋର ବାଣିଜ୍ୟିକ ନିର୍ଦ୍ଦେଶକ ତଥା କାବିଲ୍‌ର ସିଇଓ ସଦାଶିବ ସାମନ୍ତରାୟ, ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ଯୋଶୀ କହିଛନ୍ତି ଯେ, ଉଭୟ ଭାରତ ଓ ଆର୍ଜେଣ୍ଟିନା ପାଇଁ ଏହା ଏକା ଐତିହାସିକ ଦିନ। କାବିଲ୍ ଏବଂ କେମେନ ମଧ୍ୟରେ ହୋଇଥିବା ବୁଝାମଣା ଦ୍ୱାରା ଦୁଇ ଦେଶର ଦ୍ୱିପକ୍ଷିକ ସମ୍ପର୍କରେ ଆଉ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି।



## ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ଅଂଶଗ୍ରହଣ କରିବ ଏସ୍‌ଏନ୍‌ଏମ୍ ଗ୍ରୁପ

**ଭୁବନେଶ୍ୱର, ୧୬।୧(ସମିସ):** ଝାରସୁଗଡାଠାରେ ଚଳିତମାସ ୧୯ରୁ ୨୧ ଯାଏ ଚାଲିବାକୁ ଥିବା ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାରେ ଏସ୍‌ଏନ୍‌ଏମ୍ ଗ୍ରୁପ ଅଂଶଗ୍ରହଣ କରିବ। ଗ୍ରୁପ ଅଧ୍ୟକ୍ଷ ଡ. ପ୍ରଦୀପ ମହାନ୍ତିଙ୍କ ନେତୃତ୍ୱରେ କମ୍ପାନୀ ଗତ ୪ ଦଶନ୍ଧୀ ଧରି ଲୁହାପଥର, ମାଙ୍ଗାନିଜ୍ ଏବଂ ବକ୍ସାଇଟ୍ ଉତ୍ତୋଳନ କରୁଛି। ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ କମ୍ପାନୀ ବିଭିନ୍ନ କ୍ଷେତ୍ରରେ ଏହା ପ୍ରାଧାନ୍ୟ ଜାରି ରଖିଛି। ଗ୍ରୁପକୁ ଦିଗ୍‌ଦର୍ଶନ ଦେଉଥିବା ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି ଏବଂ ପ୍ରଗତି ମହାନ୍ତିଙ୍କର ବ୍ୟବସାୟ କ୍ଷେତ୍ରରେ ପ୍ରଚୁର ଅଭିଜ୍ଞତା ରହିଛି। ଗ୍ରୁପକୁ ନିରନ୍ତର ଅଭିବୃଦ୍ଧି ପ୍ରଦାନରେ ସେମାନେ ପ୍ରୟାସ ଜାରି ରଖିଛନ୍ତି। ଝାରସୁଗୁଡାଠାରେ ଭାରତୀୟ ଶିଳ୍ପ ସଂଘ (ସିଆଇଆଇ) ଏହି ୪୨ତମ ଏଣ୍ଟରପ୍ରାଇଜ୍ ଓଡ଼ିଶାର ଆୟୋଜନ କରୁଛି, ଯାହାକି ପ୍ରଥମ ଥର ପାଇଁ ପଶ୍ଚିମ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ୧୫୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ୧୨୦୦ରୁ ଅଧିକ ଶିଳ୍ପ ପ୍ରତିନିଧି ଯୋଗଦେବେ।

## ଜିନ୍ଦଲ ଷ୍ଟେନଲେସ୍ ୧୫୦ କର୍ମଚାରୀଙ୍କୁ ଇଏସ୍‌ଓପି ଦେଲା

**ଭୁବନେଶ୍ୱର, ୧୬।୧(ସମିସ):** ଷ୍ଟେନ୍‌ଲେସ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଲିମିଟେଡ ନିଜର ବରିଷ୍ଠ ଟିମରୁ ପ୍ରାୟ ୧୫୦ ଜଣ ସଦସ୍ୟଙ୍କ ପାଇଁ ଏକ କର୍ମଚାରୀ ଷ୍ଟକ୍ ଅପ୍‌ସନ୍ ପ୍ଲାନ୍ (ଇଏସଓପି) ଘୋଷଣା କରିଛି। ଇଏସଓପି ଏବଂ ପ୍ରତିବନ୍ଧିତ ଷ୍ଟକ ୟୁନିଟ୍ ଉପକରଣର ସମାନ ମିଶ୍ରଣ ବ୍ୟବହାର କରି ଜିନ୍ଦଲ ଷ୍ଟେନଲେସ ଲିମିଟେଡ କର୍ମଚାରୀ ଷ୍ଟକ୍ ଅପ୍‌ସନ୍ ସ୍କିମ୍ ୨୦୨୩ ଅଧିନରେ କମ୍ପାନୀ ଯୋଗ୍ୟ କର୍ମଚାରୀମାନଙ୍କୁ ୧୫,୬୮,୨୬୬ ଷ୍ଟକ୍ ବିକଳ୍ପ ପ୍ରଦାନ କରିଛି। କାର୍ଯ୍ୟକ୍ଷେତ୍ରରେ ପ୍ରଦର୍ଶନ ଆଧାରରେ ଏହି ଇଏସଓପି ଚାରି ବର୍ଷ ମଧ୍ୟରେ ନ୍ୟସ୍ତ ହେବ। ଇଏସଓପି ଲାଗୁ କରିବାର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତିଭାଙ୍କୁ ଆକର୍ଷିତ କରିବା, ଉତ୍ସାହିତ କରିବା ଏବଂ ବଜାୟ ରଖିବା, ଏକ ଅଂଶୀଦାର ଭାବେ ମାଲିକାନା ଭାବନା ପୋଷଣ କରିବା ଏବଂ କର୍ମଚାରୀଙ୍କ ସ୍ୱାର୍ଥକୁ କମ୍ପାନୀର ସ୍ୱାର୍ଥ ସହିତ ଯୋଡ଼ିବା। ଏହି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଇଏସଓପିର କାର୍ଯ୍ୟକାରିତା ହେଉଛି ଆମର ଲୋକମାନଙ୍କୁ ବଜାୟ ରଖିବା ଏବଂ ପ୍ରଗତିରେ ସେମାନଙ୍କୁ ପ୍ରକୃତ ଅଂଶୀଦାର କରିବା ନେଇ ଆମ ଉଦ୍ଦେଶ୍ୟର ଏକ ସାକ୍ଷ୍ୟ।



## ଡିଏସ୍‌ପି ନିଫ୍‌ଟି ହେଲ୍‌ଥକେୟାର ଇଟିଏଫ୍‌ର ପ୍ରଚଳନ

**ଭୁବନେଶ୍ୱର,୧୬।୧(ସମିସ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ଭାରତର ଅଭିବୃଦ୍ଧିଶୀଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅଂଶଗ୍ରହଣ କରିବା ନିମନ୍ତେ ନିବେଶକଙ୍କୁ ସୁଯୋଗ ପ୍ରଦାନ କରିବା ସକାଶେ ନିଫ୍‌ଟି ହେଲ୍‌ଥକେୟାର ଇଣ୍ଡେକ୍ସକୁ ନକଲ କରୁଥିବା/ତଥ୍ୟ ରଖୁଥିବା ଏକ ଓପନ୍-ଏଣ୍ଡେଡ୍ ସ୍କିମ୍ ଡିଏସ୍‌ପି ନିଫ୍‌ଟି ହେଲ୍‌ଥକେୟାର ଇଟିଏଫ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ନିଫ୍‌ଟି ହେଲ୍‌ଥକେୟାର ଇଣ୍ଡେକ୍ସ ଫାର୍ମାସ୍ୟୁଟିକାଲ୍ସ, ହସପିଟାଲ, ପାଥୋଲୋଜି, ହେଲ୍‌ଥକେୟାର ରିସର୍ଚ୍ଚ ଆନାଲିଟିକ୍ସ ଓ ଟେକ୍‌ନୋଲୋଜି ଭଳି ବିବିଧକୃତ ଇଣ୍ଡେକ୍ସକୁ ପରିସରଭୁକ୍ତ କରୁଛି। ଏହା ନିଫ୍‌ଟି ୫୦୦ ୟୁନିଭର୍ସରୁ ଫ୍ରି ଫ୍ଲୋଟ୍ ମାର୍କେଟ କ୍ୟାପ୍ ଆଧାରରେ ଶୀର୍ଷ ୨୦ ଷ୍ଟକ୍‌ର ପ୍ରତିନିଧିତ୍ୱ କରିବାକୁ ପ୍ରତି ୬ ମାସରେ ଆଡଜଷ୍ଟ ଅଥବା ରିବାଲାନ୍ସ କରୁଛି। ସ୍ୱାସ୍ଥ୍ୟସେବା ମାର୍କେଟ କ୍ୟାପ୍ ଗତ ୧୦ ବର୍ଷ ମଧ୍ୟରେ ଏକ ସନ୍ତୋଷଜନକ ହାର ପ୍ରାୟ ୧୦%ରେ ଅଭିବୃଦ୍ଧି ହାସଲ କରିଛି।

**ଡିପିଆଇଆଇଟି ରାଜ୍ୟ ଷ୍ଟାର୍ଟ ଅପ୍ ର୍ୟାଙ୍କିଙ୍ଗ ୨୦୨୨**

## ଓଡ଼ିଶାକୁ 'ଶୀର୍ଷ ପ୍ରଦର୍ଶନକାରୀ' ମାନ୍ୟତା

**ଭୁବନେଶ୍ୱର, ୧୬।୧(ସମିସ):** ଏକ ଉନ୍ନତ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ ଗଠନ ପାଇଁ ଓଡ଼ିଶାକୁ ଏହାର ଅଦମ୍ୟ ପ୍ରତିବଦ୍ଧତାର ଫଳ ମିଳିଛି। କେନ୍ଦ୍ର ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ଓଡ଼ିଶାକୁ ରାଜ୍ୟ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ ୨୦୨୨ରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ମାନ୍ୟତା ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି।



ଏହି ୪ର୍ଥ ସଂସ୍କରଣ ରାଜ୍ୟ ଷ୍ଟାର୍ଟ ଅପ୍ ର୍ୟାଙ୍କିଙ୍ଗ ଡିପିଆଇଆଇଟି ଦ୍ୱାରା ପରିଚାଳିତ ହୋଇଥିଲା। ଏଥିପାଇଁ ୨୫ଟି ଆକ୍ସନ ପଏଣ୍ଟ ବ୍ୟବହୃତ ହୋଇଥିଲା। ଷ୍ଟାର୍ଟଅପ୍‌ର ସମ୍ପ୍ରସାରଣ ଓ ଇକୋ ସିଷ୍ଟମକୁ ସମର୍ଥନ କରିବା ଲାଗି କାର୍ଯ୍ୟ କରିବାକୁ ୩୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପ୍ରୋତ୍ସାହିତ କରାଯାଇଥିଲା। ୨୦୧୮ ରେ ଆରମ୍ଭ ହୋଇଥିବା ଏହି ଅଭ୍ୟାସ ୨୦୧୯ରେ ଷ୍ଟାର୍ଟଅପ ଇକୋ ସିଷ୍ଟମକୁ ସମର୍ଥନ କରିଥିବାରୁ ଓ ରାଜ୍ୟ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ ୨୦୨୧ରେ ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବରେ ପୁରସ୍କୃତ କରିଥିଲା। ରାଜ୍ୟ ପ୍ରତ୍ୟେକ ଅଞ୍ଚଳରେ ଉଦ୍ୟୋଗୀମାନଙ୍କ ବିକାଶ ପାଇଁ ସାମଗ୍ରିକ ନୀତି ଓ ଯୋଜନା ପ୍ରସ୍ତୁତ ହୋଇଥିଲା। ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓମକାର ରାୟ କହିଛନ୍ତି ଯେ ଡିପିଆଇଆଇଟି ରାଜ୍ୟ ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗ ୨୦୨୨ରେ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ ସ୍ଥିତିକୁ ବଜାୟ ରଖିବା ଲାଗି ଆମର ଅଦମ୍ୟ ପ୍ରତିବଦ୍ଧତାର ପ୍ରମାଣିତ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ କେବଳ ଆମର ଷ୍ଟାର୍ଟଅପ୍ ଇକୋସିଷ୍ଟମର ସାମର୍ଥ୍ୟକୁ ବୃଦ୍ଧି କରିପାରିଛୁ। ଏକ ନୂଆ ଷ୍ଟାର୍ଟଅପ୍ ନୀତି ସହିତ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଓଡ଼ିଶା ସର୍ବଦା ସମର୍ଥନ କରୁଛି। ଆମର ଲକ୍ଷ୍ୟ ହେଉଛି ଯାତ୍ରା ସମୟରେ ବହୁ ସଂଖ୍ୟକ ଉଦ୍ୟୋଗୀଙ୍କୁ ପ୍ରେରଣା ଓ ସମର୍ଥନ ଯୋଗାଇବା। ଷ୍ଟାର୍ଟଅପ୍ ଓଡ଼ିଶା ଏଗ୍ରିଟେକ, ଆଇଟି, କୃତ୍ରିମ ବୁଦ୍ଧିମତା, ସ୍ୱାସ୍ଥ୍ୟସେବା, ଫିନ୍‌ଟେକ୍ ଓ ବାୟୋଟେକ୍ନୋଲୋଜି କ୍ଷେତ୍ରଗୁଡ଼ିକରେ ୧୮୦୦ରୁ ଅଧିକ ଷ୍ଟାର୍ଟଅପ୍ ପୋଷଣ କରିଛି, ଯେଉଁଥିରୁ ୪୨%ମହିଳା ଉଦ୍ୟୋଗୀ ରହିଛନ୍ତି। ଏହାର ସଂଖ୍ୟା ୨୦୨୫ ସୁଦ୍ଧା ଅତିକମ୍‌ରେ ୫୦୦୦କୁ ଛୁଇଁବ।




● ଅଲିମ୍ପିକ୍ ମହିଳା ହକି ଯୋଗ୍ୟତା ପର୍ଯ୍ୟାୟ

# ଭାରତ-ଜର୍ମାନୀ ସେମିଫାଇନାଲ

ରାଞ୍ଚି, ୧୬ ।୧(ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତର୍ଜାତୀୟ ହକି ଫେଡେରେସନ (ଏଫ୍‌ଆଇଏଚ୍) ମହିଳା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ ଲାଇନ୍‌ଅପ୍ ସ୍ପଷ୍ଟ ହୋଇଛି ।



ଆୟୋଜକ ଭାରତ ସେମିଫାଇନାଲରେ ଜର୍ମାନୀକୁ ଭେଟିବ । ସେହିପରି ଅନ୍ୟଏକ ସେମିରେ ଜାପାନ ଓ ଆମେରିକା ମୁହାଁମୁହିଁ ହେବେ । ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ ବି'ର ଅନ୍ତିମ ମୁକାବିଲାରେ ଭାରତ ୫-୧ ଗୋଲରେ ଇଟାଲୀକୁ ହରାଇ ଏହି ସଫଳତା ପାଇଛି । ୩ଟି ମ୍ୟାଚ୍ ଖେଳି ୨ ବିଜୟ ଓ ଗୋଟିଏ ପରାଜୟ ସହ ୬ ଅଙ୍କ ପାଇ ଭାରତ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମି ଟିକଟ ହାସଲ କରିଛି । ସେହିପରି ଆମେରିକା ୩ଟି ମ୍ୟାଚ୍ ଖେଳି ୩ଟି ବିଜୟୀ ହୋଇ ଶୀର୍ଷରେ ରହିଛି ।

ଏକପାଖିଆ ଏହି ମ୍ୟାଚ୍‌ରେ ଇଟାଲୀ ରକ୍ଷଣଭାଗକୁ ଭେଦ କରି ଭାରତ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା । ଭାରତ ପାଇଁ ଉଦିତା ଦୁହାନ ପ୍ରଥମ ଓ ୫୬ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ । ସେହିପରି ୪୧ତମ ମିନିଟ୍‌ରେ ଦୀପିକା କୁମାରୀ, ୪୫ତମ ମିନିଟ୍ ସାଲିମା ଟେଟେ ଓ ୫୩ତମ ମିନିଟ୍‌ରେ ନବନୀତ କୌର ଗୋଲ ସ୍କୋର କରିଥିଲେ । ଅପରପକ୍ଷରେ ଇଟାଲୀ ତରଫରୁ ମ୍ୟାଚ୍ ଅନ୍ତିମ ମୁହୂର୍ତ୍ତରେ କାମିଲା ମାଚିନ ସାନ୍ତ୍ୱନାମୂଳକ ଗୋଲ ଦେଇଥିଲେ । ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଆମେରିକାଠାରୁ ୦-୧ ଗୋଲରେ ପରାସ୍ତ ହେବା ପରେ ନ୍ୟୁଜିଲାଣ୍ଡକୁ ୩-୧ ହରାଇଥିଲା । ମଙ୍ଗଳବାର ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ ଆମେରିକା ୧-୦ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇଥିଲା । ପୁଲ ଏ'ରେ ଜର୍ମାନୀ ୭ ପଏଣ୍ଟ ପାଇଁ ଶୀର୍ଷରେ ରହିଛି । ସେହିପରି ଜାପାନ ୭ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛି ।

# ମେସି ଶ୍ରେଷ୍ଠ ଫୁଟବଲର

ଲଣ୍ଡନ, ୧୬ ।୧(ଏଜେନ୍ସି): ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ୨୦୨୩ ବର୍ଷ ପାଇଁ ଫିଫା ଫୁଟବଲ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ନରୱେ ତଥା ମାଞ୍ଚେଷ୍ଟର ସିଟିର ଏର୍ଲିଂ ହଲାଣ୍ଡ ଓ ଫ୍ରାନ୍ସ ତଥା ପ୍ୟାରିସ ସେଣ୍ଟ ଜର୍ମେନ(ପିଏସ୍‌ଜି)ର କିଲିଆନ ଏମ୍‌ବାପ୍ପେଙ୍କୁ ପଛରେ ପକାଇ ମେସି କ୍ରମାଗତ ଦ୍ୱିତୀୟଥର ପାଇଁ ଓ ମୋଟ୍ ଉପରେ ତୃତୀୟଥର ପାଇଁ ଏହି ପୁରସ୍କାର ହାସଲ କରିଛନ୍ତି । ପିଏସ୍‌ଜି, ଇଣ୍ଟର ମିଆମି କ୍ଲବ ଓ ଆର୍ଜେଣ୍ଟିନା ପାଇଁ ଉଲ୍ଲେଖନୀୟ



ପ୍ରଦର୍ଶନ କରି ମେସି ଏହି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି । ଏହି ପୁରସ୍କାର ଗ୍ରହଣ କରିବା ପାଇଁ ମେସି ଲଣ୍ଡନରେ ଉପସ୍ଥିତ ନ ଥିଲେ । ପୂର୍ବରୁ ମେସି ୨୦୧୯, ଗତବର୍ଷ ଏହି ପୁରସ୍କାର ଜିତିଥିଲେ । ସେ ମଧ୍ୟ ରେକର୍ଡ ସର୍ବାଧିକ ୮ଟି ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି । ସେହିପରି ସ୍ପେନ୍‌ର ଆଇତାନା ବୋନମାତି ମହିଳା ବିଭାଗରେ ଫିଫା ଫୁଟବଲର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି । ବୋନମାତି ବାର୍ସିଲୋନ ପାଇଁ କ୍ଲବ ଫୁଟବଲ ଖେଳିଛନ୍ତି ।

● ୧୯ରୁ ଜମ୍ମୁ ଓ କଶ୍ମୀର ବିପକ୍ଷ ରଣଜୀ ମ୍ୟାଚ୍

# ଓଡ଼ିଶା ଦଳରେ ତରଣୀ ସାମିଲ

କଟକ, ୧୬।୧(ସମିସ): ଆସନ୍ତା ୧୯ରୁ ଆରମ୍ଭ ହେବ ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ । ଘରୋଇ ଡ୍ରିମସ ଗ୍ରାଉଣ୍ଡରେ ଓଡ଼ିଶା ଦଳ ଜମ୍ମୁ ଓ କଶ୍ମୀରକୁ ଭେଟିବ । ଏଥି ନିମନ୍ତେ ରାଜ୍ୟ ଦଳରେ ସାମାନ୍ୟ ପରିବର୍ତ୍ତନ ଅଣାଯାଇଛି । ବାମହାତୀ ଅଭିଜ୍ଞ ସ୍ପିନର ଜୟନ୍ତ ବେହେରାଙ୍କୁ ୧୫ଜଣିଆ ଦଳରୁ ବାଦ୍ ଦିଆଯାଇଥିବାବେଳେ ମିଡିୟମ ପେସର ତରଣୀ ସ' ଦଳରେ ସାମିଲ ହୋଇଛନ୍ତି । ଏତଦ୍‌ବ୍ୟତୀତ ଅନ୍ୟ ସମସ୍ତ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି । **ରାଜ୍ୟ ଦଳ:** ଶାନ୍ତନୁ ମିଶ୍ର(ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, ଗୋବିନ୍ଦ ପୋଦ୍ଦାର, ରାଜେଶ ଧୂପର, ଆଶୀର୍ବାଦ ସ୍ୱାଇଁ, କାର୍ତ୍ତିକ ବିଶ୍ୱାଳ, ପ୍ରୟାସ କୁମାର ସିଂହ, ସୂର୍ଯ୍ୟକାନ୍ତ ପ୍ରଧାନ, ହର୍ଷିତ ରାଥୋଡ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସ ।

# ଚେନ୍ନାଇନଠାରୁ ହାରିଲା କେରଳ

ଭୁବନେଶ୍ୱର, ୧୬ ।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାର ୪ର୍ଥ ସଂସ୍କରଣରେ ଗୋକୁଲମ କେରଳ ଏଫ୍‌ସି ୨ୟ ପରାଜୟବରଣ କରିଛି । ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-ସି'ର ଏକ ମ୍ୟାଚରେ ଚେନ୍ନାଇନ୍ ଏଫ୍‌ସି ୨-୦ ଗୋଲରେ କେରଳକୁ ପରାସ୍ତ କରିଥିଲା ।

**କଳିଙ୍ଗ ସୁପର୍ କପ୍:**

ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମ ପିଚ୍-୧'ରେ ଖେଳାଯାଇଥିବା ଏହି ମ୍ୟାଚର ଉଭୟାର୍ଦ୍ଧରେ ଚେନ୍ନାଇନ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ହୋଇଥିଲା । ମ୍ୟାଚର ୨୫ତମ ମିନିଟ୍‌ରେ ଚେନ୍ନାଇନର ସ୍କଟ୍‌ଲାଣ୍ଡ ଅଗ୍ରଭାଗ ଖେଳାଳି କୋନ୍ନର ସିଲ୍ଡ ଦଳ ପାଇଁ ପ୍ରଥମ ଗୋଲଟି ଦେଇଥିଲେ । ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୬୪ତମ ମିନିଟ୍‌ରେ ଇର୍ଫାନ ୟାଦୱାଦଙ୍କ ଗୋଲ୍ ଚେନ୍ନାଇନକୁ ୨-୦ରେ ଜିତାଇଥିଲା । ଏଥିସହ ଚେନ୍ନାଇନ ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ଅପରପକ୍ଷରେ ଗୋକୁଲମ କେରଳ ଏଫ୍‌ସି ୨ୟ ମ୍ୟାଚରୁ ୨ୟ ପରାଜୟ ସହ ଏକପ୍ରକାର ପ୍ରତିଯୋଗିତାରୁ ବାଦ୍ ପଡ଼ିବା ଦ୍ୱାରରେ ପହଞ୍ଚିଛି ।

**ଶୀର୍ଷରେ ମୁମ୍ବାଇ ସିଟି:** ସେହିଭଳି ଦିବସରେ ଖେଳାଯାଇଥିବା ଅନ୍ୟ ଏକ ଗ୍ରୁପ୍-ସି ମ୍ୟାଚରେ ମୁମ୍ବାଇ ସିଟି ଏଫ୍‌ସି ୩-୨ ଗୋଲରେ ରୋମାଞ୍ଚକ ଭାବେ ପଞ୍ଜାବ ଏଫ୍‌ସିକୁ ପରାସ୍ତ କରିଥିଲା । ଏକଦା ମ୍ୟାଚ୍ ନିର୍ଦ୍ଧାରିତ ୯୦ ମିନିଟ୍ ସୁଦ୍ଧା ୨-୨'ର ବରାବର୍‌ସ୍ଥିତିରେ ଥିଲା । କିନ୍ତୁ ଇଞ୍ଜୁରୀ ଟାଇମ୍‌ରେ ସେଇଲେଥାଙ୍ଗ ଲୋଟଜେମ (୯୦+୪ତମ)ଙ୍କ ଚମତ୍କାର ଗୋଲ୍ ମୁମ୍ବାଇକୁ ୩-୨ରେ ଅପ୍ରତ୍ୟାଶିତ ବିଜୟ ଭେଟି ଦେଇଥିଲା । ମୁମ୍ବାଇ ୨ୟ ମ୍ୟାଚରୁ ୨ୟ ବିଜୟ ସହ ୬ ପଏଣ୍ଟ ପାଇ ଶୀର୍ଷକୁ ଉଠିଛି ।

# ଶେଷ ଓଭରରେ ୨୦ ରନ କରି ଜିତିଲା ଜିମ୍ବାୱେ

କଲମ୍ବୋ, ୧୬ ।୧ (ଏଜେନ୍ସି): ଏକ ରୋମାଞ୍ଚକ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଦ୍ୱିତୀୟ ଟି-୨୦ରେ ଶ୍ରୀଲଙ୍କାକୁ ୪ ୱିକେଟ୍‌ରେ ହରାଇଦେଇଛି । ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୭୪ ରନର ଲକ୍ଷ୍ୟକୁ ପିଛା କରି ଜିମ୍ବାୱେ ୧୯ ଓଭରରେ ୬ ୱିକେଟ୍ ହରାଇ ୧୫୪ ରନ କରିଥିଲା । ଶେଷ ଓଭରରେ ଜିତିବାକୁ ଜିମ୍ବାୱେକୁ ୨୦ ରନ ଆବଶ୍ୟକ ହେଉଥିବାବେଳେ ବୋଲିଂ ଭାର ଅଭିଜ୍ଞ ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସଙ୍କୁ ମିଳିଥିଲା । କ୍ରିଜରେ ଉପସ୍ଥିତ ଥିବା ଲ୍ୟୁକ୍ ଜୋଙ୍ଗୱି ଓ କ୍ଲିଭେ ମାଦାଣ୍ଡେ ୫ଟି ବଲରୁ ଆବଶ୍ୟକ ରନ ସଂଗ୍ରହ କରି ଜିମ୍ବାୱେକୁ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ । ଦଳ ପକ୍ଷରୁ କ୍ରେଗ୍ ଏର୍ଭିନ ସର୍ବାଧିକ ୭୦ ରନ କରିଥିଲେ । ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଚାରିଥ ଆସଲଙ୍କା (୬୯) ଓ ମାଥ୍ୟୁସ (୬୬*)ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍‌ରେ ୧୭୩ ରନ କରିଥିଲା । ପୂର୍ବରୁ ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୩ ୱିକେଟ୍‌ରେ ଜିତିଥିବାରୁ ସିରିଜ ବର୍ତ୍ତମାନ ୧-୧ରେ ବରାବର୍ ସ୍ଥିତିକୁ ଆସିଛି । ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଗୁରୁବାର ଖେଳାଯିବ ।

● ଇଣ୍ଡିଆନ ଓମେନ୍ସ ଲିଗ୍ ଫୁଟବଲ

# ସ୍ପୋର୍ଟ୍ସ ଓଡ଼ିଶାକୁ ପ୍ରଥମ ପଏଣ୍ଟ

ଭୁବନେଶ୍ୱର, ୧୬। ୧ (ସମିସ): ଦିଲ୍ଲୀର ଏଚଓପିଏସ୍ ଫୁଟବଲ କ୍ଲବ୍ ସହ ମ୍ୟାଚ୍ ଅମୀମାଂସିତ ରଖି ସ୍ପୋର୍ଟ୍ସ ଓଡ଼ିଶା ଚଳିତବର୍ଷ ଇଣ୍ଡିଆନ ଓମେନ୍ସ



ଲିଗ୍‌ରେ ପ୍ରଥମ ପଏଣ୍ଟ ପାଇବାକୁ ସମର୍ଥ ହୋଇଛି । କ୍ୟାପିଟାଲ ଆରେନାରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ ଦେବା ଫଳରେ ମ୍ୟାଚଟି ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଖେଳର ୬୭ତମ ମିନିଟ୍‌ରେ ଦିଲ୍ଲୀ ପକ୍ଷରୁ ଫ୍ରେଡେରିକା ପ୍ରଥମ ଗୋଲ ଦେଇଥିଲେ । ଖେଳର ୮୪ତମ ମିନିଟରେ ଓଡ଼ିଶା ପକ୍ଷରୁ ମନୀଷା ନାଏକ ଏହାକୁ ଶୁଝାଇଦେଇଥିଲେ । ସ୍ପୋର୍ଟ୍ସ ଓଡ଼ିଶା କ୍ରମାଗତ ୫ମ ମ୍ୟାଚ୍‌ରେ ହାରିଯିବା ପରେ ୬ଷ୍ଠ ମ୍ୟାଚ୍‌କୁ ଅମୀମାଂସିତ ରଖି ପ୍ରଥମ ପଏଣ୍ଟ ପାଇଛି । ଅନ୍ୟ ପକ୍ଷରେ ଏଚ୍‌ଓପିଏସ୍ ଏଫ୍‌ସି ୫ମ ମ୍ୟାଚ୍‌ରୁ ଚତୁର୍ଥ ପଏଣ୍ଟ ପାଇଛି ।

● ସି.କେ ନାଇଡୁ ଟ୍ରଫି

# ରଘୁନାଥଙ୍କ ଶତକ; ଓଡ଼ିଶାର ସଂଘର୍ଷ

କଟକ, ୧୬।୧(ସମିସ): ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ବିସିସିଆଇ ଆନୁକୂଲ୍ୟରେ ଖେଳାଯାଉଥିବା ୨୩ ବର୍ଷର କମ ସିକେ ନାଇଡୁ



ଟ୍ରଫିର ଝାଡଖଣ୍ଡ ବିପକ୍ଷ ମ୍ୟାଚରେ ଓଡ଼ିଶାକୁ ସଂଘର୍ଷ କରିବାକୁ ପଡ଼ିଛି । ପ୍ରଥମ ପାଳିରେ ୩୧୯ରନ ପଛୁଆ ରହି ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ଓଡ଼ିଶା ଦଳ ୨ ୱିକେଟ ବିନିମୟରେ ୧୯୨ରନ ସଂଗ୍ରହ କରିଛି । ରଘୁନାଥ ମଲ୍ଲ ୧୦୩ ରନରେ ଅପରାଜିତ ରହିଛନ୍ତି । ଓପନର ଓମ ଟି ମୁଣ୍ଡେ ୬୨ରନ କରିଛନ୍ତି । ପ୍ରକାଶଯୋଗ୍ୟ, ଓଡ଼ିଶାର ପ୍ରଥମ ଇନିଂସ ୧୬୮ରନ ଜବାବରେ ଭ୍ରମଣକାରୀ ଝାଡଖଣ୍ଡ ୪୮୭/୩ (ଘୋଷଣା) ରନ୍ କରିଛି । ଦଳ ପକ୍ଷରୁ ସତ୍ୟ ସେତୁ ଅପରାଜିତ ୨୦୩ ଓ ରବିନ ମିଞ୍ଜ ୨୦୧ ରନ୍‌ରେ ଆଉଟ୍ ହୋଇଛନ୍ତି ।

● ତମାଣ୍ଡୋ ପ୍ରିମିୟର ଲିଗ୍

# ବ୍ଲୁ ରକ୍ ଷ୍ଟାର୍‌ର ବଡ଼ ବିଜୟ

ଭୁବନେଶ୍ୱର, ୧୬। ୧ (ସମିସ): ଆଇଏସ୍ ଗିରି ଓ ଅଭିଷେକ ପଟ୍ଟନାୟକଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ଯାଁକାର ବ୍ଲୁ ରକ୍‌ଷ୍ଟାର ବଡ଼ ବିଜୟ ହାସଲ କରିଛି । ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ମଙ୍ଗଳବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ବ୍ଲୁ ରକ୍ ଷ୍ଟାର ୬୦



ରନ୍‌ରେ ତମାଣ୍ଡୋର ବାଲୁଙ୍କେଶ୍ୱର ୱାରିୟର୍ସକୁ ପରାସ୍ତ କରିଛି । ୩୭ ବଲ୍‌ରେ ୯୦ ରନ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରକଷ୍ଟାରର ଆଇଏସ୍ ଗିରିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପୂର୍ବତନ ସରପଞ୍ଚ ବିପିନ ବିହାରୀ ପରିଡ଼ା ପ୍ରଦାନ କରିଥିଲ । ବୁଧବାର ଟୁର୍ଣ୍ଣାମେଣ୍ଟର ବିଶ୍ରାମ ଦିବସ ହୋଇଥିଲାବେଳେ ପରବର୍ତ୍ତୀ ମୁକାବିଲା ୧୮ ତାରିଖ ଗ୍ରୁପ୍-ବି'ରେ ଆଇଆର୍‌ସି ଭିଲେଜ୍‌ର ସୁଧାନଗର ଓ ସୁନ୍ଦରଗ୍ରାମର ଏସ୍‌ଜି ସ୍ପୋର୍ଟିଂ ମଧ୍ୟରେ ଖେଳାଯିବ ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SCIENCE

**SECTION-A**

1. If a ray of light travels from water into glass obliquely :
   (a) The angle of incidence is greater than the angle of refraction.
   (b) The angle of incidence is less than the angle of refraction.
   (c) The angle of incidence is equal to the angle of refraction.
   (d) None of these
2. Magnification produced by a lens is +3/4. It is a
   Convex lens only — Concave lens only
   Concave or convex lens — None of these
3. A convex lens produces real, inverted and magnified image of an object when object lies
   (a) Between Optical center and the principal focus
   (b) Between F1 and 2F1
   (c) Beyond 2F2 (d) At F1
4. When a ray of light is refracted by a rectangular glass slab
   (a) The angle of incidence is equal to the angle of emergence.
   (b) Angle of incidence is greater than the angle of emergence.
   (c) The angle of incidence is less than the angle of emergence.
   (d) None of these

   **Assertion & Reason:**
   (a) Both A and R are true and R is the correct explanation of A.
   (b) Both A and R are true but R is not the correct explanation of A.
   (c) A is true but R is false.
   (d) A is false and R is true.
5. ASSERTION: Refractive index of a medium is maximum for violet colour than that of the red colour.
   REASON: Refractive index is the extent of change in direction of a ray of light when it travels from one optical medium to another.
6. ASSERTION: When a ray of light passes through the optical center of the lens it doesn't deviate from its original path.
   REASON: The speed of light doesn't change when it travels from air into the lens and also coming out from the lens to air.
7. ASSERTION: Convex lens is used as magnifying glass.
   REASON: Power of the convex lens is positive.
8. Which of the following salt does not contain water of crystallisation?
   (a) Blue vitriol (b) Baking soda (c) Washing soda (d) Gypsum
9. One of the constituents of baking powder is sodium hydrogen carbonate. The other constituent is
   (a) Hydrochloric acid (b) Tartaric acid
   (c) Acetic acid (d) Sulphuric acid
10. The pH of gastric juice released during digestion is
    (a) Less than 7 (b) More than 7 (c) Equal to 7 (d) Less than 0
11. Digestion of food in human starts from
    (a) Small intestine (b) Large intestine (c) Mouth (d) Oesophagus
12. Which of the following is not a purpose of transpiration?
    (a) Supplies water for photosynthesis
    (b) Helps in translocation of sugar in plants.
    (c) Cools leaf surface
    (d) Transports mineral from the soil to all the parts of the plant.
13. During vigorous exercise lactic acid is formed from glucose inside the muscle cells because
    (a) There is lack of oxygen. (b) There is lack of water.
    (c) There is excess of carbon dioxide. (d) None of the above
14. Examples of liquid waste product in plants is/are
    (a) Rubber (b) Gum (c) Clove oil (d) All of the above
15. Which of the following is not a product of chlor-alkali process?
    (a) Sodium hydroxide (b) Chlorine gas.
    (c) Hydrogen gas (d) Hydrochloric acid
16. Which of the following is not a mineral acid?
    (a) Hydrochloric acid (b) Citric acid
    (c) Sulphuric acid (d) Nitric acid
17. Height of a plant is regulated by:
    (a) DNA which is directly influenced by growth hormone.
    (b) Genes which regulate the proteins directly.
    (c) Growth hormones under the influence of the enzymes coded by a gene.
    (d) Growth hormones directly under the influence a gene.
18. An object is placed in front of a convex mirror. Its image is formed :
    (a) at a distance equal to the object distance in front of the mirror.
    (b) at twice the distance of the object in front of the mirror.
    (c) half the distance of the object in front of the mirror.
    (d) behind the mirror and it's position varies according to the object distance.
19. In 1987, an agreement was formulated by the United Nations Environment Programme (UNEP) to freeze the production of "X" to prevent depletion of "Y". "X" and "Y" respectively referred here are:
    (a) Ozone; CFCs (b) CFCs; rays UV (c) CFCs; Ozone (d) UV rays; Diatomic oxygen
20. An element 'M' has 50% of the electrons filled in the 3rd shell as in the 2nd shell. The atomic number of 'M' is:
    (a) 10 (b) 12 (c) 14 (d) 18

**SECTION – B (2 Marks)**

21. Dil. HCl is added to Zn granules." How will you prove that chemical change has taken place here? Support your response with two arguments.
22. State the post-fertilisation changes that lead to fruit formation in plants.
23. A piece of wire of resistance R is cut into three equal parts. These parts are then connected in parallel. If the equivalent resistance of this parallel combination is R1, what is the value of the ratio R1 : R?

**SECTION-C (3 Marks)**

24. An element 'M' with electronic configuration 2 8 3 combines separately with Cl- , SO4-2 anions. Write the chemical formulae of the compounds formed. Predict with the suitable reason the nature of the bond formed by element 'M' in general. How will the electrical conductivity of the compounds formed vary with respect to 'M'?
25. What is an 'esterification' reaction? Describe an activity to show esterification.
26. i. What would be the electron dot structure of a molecule of sulphur which is made up of eight atoms of sulphur?
    ii. What would be the electron dot structure of carbon dioxide which has the formula of?
27. Name the parts A, B and C shown in the following diagram and state one function of each.




28. Give reason for the following:
    (a) Sodium metal is kept immersed in kerosene.
    (b) Blue colour of copper sulphate solution disappears when some aluminium powder is added in it.

**SECTION-D (5 Marks)**

29. (i) What is the function of earth wire in electrical instruments?
    (ii) What is the usual current rating of fuse wire in the line to feed.
    (a) lights and fans? (b) appliances of 2kW or more power?
30. Two wires A and B are of equal length, different cross sectional areas and made of the same metal.
    (a) (i) Name the property which is same for both the wires,
    (ii) Name the property which is different for both the wires.
    (b) If the resistance of wire A is four times the resistance of wire B, calculate
    (i) the ratio of the cross sectional areas of the wires and
    (ii) The ratio of the radii of the wire.

**SECTION-E (4 Marks)**

31. **Read the given text and answer the following questions:**
    pH is quite useful to us in a number of ways in daily life. Some of its applications are:
    **Control of pH of the soil :** Plants need a specific pH range for proper growth. The soil may be acidic, basic or neutral depending upon the relative concentration of $H^+$ and $OH^-$. The pH of any soil can be determined by using pH paper. If the soil is too acidic, it can be corrected by adding lime to it. If the soil is too basic, it can be corrected by adding organic manure which contains acidic materials.
    **Regaining shine of a tarnished copper vessel by use of acids :** A copper vessel gets tarnished due to formation of an oxide layer on its surface. On rubbing lemon on the vessel, the surface is cleaned and the vessel begins to shine again. This is due to the fact that copper oxide is basic in nature, which reacts with the acid (citric acid) present in lemon to form a salt (copper citrate) which is washed away with water. As a result, the layer of copper oxide is removed from the surface of the vessel and the shining surface is exposed.
    **Self-defence by animals through chemical warfare :** Stings of bees and ants contain methanoic acid. When stung, it causes lot of pain and irritation. This can be cured by rubbing the affected area with mild base like baking soda.
    (i) When black copper oxide placed in a beaker is treated with dilute HCl, its colour changes to
    (a) white (b) dark red (c) bluish green (d) no change.
    (ii) P is an aqueous solution of acid and Q is an aqueous solution of base. When these two are diluted separately, then
    (a) pH of P increases while that of Q decreases till neutralisation.
    (b) pH of P decreases while that of Q increases till neutralisation.
    (C) pH of both P and Q decrease.
    (d) pH of both P and Q increase.
    (iii) Which of the following acids is present in bee sting?
    (a) Formic acid (b) Acetic acid (c) Citric acid (d) Hydrochloric acid
    (iv) Sting of ant can be cured by rubbing the affected area with soap because
    (a) it contains oxalic acid which neutralises the effect of formic acid
    (b) it contains aluminium hydroxide which neutralises the effect of formic acid
    (c) it contains sodium hydroxide which neutralises the effect of formic acid
    (d) none of these
32. **Read the given text and answer the following questions:**
    To carry out a simple function such as eating food there has to be coordination of the eyes, hands, and mouth. The eyes have to focus on the food, the hands have to pick it up and take it to the mouth where it will be chewed. All these actions have to be coordinated in such a manner that they follow a particular sequence and the action is completed. A similar mechanism is also needed for internal functions of the body. This function is carried out by the nervous system. It is composed of
    (a) Specialised cells which can detect, receive and transmit different kinds of stimuli. These are called neurons.
    (b) Nerve fibres which are certain bundles of extended processes of nerve cells.
    The individuals also have to adjust to the changing conditions around them and vary their responses. At the same time, the internal conditions of the body should be maintained constant. This is called homeostasis. The internal conditions of the body are maintained at a constant by controlling the physiology of the organisms.
    (i) What will the correct sequence in which conduction of information through nerves take place?
    (ii) How homeostasis is said to maintain the equilibrium of the body?
    (iii) What function does the central nervous system perform?
    (iv) What happens when the dendrite tip of a nerve cell receives a signal?

*****

*All the Best...*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1(a) | 2(b) | 3(b) | 4(a) | 5(b) | 6(c) | 7(b) | 8(b) | 9(b) | 10(a) |
| 11(c) | 12(b) | 13(a) | 14(d) | 15(d) | 16(b) | 17(c) | 18 (d) | 19 (c) | 20 (c) |

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୫୯୫ – ସ୍ପେନ ବିରୋଧରେ ଫ୍ରାନ୍ସ ଯୁଦ୍ଧ ଘୋଷଣା କରିଥିଲା।
- ୧୬୦୧- ଆକବର ଅସିରଗଡ଼ କିଲ୍ଲାରେ ପ୍ରବେଶ କଲେ।
- ୧୯୪୬ – ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ସଭା ଅନୁଷ୍ଠିତ।
- ୧୯୯୫- ଜାପାନର କୋବେ ସହରରେ ଭୂମିକମ୍ପ ଯୋଗୁଁ ଶତାଧିକ ଲୋକଙ୍କ ପ୍ରାଣହାନି।
- ୨୦୨୦- ଇସ୍ରୋ ଏରିୟନ୍-୫ ପ୍ରକ୍ଷେପଣ ଯାନରେ ସଞ୍ଚାର ଉପଗ୍ରହ ଜିସ୍ୟାଟ୍-୩୦କୁ ପ୍ରକ୍ଷେପିତ କଲା।

# ୫୦୦ ବର୍ଷ ପୁରୁଣା ଟୁଥ୍‌ବ୍ରଶ୍



ଦାନ୍ତଘଷିବା ପାଇଁ ଲୋକେ ଦାନ୍ତକାଠି କିମ୍ବା ଟୁଥ୍‌ବ୍ରଶ୍‌ର ବ୍ୟବହାର କରିଥାନ୍ତି। ସାଧାରଣତଃ ଗ୍ରାମାଞ୍ଚଳରେ ଦାନ୍ତକାଠି ଓ ସହରରେ ଅଧିକ ସଂଖ୍ୟାରେ ଟୁଥ୍‌ବ୍ରଶ୍‌ର ବ୍ୟବହାର ଦେଖିବାକୁ ମିଳେ। ତେବେ ପ୍ଲାଷ୍ଟିକର ପ୍ରଚଳନ ପରେ ଟୁଥ୍‌ବ୍ରଶ୍ ବଜାରକୁ ଆସିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟଏହା ପୂର୍ବରୁ ମଧ୍ୟ ଟୁଥ୍‌ବ୍ରଶ୍ ରହିଥିଲା। ଏହାର ଇତିହାସ ପାଞ୍ଚ ଶହ ବର୍ଷ ପୁରୁଣା। ତେବେ ପ୍ରଥମ ଥର ପାଇଁ କାଠରେ ନିର୍ମିତ ଦାନ୍ତଘସା ବ୍ରଶ୍‌କୁ ୨୬ ଜୁନ୍ ୧୪୯୮ରେ ପେଟେଣ୍ଟ କରାଯାଇଥିଲା। ଚୀନ୍‌ର ମିଙ୍ଗ୍ ବଂଶର ଶାସକ ହୋଙ୍ଗଝି ଏହାକୁ ପ୍ରଥମଥର ବ୍ୟବହାର କରିଥିଲେ। ତେବେ ପେଟେଣ୍ଟ ହୋଇଥିବା ଏହି ବ୍ରଶ୍‌ରେ ପଶୁମାନଙ୍କର କେଶକୁ ଦାନ୍ତ ସଫା ପାଇଁ ବ୍ୟବହାର କରାଯାଉଥିଲା। ଅନେକ ଥର ଏହି ବ୍ରଶ୍‌ଗୁଡ଼ିକ ପଶୁ ହାଡ଼ରୁ ମଧ୍ୟ ତିଆରି କରାଯାଇଥିଲା। ୧୯୩୮ ପରେ ଏଥିରେ ପରିବର୍ତ୍ତନ ଅଣାଯାଇଥିଲା। ପଶୁ କେଶ ବଦଳରେ ଏଥିରେ ନାଇଲନ୍ ବ୍ୟବହାର କରାଗଲା। ସେହିପରି ୧୯୩୯ରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରିକ୍ ବ୍ରସ୍ ତିଆରି କରାଯାଇଥିଲା।

# ବିଶାଳଙ୍କ ସହ କାମ କରିବେ ଶାହାରୁଖ୍





ବଲିଉଡ୍ ଅଭିନେତା ଶାହାରୁଖ୍ ଖାନ୍‌ଙ୍କ ପାଇଁ ୨୦୨୩ ବର୍ଷ ବେଶ୍ ଭଲ ଥିଲା। ଗତବର୍ଷ ତାଙ୍କର ତିନୋଟି ଫିଲ୍ମ ('ପଠାନ୍', 'ଜୱାନ୍' ଓ 'ଡଙ୍କି') ସୁପରହିଟ୍ ସାବ୍ୟସ୍ତ ହୋଇଛି। ଶାହାରୁଖ୍ ଏବେ ବଲିଉଡ୍‌ର ଜଣାଶୁଣା ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜଙ୍କ ଏକ ଥ୍ରିଲର୍ ଫିଲ୍ମ ସାଇନ୍ କରିଥିବା ଚର୍ଚ୍ଚା ହେଉଛି। ବିଶାଲ ତାଙ୍କ ସବୁ ଫିଲ୍ମରେ ଦର୍ଶକଙ୍କୁ କିଛି ନୂଆ ଦେଖାଇବା ପାଇଁ ଚେଷ୍ଟା କରିଥାନ୍ତି। 'ମକ୍‌ବୁଲ୍', 'ହେଦର୍', 'କମିନେ', ଭଳି ଅନେକ ହିଟ୍ ଫିଲ୍ମ ଦେଇଛନ୍ତି ବିଶାଲ। ଅନ୍ୟପକ୍ଷରେ ଶାହାରୁଖ୍ ଏବେ ତାଙ୍କ ରୋମାଣ୍ଟିକ୍ ହିରୋ ଟ୍ୟାଗରୁ ବାହାରକୁ ଯାଇ ନୂଆ କିଛି କରିବାକୁ ଚାହୁଁଛନ୍ତି। ତେଣୁ ସେ ବିଶାଲଙ୍କ ସହ କାମ କରିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି। ଫିଲ୍ମର କାହାଣୀ ଶାହାରୁଖ୍‌ଙ୍କୁ ପସନ୍ଦ ଆସିଥିବା ଜଣାପଡ଼ିଛି। ତେବେ ପ୍ରଥମ ଥର ପାଇଁ ଶାହାରୁଖ୍ ଓ ବିଶାଲ ଏକାଠି କାମ କରିବାକୁ ଯାଉଛନ୍ତି।

# ଫୁଲ ଫୁଟିବାକୁ ଶହେ ବର୍ଷ



ପ୍ରକୃତି ବୈଚିତ୍ର୍ୟମୟ। କାହାକୁ କେମିତି କେଉଁ ଉପାୟରେ ଗଢ଼ିଛି ତାହା ତ କେବଳ ତାକୁ ହିଁ ଜଣା। ପ୍ରତିଟି ବୃକ୍ଷଲତା, ଜୀବଜନ୍ତୁ ଆଦିଙ୍କର ନିର୍ଦ୍ଦିଷ୍ଟ ରଙ୍ଗ, ନିର୍ଦ୍ଦିଷ୍ଟ ଆକାର ହେବା ପଛରେ ଏକ ବିଶେଷ କାରଣ ବି ଅଛି। ଏହି କ୍ରମରେ ଏଭଳି ବି ଗୋଟିଏ ଫୁଲ ଅଛି, ଯାହାକି ୧୦୦ ବର୍ଷରେ ଥରେ ଫୁଟିଥାଏ। ଏହାର ନାଁ 'ପୁୟା ରାୟମୋଣ୍ଡି'। ଏହା 'ଆଣ୍ଡିଜ୍ ରାଣୀ' ଭାବେ ମଧ୍ୟ ପରିଚିତ। ୧୦୦ ବର୍ଷରେ ଥରେ ଏହାର ଫୁଲ ଫୁଟୁଥିବାରୁ ସବୁଲୋକ ଏହାକୁ ଦେଖିବାର ସୁଯୋଗ ପାଇନଥାନ୍ତି। ପୁୟା ରାୟମୋଣ୍ଡି ଗଛ ଦକ୍ଷିଣ ଆମେରିକାରେ ୧୨ ହଜାର ଫୁଟ୍ ଉଚ୍ଚତାରେ ଦେଖାଯାଏ। ଏପରିକି ଏହା ୩୩ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ମଧ୍ୟ ବଢ଼ିବାକୁ ସକ୍ଷମ। ତେବେ ଏହି ଗଛ ୮୦ରୁ ୧୦୦ ବର୍ଷ ବୟସରେ ପହଞ୍ଚିବା ପରେ ହିଁ ଏହାର ଫୁଲ ଫୁଟିଥାଏ। ଏଥିରେ ଫୁଲ ଫୁଟିଲେ ହିଁ ଗଛଟି ଅଧିକ ସୁନ୍ଦର ଓ ଆକର୍ଷଣୀୟ ଲାଗେ। ଏହି ଗଛରେ ୮ ହଜାରରୁ ଆରମ୍ଭ କରି ୨୦ ହଜାର ଧଳା ଫୁଲ ଫୁଟିଥାଏ। ଅବଶ୍ୟ ଏଥିରେ ଫୁଲ ଫୁଟିବା ଆରମ୍ଭ ହେଲେ ଏହା ଝାଉଁଳି ଯାଇ ମରିଯାଏ। ଏହି ଗଛ କ୍ୟାକ୍‌ଟସ୍ ଗଛ ସହ ମେଳ ଖାଇଥାଏ। ଖରାପ ମାଟି, ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ଏହା ଭଲ ଭାବେ ବଢ଼ିଥାଏ। ତେବେ ଗଛଟିକୁ ପରିପକ୍ୱ ହେବା ପାଇଁ କେତେ ବର୍ଷ ଲାଗେ, ତାହା ଏବେ ବି ଅନୁସନ୍ଧାନର ବିଷୟ ହୋଇ ରହିଛି।

# ଗୁମ୍ଫା ଗାଁ



ବିଶ୍ୱରେ ବିଭିନ୍ନ ଦେଶର ଗାଁଗଣ୍ଡାର ଚିତ୍ର ଅନ୍ୟଠାରୁ ଅଲଗା। ସେଥିରୁ ଅନେକ ଗାଁର ବୈଚିତ୍ର୍ୟ ତଥା ସ୍ୱାତନ୍ତ୍ର ରହିଛି। ସେମିତି ଏକ ଗାଁ ହେଉଛି ଦକ୍ଷିଣ ଇଟାଲିର 'ସାସି ଡି ମଟେରା' ଗାଁ। ଉକ୍ତ ଗାଁ 'ଗୁମ୍ଫା ଘର' ପାଇଁ ବିଖ୍ୟାତ। କୁହାଯାଏ, ୯ ହଜାର ବର୍ଷ ତଳେ ଏଠାରେ ଲୋକେ ପ୍ରାକୃତିକ ଗୁମ୍ଫାରେ ରହୁଥିଲେ। ପରବର୍ତ୍ତୀ ସମୟରେ ଜନସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଇବାରୁ ଲୋକମାନେ ନୂଆ ପଥରକୁ ଖୋଳି ଘର ତିଆରି କଲେ। ଧୀରେ ଧୀରେ ଏହି ସ୍ଥାନର ବିକାଶ ଘଟିବାରୁ ଏଠାରେ ସଂକୀର୍ଣ୍ଣ ରାସ୍ତା ଓ ପାହାଚ ଆଦି ଦେଖିବାକୁ ମିଳିଲା। ଏପରିକି ସ୍ଥିତି ଏମିତି ଆସିଲା, ଲୋକମାନେ ଯେଉଁ ସ୍ଥାନରେ ପଥର ଦେଖିଲେ, ସେସବୁକୁ ସେମାନେ ଖୋଳି ଘର ତିଆରି କରିବା ଆରମ୍ଭ କଲେ। ତେବେ ଅନେକ ସ୍ଥାନରେ ଘର ଉପରେ ରାସ୍ତା ଯାଇଥିବା ଦେଖିବାକୁ ମିଳେ। ଅନ୍ୟପଟେ ବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଏହି ସ୍ଥାନ ଇଟାଲୀର ସବୁଠୁ ଗରିବ ଅଞ୍ଚଳ ଥିଲା। ଏହାବାଦ୍ ଏଠାରେ ବିଜୁଳି କି ସ୍ୱେରଜ ସିଷ୍ଟମ୍‌ର ସୁବିଧା ମଧ୍ୟ ନ ଥିଲା। ଏପରିକି କୌଣସି ଦୋକାନ ମଧ୍ୟ ନ ଥିଲା। ଏଠାରେ କେବଳ ଲୋକମାନେ ରୁଟି, ଟମାଟୋ ଓ ଲଙ୍କାକୁ ଚକଟି ଖାଉଥିଲେ। ବଡ଼ ପରିବାରଗୁଡ଼ିକ ପଶୁଙ୍କ ସହ ରହୁଥିବାରୁ ଏହି ସ୍ଥାନ ଅପରିଷ୍କାର ରହୁଥିଲା। ଫଳରେ ଏଠାରେ ମ୍ୟାଲେରିଆ ଭଳି ଅନ୍ୟାନ୍ୟ ରୋଗ ବ୍ୟାପୁଥିଲା। ସେହିପରି ୧୯୫୦ ମସିହାରେ ଏଠାକାର ସରକାର ଲୋକଙ୍କ ଜୀବନରେ ସୁଧାର ଆଣିବା ପାଇଁ ସେମାନଙ୍କୁ ଅନ୍ୟ ସ୍ଥାନକୁ ପଠାଇଲେ। ୧୯୯୩ ମସିହା ପରେ ମଟେରାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଲା। ୟୁନେସ୍କୋ ଏହି ସ୍ଥାନକୁ ବିଶ୍ୱ ଐତିହ୍ୟ ସ୍ଥଳ ଘୋଷଣା କରିବା ପରେ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିଲା। ଅନେକ ଭୁଶୁଡ଼ି ପଡ଼ିଥିବା ବା ନଷ୍ଟ ହୋଇଯାଇଥିବା ଗୁମ୍ଫାର ନବୀକରଣ କରାଯାଇ ସେସବୁକୁ ହୋଟେଲ ଓ ରେଷ୍ଟୋରାଁରେ ରୂପାନ୍ତରିତ କରାଗଲା। ଏଠାରେ ଥିବା ଅନେକ ଘର ଲଗଜୁରି ଭିଲ୍ଲାଠାରୁ ଆହୁରି ଆକର୍ଷଣୀୟ ଦେଖାଯାଏ।

# ଫୁଡ୍ ଟେକ୍ନୋଲୋଜି



**ସମ୍ପ୍ରତି ଫାଷ୍ଟ ଫୁଡ୍, ଇନ୍‌ଷ୍ଟାଣ୍ଟ ଫୁଡ୍, ପ୍ରୋସେସ୍ ଫୁଡ୍ ଖାଦ୍ୟର ଚାହିଦା ବଢୁଛି। ଏପରିକି କ୍ଷୀର, ମାଛ, ମାଂସ ଭଳି ଖାଦ୍ୟପଦାର୍ଥକୁ ପ୍ରୋସେସ୍ କରାଯାଇ ବିକ୍ରି କରାଯାଉଛି। ସେଥିପାଇଁ ଫୁଡ୍ ଟେକ୍ନୋଲୋଜି କ୍ଷେତ୍ର ମଧ୍ୟ ବୃଦ୍ଧି ପାଉଛି। ତେଣୁ ଏହି କ୍ଷେତ୍ର ଏବେ କୁଶଳୀ ଯୁବପିଢ଼ିଙ୍କ ପାଇଁ ଏକ ସୁନ୍ଦର କ୍ୟାରିୟର ଗଢ଼ିବାର ସୁଯୋଗ ଆଣିଦେଇଛି।**

### ଶିକ୍ଷାଗତ ଯୋଗ୍ୟତା

ଯୁକ୍ତ ଦୁଇ ବିଜ୍ଞାନ (ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ)ରେ ପାସ୍ କରିବା ଅନିବାର୍ଯ୍ୟ। ଏହାପରେ ବିଇ/ବିଟେକ୍ ଫୁଡ୍ ସାଇନ୍ସ, ଫୁଡ୍ ସାଇନ୍ସ ଏବଂ ଟେକ୍ନୋଲୋଜି, ଫୁଡ୍ ଟେକ୍ନୋଲୋଜି ଓ ମ୍ୟାନେଜମେଣ୍ଟ, ଫୁଡ୍ ଟେକ୍ନୋଲୋଜି, ଫୁଡ୍ ପ୍ରୋସେସ୍ ଇଞ୍ଜିନିୟରିଂ, ଫୁଡ୍ ଇଞ୍ଜିନିୟରିଂ, ଏଗ୍ରିକଲଚର୍ ଆଣ୍ଡ ଫୁଡ୍ ଇଞ୍ଜିନିୟରିଂ ଆଦି ଅନ୍ୟାନ୍ୟ କୋର୍ସକୁ କୌଣସି ମାନ୍ୟତାପ୍ରାପ୍ତ ସଂସ୍ଥାନରୁ କରିପାରିବେ। ଏନେଇ ପ୍ରବେଶିକା ପରୀକ୍ଷା ମଧ୍ୟ ରହିଛି।

### ନିଯୁକ୍ତି ସୁଯୋଗ

ଏହି କ୍ଷେତ୍ରରେ ନିଯୁକ୍ତିର ଯଥେଷ୍ଟ ଅବସର ରହିଛି। ଫୁଡ୍ ପ୍ରୋସେସିଂ ୟୁନିଟ୍, ରିଟେଲ୍ କମ୍ପାନିରେ ଫୁଡ୍ ଟେକ୍ନୋଲୋଜିଷ୍ଟ, ନ୍ୟୁଟ୍ରିସନାଲ ଥେରାପିଷ୍ଟ, ପ୍ରୋସେସ୍ ଡେଭ୍‌ଲପମେଣ୍ଟ ସାଇଣ୍ଟିଷ୍ଟ, କ୍ୱାଲିଟି ମ୍ୟାନେଜର୍, ପ୍ରଡକ୍‌ସନ୍ ମ୍ୟାନେଜର ଆଦି ପଦରେ ନିଯୁକ୍ତି ମିଳିଥାଏ।

### ରୋଜଗାର

ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୨୦ରୁ ୨୫ ହଜାର ଟଙ୍କା ରୋଜଗାର କରିବା ସମ୍ଭବ। ଅଭିଜ୍ଞତା ଅନୁଯାୟୀ ପାରିଶ୍ରମିକ ମଧ୍ୟ ବୃଦ୍ଧି ପାଏ।

### ପ୍ରମୁଖ ସଂସ୍ଥାନ

- ଦିଲ୍ଲୀ ୟୁନିଭର୍ସିଟି, ଦିଲ୍ଲୀ
- କୋଲକାତା ବିଶ୍ୱବିଦ୍ୟାଳୟ, କୋଲକାତା
- ମୁମ୍ବାଇ ୟୁନିଭର୍ସିଟି, ମୁମ୍ବାଇ

# ସମ୍ଭାବନା



## ପରୀକ୍ଷାର ଦିନକ ପୂର୍ବରୁ...



**ପରୀକ୍ଷା ପାଖେଇ ଆସିଲେ ଅନେକ ଛାତ୍ରଛାତ୍ରୀ ଚିନ୍ତାରେ ରହିଥାନ୍ତି। ବେଳେ ବେଳେ ସେମାନଙ୍କର ପରୀକ୍ଷା ଚାପ ଏତେ ବେଶି ବଢ଼ିଯାଏ ଯେ, ପଢ଼ା ଉପରେ ସେମାନେ ଧ୍ୟାନ ଦେଇ ପାରନ୍ତି ନାହିଁ। ସେହିପରି ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ବିଦ୍ୟାର୍ଥୀଙ୍କ ଏହି ଚିନ୍ତା ଦ୍ୱିଗୁଣିତ ହୋଇଥାଏ। ତେବେ ଏହି ସମୟରେ ନିଜକୁ କିଭଳି ପ୍ରସ୍ତୁତ କରିବା ଦରକାର, ସେ ସମ୍ପର୍କରେ ଆସନ୍ତୁ ଜାଣିବା...**

- ପରୀକ୍ଷା ଚାପରୁ ନିଜକୁ ଯଥାସମ୍ଭବ ଦୂରେଇ ରଖନ୍ତୁ। ଅତ୍ୟଧିକ ଚାପ ଦ୍ୱାରା ପରୀକ୍ଷାରେ ଭଲ ପ୍ରଦର୍ଶନ କରିବାରେ ସମସ୍ୟା ସୃଷ୍ଟି କରେ।
- ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଚାପରେ ରହିଲେ, ରାତିରେ ଭଲ ନିଦ ମଧ୍ୟ ହୋଇ ନ ଥାଏ। ଏହା ପରୀକ୍ଷା ଉପରେ କୁ- ପ୍ରଭାବ ପକାଏ।
- ପରୀକ୍ଷାର ପୂର୍ବଦିନ ଭଲରେ ନ ଶୋଇଲେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ। ଦୁର୍ବଳ ଅନୁଭବ ଯୋଗୁଁ ସମସ୍ତ ପ୍ରଶ୍ନର ଉତ୍ତର ଦେବାରେ ସମସ୍ୟା ହୁଏ।
- ବିଳମ୍ବିତ ରାତ୍ରିରେ ଶୋଇଲେ ସକାଳୁ ଶୀଘ୍ର ଉଠିବା ଏକ ପ୍ରମୁଖ ସମସ୍ୟା ହୁଏ। ଏହାସହ ପରୀକ୍ଷା କେନ୍ଦ୍ରରେ ବିଳମ୍ବରେ ପହଞ୍ଚିବା ଆଶଙ୍କା ବୃଦ୍ଧି ପାଇଥାଏ।
- ତେଣୁ ପରୀକ୍ଷାର୍ଥୀଙ୍କୁ ଠିକ୍ ସମୟରେ ଶୋଇବା ଓ ଉଠିବା ଜରୁରି। ସନ୍ତୁଳିତ ଆହାର ଗ୍ରହଣ କରିବା ସହ ପଢ଼ା ସହିତ ନିଦ ଉପରେ ବି ଧ୍ୟାନ ଦେବା ଆବଶ୍ୟକ।

# ସ୍ୱର-ତାଳ-ଲୟର ଯାଦୁଗରୀ ବିପାଶା



**ପିଲାବେଳେ ଗୀତଟିଏ ଶୁଣି ଦେଲେ ସେ ଭାବପ୍ରବଣ ହୋଇ ଉଠନ୍ତି। ତାଙ୍କ କଣ୍ଠରୁ ଗୁଣୁ ଗୁଣୁ ଶବ୍ଦ ସବୁ ସଙ୍ଗୀତର ମଧୁର ମୂର୍ଚ୍ଛନା ସାଜିଥାନ୍ତି। ଏବେ ସେ ସଙ୍ଗୀତ ସାଧନା କରି ଜଣେ କଣ୍ଠଶିଳ୍ପୀର ପରିଚୟ ଲାଭ କରିଛନ୍ତି। ମଧୁର କଣ୍ଠରେ ଗୀତ ଗାଇ ଶ୍ରୋତାଙ୍କୁ ମତୁଆଲା କରୁଛନ୍ତି। ଏହି ଯୁବ କଣ୍ଠଶିଳ୍ପୀ ଜଣକ ହେଉଛନ୍ତି ବଲାଙ୍ଗୀର, ଡୁଷୁରାର ବିପାଶା ବାଗ୍।**

ଲିଲି ଓ ରାହାସ ବିହାରୀଙ୍କ କନ୍ୟା ବିପାଶା। ବର୍ତ୍ତମାନ ସେ ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପାଠ ପଢୁଛନ୍ତି। ପ୍ରଥମ ଶ୍ରେଣୀରେ ପଢୁଥିବା ସମୟରୁ ଗୀତ ପ୍ରତି ତାଙ୍କର ଦୁର୍ବଳତା ରହିଥିଲା। ମା'ଙ୍କ ଠାରୁ ପ୍ରେରଣା ପାଇ ସେ ଗୀତ ଗାଇବା ଆରମ୍ଭ କଲେ। ନବମ ଶ୍ରେଣୀରୁ ସେ ଗୁରୁ ଉମାକାନ୍ତ ସାର୍‌ଙ୍କଠୁ ସଙ୍ଗୀତ ଶିଖିଥିଲେ। ପରେ ବିଦ୍ୟାଳୟ, କଲେଜ ତଥା ବିଭିନ୍ନ ସଭାସମିତି ଓ ଅନୁଷ୍ଠାନରେ ସେ ନିଜ ଯାଦୁକରୀ କଣ୍ଠରେ ଲୋକଙ୍କ ହୃଦୟକୁ ଜିଣି ପ୍ରଶଂସିତ ହେଲେ। ଶାସ୍ତ୍ରୀୟ ସଙ୍ଗୀତକୁ ସେ ନିଜର ବ୍ରତ ଭାବେ ଗ୍ରହଣ କରିଛନ୍ତି। ୨୦୧୬ରେ ପ୍ରାର୍ଥନା ଚ୍ୟାନେଲର ପ୍ରସାରିତ ଭକ୍ତି ଭିତ୍ତିକ ରିଆଲିଟି ଶୋ'ରେ 'ଗୋପାନଗରୀରୁ ଚିଠି ଆସିଛି...' ଗୀତଗାଇ ସମସ୍ତ ବିଚାରପତିଙ୍କ ହୃଦୟକୁ ଜିତିଥିଲେ। ଏହି ଶୋ' ରେ ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରତିଭା ପ୍ରଦର୍ଶନ କରିଥିଲେ ବିପାଶା। ଏବେ ଗୁରୁ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ସେ ନିଜର ସ୍ୱରକୁ ଆହୁରି ସ୍ୱରାୟିତ କରୁଛନ୍ତି। ତାଙ୍କ ଭାଇ ତୁଷାର ବାଗ୍ ମଧ୍ୟ ଜଣେ କଣ୍ଠଶିଳ୍ପୀ। ଏ ଦିଗରେ ତାଙ୍କୁ ଆଗକୁ ବଢିବା ପାଇଁ ସର୍ବଦା ଉତ୍ସାହିତ କରି ଆସୁଛନ୍ତି ବୋଲି କୁହନ୍ତି ବିପାଶା। ସେ ଶ୍ରେୟା ଘୋଷାଲ, କୌଶିକ ଚକ୍ରବର୍ତ୍ତୀଙ୍କୁ ନିଜର ଆଦର୍ଶ ମାନନ୍ତି। ସେ କେବଳ ଜଣେ କଣ୍ଠଶିଳ୍ପୀ ନୁହଁନ୍ତି, ଦକ୍ଷ ନୃତ୍ୟଶିଳ୍ପୀ ମଧ୍ୟ। ମଞ୍ଚରେ ନୃତ୍ୟ ପରିବେଷଣ କରି ସେ ଦର୍ଶକଙ୍କୁ ମୁଗ୍ଧ କରିଦିଅନ୍ତି। ଏହାଛଡ଼ା ବିପାଶା ଜଣେ ମେଧାବୀ ଛାତ୍ରୀ। ଯୁକ୍ତ ଦୁଇରେ ଭାରତୀୟ ସଙ୍ଗୀତ ବିଷୟ ରଖି ତାହାର ବିଭିନ୍ନ ଦିଗ ଉପରେ ସେ ଅଧ୍ୟୟନ ଜାରି ରଖିଛନ୍ତି।

ନିକଟରେ ସେ ଓଡ଼ିଶା ସରକାରଙ୍କ ମହାବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ 'ନୂଆ - ଓ' ରେ ନିଜ ସ୍ୱରରେ ସମସ୍ତଙ୍କୁ ଝୁମାଇବା ସହ ପ୍ରଥମସ୍ଥାନ ଗ୍ରହଣ କରିଥିଲେ। ତା'ସହ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇ ବଲାଙ୍ଗୀର ପାଇଁ ଗୌରବ ଆଣିଛନ୍ତି। ଭବିଷ୍ୟତରେ ଚାକିରି କରିବା ସହ ନିଜର ସଙ୍ଗୀତ କଳାକୁ ଜାରି ରଖିବେ ବୋଲି କହିଛନ୍ତି ବିପାଶା।

# ହ୍ୱାଟ୍ସଆପ୍‌ର 'ଥିମ୍' ଫିଚର୍

ଇନ୍‌ଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ସୁବିଧା ପାଇଁ ନୂଆ ନୂଆ ଫିଚର୍ ଉପରେ କାର୍ଯ୍ୟ କରୁଛି। ଏବେ ଏହା 'ଥିମ୍' ନାମକ ଏକ ନୂଆ ଫିଚର୍ ଉପରେ କାମ ଜାରି ରଖିଥିବାବେଳେ ଏହା ଆଗାମୀ ଦିନରେ ଆଇଓଏସ୍ ବ୍ୟବହାରକାରୀଙ୍କ ପାଇଁ ଜାରି କରାଯିବ। ତେବେ ଏହି ଫିଚର୍ ମାଧ୍ୟମରେ ହ୍ୱାଟ୍ସଆପ୍‌ର ଆଇଓଏସ୍ ୟୁଜର୍ ନିଜ ପସନ୍ଦ ଅନୁସାରେ, ଏହି ଆପ୍ ପାଇଁ କୌଣସି ରଙ୍ଗ ବାଛିପାରିବେ। ଅବଶ୍ୟ ଏଥିପାଇଁ ବ୍ୟବହାରକାରୀଙ୍କୁ ସେଟିଂର ଆପିୟରାନ୍ସ ସୂଚୀରେ ୫ଟି ଭିନ୍ନ ଭିନ୍ନ ପ୍ରକାର ରଙ୍ଗ (ସବୁଜ, ନୀଳ, ଧଳା, ଗୋଲାପି, ଈଷତ୍ ବାଇଗଣୀ)ର ବିକଳ୍ପ ମିଳିବ। ଏଥିରୁ ନିଜ ପସନ୍ଦର ଗୋଟିଏ ରଙ୍ଗକୁ ବାଛି ଅତି ସହଜରେ ସେମାନେ ଆପ୍‌ର ରଙ୍ଗକୁ ବଦଳାଇବାକୁ ସକ୍ଷମ ହେବେ। କେବଳ ସେତିକି ନୁହେଁ, ହ୍ୱାଟ୍ସଆପ୍ ତା'ର ୱେବ୍ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ଡାର୍କ ଥିମ୍ ଜାରି କରିପାରେ।



ଆଜି ତୃତୀୟ ଟି-୨୦

# ସିରିଜ୍ ସୁଇପ୍ ଲକ୍ଷ୍ୟରେ ଭାରତ

ବେଙ୍ଗାଲୁରୁ, ୧୬।୧ (ଏଜେନ୍ସି): ଏଠାରେ ଚାଲିଥିବା ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ରୋହିତ ଶର୍ମାଙ୍କ ଭାରତୀୟ ଦଳ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଆଗୁଆ ସିରିଜ୍ କବ୍‌ଜା କରିନେଇଛି। ଏହାର ଅର୍ଥ ଗତ ୫ ବର୍ଷ ଭିତରେ ଭାରତ ଘରୋଇ ମାଟିରେ ଗୋଟିଏ ହେଲେ ଟି-୨୦ ସିରିଜ୍ ହାରିନାହିଁ। ଏହା ମଧ୍ୟରେ ଖେଳାଯାଇଥିବା ସିରିଜ୍ ମଧ୍ୟରୁ ଦଳ ୧୩ଟିରେ ବିଜୟୀ ହୋଇଛି। ଏବେ ସିରିଜ୍‌ର ତୃତୀୟ ତଥା ଶେଷ ମୁକାବିଲା ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ତଥା ବୁଧବାର ଖେଳାଯିବ। ଏହି ମ୍ୟାଚ୍ ସହ ଭାରତ ୧୪ତମ ସିରିଜ୍ ବିଜୟ ସହ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି।

ଭାରତୀୟ ଦଳ ଘରୋଇ ମାଟିରେ ଏପରି ପ୍ରଭାବୀ ପ୍ରଦର୍ଶନ କରିଥିଲାବେଳେ ଆଉ ୫ ମାସ ପରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ ଖେଳିବ। ଭାରତର ଖେଳସୂଚୀ ଏପରି ହୋଇଛି ଯେ ବିଶ୍ୱକପ୍ ପୂର୍ବରୁ ଏହା ହେବ ଦଳର ଶେଷ ମୁକାବିଲା। ଏହା ପରେ ଭାରତରେ ୩ ମାସ (ମାର୍ଚ୍ଚରୁ ମେ) ଆଇପିଏଲ ଖେଳାଯିବ ଓ ଏହା ପରେ ଦଳ ବିଶ୍ୱକପ୍ ଖେଳିବ।

**ଭେନ୍ୟୁ- ବେଙ୍ଗାଲୁରୁ**
**ଖେଳ ଆରମ୍ଭ- ରାତି ୭ଟା**
**ପ୍ରସାରଣ- ସ୍ପୋର୍ଟ୍ସ ୧୮, ଜିଓ ସିନେମା**
**ସିରିଜ୍ ସ୍ଥିତି- ଭାରତ ୨-୦ରେ ଆଗୁଆ**

ସେତେବେଳକୁ ଦଳ ଭିତରେ କିପରି ସମନ୍ୱୟ ଥିବ କିମ୍ବା ୟୁଏଇରେ ଫେଲ ମାରିବା ଭଳି ଖେଳିବ ତାହା ସମୟ କହିବ। ସେ ଯାହା ହେଉ ଟି-୨୦ ବିଶ୍ୱକପ୍ ପୂର୍ବରୁ ଏହା ଭାରତର ମ୍ୟାଚ୍ ଖେଳି ପ୍ରସ୍ତୁତି ହେବାରଏହା ହେଉଛି ଶେଷ ସୁଯୋଗ। ଏହି ସିରିଜ୍‌ରେ ଭାରତ ଦୁଇଥର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିନାହିଁ। ଏହାର ଅର୍ଥ ଯାହା ହେଉନା କାହିଁକି ଦଳ ପ୍ରଥମେ ବ୍ୟାଟିଂ କରି ଯେଉଁ ଆହ୍ୱାନର ସମ୍ମୁଖୀନ ହେବା କଥା ତାହା କରିନାହିଁ। ଏଭଳି ସ୍ଥିତିରେ ଦଳ ନିକଟରେ ଯେଉଁ ଆତ୍ମବିଶ୍ୱାସ ରହିବା କଥା ତାହା ନାହିଁ। ରନ୍ ଚେଜ୍ କରିବା ସହ ରନ୍ ଡିଫେଣ୍ଡ କରିବା କଷ୍ଟକର। ବେଙ୍ଗାଲୁରୁରେ ଦଳ କିପରି ପ୍ରଦର୍ଶନ କରିବ ତାହା ବଡ଼ କଥା ନୁହେଁ, ଦଳ ଯଦି ଟସ୍ ଜିତେ ତେବେ ପ୍ରଥମେ ବ୍ୟାଟିଂ କରିବ କି ନାହିଁ ଦେଖିବାର କଥା।

ସେ ଯାହା ହେଉନା କାହିଁକି, ଭାରତର ରଣନୀତି ଏହି ସିରିଜ୍‌ରେ ବଦଳି ଯାଇଛି। ଦଳ ଆକ୍ରମଣାତ୍ମକ ଖେଳଉପରେ ଗୁରୁତ୍ୱ ଦେଇଛି। ବୋଲିଂ ହେଉ ଅବା ବ୍ୟାଟିଂ ଉଭୟ ବିଭାଗରେ ଦଳର ରଣନୀତି ଆକ୍ରମଣାତ୍ମକ ହୋଇଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦଳ ୧୭.୩ ଓ ୧୫.୪ ଓଭରରେ ଜିତିନେଇଛି। ଏହାର ଅର୍ଥ ଭାରତ ଶେଷ ଓଭରଯାଏ ମ୍ୟାଚ୍ ଜିତିବାକୁ ଅପେକ୍ଷା କରୁନାହିଁ। ଏହି ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳି ବିରାଟ କୋହଲି ୧୬ ବଲ୍‌ରେ ଯେପରି ୨୯ ରନ୍ କଲେ ତାହା ନିଶ୍ଚିତଭାବେ ଏକ ପରିବର୍ତ୍ତନକୁ ସୂଚାଉଛି। ଏହି ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲଙ୍କ ଅର୍ଦ୍ଧଶତକ, ଖେଳିବା ସୁଯୋଗ ପାଇବା ପରେ କ୍ରମାଗତ ମ୍ୟାଚ୍‌ରେ ବିସ୍ଫୋରକ ବ୍ୟାଟିଂ କରି ଶିବମ ଦୁବେଙ୍କ ଅର୍ଦ୍ଧଶତକ ଦଳର ଦୃଢ଼ ସ୍ଥିତିକୁ ସୁହାଉଛି। ଦଳର ବ୍ୟାଟିଂରେ ଗୋଟିଏ ଖରାପ କଥା ହେଲା ଅଧିନାୟକ ରୋହିତ ଶର୍ମାଙ୍କ ବିଫଳତା। ସେ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ଖାତା ଖୋଲିପାରି ନାହାନ୍ତି। ପ୍ରଥମ ମ୍ୟାଚ୍‌ରେ ଦୁର୍ଭାଗ୍ୟଜନକ ରନ୍‌ଆଉଟ ହୋଇଥିଲାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଖରାପ ସଟ୍ ଖେଳିଥିଲେ। ଏଣୁ ଦଳ ଏସବୁ ତ୍ରୁଟିକୁ ତୃତୀୟ ମ୍ୟାଚ୍‌ରେ ସୁଧାରିନେବ ବୋଲି ଆଶା କରାଯାଉଛି।

ବୋଲିଂରେ ସ୍ପିନର ଅକ୍ଷର ପଟେଲଙ୍କ ସମେତ ଅନ୍ୟ ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଆସିଛନ୍ତି। କେବଳ ଲେଗ୍‌ସ୍ପିନର ରବି ବିଷ୍ଣୋଇ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। କୁଲଦୀପ ଯାଦବଙ୍କପରି ସ୍ପିନର ଏଯାଏ କୌଣସି ମ୍ୟାଚ୍ ଖେଳି ନାହାନ୍ତି। ବିଷ୍ଣୋଇ କିମ୍ବା ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ କୁଲଦୀପଙ୍କୁ ସୁଯୋଗ ମିଳିପାରେ। ସେହିପରି ମୁକେଶ କୁମାରଙ୍କ ସ୍ଥାନରେ ଆଭେଷ ଖାନଙ୍କୁ ମଧ୍ୟ ସୁଯୋଗ ଦିଆଯାଇପାରେ। ଉଭୟ ଦଳ ଭଲ କ୍ରିକେଟ ଖେଳିବେ ବୋଲି ଆଶା କରାଯାଉଛି।

ଅନ୍ୟପକ୍ଷରେ ଆଫଗାନିସ୍ତାନ ଭଲ ଖେଳିଥିଲେ ମଧ୍ୟ ମ୍ୟାଚ୍ ବିଜୟୀ ହୋଇପାରି ନାହିଁ କିମ୍ବା ଏଭଳି ଖେଳିନାହିଁ। ଦଳ ନିକଟରେ ପ୍ରତିଭା ରହିଛି। ବାଙ୍ଗାଲୋର ଷ୍ଟାଡିୟମ୍‌ର ବାଉଣ୍ଡରୀ ଛୋଟ। ଏଠାରେ ଅଧିକ ବାଉଣ୍ଡରୀ ହେବାର ସମ୍ଭାବନା ରହିଛି। ଏଠାରେ ଶାନ୍ତ୍ୱନାମୂଳକ ବିଜୟ ସହ ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ବିପକ୍ଷ ସିରିଜ୍ ଖେଳିବାକୁ ଆଫଗାନିସ୍ତାନ ଆତ୍ମବିଶ୍ୱାସ ହାସଲ କରିବା ଲକ୍ଷ୍ୟରେ ରହିଛି।



### ଖେଳାଳି ଦଳ

**ଭାରତ**
ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, ରିଙ୍କୁ ସିଂ, ଜିତେଶ ଶର୍ମା ଓ ସଞ୍ଜୁ ସାମସନ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ, ରବି ବିଷ୍ଣୋଇ, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ଆଭେଷ ଖାନ୍ ଓ ମୁକେଶ କୁମାର।

**ଆଫଗାନିସ୍ତାନ**
ଇବ୍ରାହିମ ଜଡ୍ରାନ, (ଅଧିନାୟକ), ରହମନୁଲ୍ଲା ଗୁରବାଜ ଓ ଇକ୍ରାମ ଅଲ୍ଲୀଖୀଲ (ଉଭୟ ୱିକେଟରକ୍ଷକ), ହଜରତଉଲ୍ଲା ଜାଜାଇ, ରହମତ ଶାହ, ନଜିବୁଲ୍ଲା ଜଡ୍ରାନ, ମହମ୍ମଦ୍ ନବି, କରିମ ଜାନତ, ଆଜମଉଲା ଓମରଜାଇ, ସରାଫୁଦ୍ଦିନ ଅଶ୍ରଫ, ମୁଜୀବ-ଉର-ରହମନ, ଫଜଲ ହକ୍ ଫାରୁକି, ଫରୀଦ ଅହମ୍ମଦ୍, ନବୀନ-ଉଲ-ହକ୍, ନୁର ଅହମ୍ମଦ୍, ମହମ୍ମଦ୍ ସଲୀମ୍, କାଏସ ଅହମ୍ମଦ୍, ଗୁଲବଦିନ ନାଏବ।

# ଇତିହାସ ସୃଷ୍ଟିକଲେ ନାଗଲ




ମେଲବୋର୍ଣ୍ଣ, ୧୬।୧(ଏଜେନ୍ସି): ଭାରତୀୟ ଶ୍ରେଷ୍ଠ ପୁରୁଷ ଟେନିସ୍ ତାରକା ସୁମିତ ନାଗଲ ଇତିହାସ ସୃଷ୍ଟି କରିଛନ୍ତି। ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ପୁରୁଷ ଏକକ ପ୍ରତିଯୋଗିତାରେ ୨୬ ବର୍ଷୀୟ ନାଗଲ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲାରେ ନାଗଲ ୬-୪, ୬-୨, ୭-୬ ସେଟ୍‌ରେ ୩୧ତମ ସିଡ୍ ତଥା ବିଶ୍ୱ ମାନ୍ୟତାର ୨୭ ନଂ ଖେଳାଳି କାଜାଖସ୍ତାନର ଆଲେକଜାଣ୍ଡର ବବ୍ଲିକଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ୧୯୮୯ (ରମେଶ କ୍ରିଷ୍ଣନ୍) ପରେ ଓ ଗତ ୩୫ ବର୍ଷ ମଧ୍ୟରେ ପ୍ରଥମ ଭାରତୀୟ ଭାବେ ନାଗଲ କୌଣସି ସିଡେଡ୍ ଖେଳାଳିଙ୍କୁ ହରାଇବା ସହ ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱ ମାନ୍ୟତାର ୧୩୯ତମ ସ୍ଥାନ୍‌ରେ ଥିବା ନାଗଲଙ୍କୁ ବିଜୟୀ ହେବାକୁ ୨ ଘଣ୍ଟା ୩୮ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ୨୦୨୧ ସଂସ୍କରଣରେ କିନ୍ତୁ ନାଗଲ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। କ୍ୱାଲିଫାୟର୍ସ ରାଉଣ୍ଡ ଜିତି ନାଗଲ ମୁଖ୍ୟ ଡ୍ର'ରେ ସାମିଲ ହୋଇଥିଲେ। ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ସେ ଗୋଟିଏ ହେଲେ ବି ସେଟ୍ ହାରି ନଥିଲେ।

**ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ, ଜ୍ୱେରେଭ:** ପୁରୁଷ ଏକକରେ ସ୍ପେନ୍‌ର ଦ୍ୱିତୀୟ ସିଡ୍ ଖେଳାଳି କାର୍ଲୋସ ଆଲକାରାଜ, ଜର୍ମାନୀର ଷଷ୍ଠ ସିଡ୍ ଖେଳାଳି ଆଲେକଜାଣ୍ଡର ଜ୍ୱେରେଭ ଓ ଅନ୍ୟ ସିଡେଡ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ଆଲକାରାଜ ପ୍ରଥମ ରାଉଣ୍ଡରେ ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟ୍‌ଙ୍କୁ ୭-୬, ୬-୧, ୬-୨ ସେଟ୍‌ରେ, ଜ୍ୱେରେଭ ୪-୬, ୬-୩, ୭-୬, ୬-୩ ସେଟ୍‌ରେ ଡୋମିନିକ୍ କୋଏଫରଙ୍କୁ, ରୁନ୍ ୬-୨, ୪-୬, ୭-୬, ୬-୪ ସେଟ୍‌ରେ ଜାପାନର ୟୋସିହିତୋ ନିଶିଓକାଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ସ୍ୱିଆଟେକ, ରିବାକିନା, ପେଗୁଲାଙ୍କ ଅଗ୍ରଗତି:** ମହିଳା ଏକକରେ ଶ୍ରେଷ୍ଠ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ୭-୬, ୬-୨ ସେଟ୍‌ରେ ଆମେରିକାର ସୋଫିଆ କେନିନ୍‌ଙ୍କୁ, ତୃତୀୟ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ୭-୬, ୬-୪ ସେଟ୍‌ରେ ଚେକ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

**ଯୁଗଳରେ ଭାମ୍ବ୍ରି ହାରିଲେ:** ପୁରୁଷ ଯୁଗଳରେ ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ନେଦରଲାଣ୍ଡ୍ସ ଯୋଡ଼ି ରବିନ ହାସ ପ୍ରଥମ ରାଉଣ୍ଡରେ ୬-୧, ୬-୭, ୬-୭ ସେଟ୍‌ରେ ବ୍ରାଜିଲର ରାଫେଲ ମାତୋସ ଓ କଲମ୍ବିଆର ନିକୋଲାସ୍ ବାରିଏଣ୍ଟୋସ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଏକ ଅଭିନବ ପ୍ରୟାସ
A new venture of prayash education trust
PRAYASH VIDYAMANDIR
CBSE CURRICULUM SCHOOL
TANDARA, JAJPUR ROAD
It's time to
DREAM BIG
towards holistic school education
ADMISSION OPEN
FOR SESSION 2024-25
CLASS-VI CLASS-VII CLASS-VIII
WHY TO CHOOSE PRAYASH VIDYAMANDIR ?
• Proven track record of Prayash NEET/JEE & 12th Board results
• Zero homework & no tuition concept
• Teaching standard is at-par with NEP 2020
• Daily assignment solving in the presence of teachers
• Foundation courses for NEET, JEE, and Civil Services.
• Transparent & affordable fee structure
• Prime focus on extra-curricular activities & character building
• Both day boarding/ transportation & hostel facilities
• Eco-friendly & distraction-free green campus
• The use of mobile phones is strictly prohibited
ADMISSION TEST ON 04TH FEB, SUNDAY
REGISTER NOW- PRAYASEDUCATION.IN
CONTACT : 9861034723, 7978665286, 8658979390, 7894314744,( 09AM TO 05 PM )



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

# ଚିତ୍ରକଳ୍ପରେ ଶ୍ରୀଜଗନ୍ନାଥ

ନୀଳାଚଳମୌଳିଙ୍କ ପ୍ରତିମାର ତୁଳନା, ଉପମା ଅବା କୌଣସି ଆଧାର କେଉଁଠି, କାହାସହ କରାଯାଇ ପାରିବ ନାହିଁ। ସେ ଅସମୋର୍ଦ୍ଧ ପୁରୁଷ, ତାଙ୍କ ସହ କେହି ସମାନ ନୁହନ୍ତି। ତାଙ୍କଠୁ ଆଉ ବଡ଼ କିଏ ନାହିଁ। ସୃଷ୍ଟି ସ୍ଥିତି ତଥା ପ୍ରଳୟର ଅପ୍ରତିମ କର୍ତ୍ତାଙ୍କୁ ପୁଣି କେଉଁ ପ୍ରତିମା ଏବଂ ତାଙ୍କ କୀର୍ତ୍ତିରାଜିର ଅବା କେଉଁ ପରିଣାମକୁ କିଏ କଳିପାରିଛି। ସେ ଅଦ୍ୱିତୀୟ, ସେ ବ୍ରହ୍ମଙ୍କ ପ୍ରତୀକାତ୍ମକ ପରମ ଅପରୂପ ବିଗ୍ରହ। ତେଣୁ ବେଦବର୍ଣ୍ଣନା ଅନୁଯାୟୀ 'ନ ତସ୍ୟ ପ୍ରତିମା ନାସ୍ତି ଯସ୍ୟ ନାମ ମହଦୀଶଃ'। ସେ ରୂପବିବର୍ଜିତ। ତାଙ୍କୁ ବାଣୀ ଅବା ଶବ୍ଦ ବର୍ଣ୍ଣି ପାରିବ ନାହିଁ- 'ଯତୋ ବାଚେ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସହ'।

ତେଣୁ ଆପଣ ଅବାଂମାନସ, ଆପଣ ଅଚିନ୍ତନୀୟ, ଅପରିକଳ୍ପନୀୟ, ଅବର୍ଣ୍ଣନୀୟ, ଅରୂପ, ଆକାରରହିତ, ଆଦି ଅନ୍ତହୀନ ସ୍ୱରୂପ। ଜୀବ ତଥାପି ଆପଣଙ୍କୁ ମାତା, ପିତା, ବନ୍ଧୁ, ସଖା ସହୋଦର, ଧନ, ମାନ, ଯଶ, ନିଃଶ୍ୱାସ, ପ୍ରଶ୍ୱାସ, ବିଦ୍ୟା, ଜ୍ଞାନ ସବୁକିଛି ସମର୍ପି ଦେଇଥାଏ।

'ଆପଣ ତ ଆକାର ରହିତ, ନିର୍ବିକଳ୍ପ ନିରାକାର ଏବଂ ସବୁର କର୍ତ୍ତା ହିଁ ଆପଣ! ଅକର୍ତ୍ତା ମଧ୍ୟ ଆପଣ! ଏହି ପରିପ୍ରେକ୍ଷୀରେ ବିଚାର କରିବାକୁ ହୁଏ ଯେ ଆପଣ ସମସ୍ତ ଜୀବମାନଙ୍କର ଉଦ୍‌ଗମ ସ୍ଥଳ, ମାଧ୍ୟମ, ବିଶ୍ୱ ବ୍ରହ୍ମାଣ୍ଡର ଆଧାର ଅଟନ୍ତି। ତେଣୁ ଆପଣ ଏକ ହୋଇ ମଧ୍ୟ ଅନେକ ଭଳି ପ୍ରତୀତ ହୋଇଥା'ନ୍ତି - ଯାଦୃଶି ଭାବନା ଯସ୍ୟ ସିଦ୍ଧିଃ ଭବତି ତାଦୃଶି, ଏକ ଦେବ ବିଦ୍ରଃ ବହୁଧା ଭବନ୍ତି'।

ଏହା ଏକ ଅକଳ୍ପନୀୟ ଚିତ୍ର ଦୃଶ୍ୟ, ଯାହାର ଚିତ୍ରକଳ୍ପ ତିଆରି କରିବା ଦୁଷ୍କର। ଯେଉଁ ଦୃଶ୍ୟ ଅଦୃଶ୍ୟ, ତା'ର ଚିତ୍ରକଳ୍ପକୁ ଆକଳନ କରିବା ମଧ୍ୟ ଅସମ୍ଭବ। ଅଦୃଶ୍ୟର ରୂପକଳ୍ପ ପାଇଁ ଧ୍ୟାନ ଧାରଣା, ଭୋଗ ତଥା ବାଚନିକ, ଆତ୍ମିକ, ଦୈହିକ, ମାନସିକ ସ୍ତରରେ ସ୍ୱଚ୍ଛତାର ଆବଶ୍ୟକତା ଅଧିକ।

ନୀଳକନ୍ଦର ନିବାସୀ ଶ୍ରୀପୁରୁଷୋତ୍ତମ କୁଣ୍ଡଳାକାର ହୋଇ ଉନ୍ମୁକ୍ତ ଥିବା ଅଥବା ଗୁରୁତ୍ୱ ବୃଦ୍ଧି କରୁଥିବା ଶଙ୍ଖନାଭି ମଣ୍ଡଳରେ ପଞ୍ଚତତ୍ତ୍ୱ ସନ୍ନିକଷ୍ଟ ମହାପଦ୍ମ ସଦୃଶ ପ୍ରତୀକାତ୍ମକ ରତ୍ନବେଦୀରେ ଆସୀନ ପୂର୍ବକ ଲୋକବତ୍ ଲୀଳା କୈବଲ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ସତ୍‌ଚିତ୍ ଆନନ୍ଦ ପ୍ରଦାନ କରୁଛନ୍ତି। ଏହି ବିରାଟ ସୃଷ୍ଟି କିଭଳି ସଂଗଠିତ ହେଲା? କିଏ ତାହାର କର୍ତ୍ତା? ନୀଳାଚଳର କ୍ଷେତ୍ରାଧିପତି କ'ଣ ସେହି ମହାଜାଗତିକ ଶକ୍ତିର ସ୍ଥୂଳ ପ୍ରତୀକାତ୍ମକ ରୂପ? ଏକ ଭାବକଳ୍ପନାର ଆଧାର ଆମ ଈଶ୍ୱରୀୟ ଚୈତ୍ୟବୃତ୍ତି ସମ୍ପୂର୍ଣ୍ଣ ଏକ ବିଚାରଧାରା, ଯାହା ଅତୀବ ରହସ୍ୟମୟ ଓ ଅକଳ୍ପନୀୟ।



କଳ୍ପନା ଏକ ଦିବ୍ୟଚେତନା, ଯାହାର ଆଧାର ପାରିପାର୍ଶ୍ୱିକ ବ୍ୟବସ୍ଥା, ବାସ୍ତବତା ଏବଂ ସାମ୍ପ୍ରତିକ ଚେତନାବୋଧକୁ ଇଙ୍ଗିତ କରିଥାଏ। ବାସ୍ତବତାର ସମ୍ଭାବ୍ୟ ପରିଣତିକୁ ଉପସ୍ଥାପନା କରିବା କ୍ଷେତ୍ରରେ କଳ୍ପନା ଏକ କଳାତ୍ମକ ଭିତ୍ତିଭୂମି। ସେହିପରି ସମ୍ଭାବ୍ୟ ବାସ୍ତବତାକୁ କଳ୍ପନାର ପୃଷ୍ଠଭୂମିରେ ଉପସ୍ଥାପନା ଏବଂ କାଳାତୀତ ଆଗାମୀ ଭବିଷ୍ୟତକୁ ଦେଇଥାଏ ଏକ ଅନନ୍ୟ ସାମ୍ପ୍ରତିକ ଚିତ୍ରରୂପ। ଅଙ୍ଗେନିଭା ଅନୁଭବ ଯେତେବେଳେ ଭାବବସ୍ତୁରେ ପରିବର୍ତ୍ତିତ ହୁଏ, ସେତେବେଳେ ତାହା ଭାବର ନିକଟବର୍ତ୍ତୀ ମନେହୋଇ ଅବାସ୍ତବତା ତଥା କଳ୍ପନା ପ୍ରବଣତାକୁ ନେଇ ସୃଷ୍ଟ ସମସ୍ତ ଦ୍ୱନ୍ଦ୍ୱର ଅବସାନ ଘଟାଇଥାଏ। କଳ୍ପନା ସେତେବେଳେ ହୋଇଉଠେ ବାସ୍ତବତାର ସମ୍ଭାବ୍ୟ ଚିତ୍ରରୂପ।

ଏହି ପ୍ରକାର ଉପଲବ୍ଧକୁ ଆମକୁ ନେଲାବେଳେ ସୌନ୍ଦର୍ଯ୍ୟବୋଧର କଥା ମନକୁ ଆସିଥାଏ, ଯାହା ବୋଧହୁଏ ସର୍ଜନର ଉତ୍‌ପ୍ରେରିକା ଶକ୍ତି ଏବଂ ଶିଳ୍ପୀର ପ୍ରାଣରେ ସୃଷ୍ଟି କରିଥାଏ ଏକ ଅନାହତ ଉଦ୍‌ବେଳନ। ସେଥିପାଇଁ ସ୍ରଷ୍ଟାର ହୃଦୟ ସେଇଠୁ ଉତ୍ସରିତ ସୌନ୍ଦର୍ଯ୍ୟ ଭୂମିର ସନ୍ଧାନରେ ମଗ୍ନ, ମୋହିତଓଆଚ୍ଛନ୍ନହୋଇଅବଲୀଳାକ୍ରମେସୃଜନରଦିବ୍ୟଚେତନା ସ୍ତରରେ ନିବିଡ଼ ସମ୍ବେଦନାରେ ଆବେଗସିକ୍ତ ହୁଏ। ହୃଦୟର ଭାବକକ୍ଷ ମଧ୍ୟ ସେତେବେଳେ କ୍ରିୟାଶୀଳ ମନେ ହୋଇଥାଏ। ସୂକ୍ଷ୍ମ ଚେତନାର ସଂଗୁପ୍ତ ମୂଳକଟି ସେଇଠୁଁ ସମ୍ମୋହନର ଗଭୀର ବିହ୍ୱଳତାରେ ଆବିଷ୍ଟ ହୁଏ ଓ ଅନୁଭବର ଅବରୁଦ୍ଧ କକ୍ଷଗୁଡ଼ିକ ଉନ୍ମୁକ୍ତ ହୁଅନ୍ତି। କଳ୍ପଲୋକରେ ବିଚରଣ କରେ ଜୀବସତ୍ତା। ଜାଗତିକ ସୀମା ସରହଦ ଅତିକ୍ରମ କରି ସର୍ଜନ ଦୃଷ୍ଟି ଅତି ଜାଗତିକ ଏକ ଦିବ୍ୟଚେତନାରେ ପ୍ରସାରିତ ହୁଏ, ବହୁମୁଖୀ ହୁଏ ତା'ର ରୂପାନ୍ତରଣ। ତେବେ ଯାଇ ସମ୍ଭବ ହୁଏ ଚିତ୍ରକଳ୍ପର ଚିତ୍ରରୂପ (ଦୃଶ୍ୟରୂପ)। ଯାହା ସତତଃ ଅନନ୍ୟ ଅପ୍ରତିମ ପରମାନନ୍ଦ ପ୍ରଦାନକାରୀ ହୁଏ। ଆତ୍ମାକୁ ଛୁଏଁ। ସାର୍ବଜନୀନ ସ୍ୱୀକୃତି ପାଏ।

ଅଗଣିତ ସାଧୁସନ୍ଥ, ପଣ୍ଡିତ, ବିଷୟ ଗବେଷକ, ଜ୍ଞାନୀ, ତତ୍ତ୍ୱଦର୍ଶୀ, ମହାତ୍ମା, ମୁନିଋଷି ଦିବ୍ୟ ନୀଳାଚଳ ଧାମରେ ପଦର୍ପଣ କଲାମାତ୍ରେ ଆପଣାର ଜ୍ଞାନ, ପାଣ୍ଡିତ୍ୟ, ବୁଝା ଅବୁଝା ଗୁଢ଼ତତ୍ତ୍ୱ ସମସ୍ତଙ୍କୁ ପାସୋରି ବସନ୍ତି। ତତ୍ତ୍ୱାତୀତ ପରଂବ୍ରହ୍ମଙ୍କ ତତ୍ତ୍ୱ ନିର୍ଣ୍ଣୟରେ ନିଜ ନିଜର ଅସାମର୍ଥ୍ୟତା ଅନୁଭବ କରି ତାଙ୍କୁ ସର୍ବ ବେଦାନ୍ତ ସାର, ସର୍ବ ତତ୍ତ୍ୱାନୁତତ୍ତ୍ୱ ତଥା ଭବଜଳଧିର ତରଣୀ ରୂପେ ବାରମ୍ବାର ପ୍ରତୀତ ଜଣାଇଥା'ନ୍ତି। ସେ ସର୍ବେନ୍ଦ୍ରୀୟ ବିବର୍ଜିତ ତଥା ସର୍ବେନ୍ଦ୍ରୀୟ ଧର୍ମର ସ୍ଥୂଳ ପ୍ରତିନିଧି। ଦୁରାଧିଗମ୍ୟ ଭାବକୁ ସ୍ଥୂଳ ଭାବରେ ପ୍ରଦର୍ଶନ କରିବାକୁ ତାଙ୍କର ଏହି ରହସ୍ୟମୟ ସ୍ୱରୂପ। ବର୍ଣ୍ଣ ଧର୍ମ ଆଶ୍ରମ ସବୁ ତାଙ୍କଠାରେ ଅବଲୁପ୍ତ।

ଏହିପରି ଏକ ଗୂଢ଼ ରହସ୍ୟ ବର୍ଣ୍ଣନାର ଚିତ୍ରକଳ୍ପକୁ କିଏ କିପରି କେଉଁ ଶିଳ୍ପଶାସ୍ତ୍ର, ଚିତ୍ରକୋଷ ବା ଅତିନ୍ଦ୍ରିୟ ଚେତନାସ୍ତରକୁ ଯାଇ ଏହାର ଠିକ୍ ଚିତ୍ରରୂପ ସର୍ବସାଧାରଣରେ ପ୍ରଦର୍ଶିତ କରିପାରିବ? ଅପୂର୍ଣ୍ଣ, ଖଣ୍ଡିତ ଅବୟବ ଏବଂ ନିର୍ଦ୍ଦିଷ୍ଟ ଆକାର ଆକୃତିରହିତ ତାଙ୍କ ଚିତ୍ର ପ୍ରତିମା। ତେଣୁ ଏକ ରହସ୍ୟପୂର୍ଣ୍ଣ ପ୍ରତୀକ ବ୍ୟତୀତ ଆଉ କିଛି ନୁହେଁ। ତଥାପି ଶ୍ୟାମଘନ ସମ ଶ୍ୟାମ ସଖା, ସୌନ୍ଦର୍ଯ୍ୟବୋଧର ସର୍ବୋତ୍କୃଷ୍ଟ ସୃଷ୍ଟି, ତାଙ୍କ କଳାଶ୍ରୀମୁଖ ସମସ୍ତଙ୍କର ପ୍ରିୟ। ତାଙ୍କ ବଙ୍କାଧରରେ ଅତିଜାଗତିକ ସ୍ମିତହାସ୍ୟ ଶୃଙ୍ଗାର। ତଥାପି ତାଙ୍କର ସମସ୍ତ ଚିତ୍ର ଏକ ଭ୍ରାନ୍ତି। ଅତୀବ ରହସ୍ୟମୟ।

ମହାପ୍ରଭୁଙ୍କ ଆଧାରରେ ଅନେକ ଚିତ୍ର କରିସାରିଲା ପରେ ମଧ୍ୟ ମୋର ବ୍ୟକ୍ତିଗତ ଭାବରେ ଏହିମତ ଯେ ତାଙ୍କ ଚିତ୍ରର ସେ ନିଜେ ହିଁ ନିରୀକ୍ଷକ ଏବଂ ସମୀକ୍ଷକ। କତିପୟ କିଛି ବିଭୋର ଶିଳ୍ପୀ ବନ୍ଧୁମାନଙ୍କୁ ନେଇ ମହାପ୍ରଭୁଙ୍କର ପାତାଳି ଲୀଳା କ୍ଷେତ୍ରମାନଙ୍କୁ ଯାଇ ସେଇ ପରିବେଶରେ, ପ୍ରଥମରୁ ବିଷୟ ବିଶେଷଜ୍ଞମାନଙ୍କ ସହ ବିଭିନ୍ନ ପରିପ୍ରେକ୍ଷୀରେ ଆଲୋଚନା କରି ଚିତ୍ରକଳ୍ପ ସମ୍ପର୍କିତ ଏକ ନମୁନା ଚିତ୍ରକୁ ପୁଞ୍ଜିକରି ତାଙ୍କ ଲୀଳାର ଚିତ୍ର କରି ସେଠାରେ ପ୍ରଥମେ ଦେବାର୍ପିତ ଓ ପରେ ଲୋକାର୍ପିତ କରାଇ ଅପୂର୍ବ ସହଯୋଗ ପାଇଛୁ। ସେଇ ପରିବେଶରେ ଯେ ଯାହାର ଊର୍ଦ୍ଧ୍ୱ ଉଡ଼ାଣ, ଶୂନ୍ୟଭ୍ରମଣରେ ଥାଆନ୍ତି। ଚିତ୍ର ଆପେ ଆପେ ସେମାନଙ୍କ ଦ୍ୱାରା ହୋଇଯାଏ। ପାଞ୍ଚବର୍ଷ ହେଲା ପାଞ୍ଚ ଯାଗାରେ ପାଞ୍ଚ ପ୍ରକାର ରୂପକଳ୍ପର ଚିତ୍ରରୂପ କରିସାରିଲୁଣି, ସେ ଚିତ୍ର ଅନେକ ସ୍ଥାନରେ ପ୍ରଦର୍ଶିତ ହୋଇସାରିଛି। ଚିତ୍ରର କ୍ୟାନଭାସ୍, ଲିମ୍ବକାଠ ଗଣ୍ଡିର ପାଞ୍ଚଇଞ୍ଚ ମୋଟେଇ ଏବଂ ଦେଢ଼ଫୁଟରୁ ଦୁଇଫୁଟ ପର୍ଯ୍ୟନ୍ତ ବ୍ୟାସର ଗୋଲାକାର କାଠଖଣ୍ଡ। ମହାପ୍ରଭୁଙ୍କ ଦାରବ ତନୁର ଚିତ୍ର ଲିମ୍ବକାଠରେ ହିଁ ଚିତ୍ରାୟିତ କରାଯାଏ। ଆଗକୁ ମଧ୍ୟ ହେବ। ଦିନକୁ ଦିନ ଦାରୁବ୍ରହ୍ମଙ୍କ କୃପାରୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ, ଦିଲ୍ଲୀ, ହାଇଦ୍ରାବାଦ, ବାଙ୍ଗାଲୁରୁ, ଚେନ୍ନାଇର ଓଡ଼ିଆ ଶିଳ୍ପୀମାନେ ଆକର୍ଷିତ ହୋଇ ସାମିଲ ହୋଇଛନ୍ତି। ବାହୁଡ଼ାବ୍ରହ୍ମ, ବ୍ରହ୍ମଦାରୁ ସ୍ୱର୍ଣ୍ଣରାମୀ, ନୀଳବ୍ରହ୍ମ, ଗୁପ୍ତବ୍ରହ୍ମ, ପାତାଳିବ୍ରହ୍ମ ଶୀର୍ଷକରେ ଏହି କଳାଶିବିରଗୁଡ଼ିକ ଭୁବନେଶ୍ୱର, ପୁରୀ, ନୀଳମାଧବ କ୍ଷେତ୍ର, କଣ୍ଟିଲୋ, କାଙ୍କରଶିଶରୀ, ଟାପୁ ଚିଲିକା, ନଈରୀ ଏବଂ ସୋନପୁର କୋଟ ସମଲାଇ ସ୍ଥିତ ତ୍ରିକୁଟ ପାହାଡ଼ ଗୁମ୍ଫା ଯେଉଁଠି ମହାନଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣାଯାଇ ଗୋପନରେ ଶତାଧିକ ବର୍ଷ କାଳ ମାଟିରେ ପୋତାଯାଇ ରଖାଯାଇଥିଲା ଓଡ଼ିଶାର ମୋଗଲ ଗୋଳ ସମୟରେ।

ଆଜି ପର୍ଯ୍ୟନ୍ତ ଚିତ୍ରରେ ମୁଁ ତାଙ୍କୁ ଯେପରି ଦେଖିପାରେ ଶବ୍ଦରେ ସେପରି ବର୍ଣ୍ଣନା କରି ପାରେନି। ରଙ୍ଗ ମିଳେନି ତାଙ୍କୁ ବର୍ଣ୍ଣିବାକୁ। ଶବ୍ଦ ଅଣ୍ଟେନି ତାଙ୍କ ଲୀଳା ବଖାଣିବାକୁ। ତାଙ୍କ ପାଇଁ ମୋର ସବୁଚିତ୍ରର ସେ ଚିତ୍ର ନିର୍ଦ୍ଦେଶକ। ଅନେକ ବାର ନିରୀହ ସ୍ୱୀକାର ମୁଁ କରିଛି ଯେ ତାଙ୍କ ଚିତ୍ର କରି ସାରି ସେ ଚିତ୍ରର ଯେ କୌଣସି ସମୀକ୍ଷା ମୋ ଦ୍ୱାରା ଅବା ଆଉ କାହା ଦ୍ୱାରା କରାଯାଇନି। କାରଣ ତାଙ୍କ ଚିତ୍ରର ସମୀକ୍ଷକ ସେ ନିଜେ। ତାଙ୍କ ଚିତ୍ର କେବେ ସରେନି, ଲାଗେ ଯେମିତି ଆଉ କ'ଣ ଟିକେ ହେଇପାରିଥା'ନ୍ତା! ଲେଖକୀୟ ଅଭିବ୍ୟକ୍ତି ମଧ୍ୟ ଠିକ୍ ସେହିପରି। ଆଉ କ'ଣ ଟିକେ ଲେଖିଥିଲେ ଭଲ ଲାଗିଥା'ନ୍ତା! ଅନେକବେଳେ ମୁଁ ସେଥିପାଇଁ ଭାବେ ସେଇ ଆଉକିଛି କଥାଟି ହିଁ ଭାବ। ଭାବରେ ଆଖି ମୁଦି ହୋଇଗଲେ ଜଗନ୍ନିବାସ ଶ୍ୟାମସଖା ଯେଉଁଠି ଥିଲେ ବି ଅତୁଲ୍ୟ ଦିଶନ୍ତି, ଜଳଜଳ ହୋଇ ବାରି ହେଇଯାଏ ଶବ୍ଦବ୍ରହ୍ମ। ଶୂନ୍ୟଶବ୍ଦ ମଧ୍ୟ ଅନର୍ଗଳ ପଢ଼ି ହେଇଯାଏ।

ଜୟ ଜଗଦୀଶ୍ୱର।

ଆପଣ ସର୍ବେଶ୍ୱର, ସର୍ବରୂପ ଓ ସ୍ତୁତିଯୋଗ୍ୟ, ଆପଣଙ୍କୁ ସହସ୍ରବାର ପ୍ରଣାମ, ପୁନର୍ବାର ପ୍ରଣାମ, ବାରମ୍ବାର ପ୍ରଣାମ। ■

**ବଳଦେବ ମହାରଥୀ**
**ଭୁବନେଶ୍ୱର, ମୋ: ୯୪୩୯୭୭୬୯୧୦**

# ମହିମାମୟ ଶଙ୍ଖକ୍ଷେତ୍ର



ଭାରତରେ ପ୍ରସିଦ୍ଧି ଲାଭ କରିଥିବା ବିଭିନ୍ନ ମହାପୁରାଣ, ଉପପୁରାଣ, ସଂହିତା ଓ ତନ୍ତ୍ରଶାସ୍ତ୍ର ମାନଙ୍କରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ବର୍ଣ୍ଣନା ଅବସରରେ ଏହି ଦିବ୍ୟକ୍ଷେତ୍ରକୁ ବିଭିନ୍ନ ନାମରେ ଅଭିହିତ କରାଯାଇଛି। ତନ୍ମଧ୍ୟରେ ନୀଳାଦ୍ରି, ନୀଳାଚଳ, ନୀଳଶୈଳ, ନୀଳଗିରି, ଶଙ୍ଖକ୍ଷେତ୍ର, ଭୂସ୍ୱର୍ଗ, ଦଶାବତାର କ୍ଷେତ୍ର, ମର୍ତ୍ତ୍ୟ ବୈକୁଣ୍ଠ ଆଦି ଅନ୍ୟତମ। ଏହି ନାମଗୁଡ଼ିକ ପୁରାଣ ସମର୍ଥିତ। ଉତ୍କଳର ପ୍ରାଚୀନ ଚାରିକ୍ଷେତ୍ରକୁ ଯଥାକ୍ରମେ ଏକାମ୍ର କ୍ଷେତ୍ରକୁ ଚକ୍ରକ୍ଷେତ୍ର, ବିରଜା କ୍ଷେତ୍ରକୁ ଗଦାକ୍ଷେତ୍ର, କୋଣାର୍କକୁ ପଦ୍ମକ୍ଷେତ୍ର ଓ ପୁରୁଷୋତ୍ତମ ବା ଶ୍ରୀକ୍ଷେତ୍ରକୁ ଶଙ୍ଖକ୍ଷେତ୍ର କୁହାଯାଏ। ଶ୍ରୀଧାମର ଏହି ଶଙ୍ଖାକୃତି କ୍ଷେତ୍ରରେ ଦାରୁବ୍ରହ୍ମରୂପୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ, ଯେକୌଣସି ସ୍ଥାନରେ ମୃତ୍ୟୁବରଣ ଓ ସମୁଦ୍ରରେ ସ୍ନାନ, ଏହି ତିନି ଗୋଟି ପ୍ରତ୍ୟେକ ମୁକ୍ତିର ସାଧନ ଓ ଅତ୍ୟନ୍ତ ଦୁର୍ଲ୍ଲଭ। ଏପରିକି ସ୍କନ୍ଦପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟର ୪ ଅଧ୍ୟାୟ ସ୍ଥିତ ୨୦, ୨୧ ଶ୍ଳୋକରେ କୁହାଯାଇଛି ଯେ ଭଗବାନ ଶ୍ରୀହରିଙ୍କର ଅତ୍ୟନ୍ତ ପ୍ରିୟ ତଥା ପୁଣ୍ୟକ୍ଷେତ୍ରଟି ପୃଥିବୀ, ଆକାଶ ଓ ସ୍ୱର୍ଗରେ ଯେଉଁ ମୋକ୍ଷଦାୟକ ସାଢ଼େ ତିନିକୋଟି ସଂଖ୍ୟକ ତୀର୍ଥ ଅଛନ୍ତି, ସେମାନଙ୍କ ମଧ୍ୟରେ ଏହି ଶଙ୍ଖକ୍ଷେତ୍ର ବା ପୁରୁଷୋତ୍ତମ କ୍ଷେତ୍ର ତୀର୍ଥରାଜ ରୂପେ ପ୍ରସିଦ୍ଧ ଅଟେ।

ସ୍କନ୍ଦ ପୁରାଣର ବର୍ଣ୍ଣନାନୁଯାୟୀ ଏହି ଦିବ୍ୟ କ୍ଷେତ୍ରର ଆକାର ଦକ୍ଷିଣାବର୍ତ୍ତ ଶଙ୍ଖ ସଦୃଶ। ଏହାର ପରିମାଣ ପଞ୍ଚ କ୍ରୋଶ ଆୟତନ ବିଶିଷ୍ଟ। ଏଥିମଧ୍ୟରୁ ତୀର୍ଥରାଜ ସମୁଦ୍ରର ତଟଭୂମି ତିନିକ୍ରୋଶ ପରିମିତ ଭୂଭାଗ ଅତ୍ୟନ୍ତ ପବିତ୍ର। ଅବଶିଷ୍ଟ ଦୁଇକ୍ରୋଶ ଜଳଭାଗ ସାଗର ମଧ୍ୟରେ ରହିଛି। ଏଠାରେ ମହୋଦଧି ଶଙ୍ଖକ୍ଷେତ୍ରର ସ୍ପର୍ଶ ହେତୁ ତୀର୍ଥରାଜ ରୂପେ ପରିଗଣିତ ହୋଇଛି।

ଶଙ୍ଖକ୍ଷେତ୍ରର ତିନିଗୋଟି ଆବରଣ ରହିଛି। ପ୍ରଥମ ଆବରଣରେ ଅଦ୍ୟାଶକ୍ତି ମା' ବିମଳା, ରୋହିଣୀକୁଣ୍ଡ, ପ୍ରଭୁ ଶ୍ରୀନୃସିଂହ, କଳ୍ପବୃକ୍ଷ ଓ ଈଶାନେଶ୍ୱର ବିରାଜମାନ କରିଛନ୍ତି। ଦ୍ୱିତୀୟ ଆବରଣରେ କପାଳମୋଚନ, ମଣିକର୍ଣ୍ଣିକା, ଚଣ୍ଡରୂପା, ଶ୍ୱେତଗଙ୍ଗା ଓ ଦେବୀ କାଳିକା ପ୍ରତିଷ୍ଠିତ। ତୃତୀୟ ଆବର୍ତ୍ତରେ ସମୁଦ୍ର ତଟସ୍ଥିତ ଯମେଶ୍ୱର ପୀଠ ଏବଂ କଣ୍ଡୁଋଷି ଆଶ୍ରମ। ଶଙ୍ଖର ନାଭି ପ୍ରଦେଶରେ ପୁଣ୍ୟ ଅକ୍ଷୟବଟ ଏବଂ ଭଗବାନ ଶ୍ରୀଜଗନ୍ନାଥ ବିରାଜମାନ କରିଅଛନ୍ତି। ଶଙ୍ଖାକୃତି କ୍ଷେତ୍ରର ଅଗ୍ରଭାଗରେ ଶ୍ରୀନୀଳକଣ୍ଠ ମହାଦେବ ଅବସ୍ଥାନ କରୁଛନ୍ତି। ସେହିପରି ଶଙ୍ଖର ପୃଷ୍ଠଭାଗସ୍ଥିତ ଐଶାନ୍ୟକୋଣରେ ଦେବୀ ଆଲମ୍ବା, ଉତ୍ତରରେ ଅର୍ଦ୍ଧାଶନୀ, ଦକ୍ଷିଣରେ କାଳରାତ୍ରି, ପୂର୍ବରେ ମରୀଚିକା, ବାୟୁକୋଣରେ ସର୍ବମଙ୍ଗଳା, ମାର୍କଣ୍ଡେଶ୍ୱର ପୀଠ ଅବସ୍ଥିତ। ଶଙ୍ଖକ୍ଷେତ୍ରର ମୂଳ ଭାଗରେ ଶ୍ରୀଲୋକନାଥ ବିରାଜମାନ କରିଛନ୍ତି।

ଶଙ୍ଖ ମଧ୍ୟସ୍ଥ ଅନ୍ତର୍ବେଦୀକୁ ରକ୍ଷା କରିବା ପାଇଁ ଅଷ୍ଟଶକ୍ତି ଅଷ୍ଟ ଦିଗରେ ପ୍ରତିଷ୍ଠିତ। ତନ୍ମଧ୍ୟରେ ବଟମୂଳର ଅଗ୍ନିକୋଣରେ ମଙ୍ଗଳା, ପଶ୍ଚିମରେ ବିମଳା, ନୈଋତ କୋଣରେ ଚଣ୍ଡରୂପା, ଉତ୍ତର ଦିଗରେ ଅର୍ଦ୍ଧାଶନୀ, ଐଶାନ୍ୟ କୋଣରେ ଆଲାମଚଣ୍ଡୀ ଇତ୍ୟାଦି ଶକ୍ତି ପୀଠ ଓ ଅଷ୍ଟରୁଦ୍ର ବିଦ୍ୟମାନ ହୋଇଛନ୍ତି। ଶଙ୍ଖକ୍ଷେତ୍ରର ଅଷ୍ଟରୁଦ୍ରଙ୍କ ମଧ୍ୟରେ କପାଳମୋଚନ, ଈଶାନେଶ୍ୱର, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ବିଶ୍ୱେଶ୍ୱର, ନୀଳକଣ୍ଠ ଓ ବଟେଶ୍ୱର ଅନ୍ତର୍ଭୁକ୍ତ।

ପ୍ରାଚୀନ ସମୟରୁ ଉତ୍କଳର ଏହି ଦିବ୍ୟ ଶଙ୍ଖକ୍ଷେତ୍ରକୁ ଆକର୍ଷିତ ହୋଇ ସ୍ୱୟଂ ପ୍ରଜାପିତା ବ୍ରହ୍ମା, ଦେବରାଜ ଇନ୍ଦ୍ର, ଦେବର୍ଷି ନାରଦ, ବଶିଷ୍ଠ, ଭରଦ୍ୱାଜ, ମହତ୍‌ଯୋଗୀ, ଅନେକ ସିଦ୍ଧ ସାଧକ, ଆଚାର୍ଯ୍ୟ ତଥା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ରାମାନୁଜ, ରାମାନନ୍ଦ, ବଲ୍ଲଭାଚାର୍ଯ୍ୟ, ମଧ୍ୱାଚାର୍ଯ୍ୟ, ନିମ୍ବାର୍କାଚାର୍ଯ୍ୟ, ଶ୍ରୀଚୈତନ୍ୟ, ନାନକ, କବୀର, ସନ୍ଥ ତୁଳସୀ ଦାସ, ଶ୍ରୀଚାନ୍ଦ, ଠାକୁର ହରିଦାସ, ପଞ୍ଚସଖା, ରାୟ ରାମାନନ୍ଦ, ଶ୍ରୀଶଙ୍କର ଦେବ, ଅଦ୍ୱୈତବାଦୀ ଦିଗମ୍ବର ପରମହଂସ ପ୍ରମୁଖ କ୍ଷେତ୍ରରେ ପଦାର୍ପଣ ପୂର୍ବକ ଏହାର ନୈସର୍ଗିକ ସତ୍ତାକୁ ହୃଦୟଙ୍ଗମ କରି ଆନନ୍ଦିତ ହୋଇଥିଲେ। ■

**ଡ. ଭାସ୍କର ମିଶ୍ର**
**ପୁରୀ, ମୋ: ୯୪୩୭୨୮୧୧୦୨**



# ବିକାଶ ପଥେ କଳାହାଣ୍ଡିର ଇନ୍ଦ୍ରାବତୀ ପ୍ରକଳ୍ପ

୧. ଦକ୍ଷିଣ ମୁଖ୍ୟ କେନାଲ ୦୦ କିମିରୁ ୪୧,୧୦୦ କିମି ପର୍ଯ୍ୟନ୍ତ କଂକ୍ରିଟ୍ ଲାଇନିଂ ଓ ପୁନଃରୁଦ୍ଧାର ହେବା ଯୋଗୁଁ ୫୦ କ୍ୟୁମେକ୍ସ ଜଳ ସୁରୁଖୁରୁରେ ଜୟପାଟଣା, କଲମପୁର ଓ ଜୁନାଗଡ ବ୍ଲକ ଅଧିନରେ ଥିବା ଚାଷ ଜମି ଗୁଡିକୁ ଜଳ ଯୋଗାଣ ହୋଇପାରୁଛି । ଏହା ଯୋଗୁଁ ଇନ୍ଦ୍ରାବତୀ ଦକ୍ଷିଣକେନାଲର ସେଚାଞ୍ଚଳରେ ୧୩ ହଜାର ଚାଷୀ ଉପକୃତ ହୋଇପାରୁଛନ୍ତି ।

୨. ଇନ୍ଦ୍ରାବତୀ ବୃହତ୍ ଉଠାଜଳ ସେଚନ ପ୍ରକଳ୍ପ ହେବା ଯୋଗୁଁ ଅଣ ସେଚିତ ଅଞ୍ଚଳ ଏବଂ ଦୁର୍ଭିକ୍ଷ ପ୍ରବଣ ଅଞ୍ଚଳରେ ୨୬,୨୪୮ ହେକ୍ଟର ଜମିରେ ଜଳ ସେଚିତ ହୋଇପାରୁଛି । ଏହି ପ୍ରକଳ୍ପରେ ଥିବା ୪୩ କିମିର ଲାଇନିଂ କେନାଲ ଯୋଗୁଁ ଜୟପାଟଣା, କୋକସରା, ଧର୍ମଗଡ ଏବଂ ଜୁନାଗଡ ବ୍ଲକର ୮୮ ଗୋଟି ଗ୍ରାମର ଚାଷୀ ଉପକୃତ ହୋଇ ପାରୁଛନ୍ତି ।

୩. ପୁନଶ୍ଚ ଉଠା ଜଳସେଚନ କେନାଲରୁ ଉଚ୍ଛଲା ଗ୍ରାମ ପାଖରେ ଏକ ଲିଫ୍ଟ ପମ୍ପ ହାଉସ୍ ବସାଯାଇ ବାମ କେନାଲର ବାମ ପାର୍ଶ୍ୱରେ ଥିବା ୧୦୦୦ ହେକ୍ଟର ଅଣଜଳସେଚିତ ଅଞ୍ଚଳକୁ ଜଳସେଚିତ ହୋଇପାରୁଛି । ଏହାଦ୍ୱାରା ୫ଟି ଗ୍ରାମର ଚାଷୀ ଉପକୃତ ହୋଇ ପାରୁଛନ୍ତି ।

୪. ଇନ୍ଦ୍ରାବତୀ ପ୍ରକଳ୍ପ ଅଧିନସ୍ଥ ସମୁଦାୟ ୨୬୭ଟି ପାଣିପଞ୍ଚାୟତ ସହାୟତାରେ ୪୪୨ଟି ଗ୍ରାମକୁ ଜଳ ସେଚିତ କରାଯାଇ ପାରୁଛି ।

୫. ୨୦୨୩-୨୪ ଆର୍ଥିକ ବର୍ଷରେ
୧- ଦକ୍ଷିଣ କେନାଲରେ – ୩୪,୦୭୦ ହେକ୍ଟର
୨- ବାମ କେନାଲରେ – ୫୯,୩୦୮ ହେକ୍ଟର
୩- ଲିଫ୍ଟ କେନାଲରେ – ୨୫,୨୭୪ ହେକ୍ଟର



ଜୟ ଜଗନ୍ନାଥ

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୌଷ ଶୁକ୍ଳ ସପ୍ତମୀ
୧୭ ଜାନୁଆରୀ, ୨୦୨୪








# ଶ୍ରୀଜଗନ୍ନାଥ ତତ୍ତ୍ୱରେ ବୈଜ୍ଞାନିକ ସଂଦର୍ଶନ

ଯେଉଁଠି ସବୁ ଦର୍ଶନ, ଜ୍ଞାନ, ବିଜ୍ଞାନ ସମାହିତ; ସବୁ ତତ୍ତ୍ୱର ମୂଳ ସମାହିତ; ସୃଷ୍ଟିର ଗୂଢ଼ ରହସ୍ୟ ନିଭୃତ ସେ ହେଉଛନ୍ତି ଜଗତର ନାଥ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥ ଚେତନା କେବଳ ଅଧ୍ୟାତ୍ମ ସମର୍ପିତ ନୁହେଁ, ବରଂ ମୌଳିକ ବୈଜ୍ଞାନିକ ତତ୍ତ୍ୱ ଆଧାରିତ।



**ମଲ୍ଟିଭର୍ସ ତତ୍ତ୍ୱ:** ଆଧୁନିକ ବିଜ୍ଞାନର ଏକ ଚର୍ଚ୍ଚିତ ବିଷୟ ହେଉଛି ମଲ୍ଟିଭର୍ସ ବା ଅନେକ ବ୍ରହ୍ମାଣ୍ଡ। ଏହି ତତ୍ତ୍ୱ ଅନୁସାରେ ଆମେ ଦେଖୁଥିବା ବିଶ୍ୱ ଭଳି ସାରା ସୃଷ୍ଟିରେ ଅନେକ ବ୍ରହ୍ମାଣ୍ଡ ରହିଛି। ପୁଣି ପ୍ରତ୍ୟେକ ବ୍ରହ୍ମାଣ୍ଡରେ ସମୟର ଗତି ଭିନ୍ନ। ମହାକାଶ ବିଜ୍ଞାନର ଏହି ତତ୍ତ୍ୱକୁ ଅତିବଡ଼ି ଜଗନ୍ନାଥ ଦାସ ଓଡ଼ିଆ ଭାଗବତରେ ଲେଖିଯାଇଛନ୍ତି - 'ବ୍ରହ୍ମାଣ୍ଡ ମାଳ ମାଳ ହୋଇ, ତୋ ଲୋମ କୂପେ ବିରାଜଇ'। ଶ୍ରୀଜଗନ୍ନାଥଙ୍କ ପିଣ୍ଡରେ ଅନେକ ବ୍ରହ୍ମାଣ୍ଡ ବିଦ୍ୟମାନ।

**ଶୂନ୍ୟ ସଂହିତା ଓ କ୍ୱାଣ୍ଟମ ଜିରୋ ପଏଣ୍ଟ ଏନର୍ଜି:** ତତ୍ତ୍ୱଦର୍ଶୀମାନେ ଶ୍ରୀଜଗନ୍ନାଥଙ୍କୁ ଶୂନ୍ୟବ୍ରହ୍ମ ରୂପେ ବ୍ୟାଖ୍ୟା କରିଛନ୍ତି। ପଦାର୍ଥ ବିଜ୍ଞାନର କ୍ୱାଣ୍ଟମ ତତ୍ତ୍ୱରେ ଏହାକୁ ଜିରୋ ପଏଣ୍ଟ ଏନର୍ଜି ବା ଭାକ୍ୟୁମ୍ ଏନର୍ଜି ନାମରେ ନାମିତ କରାଯାଇଛି। ଶୂନ୍ୟ ତାପମାତ୍ରାରେ ମଧ୍ୟ ପଦାର୍ଥ ଯେଉଁ ଶକ୍ତି ସ୍ତରରେ ଥାଏ, ତା'କୁ କୁହାଯାଏ ଜିରୋ ପଏଣ୍ଟ ଏନର୍ଜି ବା ଶକ୍ତିର ଶୂନ୍ୟ ସ୍ତର। ଶ୍ରୀକ୍ଷେତ୍ର ସେହି ଶୂନ୍ୟ ମଣ୍ଡଳ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଶୂନ୍ୟ ପୁରୁଷ। ଏହାକୁ କବି ଅଚ୍ୟୁତାନନ୍ଦ ଦାସ 'ଶୂନ୍ୟ ସଂହିତା'ରେ ଅତିସୁନ୍ଦର କାବ୍ୟିକ ଭାବରେ ନିମ୍ନମତେ ବର୍ଣ୍ଣନା କରିଛନ୍ତି - 'ଅରୂପ ଠୁଳ ଶୂନ୍ୟ ପରେ, ବିଶ୍ରାମି ସକଳ ଭୂତରେ।' ସମସ୍ତ ସ୍ଥାବର ଜଙ୍ଗମ ଭୂତ ପଦାର୍ଥରେ ଶୂନ୍ୟ ବିରାଜମାନ। ବିଜ୍ଞାନ ମତ ଦିଏ ଯେ ପରମାଣୁର ୯୯ ଭାଗ ଆୟତନ କେବଳ ଶୂନ୍ୟ ସ୍ଥାନ। ଶ୍ରୀଜଗନ୍ନାଥ ହେଉଛନ୍ତି ଶୂନ୍ୟରୂପ ଏବଂ ସୃଷ୍ଟିର ପ୍ରଥମ ସ୍ଫୁରଣ। ସିଏ ସ୍ରଷ୍ଟା ଓ ସୃଷ୍ଟି ଶକ୍ତି। ଏହି ଶୂନ୍ୟରେ ହିଁ ସଚରାଚର ଜଗତର ଅସ୍ତିତ୍ୱ ରହିଛି।

**ଏକୈବ ଶକ୍ତି ପରମେଶ୍ୱରସ୍ୟ:** ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶକ୍ତି ଉପାସନାର ଏକ ପୁରାତନ ପରମ୍ପରା ଅଛି। ସମଗ୍ର ଜୀବଜଗତ ବଞ୍ଚି ରହିବା ପାଇଁ ଶକ୍ତି ମୂଳ ଆଧାର। ଶକ୍ତି ବିନା ଗତି ନାହିଁ। ଗତି ବିନା ଜଗତର ଅସ୍ତିତ୍ୱ ନାହିଁ। ଯାହା ଗତି କରେ, ତାହା ହିଁ ଜଗତ। ଏହି ସତ୍ୟକୁ ଉପଲବ୍ଧି କରିବା ହିଁ ଶକ୍ତି ଉପାସନାର ଯଥାର୍ଥତା। ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀ ହେଉଛନ୍ତି ସ୍ୱୟଂ ଆଦ୍ୟାଶକ୍ତି ମହାଶକ୍ତିଙ୍କ ଅଂଶ ବିମଳା। ଏହାସହ ପୁରୀର ବିଭିନ୍ନ ସ୍ଥାନରେ ଅଷ୍ଟଚଣ୍ଡୀ ପୂଜା ପାଆନ୍ତି। ଶାସ୍ତ୍ରରେ ଯାହା କୁହାଯାଇଛି - 'ଏକୈବ ଶକ୍ତି ପରମେଶ୍ୱରସ୍ୟ, ବିବିଧା ବଦନ୍ତି ବ୍ୟବହାର କାଳେ' ବିଜ୍ଞାନରେ ମଧ୍ୟ ତାହା ଉଲ୍ଲେଖ ରହିଛି। ଶକ୍ତି ସର୍ବଦା ଏକ, ଏହା କେବଳ ଗୋଟିଏ ରୂପରୁ ଅନ୍ୟ ରୂପକୁ ରୂପାନ୍ତରିତ ହୁଏ। ବ୍ୟବହାର ଅନୁସାରେ ଏହାର ବିଭିନ୍ନ ନାମକରଣ କରାଯାଇଛି, ଯେମିତିକି ବିଦ୍ୟୁତ ଶକ୍ତି, ତାପ ଶକ୍ତି, ମାଧ୍ୟାକର୍ଷଣ ଶକ୍ତି, ଯାନ୍ତ୍ରିକ ଶକ୍ତି, ଆଣବିକ ଶକ୍ତି ଇତ୍ୟାଦି।

**ଇନ୍ଦ୍ରଦ୍ୟୁମ୍ନ କିମ୍ବଦନ୍ତୀ ଓ ଆପେକ୍ଷିକ ତତ୍ତ୍ୱ:** ସ୍ଥାନଭେଦରେ ସମୟ ଅଲଗା ଓ ଆପେକ୍ଷିକ। ପୃଥିବୀରେ ଯେଉଁ ସମୟ, ଆମ ସୌର ଜଗତ ବାହାରେ ଥିବା ଗ୍ରହରେ ସମୟ ଭିନ୍ନ ଅଟେ। ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱରେ ଏହା ପ୍ରମାଣିତ। ସ୍କନ୍ଦପୁରାଣରେ ମଧ୍ୟ ଏଭଳି ଏକ କଥାର ବର୍ଣ୍ଣନା ରହିଛି। କିମ୍ବଦନ୍ତୀ ଅନୁସାରେ ପୁରୀ ରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ସାକ୍ଷାତ କରିବା ପାଇଁ ବ୍ରହ୍ମଲୋକ ଯାତ୍ରା କରିଛନ୍ତି। ସେଠାକୁ ଯାଇ ପୁଣିଥରେ ପୃଥିବୀକୁ ଫେରିବା ଭିତରେ ପୁରୀରେ ଅନେକ ବର୍ଷ ବିତିଯାଇଛି। ଇନ୍ଦ୍ରଦ୍ୟୁମ୍ନଙ୍କ ପରିବାର ଲୋକେ କିମ୍ବା ପରିଚିତ ସମ୍ପର୍କୀୟ କେହି ଜୀବିତ ନାହାନ୍ତି ଏବଂ ପୁରୀରେ ରାଜା ଗାଲ୍ମାଧବଙ୍କ ଶାସନ ଚାଲିଛି। କାରଣ ବ୍ରହ୍ମଲୋକରେ ଗୋଟିଏ ଦିନ ହେଉଛି ପୃଥିବୀଲୋକରେ ଅନେକ ବର୍ଷ। ଏହି କାହାଣୀରେ ସମୟର ଆପେକ୍ଷିକତାକୁ ଦର୍ଶାଯାଇଛି।

**ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ:** ଶ୍ରୀଜଗନ୍ନାଥ ଦର୍ଶନର ଉଦ୍‌ଗାତା 'ପଞ୍ଚସଖା'ଙ୍କ ସାହିତ୍ୟରେ ପିଣ୍ଡ ବ୍ରହ୍ମାଣ୍ଡକୁ ଏକ ରୂପରେ ଦେଖାଯାଇଛି। କବି ଅଚ୍ୟୁତାନନ୍ଦ ଦାସ ଛୟାଳିଶ ପଟଳ ଗ୍ରନ୍ଥରେ ଲେଖିଛନ୍ତି, 'ପିଣ୍ଡରେ ନଥିବ ଯାହା ବ୍ରହ୍ମାଣ୍ଡରେ ନାହିଁ, ଏଣୁ ପିଣ୍ଡ ବ୍ରହ୍ମାଣ୍ଡକୁ ଏକ କରୁଥାଇ / ପିଣ୍ଡ କ୍ଷୁଦ୍ର ବ୍ରହ୍ମାଣ୍ଡଟି ଅଟଇ ବୃହତ, ବୃହତ୍ ବ୍ରହ୍ମାଣ୍ଡ ସତ୍ତା ପିଣ୍ଡେ ବିରାଜିତ।' ଶ୍ରୀଜଗନ୍ନାଥଙ୍କ ପିଣ୍ଡରେ ସମଗ୍ର ବ୍ରହ୍ମାଣ୍ଡର ସ୍ଥିତିକୁ କବି ପରିକଳ୍ପନା କରିଛନ୍ତି। ଅର୍ଥାତ୍ - 'ଯତ୍ ପିଣ୍ଡେ ତତ୍ ବ୍ରହ୍ମାଣ୍ଡେ'। ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ ନିଲ୍ସ ବୋରଙ୍କ ହୋଲୋଗ୍ରାଫିକ ତତ୍ତ୍ୱ ଅନୁଯାୟୀ ସମଗ୍ର ବିଶ୍ୱର ପ୍ରତିଫଳନ ପ୍ରତ୍ୟେକ କ୍ଷୁଦ୍ର କଣିକାରେ ଦେଖିବାକୁ ମିଳେ। ଯେମିତିକି ବୃହତ୍ ଜଗତରେ ସୂର୍ଯ୍ୟଙ୍କ ଚାରିପଟେ ଗ୍ରହଗୁଡ଼ିକର ଚକ୍ରାକାର ଆବର୍ତ୍ତନ ଏବଂ କ୍ଷୁଦ୍ର ଜଗତରେ ନ୍ୟୁକ୍ଲିୟସ ଚାରିପଟେ ଇଲେକ୍ଟ୍ରନର ଆବର୍ତ୍ତନ। ସେଇଥିପାଇଁ ଖୋଗଳ ବିଜ୍ଞାନୀ କାର୍ଲ ସାଗନ୍‌ଙ୍କ ମତରେ - 'ସାରା ବିଶ୍ୱ ଆମ ଭିତରେ ଅଛି ଏବଂ ଆମେ ସବୁ ମହାଜାଗତିକ ଗ୍ରହ ନକ୍ଷତ୍ରଗୁଡ଼ିକର ଅଂଶରୁ ସୃଷ୍ଟ'। ପିଣ୍ଡ ଓ ବ୍ରହ୍ମାଣ୍ଡ ମଧ୍ୟରେ ଥିବା ଏକତାକୁ ଯେତେବେଳେ ବୁଝିହୁଏ, ସେତେବେଳେ ସମ୍ପୂର୍ଣ୍ଣ ସତ୍ୟର ଉପଲବ୍ଧି ହୁଏ। ପଦାର୍ଥ ବିଜ୍ଞାନ ମଧ୍ୟ କ୍ଷୁଦ୍ର ଜଗତ ଓ ବୃହତ୍ ଜଗତ ମଧ୍ୟରେ ଯୋଗସୂତ୍ରର ସନ୍ଧାନରେ ଲିପ୍ତ ଅଛି। 'ଥିଓରୀ ଅଫ୍ ଏଭରିଥିଙ୍ଗ' ପାଇବା ପାଇଁ ବିଜ୍ଞାନ କ୍ଷୁଦ୍ର ଜଗତର କ୍ୱାଣ୍ଟମ ଦୁନିଆ ଓ ବୃହତ୍ ଜଗତର ମହାକର୍ଷଣ ବଳର ଏକତ୍ରିକରଣ ପାଇଁ ଚେଷ୍ଟା କରୁଛି।

**ସୃଷ୍ଟିଚକ୍ରର ପ୍ରତୀକ-ସୁଦର୍ଶନ:** ଶ୍ରୀଜଗନ୍ନାଥଙ୍କ ଆୟୁଧ ହେଉଛନ୍ତି ସୁଦର୍ଶନ ଚକ୍ର। ଏହି ଚକ୍ର ହେଉଛି ସୃଷ୍ଟିଚକ୍ରର ପ୍ରତୀକ, ଯାହା ସୃଷ୍ଟିର ପ୍ରତିଟି କୋଣରେ ବିଦ୍ୟମାନ। କଳ୍ପ କଳ୍ପ ଧରି ସୃଷ୍ଟି, ସ୍ଥିତି, ସଂହାର ପ୍ରକ୍ରିୟା ଚକ୍ରାକାର ଗତିରେ ଚାଲିଆସିଛି। ବ୍ରିଟିଶ ପଦାର୍ଥ ବିଜ୍ଞାନୀ ରୋଜର ପେନରଜ୍ ମଧ୍ୟ 'ସାଇକ୍ଲିକ ୟୁନିଭର୍ସ' ତତ୍ତ୍ୱରେ ଏକଥା ଦର୍ଶାଇଛନ୍ତି। ସାରା ଜଗତର ଘଟଣାବଳୀ ଚକ୍ରବତ୍ ପରିବର୍ତ୍ତନ ହେଉଛି। ପ୍ରକୃତିରେ ଋତୁଚକ୍ର, ଜଳଚକ୍ର, ସମୟଚକ୍ର, ପୋଷକଚକ୍ର, ଅମ୍ଳଜାନଚକ୍ର, ଅଙ୍ଗାରକଚକ୍ର ଆଦି ରହିଛି। ତେଣୁ ଚକ ହେଉଛି ଗତିଶୀଳତାର ପ୍ରତୀକ। ସଭ୍ୟତାର ସୂର୍ଯ୍ୟୋଦୟରେ ଚକର ଆବିଷ୍କାରରୁ ବର୍ତ୍ତମାନ ସୁଉଚ୍ଚ ମନ୍ଦିର ଶିଖରରେ ଶୋଭିତ ନୀଳଚକ୍ର ପର୍ଯ୍ୟନ୍ତ ସୃଷ୍ଟି ବିବର୍ତ୍ତନର ଏହି ଯାତ୍ରା ଅବ୍ୟାହତ ରହିଛି।

**ବିବର୍ତ୍ତନବାଦ ଓ ଦଶାବତାର:** ବିବର୍ତ୍ତନବାଦର ଜନକ ଡାରୱିନଙ୍କ ବହୁପୂର୍ବରୁ ବିଷ୍ଣୁଙ୍କ ଦଶାବତାର ତତ୍ତ୍ୱରେ ଜୀବର କ୍ରମ ବିବର୍ତ୍ତନ କଥା ଦର୍ଶାଯାଇଛି। ଏକକୋଷୀ ପ୍ରାଣୀରୁ ଜୀବନର ଉତ୍ପତ୍ତି ହୋଇ ମଣିଷ ସ୍ତର ପର୍ଯ୍ୟନ୍ତ ବିବର୍ତ୍ତନ ଲାଗି ରହିଛି। ଶ୍ରୀଜଗନ୍ନାଥ ହେଉଛନ୍ତି ଅବତାରୀ ଓ ତାଙ୍କର ଦଶଟି ଅବତାର ଜୀବନର ସର୍ବନିମ୍ନ ସ୍ତରରୁ ଉଚ୍ଚତମ ସ୍ତର ପର୍ଯ୍ୟନ୍ତ ବିବର୍ତ୍ତନକୁ ସୂଚାଏ। ଯଥାକ୍ରମେ - ମତ୍ସ୍ୟ (ଜଳରେ ମେରୁଦଣ୍ଡୀ ପ୍ରାଣୀର ଉତ୍ପତ୍ତି), କଚ୍ଛପ(ଉଭୟଚର ପ୍ରାଣୀ), ବରାହ (ସ୍ତନ୍ୟପାୟୀ ପ୍ରାଣୀ), ନରସିଂହ (ଅଧା ମଣିଷ ଅଧା ପଶୁ), ବାମନ(କ୍ଷୁଦ୍ରକାୟ ମଣିଷ), ପର୍ଶୁରାମ(ଯୋଦ୍ଧା ମଣିଷ), ରାମ(ମର୍ଯ୍ୟାଦା ପୁରୁଷୋତ୍ତମ), କୃଷ୍ଣ-ବଳରାମ (ରାଜନୀତି ଧୂରନ୍ଧର ମାନବ), ବୁଦ୍ଧ(ଜ୍ଞାନର ଅତିମାନସ ସ୍ଥିତି), କଳ୍କୀ(ବିବର୍ତ୍ତନ ପ୍ରକ୍ରିୟାର ପରବର୍ତ୍ତୀ ରୂପ)। ବିଶିଷ୍ଟ କଥାକାର ମନୋଜ ଦାସ ଥରେ କହିଥିଲେ ଯେ ଶ୍ରୀଜଗନ୍ନାଥ ହେଉଛନ୍ତି ଆମ ଅପୂର୍ଣ୍ଣତାର ପ୍ରତିନିଧି, କିନ୍ତୁ ପୂର୍ଣ୍ଣତାର ପ୍ରତିଶ୍ରୁତି। ମହାପ୍ରଭୁଙ୍କ ଅଧାଗଢ଼ା ଦେହ ଭଳି ମଣିଷ ବର୍ତ୍ତମାନ ଅପୂର୍ଣ୍ଣ। ପୂର୍ଣ୍ଣତା ପ୍ରାପ୍ତି କରିନାହିଁ। ବିବର୍ତ୍ତନ ପ୍ରକ୍ରିୟା ଆହୁରି ବାକି ଅଛି। ଏହି ପ୍ରକ୍ରିୟା ଶେଷରେ ମଣିଷ ଦିନେ ପୂର୍ଣ୍ଣତା ହାସଲ କରିବ।

**କଳ୍କୀ ଅବତାରରେ ଜଳବାୟୁ ପରିବର୍ତ୍ତନର ସୂଚନା:** ଅଚ୍ୟୁତାନନ୍ଦଙ୍କ ମାଳିକା ବଚନରେ ଲେଖାହୋଇଛି - 'ମାଳିକା ବଚନ ସତ ହୋଇବ, ବାଇଶି ପାହାଚେ ମୀନ ଖେଳିବ।' ଅର୍ଥାତ୍ ସ୍ଥଳଭାଗ ଜଳମଗ୍ନ ହେବ। ଶ୍ରୀଜଗନ୍ନାଥ କଳ୍କୀ ଅବତାର ନେଇ ମ୍ଳେଚ୍ଛ ସଂହାର କରିବେ ଏବଂ ତା'ପରେ ପୁନଶ୍ଚ ଏକ ନୂତନ ସୃଷ୍ଟିର ଆରମ୍ଭ ହେବ। ଏହି ଭବିଷ୍ୟବାଣୀ ପଛରେ ଏକ ତାତ୍ପର୍ଯ୍ୟ ରହିଛି, ଯାହା ଜଳବାୟୁ ପରିବର୍ତ୍ତନର ସୂଚନା ଦିଏ। ୨୦୨୨ରେ ଆଇପିସିସି ରିପୋର୍ଟରେ ଦର୍ଶାଯାଇଛି ଯେ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ପତ୍ତନ ବୃଦ୍ଧି ପାଉଛି। ଜଳ ବଢୁଲେ ସୃଷ୍ଟି ନାଶର ଆଶଙ୍କା ଏବେ ଉପୁଜିଛି।

**ଆୟୁର୍ବେଦ ଓ ଶ୍ରୀଜଗନ୍ନାଥ:** ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ଆୟୁର୍ବେଦର ମହତ୍ତ୍ୱ ରହିଛି। ଶ୍ରୀଜଗନ୍ନାଥଙ୍କ ବିଗ୍ରହ ନିମ୍ବ ଦାରୁରେ ନିର୍ମିତ ଏବଂ ନିମ୍ବ ଦାରୁ ଆୟୁର୍ବେଦ ଶାସ୍ତ୍ରରେ ଏକ ପ୍ରମୁଖ ଔଷଧୀ। ଶ୍ରୀମନ୍ଦିର ନୀତି ଓ ବିଧି ଅନୁଯାୟୀ ନିତ୍ୟ ତୁଳସୀ, କର୍ପୁର, ଚନ୍ଦନ, ତ୍ରିଫଳା, ଲବଙ୍ଗ, ଜାଇଫଳ ଆଦି ବ୍ୟବହାର ହୁଏ। ମହାପ୍ରଭୁ ଦେବସ୍ନାନ ପୂର୍ଣ୍ଣିମାଠାରୁ ୧୫ ଦିନ ଜ୍ୱରରେ ପୀଡ଼ିତ ହୋଇ ଅଣସର ବା କ୍ୱାରାଣ୍ଟାଇନରେ ରୁହନ୍ତି। ଆରୋଗ୍ୟ ପାଇଁ ଶ୍ରୀଜୀଉମାନଙ୍କୁ ଆୟୁର୍ବେଦ ଦଶମୂଳ ମୋଦକ ଓ ଫୁଲୁରି ତେଲରେ ଉପଚାର କରାଯାଏ। ବିଲ୍ୱ, ଗମ୍ଭାରୀ, ଶ୍ୱେନାକ, ପାଟଳା, ଅଗ୍ନିମନ୍ଥ, ଶାଳପର୍ଣ୍ଣ, ପୁଷ୍ପପର୍ଣି, ବୃହତୀଦ୍ୱୟ ଓ ଗୋକ୍ଷୁରା ଆଦି ବନସ୍ପତି ଔଷଧକୁ ମିଶାଇ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଏ। ■

ସତ୍ୟବ୍ରତ ପାଣିଗ୍ରାହୀ, ଗୁଣପୁର,
ମୋ: ୬୩୭୧୬୮୪୬୯୯

# ସାଧନାରେ ଜଗନ୍ନାଥ

ଅବିନାଶୀ ଅନନ୍ତ ଶ୍ରୀଜଗନ୍ନାଥ କୌଣସି କର୍ମଫଳ ନୁହନ୍ତି। କେବଳ ଅଭିଳାଷର ଫଳସ୍ୱରୂପ ସେ ମିଳିଥା'ନ୍ତି। କିନ୍ତୁ ତାଙ୍କ ସହିତ ଭେଟିବାକୁ ତ ଆମର ଅଭିଳାଷ ହିଁ ନାହିଁ। ପୁଣି ସେ କାହିଁକି ମିଳିବେ? ତେଣୁ ମୋ ମହାମନା ଜଗନ୍ନାଥ କହନ୍ତି- ମୋ ବିନା ଯଦି ତୁମର କାମ ଚଳୁଛି, ତେବେ ତୁମ ବିନା ମଧ୍ୟ ମୋର କାମ ଚଳୁଛି। ମୋ ବିନା ଯଦି ତୁମର କାମ ଅଟକି ଯାଉଛି, ତେବେ ତୁମ ବିନା ମଧ୍ୟ ମୋ କାମ ନିଶ୍ଚୟ ଅଟକି ଯାଉଛି। ତୁମେ ମୋ ବିନା ରହିପାରିଲେ, ମୁଁ ମଧ୍ୟ ତୁମ ବିନା ରହିପାରିବି; କିନ୍ତୁ ତୀବ୍ର ଇଚ୍ଛା ବିନା ପରମାତ୍ମା ପ୍ରାପ୍ତି ଶୀଘ୍ର ହେବ ନାହିଁ। ତୀବ୍ର ଇଚ୍ଛା ଦ୍ୱାରା ମଣିମାଙ୍କୁ ଆସିବାକୁ ପଡ଼ିବ। ସେ ତ ସର୍ବଦା ମିଳିବା ପାଇଁ ପ୍ରସ୍ତୁତ ଅଛନ୍ତି। ତେଣୁ ହୃଦୟର ସହ ତୀବ୍ର ଭାବରେ କହିବା ମଣିମା ମଣିମା ମଣିମା!

ପ୍ରତ୍ୟେକ ଭକ୍ତଙ୍କ ଜୀବନୀ ପାଠ କଲେ ମନ ମଧ୍ୟରେ ଧୈର୍ଯ୍ୟ ଓ ସାହସ ବସା ବାନ୍ଧେ। କେବେ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ କଥା ଭାବିଛନ୍ତି? କୁଷ୍ଠ ରୋଗରେ ଆକ୍ରାନ୍ତ କେତେ କଷ୍ଟ, ରହିବା ପାଇଁ ନା ବସା, ନା ଖାଇବା ପାଇଁ କଂସା, ନା ଶୋଇବାକୁ ବିଛଣା। ଏକଘରିଆ ହୋଇ ଶ୍ରୀକ୍ଷେତ୍ର ମଉଡ଼ମଣିଙ୍କ ସେବାରେ ନିଜକୁ ହଜାଇ ଦେଇ ରୋଗମୁକ୍ତ ହେବା ପରେ ଅଲୌକିକ 'ଆର୍ତ୍ତତ୍ରାଣ ଚଉତିସା' ଆଦି ରଚନା କରି ସେ ଜଗନ୍ନାଥଙ୍କର ପ୍ରିୟଭାଜନ ହୋଇପାରିଛନ୍ତି। ତତ୍କାଳୀନ ରାଜା ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ତାଙ୍କ ନାମରେ କାବ୍ୟ ରଚନା କରିବା ପାଇଁ ବହୁ ଅର୍ଥ ସମ୍ପତ୍ତିର ପ୍ରଲୋଭନ ଦେଖାଇବା ପରେ ଭକ୍ତ ଦୀନକୃଷ୍ଣ କହିଥିଲେ -

**ବଇଲେ ଶୁଣ ନୃପନାଥ... କେବଳ ଦେବ ଜଗନ୍ନାଥ / ଏ ପିଣ୍ଡ ବିକି ଅଛି ତା'ର... ଗୀତ ମୁଁ ନ ବୋଲେ ଅନ୍ୟରେ**

ଢେଙ୍କାନାଳ ଜିଲ୍ଲା ବ୍ରାହ୍ମଣୀ ନଦୀ କୂଳରେ ବଟବୃକ୍ଷ ମୂଳେ ନିବାସ କଲେ। ତାଳବରଡ଼ା ଲେଖନୀକୁ ପାଥେୟ କରି ସେଠାରେ ବାକି ଜୀବନ କଟାଇଲେ। ସେ ଜାଗାର ନାମ ଏବେ ବି ଏକଘରିଆ। ସେଠାକାର ପ୍ରତ୍ୟକ୍ଷ ମହାଦେବ ଅନକେଶ୍ୱରଙ୍କ ପ୍ରାଙ୍ଗଣରେ ଲକ୍ଷ୍ମୀପତି ଶ୍ରୀଜଗନ୍ନାଥ କୃପା ବର୍ଷା କଲେ।

ଏସବୁ ସାଧନାର କଥା। ଭକ୍ତ ସାଲବେଗ। ମା' ତାଙ୍କର ଶିକ୍ଷା ଓ ଦୀକ୍ଷା ଗୁରୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଅସହ୍ୟ ରୋଗ ଯନ୍ତ୍ରଣାରେ ପଡ଼ି ମୃତ୍ୟୁକୁ ଆହ୍ୱାନ କଲା ବେଳେ ମା' କହିଲେ- 'ରାଧାରମଣ ଶ୍ରୀକୃଷ୍ଣଙ୍କୁ ତୁ ମନେ ମନେ ମନନ କର। ଶରୀର ଆରୋଗ୍ୟ ହୋଇ ଯିବ।' ମାତ୍ର ଦ୍ୱାଦଶ ଦିନରେ ଜଗନ୍ନାଥ, ବଡ଼ ଦେଉଳ ତ୍ୟାଗ କରି ଭକ୍ତ ସାଲବେଗଙ୍କ ପାଇଁ କୃଷ୍ଣ ରୂପରେ ଦର୍ଶନ ଦେଲେ। ମୁଠାଏ ବିଭୂତି ସାଲବେଗଙ୍କ ହାତକୁ ବଢ଼ାଇ କହିଲେ- 'ପୁଅରେ ଶରୀରରେ ବୋଳି ଦେ। ତୋ ଶରୀରରେ ସମସ୍ତ କ୍ଷତ ଭଲ ହୋଇଯିବ।' ତା' ମଧ୍ୟ ହେଲା। ସାଲବେଗ କହିଲେ- 'ମା' ମୋତେ ଯଦି ନୀଳାଦ୍ରିବିହାରୀ ଜଗନ୍ନାଥ ଆରୋଗ୍ୟ କଲେ, ପୂର୍ଣ୍ଣ ଜୀବନ ଦେଲେ, ତେବେ ମୁଁ ତାଙ୍କ ପାଖକୁ ଯାଉଛି।' ସନ୍ନ୍ୟାସୀ ବେଶରେ ଶ୍ରୀଜଗନ୍ନାଥଙ୍କୁ ଭଜନ ଜଣାଣ ଦ୍ୱାରା ଏପରି କିଣି ନେଲେ ଯେ ତାଙ୍କ ପାଇଁ ନନ୍ଦିଘୋଷ ରଥ ଅଟକି ରହିଲା। ଭକ୍ତ ଦାସିଆ ବାଉରୀଙ୍କ ହାତରୁ ନଡ଼ିଆ, ଆମ୍ବ ସହିତ ନୀଳଚକ୍ର ଉପରେ ଦର୍ଶନ ଦେବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପାଇଁ ଦଶଅବତାର ଗାଡ଼ିଆ ମଧ୍ୟରେ ଦର୍ଶନ କରାଇବା ସହିତ ଚୈତନ୍ୟ ମହାପ୍ରଭୁ ପ୍ରଦତ୍ତ ନୀଳଚକ୍ର ଅଦ୍ୟାବଧି ବାଲିସାହି ଦାସିଆ ପୀଠରେ ସୁରକ୍ଷିତ। ■

ଚିତ୍ତରଞ୍ଜନ ତ୍ରିପାଠୀ
ଯାଜପୁର, ମୋ: ୯୪୩୮୨୮୦୩୨୮







ଶ୍ରୀମନ୍ଦିର
ପରିକ୍ରମା ପ୍ରକଳ୍ପ
ଲୋକାର୍ପଣ ଅବସରରେ ଶୁଭକାମନା
TETRAHEDRON
TETRAHEDRON GROUP OF INSTITUTION
TETRAHEDRON HIGHER SECONDARY SCHOOL
TETRAHEDRON WOMEN'S HIGHER SECONDARY SCHOOL
TETRAHEDRON CBSE CLASS XI
TANGI,CUTTACK -754022, Mob. : 7008222977,8093064522,8093064525

**ବିଶ୍ୱ ନିୟନ୍ତା ପାଳନ କର୍ତ୍ତା ପ୍ରଭୁ ବେଳେ ବେଳେ ବିନୋଦିଆ ଲୀଳା କରନ୍ତି । ସୃଷ୍ଟି ପାଳନ କରିବାର ଚାପରୁ ସାମୟିକ ବିନୋଦନ ପାଇଁ ପ୍ରଭୁ ମଧ୍ୟ ମନୋରଞ୍ଜନ କରନ୍ତି । ନୃତ୍ୟ ସଙ୍ଗୀତ ଜଗନ୍ନାଥଙ୍କର ଯେତିକି ପ୍ରିୟ, କ୍ରୀଡ଼ା ମଧ୍ୟ ସେତିକି ପ୍ରିୟ । ତା' ମଧ୍ୟରେ ସବୁଠାରୁ ପ୍ରିୟ ହେଉଛି ପଶା ଖେଳ ବା ଦ୍ୟୁତକ୍ରୀଡ଼ା ।**

# ଶ୍ରୀଜଗନ୍ନାଥ ସଂସ୍କୃତିରେ କ୍ରୀଡ଼ାନୈପୁଣ୍ୟ

*ଶୁଦ୍ଧ ସୁବର୍ଣ୍ଣର ମଣ୍ଡପ, ଚନ୍ଦନ କାଠିରେ କୋଠି, ସୀତା ସଂଗେ ଖେଳିଲେ ହସ୍ତେ କଉଡ଼ି ମୁଠି/ ସାତମୁଠା ଜୁଆ ଖେଳିଣ, ରାମ ହୋଇଲେ ଧନ୍ଦା, ଦରହାସେ ସୀତା ବୋଇଲେ ପ୍ରଭୁ ରହିଲ ବନ୍ଧା... ।*

କାର୍ତ୍ତିକ ମାସରେ ରାଇଦାମୋଦର ବ୍ରତ ପାଳୁଥିବା ହବିଷ୍ୟାଳୀମାନେ ବୃନ୍ଦାବତୀ ମୂଳେ ପୂଜା କଲାବେଳେ ବୋଲୁଥିବା ଉପରୋକ୍ତ ପଂକ୍ତିଟି କେବଳ ଆନନ୍ଦାଶ୍ରିତ କଳ୍ପନାବିଳାସ ନୁହେଁ। ଏହି ସରଳ ସାବଲୀଳ ପଦକେତୋଟିରେ ସନ୍ନିବେଶିତ ହୋଇଛି ଅବତାରୀ ଶ୍ରୀଜଗନ୍ନାଥଙ୍କ କ୍ରୀଡ଼ାକୌତୁକ ଲୀଳାର ଗଭୀର ତତ୍ତ୍ୱ। ଆମ ସାଧାରଣ ମସ୍ତିଷ୍କରେ ପ୍ରଶ୍ନଟିଏ ଉଠିପାରେ କ'ଣ ପ୍ରଭୁ ମଧ୍ୟ ଖେଳନ୍ତି? ନା ଏହା ଖାଲି କବିର କଳ୍ପନା? ଏହାର ଅତି ସରଳ ଉତ୍ତରଟି ହେଲା ମଣିଷ ଜୀବନରେ ଯାହାସବୁ ସତ୍ୟ, ସେ ସବୁ ପ୍ରତିଫଳିତ ହୋଇଛି ଜଗନ୍ନାଥ ସଂସ୍କୃତିରେ। ମଣିଷର ଦିନଚର୍ଯ୍ୟାରେ ଯାହାସବୁ ଘଟେ, ଜଗନ୍ନାଥଙ୍କ ନିକଟରେ ସେ ସବୁ ସଂଘଟିତ ହୋଇଥାଏ। ଖାଇବା, ଶୋଇବା, ହସିବା, ଖେଳିବା ପ୍ରଭୃତି ସମସ୍ତ ମାନବୀୟ କାର୍ଯ୍ୟ ଜଗନ୍ନାଥ ମଧ୍ୟ କରିଥା'ନ୍ତି। ଏପରିକି ନବକଳେବରରେ ଜଗତକୁ ବାର୍ତ୍ତା ଦିଅନ୍ତି- **'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'**। ମଣିଷ ଯଦି ବ୍ୟସ୍ତବହୁଳ ଜୀବନକୁ ଟିକେ ଚାପମୁକ୍ତ କରିବା ପାଇଁ ଖେଳକୁଦ କରିପାରେ ତେବେ ଲୋକମାନଙ୍କର ଦେବତା ବା ତାହା ନ କରିବେ କାହିଁକି? ବିଶ୍ୱ ନିୟନ୍ତା ପାଳନ କର୍ତ୍ତା ପ୍ରଭୁ ବେଳେ ବେଳେ ବିନୋଦିଆ ଲୀଳା କରନ୍ତି । ସୃଷ୍ଟି ପାଳନ କରିବାର ଚାପରୁ ସାମୟିକ ବିନୋଦନ ପାଇଁ ପ୍ରଭୁ ମଧ୍ୟ ମନୋରଞ୍ଜନ କରନ୍ତି । ନୃତ୍ୟ ସଙ୍ଗୀତ ଜଗନ୍ନାଥଙ୍କର ଯେତିକି ପ୍ରିୟ, କ୍ରୀଡ଼ା ମଧ୍ୟ ସେତିକି ପ୍ରିୟ। ତା' ମଧ୍ୟରେ ସବୁଠାରୁ ପ୍ରିୟ ହେଉଛି ପଶା ଖେଳ ବା ଦ୍ୟୁତକ୍ରୀଡ଼ା।

ତେଣୁ ପ୍ରତିବର୍ଷ କୁମାର ପୂର୍ଣ୍ଣିମା ପରଦିନ ଶ୍ରୀଜଗନ୍ନାଥ ମାତା ଲକ୍ଷ୍ମୀଠାକୁରାଣୀଙ୍କ ସହିତ ପଶା ଖେଳନ୍ତି। ଲକ୍ଷ୍ମୀ ଠାକୁରାଣୀ ପଶା ଖେଳରେ ଅତ୍ୟନ୍ତ କୁଶଳିନୀ। ଶ୍ରୀଜଗନ୍ନାଥ ପଶା ଖେଳରେ ଲକ୍ଷ୍ମୀଙ୍କଠାରୁ ହାରିଯାଇ ସାତଦିନ ପର୍ଯ୍ୟନ୍ତ ବନ୍ଧା ପଡ଼ନ୍ତି ଲକ୍ଷ୍ମୀଙ୍କ ମନ୍ଦିରରେ। ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା 'ମାଧବ' ଲକ୍ଷ୍ମୀଙ୍କ ମନ୍ଦିରରେ ୭ଦିନ ବନ୍ଧା ରହନ୍ତି। ମାଧବଙ୍କୁ 'ବାଳ ପୁରୁଷୋତ୍ତମ' ବୋଲି ମଧ୍ୟ କୁହାଯାଏ। ସେଠାରେ ସମସ୍ତ ନୀତିକାନ୍ତି ଚାଲେ। ୭ଦିନ ପରେ ମାଧବ ଶ୍ରୀମନ୍ଦିରକୁ ଫେରି ଆସନ୍ତି। ପ୍ରତିବର୍ଷ ଶ୍ରୀମନ୍ଦିରରେ ଏହି ଦ୍ୟୁତକ୍ରୀଡ଼ା ଉତ୍ସବଟି ବେଶ୍ ଉତ୍ସାହର ସହିତ ପାଳିତ ହୁଏ। ତ୍ରେତୟା ଯୁଗରେ ଯେ ସୀତା, ଦ୍ୱାପର ଯୁଗରେ ସେ ରୁକ୍ମିଣୀ ଓ କଳିଯୁଗରେ ସେ ଲକ୍ଷ୍ମୀ। ତ୍ରେତୟାଯୁଗରେ ରାମାବତାରରେ ସୀତାମାତାଙ୍କ ସହିତ ପଶାଖେଳରେ ପ୍ରଭୁ ହାରି ଯାଇଥିଲେ, ଯାହା ଉପରବର୍ଣ୍ଣିତ ହବିଷ୍ୟାଳୀମାନଙ୍କର ନିତ୍ୟ ପୂଜାର ଅଙ୍ଗ ହୋଇସାରିଛି। ସୀତାଙ୍କ ସହିତ ଦ୍ୟୁତ୍ରକୀଡ଼ାରେ ପୂର୍ବରୁ ଛଅ ଥର ହାରି ପ୍ରଭୁ ପାଦୁକାଠାରୁ ମୁକୁଟ ପର୍ଯ୍ୟନ୍ତ ବନ୍ଧା ଦେଇ ସାରିଥିଲେ। ସପ୍ତମ ମୁଠା ବା ପାଳିରେ ନିଜେ ବନ୍ଧା ରହିଲେ। ସେହିପରି ଅଯୋଧ୍ୟାର ସୁଦ୍ଧାନ୍ତ ପ୍ରାଙ୍ଗଣରେ କନ୍ଦୁକ କ୍ରୀଡ଼ାରେ ପ୍ରଭୁ ଶ୍ରୀରାମ ଭରତଙ୍କଠାରୁ ବାରମ୍ବାର ହାରି ଯିବାର କଥା ରାମାୟଣରେ ବର୍ଣ୍ଣନା କରାଯାଇଛି।

ଦ୍ୱାପର ଯୁଗରେ ଯଦୁପତି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ସହିତ ପଶାଖେଳି ହାରିଯିବା ଅବସ୍ଥାରେ ଥିବା ବେଳେ ଘୋରଜଳରେ ଗଜରାଜ କୁମ୍ଭୀର କବଳରେ ପଡ଼ି ବିକଳରେ ଡାକଦେଲା। ପ୍ରଭୁ ଅଭୟ ବରଦ ହସ୍ତକୁ ଟେକି ଦେଇ 'ରକ୍ଷାକଲି ରକ୍ଷାକଲି' ବୋଲି କହିଦେଲେ। ଭାଗବତରେ ଅଛି- **'ଖେଳର ତାନ ମାନ ବେଳେ ଗଜ ଡାକିଲା ଘୋର ଜଳେ, ଦାନ ପଡ଼ିଛି ପଞ୍ଝୁଆତି, ତା'କୁ ରଖିଲ ଯଦୁପତି ।'** ବିସ୍ମିତ ହୋଇ ରୁକ୍ମିଣୀ କହିଲେ- **'ମାୟାଧର, ହାରଯିବେ ବୋଲି ଏକି ମାୟା?'** ପ୍ରଭୁ ଶ୍ରୀକୃଷ୍ଣ ଘଟଣାଟି ରୁକ୍ମିଣୀଙ୍କୁ ବୁଝାଇ ଦେଲେ ଏବଂ ଗରୁଡ଼ ପୃଷ୍ଠରେ ବସି ସେ ସ୍ଥାନକୁ ଯାଇ କଥାର ସତ୍ୟାସତ୍ୟ ପ୍ରତ୍ୟକ୍ଷ କରାଇଲେ। ପୁନଶ୍ଚ ଗୋପରେ ଥିବାବେଳେ ଗୋପାଳ ବାଳକଙ୍କ ସହିତ ଲଉଡ଼ି ଖେଳ, ବାଡ଼ିଖେଳ ପ୍ରଭୃତିର ବର୍ଣ୍ଣନା ବୈଷ୍ଣବ କବିମାନେ ଅତି ମଞ୍ଜୁଳ ଭାବେ ନିମ୍ନପ୍ରକାରେ ବର୍ଣ୍ଣନା କରିଛନ୍ତି -

**ପୋଏ ସଜାଡ଼ି କାଛଟା ଭିଡ଼ି ଧାଡ଼ିକି ଧାଡ଼ି ଆଗେ ଦଉଡ଼ି ଯୋଡ଼ିକି ଯୋଡ଼ି ବୁଲାନ୍ତି ବାଡ଼ି ତନୁକୁ ଆଡ଼ି ଯେ / କେହୁ ଘଉଡ଼ି ନିଅଇ ତଡ଼ି କେହୁ ବାହୁଡ଼ି ମାରଇ ଓଡ଼ି, ବାହାକୁ ମୋଡ଼ି ଛାଡ଼ଇ ରଡ଼ି ଶିରକୁ ଝାଡ଼ି ଯେ। କେ ମାଲ ବିନ୍ଧାଣରେ ଯାଉଛି ଗଡ଼ି ଯେ / କେ କାହାରେ ପୁଣି ବସଇ ମାଡ଼ି ଯେ/ କେ ମୋଡ଼ାମୋଡ଼ି କେ ଭିଡ଼ାଭିଡ଼ି କେ ଜଡ଼ାଜଡ଼ି କେ ଛଡ଼ାଛଡ଼ି କେ ପଡ଼ାପଡ଼ି କୋଡ଼ାକୋଡ଼ି କେ ହୁଡ଼ାହୁଡ଼ି ଯେ।** (ବିଦଗ୍ଧ ଚିନ୍ତାମଣି)

ସେହିପରି ଗୋପୀଙ୍କ ସହିତ 'ବୋହୂବୋହୂକା' ଖେଳର ବର୍ଣ୍ଣନା କରିବାକୁ ଯାଇ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ଲେଖିଛନ୍ତି -

**'କୁମାରକୁମାରୀ ମେଳେ ଖେଳିବା ବିଧିରେ ବର ମୁହିଁ କନ୍ୟା ସେହି ହୋଇଛି ବିଧିରେ / ଦୂତି ଗୋ କହିବୁ ସହୀ କି ସେଦିନର ସନମାନ ମନରେ ନାହିଁ କି... ।**

କ୍ରୀଡ଼ାପ୍ରିୟ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱବିଖ୍ୟାତ ଘୋଷଯାତ୍ରାରେ ରଥ ସିଂହଦ୍ୱାର ସମ୍ମୁଖରେ ରହିଥିବା ସମୟରେ ଅନେକ ପ୍ରବୀଣ କ୍ରୀଡ଼ାବିତ୍ ଚକ୍ରବନାଟି, ଅଗ୍ନିବନାଟି, ଶୂନ୍ୟବନାଟି ପ୍ରଭୃତି ସ୍ୱ ସ୍ୱ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିଥା'ନ୍ତି। ରଥ ଉପରେ ଘୋଷ ଘଣ୍ଟୁଆମାନଙ୍କର ଘଣ୍ଟବାଦନ ଶୈଳୀ ମଧ୍ୟ ଏକ କ୍ରୀଡ଼ା। ଏ ଘଣ୍ଟ ଘୋଷ ସମସ୍ତଙ୍କ ଦ୍ୱାରା ହେବ ନାହିଁ। ଏମାନେ ଭୂବୃତ୍ତି ପାଇ କଟକର ଭଟ୍ଟି ମୁଣ୍ଡାରେ ରହିଛନ୍ତି।

ଗ୍ରୀଷ୍ମ ଋତୁରେ ଜଳକ୍ରୀଡ଼ା ଅତ୍ୟନ୍ତ ପ୍ରୀତିପ୍ରଦ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅକ୍ଷୟ ତୃତୀୟାଠାରୁ ୨୧ଦିନ ପର୍ଯ୍ୟନ୍ତ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା ଓ ନୌକାବିହାର କରନ୍ତି। ଏକ ସୁସଜ୍ଜିତ ବିମାନରେ ଶ୍ରୀମନ୍ଦିରରୁ ବାହାରି ଚନ୍ଦନ ପୁଷ୍କରିଣୀ ବା ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ ଯାତ୍ରା କରନ୍ତି। ସେଠାରେ ରସରାଜ ଜଗନ୍ନାଥ ଚନ୍ଦନ କୁଣ୍ଡରେ କିଛି ସମୟ କ୍ରୀଡ଼ା କରନ୍ତି। ରସିକ ଶେଖର ଜଗନ୍ନାଥ ତା'ପରେ ସୁସଜ୍ଜିତ ନୌକାରେ ବସି ପୁଷ୍କରିଣୀରେ ନୌକାବିହାର କରନ୍ତି। ଶ୍ରୀମନ୍ଦିରରେ ଅନେକ ମଣ୍ଡପ ରହିଛି। ତନ୍ମଧ୍ୟରୁ ଗୋଟିଏ 'ଜଳକ୍ରୀଡ଼ା ମଣ୍ଡପ'। ଏହା ନୃସିଂହ ମନ୍ଦିର ପଛ ପାଖରେ ପଶ୍ଚିମ ଦିଗରେ ରହିଛି। ଏହି ମଣ୍ଡପରେ ଶ୍ରୀଜଗନ୍ନାଥ ଭିତର ଚନ୍ଦନ ଯାତ୍ରା ସମୟରେ ଜଳକ୍ରୀଡ଼ା କରନ୍ତି। ଦ୍ୱାପର ଯୁଗରେ କୃଷ୍ଣାବତାରରେ ପ୍ରଭୁ ଜଳକ୍ରୀଡ଼ା ତଥା ନାବକେଳି କରିଥିବାର ଶାସ୍ତ୍ରୀୟ ପ୍ରମାଣ ରହିଛି। ରାଧାରାଣୀ କହିଛନ୍ତି- **'ମୋ ସ୍ନାନଜଳ ପାଟରେ, ଭାସିଲି ବୋଲି ପ୍ଳବନ୍ତି ହଟରେ ଗୋ, ଛଡ଼ା କୁସୁମ ଲଭିଲଟରେ, ସଜନୀ ଗୋ'...** । ସେହି ରସରାଜ ଜଗନ୍ନାଥ ଦାରୁବ୍ରହ୍ମ ଭାବରେ ନୀଳାଚଳରେ ଲୀଳା ବିସ୍ତାର କରିଛନ୍ତି। ଏହି ସନ୍ତରଣ ବା ନୌକା ବିହାରକୁ ଜଳକ୍ରୀଡ଼ା କୁହାଯାଏ। ବିଶ୍ୱ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍‌ରେ ସନ୍ତରଣ, ନୌକାଚାଳନାର ଏହା ଆଧାର ବୋଲି କେତେକ ଗବେଷକ ମତ ଦିଅନ୍ତି।

ଶ୍ରୀଜଗନ୍ନାଥ ମନ୍ଦିରରେ ଅନ୍ୟ ଏକ ପ୍ରମୁଖ ଉତ୍ସବ ହେଉଛି ଝୁଲଣଯାତ୍ରା, ଯେଉଁଥିରୁ ଆମ ରଜ ଦୋଳି ଖେଳ ବା ସର୍କସର ଦୋଳି କ୍ରୀଡ଼ା ଅନୁପ୍ରାଣିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଶ୍ରାବଣ ମାସ ଶୁକ୍ଳପକ୍ଷ ଏକାଦଶୀରୁ ଏହି ଝୁଲଣ ଆରମ୍ଭ ହୋଇ ଶ୍ରାବଣ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୁଏ। ଏହି ପାଞ୍ଚଦିନ ଜଗନ୍ନାଥ ମହାପ୍ରଭୁ ଦୋଳିରେ ବସି ଝୁଲଣ ମଣ୍ଡପରେ ଝୁଲନ୍ତି। ସେହି ସମୟରେ 'ଗୋଟିପୁଅ' ନୃତ୍ୟ ପରିବେଷଣ କରାଯାଏ। ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଗଜପତି ରାମଚନ୍ଦ୍ର ଦେବଙ୍କ ସମୟରେ ଏହି ଗୋଟିପୁଅ ନୃତ୍ୟ ପରମ୍ପରା ଆରମ୍ଭ ହୋଇଥିଲା। ପୁରୀର ଜାଗା ଆଖଡ଼ା ବା ବ୍ୟାୟାମ ଶାଳାଗୁଡ଼ିକ ଗୋଟିପୁଅ ନର୍ତ୍ତକୀମାନଙ୍କୁ ତାଲିମ ଶିବିର ବା ଶିଶୁ ପ୍ରଶିକ୍ଷଣ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲା। ଗୋଟିପୁଅ ନୃତ୍ୟରେ କଠିନ ଅଙ୍ଗଭଙ୍ଗୀ କରି ନୃତ୍ୟ କରିବାକୁ ପଡ଼ିଥାଏ। ଗୋଟିପୁଅମାନେ ସେମାନଙ୍କ ଶରୀରକୁ ବିଭିନ୍ନ କୋଣରେ ବଙ୍କା ରଖି ଦୀର୍ଘ ସମୟ ଧରି ରହିପାରନ୍ତି। ସମୟ ସମୟରେ ଗୋଟିପୁଅମାନେ ଗୋଟିଏ କଂସା ପାତ୍ର ବା ଥାଳି ଉପରେ କଷ୍ଟକର ନୃତ୍ୟ ପରିବେଷଣ କରନ୍ତି। ଜଣକ ଉପରେ ଜଣେ ଠିଆ ହୋଇ ମଧ୍ୟ ନୃତ୍ୟ କରନ୍ତି। ଅଲିମ୍ପିକ୍‌ସ୍‌ର 'ଜିମ୍ନାଷ୍ଟିକ୍' କିମ୍ବା କୌଣସି ସର୍କସର 'ହ୍ୟୁମାନ୍ ପିରାମିଡ୍' ବା 'ଷ୍ଟଣ୍ଟ'(ଦୁଃସାହସିକ କ୍ରୀଡ଼ା)ର ଏହି ଗୋଟିପୁଅ ନୃତ୍ୟ ସହିତ ସାମଞ୍ଜସ୍ୟ ରହିଛି।

ଯବନମାନଙ୍କ ଆକ୍ରମଣରୁ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କୁ ସୁରକ୍ଷା ପାଇଁ ଗଜପତି ରାମଚନ୍ଦ୍ର ଦେବ ଜାଗା ଆଖଡ଼ାର ପରିକଳ୍ପନା କରିଥିଲେ। ଏଠାରେ କୁସ୍ତି ଯୁଦ୍ଧ, ମୁଦଗର ଚାଳନା, ବିଭିନ୍ନ ଶାରୀରିକ ବ୍ୟାୟାମ(ଅଧୁନା ଜିମ୍‌ନାସିୟମ ପରି) ଆଦି ତାଲିମ୍ ଓ ଅଭ୍ୟାସ କରାଯାଉଥିଲା। ଆଧୁନିକ କ୍ରୀଡ଼ାରେ ଏହା ରେସ୍‌ଲିଂ ବା କୁସ୍ତି କ୍ରୀଡ଼ା, ୱେଟ୍ ଲିଫ୍‌ଟିଂ ଆଦି ନାମରେ ପରିଚିତ ହୋଇଛି। ଏଠାରେ ପ୍ରଦର୍ଶିତ ଆଉ ଏକ କଠିନ କ୍ରୀଡ଼ା ହେଉଛି 'ମାଲଖମ୍ବ'। ଏହି ଖମ୍ବ ଉପରେ ଚଢ଼ି କ୍ରୀଡ଼ାବିତ୍‌ମାନେ ଏହି କଷ୍ଟକର କ୍ରୀଡ଼ାକୁ ପ୍ରଦର୍ଶନ କରନ୍ତି। ଏହାକୁ ଦେଖିଲେ ଆଧୁନିକ 'ଜିମ୍‌ନାଷ୍ଟିକ୍' ଓ 'ବାଉଁଶରାଣୀ' ଖେଳ ଭଳି ମନେ ହେବ। ଏ ଦିଗରେ ଅଧିକ ଗବେଷଣା ହେବା ଆବଶ୍ୟକ। ସେହିପରି ବିଭିନ୍ନ ସାହିଯାତରେ ଯେଉଁ ନାଗା ମେଢ଼ ବାହାରନ୍ତି, ସେଥିରେ ସଦସ୍ୟମାନେ ଜଣେ ଜଣେ ବିଶେଷ କ୍ରୀଡ଼ାବିତ୍। ଏହି ମେଢ଼ରେ ସମର କଳା ସହିତ କ୍ରୀଡ଼ା ମଧ୍ୟ ପ୍ରଦର୍ଶିତ ହୁଏ।

ଜଗନ୍ନାଥ ସଂସ୍କୃତି ଏକ ମହାନ ସଂସ୍କୃତି। ଏହି ସଂସ୍କୃତିରେ ସାହିତ୍ୟ, ସଙ୍ଗୀତ, ନୃତ୍ୟକଳା, କ୍ରୀଡ଼ା ନୈପୁଣ୍ୟ ସବୁ ପ୍ରଚ୍ଛନ୍ନ ଭାବରେ ରହିଛି। ତେଣୁ ଏ ସଂସ୍କୃତି ବିଶ୍ୱବିଖ୍ୟାତ। ତେଣୁ ବିଶ୍ୱ ଦରବାରରେ ଉତ୍କଳ ତଥା ଏହାର ସଂସ୍କୃତିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ■

'ଜୟ ଜଗନ୍ନାଥ'।

ଡ. ଅଭିମନ୍ୟୁ ବରାଳ
ପୁରୀ, ମୋ: ୯ ୯୩୭ ୮ ୩୫୨୩୦






# ଅଦାଲତୀ ଲଢ଼େଇରେ ମହାପ୍ରଭୁଙ୍କ ବିଜୟ



## କାମ ଦେଲାନି କୁଚକ୍ରୀଙ୍କ ଷଡ଼ଯନ୍ତ୍ର

*ପ୍ରକଳ୍ପକୁ ରୋକିବା ପାଇଁ ଏକାଧିକ ମାମଲା କରାଗଲା । କିନ୍ତୁ କଳା ଠାକୁରଙ୍କ ଲୀଳା ବଡ଼ ବିଚିତ୍ର । ମାମଲା ଚାଲିଥିଲେ ହେଁ କୋର୍ଟ କାମ ସ୍ଥଗିତ କରିବାକୁ ନିର୍ଦ୍ଦେଶ ଦେଇନଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ, ସବୁ ମାମଲା ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ ।*

**'ତୁମ ଇଚ୍ଛା ବିନା ପତ୍ରଟେ ହଲେନି ଆହେ ଜଗନ୍ନାଥ । ଜୟ ଜଗନ୍ନାଥ ।'**

କୋଟି ଓଡ଼ିଆଙ୍କ ମଉଡ଼ମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ଅଲୌକିକ, ଅବ୍ୟକ୍ତ । ସେ ସ୍ରଷ୍ଟା, ସେ ହିଁ ସୃଷ୍ଟି । ତାଙ୍କରି ଇଚ୍ଛାରେ ଏ ସାରା ବ୍ରହ୍ମାଣ୍ଡ ପରିଚାଳିତ । ଯାହା କିଛି ହୋଇଛି, ହେଉଛି ଏବଂ ହେବାକୁ ଯାଉଛି, ସେସବୁ ତାଙ୍କରି ଆଜ୍ଞା । ଏ ପ୍ରଗାଢ଼ ବିଶ୍ୱାସ ଓ ଅସୀମ ଭରସା କାହିଁ କେଉଁ ଯୁଗରୁ ଅକ୍ଷୁଣ୍ଣ ରହିଆସିଛି । ଅନେକବାର ପ୍ରମାଣିତ ବି ହୋଇଛି । ସେଥିମଧ୍ୟରୁ ଗୋଟିଏ ହେଲା, ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' । ଏହି ପ୍ରକଳ୍ପ ପାଇଁ ବହୁ ବାଧାବିଘ୍ନ ଆସିଥିଲେ ହେଁ ତାହା ପାଣିର ଗାର ପରି ମିଳେଇ ଯାଇଛି । ଶେଷରେ ମହାପ୍ରଭୁଙ୍କ ଆଜ୍ଞାରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଏହି ପ୍ରକଳ୍ପ ସାକାର ରୂପ ନେବାକୁ ଯାଉଛି । ମହାପ୍ରଭୁଙ୍କ ପରମ ଭକ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଡ଼ଠାକୁରଙ୍କ ଆଜ୍ଞାରେ ପୁରୀକୁ ବିକାଶ ପଥରେ ଆଗେଇ ନେଉଛନ୍ତି । ଆଉ ଏଥିରେ ସାରଥି ସାଜିଛନ୍ତି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ । ଜାନୁଆରୀ ୧୭ରେ ହେବାକୁ ଥିବା ଲୋକାର୍ପଣ ଉତ୍ସବ ପାଇଁ ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ପୁରପଲ୍ଲୀରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳୁଛି ।

ଓଡ଼ିଶା ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟରେ ଲେଖାଯିବାକୁ ଥିବା ଏହି ପ୍ରକଳ୍ପର 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ର ରୂପରେଖ ପ୍ରସ୍ତୁତ ହୋଇଥିଲା ୨୦୧୯ ମସିହା ଅକ୍ଟୋବର ୧୯ ରେ । ସେଦିନ ରାଜ୍ୟ କ୍ୟାବିନେଟ୍‌ରେ ଅବଢ଼ା (ଅଗମେଣ୍ଟେସନ ବେସିକ୍ ଏମିନିଟିଜ୍ ଆଣ୍ଡ ଡେଭଲପମେଣ୍ଟ ଅଫ୍ ହେରିଟେଜ୍ ଆଣ୍ଡ ଆର୍କିଟେକଚର୍) ଯୋଜନାରେ ୨୨ଟି ପ୍ରକଳ୍ପ ପାଇଁ ୩୨ଶହ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ କେବଳ ଶ୍ରୀକ୍ଷେତ୍ର ପରିକ୍ରମା ପ୍ରକଳ୍ପ ପାଇଁ ୩୩୧ କୋଟି ୩୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସେହି ବର୍ଷ ନଭେମ୍ବରରେ ସରକାର ଜମି ଅଧିଗ୍ରହଣ ପାଇଁ ପ୍ୟାକେଜ୍ ଘୋଷଣା କରିଥିଲେ । ଡିସେମ୍ବର ୩୦ରେ ଚିଠା ପ୍ରସ୍ତାବ ଆଗତ ସହ ମତାମତ ଆହ୍ୱାନ କରାଯାଇଥିଲା । ୨୦୨୧ ଜାନୁଆରି ୨୧ରେ ସାଂସ୍କୃତିକ ପରାମର୍ଶ କମିଟି ଶ୍ରୀମନ୍ଦିର ଐତିହ୍ୟ କରିଡର୍‌ର ଚୂଡ଼ାନ୍ତ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଥିଲା । ଏହା ପରିଚାଳନା କମିଟି ଅନୁମୋଦନ ଲାଭ ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ନୀଳନକ୍ସା ପ୍ରସ୍ତୁତ ହୋଇଥିଲା ।

୨୦୨୧ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ତିନିଦିନ ଧରି ଚାଲିଥିବା ମହାଯଜ୍ଞରେ ପୂର୍ଣ୍ଣାହୁତି ଦେବା ସହ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଗଜପତି ମହାରାଜ ଦିବ୍ୟସିଂହଦେବ ଶିଳା ସ୍ଥାପନ କରିଥିଲେ । ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ୧୮ଟି ମଠର ମହନ୍ତ ଓ ୧୦୮ ଜଣ ବ୍ୟକ୍ତିଗତ ଜମିଦାତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ପ୍ରକଳ୍ପ କାମ ୧୮ ମାସରେ ସାରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପାଳନ ପାଇଁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ନିଜକୁ ସଂପୂର୍ଣ୍ଣ ଭାବେ ଉତ୍ସର୍ଗ କରି ଦେଇଥିଲେ । ପାହାନ୍ତା ପ୍ରହରରୁ କାର୍ଯ୍ୟର ବାରମ୍ବାର ସମୀକ୍ଷା, ଘଟଣାସ୍ଥଳ ପରିଦର୍ଶନ କରି ପ୍ରକଳ୍ପ କାମକୁ ଆଗକୁ ନେଇଥିଲେ ।

ଗୋଟିଏ ପଟେ କାମ ଆଗେଇ ଚାଲିଥିବା ବେଳେ କିଛି କୁଚକ୍ରୀ ଗୋଷ୍ଠୀ ରାଜନୈତିକ ସ୍ୱାର୍ଥ ପାଇଁ ଏହାକୁ ଭଣ୍ଡୁର କରିବା ପାଇଁ କରିଥିଲେ ବଡ଼ ଷଡ଼ଯନ୍ତ୍ର । ଏହାକୁ ନେଇ କଥା ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଗଲା । ପ୍ରକଳ୍ପକୁ ବିରୋଧ କରି ପୁରୀର ଦିଲୀପ ବରାଳ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କଲେ । ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଓ ନ୍ୟାସନାଲ ମନୁମେଣ୍ଟ ଅଥରିଟି (ଏନଏମଏ) ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଖନନ ଓ ନିର୍ମାଣ ବେଆଇନ ଦର୍ଶାଇ ହାଇକୋର୍ଟରେ ସତ୍ୟପାଠ ଦେଲେ । ଖାଲି ସେତିକି ନୁହେଁ, ପ୍ରକଳ୍ପକୁ ରୋକିବା ପାଇଁ ଏକାଧିକ ମାମଲା କରାଗଲା । କିନ୍ତୁ କଳା ଠାକୁରଙ୍କ ଲୀଳା ବଡ଼ ବିଚିତ୍ର । ମାମଲା ଚାଲିଥିଲେ ହେଁ କୋର୍ଟ କାମ ସ୍ଥଗିତ କରିବାକୁ ନିର୍ଦ୍ଦେଶ ଦେଇନଥିଲେ । ଏହାପରେ ଗୋଟିଏ ପରେ ଗୋଟିଏ, ସବୁ ମାମଲା ଉପରେ ପଡ଼ିଲା ପୂର୍ଣ୍ଣଚ୍ଛେଦ ।

୨୦୨୨ ଜୁନ୍ ୩ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣରେ ତୁରନ୍ତ ରୋକ୍ ଲଗାଇବା ପାଇଁ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସୁମନ୍ତ କୁମାର ଘଡ଼େଇଙ୍କ ପକ୍ଷରୁ ଆଗତ ଦୁଇଟି ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ । ଏଭଳି ଆବେଦନକୁ 'ତୁଚ୍ଛ', 'ଚପଳାମି' ଏବଂ ଜନସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି କୋର୍ଟ ଉଭୟ ଆବେଦନକାରୀଙ୍କୁ ଚାରି ସପ୍ତାହ ମଧ୍ୟରେ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟ ଶୁଣାଇଥିଲେ । ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ବି.ଆର୍ ଗଭାହି ଏବଂ ଜଷ୍ଟିସ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏଭଳି ଜନସ୍ୱାର୍ଥ ମାମଲାକୁ ନାପସନ୍ଦ କରିଥିଲେ । ଅତ୍ୟନ୍ତ ଅସନ୍ତୋଷ ପ୍ରକାଶ କରି ଖଣ୍ଡପୀଠ କହିଥିଲେ, ଏଭଳି ଜନସ୍ୱାର୍ଥ ମାମଲା ଆତ୍ମପ୍ରଚାର ଓ ଆତ୍ମସ୍ୱାର୍ଥ ସମ୍ବଳିତ ବୋଲି କୁହାଯାଇପାରେ । ଉନ୍ନୟନମୂଳକ କାମକୁ ବନ୍ଦ କରାଯିବା ଅନୁଚିତ । ପ୍ରକଳ୍ପକୁ ବାଧାଦେବା ଏବଂ ବନ୍ଦ କରିବା ଦ୍ୱାରା ଆବେଦନକାରୀମାନେ କେବଳ ବ୍ୟକ୍ତିଗତ ଗୌରବ ଖୋଜୁଥିଲେ । ସରକାରଙ୍କ ଦ୍ୱାରା ନିର୍ମାଣାଧୀନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେବଳ ଲକ୍ଷଲକ୍ଷ ଭକ୍ତଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ । ଏହା ପୁରାତନ କୀର୍ତ୍ତିରାଜି ଓ ପ୍ରତ୍ନତତ୍ତ୍ୱସ୍ଥଳୀ ସୁରକ୍ଷା ପାଇଁ ଥିବା ଆଇନକୁ କୌଣସି ଦିଗରେ ବିରୁଦ୍ଧାଚରଣ କରୁନାହିଁ । ଏଣୁ ଶ୍ରୀମନ୍ଦିର ପ୍ରକଳ୍ପ ନିର୍ମାଣରେ କୌଣସି ରୋକ୍ ଲଗାଇବାର ଯଥାର୍ଥ କାରଣ ଉପୁଜୁନାହିଁ ବୋଲି କୋର୍ଟ ରାୟ ଦେଇଥିଲେ ।

ଏହାପରେ ୨୦୨୨ ଜୁନ୍ ୨୨ ତାରିଖରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ସୁପ୍ରିମକୋର୍ଟ ଏହି ପ୍ରସଂଗରେ ଶୁଣାଣି କରି ରାୟ ପ୍ରକାଶ କରି ସାରିଥିବାରୁ ହାଇକୋର୍ଟରେ ଆଉ ଏ ସଂପର୍କିତ ମାମଲାର ଶୁଣାଣିର ଆବଶ୍ୟକତା ନାହିଁ ବୋଲି କହିଥିଲେ । ଖଣ୍ଡପୀଠ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଂଗକୁ ନେଇ ପ୍ରଥମେ ଦାୟର କରାଯାଇଥିବା ଦିଲୀପ ବରାଳଙ୍କ ଜନସ୍ୱାର୍ଥ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସୁମନ୍ତ କୁମାର ଘଡେଇଙ୍କ ଇଣ୍ଟରଭେନ୍ସନ୍ ପିଟିସନ୍‌କୁ ମଧ୍ୟ ହାଇକୋର୍ଟ ଖାରଜ କରିଥିଲେ । ଏଥିସହ ନ୍ୟାସନାଲ୍ ମନୁମେଣ୍ଟ ଅଥରିଟିର ଏନ୍‌ଓସି ସଂପର୍କିତ ଚିଠିକୁ ବିରୋଧ କରି ସୁବ୍ରତ ତ୍ରିପାଠୀଙ୍କ ତରଫରୁ ଦାୟର ମାମଲାର ଶୁଣାଣିରେ ମଧ୍ୟ ଖଣ୍ଡପୀଠ ପୂର୍ଣ୍ଣଚ୍ଛେଦ ପକାଇଥିଲେ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) କୌଣସି ଅନୁମତି ଦେଇ ନାହିଁ ବୋଲି ଦର୍ଶାଇ ଅବସରପ୍ରାପ୍ତ ଆଇଏଏସ୍ ସୁଦର୍ଶନ ନାୟକ ଓ ସାହିତ୍ୟିକ ଭୁବନାନନ୍ଦ ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ମଧ୍ୟ ହାଇକୋର୍ଟ ଅନ୍ତ ଘଟାଇଥିଲେ । ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ପ୍ରସଂଗରେ ଶୁଣାଣି କରିବାକୁ ହାଇକୋର୍ଟ ମନା କରିବା ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂପର୍କିତ ସମସ୍ତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଚ୍ୟାଲେଞ୍ଜ କରି ଦାୟର୍ କରାଯାଇଥିବା ପିଟିସନ୍‌କୁ ରଦ୍ଦ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଟୁଇଟର୍‌ରେ ଲେଖିଥିଲେ, 'ତୁମ ଇଚ୍ଛା ବିନା ପତ୍ରଟେ ହଲେନି ଆହେ ଜଗନ୍ନାଥ । ଜୟ ଜଗନ୍ନାଥ ।' ■


ରଞ୍ଜିତ ମହାନ୍ତି
ଭୁବନେଶ୍ୱର, ମୋ.- ୯୮୬୧୦୬୨୫୦୦








# ବଡ଼ ଛତା ମଠ, ବୈଷ୍ଣବାଗ୍ନି ସଂରକ୍ଷଣ ଓ ପଦ୍ମବେଶ



ମହାରାଜା ତୃତୀୟ ଅନଙ୍ଗଭୀମ ଦେବ ଶ୍ରୀମନ୍ଦିରର ପୂଜା ବିଧି ଓ ପରିଚାଳନାରେ ଅନେକ ସଂସ୍କାର ଆଣିଥିଲେ। ମହାପ୍ରଭୁଙ୍କୁ ଲାଗି ହେଉଥିବା ପ୍ରସାଦର ପରିମାଣ ଓ ପ୍ରକାର ଭେଦର ବୃଦ୍ଧି ତା' ଭିତରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା। ସେ ବିଷୟରେ ବିସ୍ତୃତ ଆଲୋଚନା କରିବାପାଇଁ ସମ୍ପୃକ୍ତ ସେବକମାନଙ୍କର ଏକ ବୈଠକ ଡକାଗଲା। ଅନେକ ବିଶିଷ୍ଟ ଭକ୍ତ ଓ ବିଦ୍ୱାନ ବ୍ରାହ୍ମଣ ପଣ୍ଡିତମାନେ ସେ ସଭାରେ ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ।

ଆଲୋଚନା ସମୟରେ ଜଣେ ସୁଆର ସେବକ ରୋଷ ଘରର ଏକ ନିର୍ଦ୍ଦିଷ୍ଟ ସମସ୍ୟାର ସମାଧାନ ପାଇଁ ମହାରାଜାଙ୍କୁ ଅନୁରୋଧ କଲେ - 'ମଣିମା, ମହାପ୍ରଭୁଙ୍କର ପ୍ରସାଦ ବୈଷ୍ଣବାଗ୍ନିରେ ପାକ ହେବା ବିଧି। କିନ୍ତୁ ସବୁଦିନ ରୋଷ ପାଇଁ ବୈଷ୍ଣବାଗ୍ନି ସୃଷ୍ଟି କରିବା ସମୟ ଓ ଶ୍ରମସାପେକ୍ଷ। ଦିନେଦିନେ ତା' ପାଇଁ ଏତେ ସମୟ ଦେବାକୁ ପଡୁଛି ଯେ ପରବର୍ତ୍ତୀ କାର୍ଯ୍ୟକ୍ରମ ଅଯଥା ବିଳମ୍ବିତ ହେଉଛି। ତେଣୁ ବୈଷ୍ଣବାଗ୍ନିକୁ କୌଣସି ଉପାୟରେ ସଂରକ୍ଷଣ କରି ରଖିଲେ, ଏ ସମସ୍ୟା ରହନ୍ତା ନାହିଁ।' ଏହା ଶୁଣି ଅନ୍ୟ ସୁଆରମାନେ ଠିଆ ହୋଇ ଏ ପ୍ରସ୍ତାବର ଦୃଢ଼ ସମର୍ଥନ କଲେ ଏବଂ ତା'ର ତୁରନ୍ତ କାର୍ଯ୍ୟକାରିତା ପାଇଁ ଅନୁରୋଧ କଲେ।

ପଣ୍ଡିତମାନଙ୍କ ସହ ବିଚାରବିମର୍ଶ ପରେ ବୈଷ୍ଣବାଗ୍ନି ସଂରକ୍ଷଣ କରି ରଖାଯିବ ବୋଲି ନିଷ୍ପତ୍ତି ହେଲା। କିନ୍ତୁ ସଂରକ୍ଷଣ ଦାୟିତ୍ୱରେ କିଏ ରହିବ ବୋଲି ଆଲୋଚନା ଚାଲିଥିବା ବେଳେ କେହି ଜଣେ ରୋଷ ପାଇକ ଭିତରୁ ଜଣକୁ ଏ ଦାୟିତ୍ୱ ଦେବା ପାଇଁ କହିବାରୁ ରାଜଗୁରୁ କହିଲେ- 'ବୈଷ୍ଣବାଗ୍ନି ସଂରକ୍ଷଣ ଦାୟିତ୍ୱରେ ରହିବା ବ୍ୟକ୍ତି ଅଗ୍ନିଦେବଙ୍କର ନିୟମିତ ଦୈନିକ ପୂଜା କରିବାର ଆବଶ୍ୟକତା ଅଛି। ତେଣୁ ଜଣେ ନୈଷ୍ଠିକ ବ୍ରାହ୍ମଣ ବା ସନ୍ନ୍ୟାସୀଙ୍କୁ ଏ ଦାୟିତ୍ୱ ଦେବା ଠିକ ହେବ।

ରାଜଗୁରୁଙ୍କ ପ୍ରସ୍ତାବ ଅନୁସାରେ ବୈଷ୍ଣବାଗ୍ନି ସଂରକ୍ଷକ ନିଯୁକ୍ତି ପାଇଁ ରାଜାଙ୍କ ତରଫରୁ ଘୋଷଣାନାମା ପ୍ରକାଶ ପାଇଲା। କିନ୍ତୁ ସେଥିରେ ଏକ କଠିନ ସର୍ତ୍ତ ରଖା ଯାଇଥିଲା- ଯେଉଁ ନୈଷ୍ଠିକ ବ୍ରାହ୍ମଣ ବା ସନ୍ନ୍ୟାସୀ ତିନି ଦିନ ଓ ତିନି ରାତି ପର୍ଯ୍ୟନ୍ତ ନିଜ ହାତ ପାପୁଲିରେ ବୈଷ୍ଣବାଗ୍ନି ଜ୍ୱଳନ୍ତ ଅବସ୍ଥାରେ ରଖିପାରିବେ, ତାଙ୍କୁ ସଂରକ୍ଷକ ରୂପେ ନିଯୁକ୍ତ କରାଯିବ। ଏହି ପ୍ରକାରର ସର୍ତ୍ତ ପୂରଣ କରିବାର କ୍ଷମତା କ୍ଷେତ୍ରବାସୀ ବ୍ରାହ୍ମଣ ସନ୍ନ୍ୟାସୀମାନଙ୍କ ପାଖରେ ନ ଥିଲା। ଅଳ୍ପ କେତେଜଣ ଦୁଃସାହସ କରି ପରୀକ୍ଷାର ସମ୍ମୁଖୀନ ହେବାକୁ ଆସିଥିଲେ ମଧ ସମସ୍ତେ ଅଳ୍ପ ସମୟପରେ ପୋଡ଼ା ହାତ ନେଇ ବିଦା ହୋଇଗଲେ।

ରାଜଗୁରୁଙ୍କ ପ୍ରସ୍ତାବ ଅନୁସାରେ ବୈଷ୍ଣବାଗ୍ନି ସଂରକ୍ଷକ ନିଯୁକ୍ତି ପାଇଁ ରାଜାଙ୍କ ତରଫରୁ ଘୋଷଣାନାମା ପ୍ରକାଶ ପାଇଲା। କିନ୍ତୁ ସେଥିରେ ଏକ କଠିନ ସର୍ତ୍ତ ରଖା ଯାଇଥିଲା- ଯେଉଁ ନୈଷ୍ଠିକ ବ୍ରାହ୍ମଣ ବା ସନ୍ନ୍ୟାସୀ ତିନି ଦିନ ଓ ତିନି ରାତି ପର୍ଯ୍ୟନ୍ତ ନିଜ ହାତ ପାପୁଲିରେ ବୈଷ୍ଣବାଗ୍ନି ଜ୍ୱଳନ୍ତ ଅବସ୍ଥାରେ ରଖିପାରିବେ, ତାଙ୍କୁ ସଂରକ୍ଷକ ରୂପେ ନିଯୁକ୍ତ କରାଯିବ।

ଏହି ଘଟଣାର କିଛିଦିନ ପୂର୍ବରୁ ରଘୁବର ଦାସ ନାମକ ଜଣେ ପରମ ବୈଷ୍ଣବ ସନ୍ନ୍ୟାସୀ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଥିଲେ। ସେ ଥିଲେ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କର ପରମ ଭକ୍ତ। ସେ ସାରା ଭାରତରେ ବିଭିନ୍ନ ତୀର୍ଥକ୍ଷେତ୍ର ଭ୍ରମଣ କରୁଥିବା ବେଳେ ଶୁଣିବାକୁ ପାଇଥିଲେ ଯେ ଅବତାରୀ ପରଂବ୍ରହ୍ମ ଜଗନ୍ନାଥ ପୁରୁଷୋତ୍ତମ କ୍ଷେତ୍ରରେ ଦାରୁ ସ୍ୱରୂପରେ ବିରାଜମାନ କରୁଛନ୍ତି। ତାହା ଶୁଣି ସେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସି ତାଙ୍କ ପ୍ରେମରେ ଏପରି ପଡ଼ିଗଲେ ଯେ କ୍ଷେତ୍ରବାସୀ ହୋଇ ରହିଗଲେ। ସିଂହଦ୍ୱାର ସମ୍ମୁଖରେ ତାଳପତ୍ରର ଏକ ବଡ଼ ଛତା ପୋତି ତା' ତଳେ ରହିବାକୁ ଲାଗିଲେ ଓ ନିଜର ପୂରା ସମୟ ମହାପ୍ରଭୁଙ୍କ ଦର୍ଶନ, ଧ୍ୟାନ, ଧାରଣା ଓ କୀର୍ତ୍ତନରେ ବିତାଇ ଦେଲେ। ସେ ଯେତେବେଳେ ମହାପ୍ରଭୁଙ୍କ ବୈଷ୍ଣବାଗ୍ନି ସଂରକ୍ଷଣ ପାଇଁ ରାଜାଙ୍କ ଘୋଷଣା ଶୁଣିଲେ, ଜଗନ୍ନାଥଙ୍କର ସେ ପବିତ୍ର ସେବା କରିବା ପାଇଁ ତାଙ୍କ ମନରେ ଅଭିଳାଷ ଜାଗିଲା। ସେ ମହାପ୍ରଭୁଙ୍କୁ ନିଉଛାଳି ହୋଇ ତାଙ୍କୁ ଏ ସେବା ପାଇବାରେ ସହାୟକ ହେବା ପାଇଁ ପ୍ରାର୍ଥନା କଲେ। ତା' ପରେ ପରୀକ୍ଷା ଦେବା ପାଇଁ ରାଜାଙ୍କ ସମ୍ମୁଖରେ ହାଜର ହୋଇଗଲେ। ପାରିଷଦମାନଙ୍କ ଉପସ୍ଥିତିରେ ଜଣେ ଅଙ୍ଗାରୁଆ ନାୟକ ଗୋଟିଏ କୁଡୁଆରେ ଜଳୁଥିବା ବୈଷ୍ଣବାଗ୍ନି ଆଣି ରଘୁବର ଦାସଙ୍କ ଦୁଇ ହାତ ଆଞ୍ଜୁଳାରେ ଢାଳିଦେଲେ। ରଘୁବର ତିନିଦିନ ତିନିରାତି ସେ ଅଗ୍ନିକୁ ଧରି ରଖିଲେ ମଧ ତାଙ୍କର କିଛି କ୍ଷତି ହେଲା ନାହିଁ। ରାଜାଙ୍କ ସହ ସେଠାରେ ଉପସ୍ଥିତ ସମସ୍ତେ ସନ୍ନ୍ୟାସୀଙ୍କର ଜୟଜୟକାର କଲେ।



ରଘୁବର ଛତା ପୋତି ରହୁଥିବା ଯାଗାରେ ରାଜା ଏକ ମଠ ନିର୍ମାଣ କରାଇ ତାଙ୍କୁ ସେ ମଠର ପ୍ରଥମ ମହନ୍ତରୂପେ ନିଯୁକ୍ତ କଲେ। ମହନ୍ତ ମହାରାଜ ସେହି ମଠରେ ବୈଷ୍ଣବାଗ୍ନିଙ୍କୁ ସଂରକ୍ଷଣ କରି ରଖିଲେ। ଆଜି ପର୍ଯ୍ୟନ୍ତ ପରମ୍ପରାକ୍ରମେ ସେ ଅଗ୍ନିକୁ ମଠର ମହନ୍ତମାନେ ପ୍ରଜ୍ୱଳିତ କରି ରଖିଛନ୍ତି।

ରଘୁବର ଦାସ ମହାପ୍ରଭୁଙ୍କର ପରମଭକ୍ତ ଥିଲେ। କିନ୍ତୁ ମହାପ୍ରଭୁଙ୍କର ରୋଷ ପାଇଁ ବୈଷ୍ଣବାଗ୍ନିର ସଂରକ୍ଷଣ ସେବା ପାଇବା ପରେ ପ୍ରଭୁଙ୍କ ପ୍ରତି ତାଙ୍କର ସମର୍ପଣ ଭାବ ବହୁଗୁଣରେ ବଢ଼ିଗଲା। ମହାପ୍ରଭୁ କେଉଁ ନୂଆ ବେଶ ହେଲେ ଅଧିକ ସୁନ୍ଦର ଦିଶିବେ, କେଉଁ ପ୍ରସାଦ ସମର୍ପଣ କଲେ ପ୍ରଭୁ ଅଧିକ ତୃପ୍ତ ହେବେ - ଏହିପରି ଚିନ୍ତା ତାଙ୍କୁ ଦିନରାତି ଘାରୁଥିଲା।

ଥରେ ରଘୁବର ସୋଲ ଓ ଶୁଖିଲା କଦଳୀ ପତ୍ରରେ ତିନୋଟି ମୁଖପଦ୍ମ ତିଆରି କଲେ। ସେଗୁଡ଼ିକୁ ରଙ୍ଗ କରି ଦେବା ପରେ ସେଗୁଡ଼ିକ ସଜଫୁଟା ପଦ୍ମଫୁଲ ପରି ଦେଖାଗଲେ। ତା' ପରେ ବୈଷ୍ଣବାଗ୍ନିରେ ନିଜେ ଯତ୍ନର ସହ କ୍ଷୀରିପ୍ରସାଦ ପ୍ରସ୍ତୁତ କଲେ। ସନ୍ଧ୍ୟା ସମୟରେ ସେ ସବୁକୁ ଧରି ଶ୍ରୀମନ୍ଦିରରେ ପହଞ୍ଚିଲେ ଓ ମହାପ୍ରଭୁଙ୍କୁ ଲାଗି କରିବା ପାଇଁ ସେବକମାନଙ୍କୁ ଅନୁରୋଧ କଲେ। କିନ୍ତୁ ସେବକମାନେ ସୋଲ ଓ କଦଳୀ ପଟୁକାର ପଦ୍ମ ଓ ବାହାରେ ପ୍ରସ୍ତୁତ ହୋଇଥିବା ପ୍ରସାଦ ମହାପ୍ରଭୁଙ୍କୁ ସମର୍ପଣ ହେବାର ପରମ୍ପରା ନାହିଁ ବୋଲି କହି ସେ ସବୁକୁ ଫେରେଇ ଦେଲେ। ଏହା ଦେଖି ରଘୁବର ଦୁଃଖରେ ଭାଙ୍ଗିପଡ଼ିଲେ। ମୁଖପଦ୍ମ ଓ କ୍ଷୀରି ପ୍ରସାଦ ନେଇ ମଠକୁ ଚାଲିଗଲେ ଓ ଅଶ୍ରୁଳ ନୟନରେ ମହାପ୍ରଭୁଙ୍କୁ ଧ୍ୟାନ କରି ବସିଲେ। ସେ ପଟେ ସେ ଦିନ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ହୋଇ ପାରିଲା ନାହିଁ। ଟୋପର ଉପରେ ଶିରୀ କପଡ଼ା ପକାଇବା ମାତ୍ରେ ଟୋପର ଖସି ପଡ଼ିଲା। ଯେତେଥର ସେବକମାନେ ବେଶ କରାଇବା ପାଇଁ ଚେଷ୍ଟା କଲେ, ସେତେଥର ବିଫଳ ହେଲେ। ବଡ଼ସିଂହାର ବେଶ ହୋଇ ନ ପାରିବାରୁ ବଡ଼ସିଂହାର ଧୂପ ହୋଇ ପାରିଲା ନାହିଁ। ଯେଉଁମାନେ ବଡ଼ସିଂହାର ଧୂପ ପାଇଁ ଅପେକ୍ଷା କରିଥିଲେ, ସେମାନେ ନିରାଶ ହେଲେ। ପୁରୁଖା ସେବକମାନେ କହିଲେ ଯେ ନୀତିରେ ତ୍ରୁଟି ଦେଖାଦେଲେ ମହାପ୍ରଭୁ ଏପ୍ରକାର ସଙ୍କେତ ଦିଅନ୍ତି।

ଏତେସବୁ ବ୍ୟତିକ୍ରମ ପରେ ସେବକମାନେ ମହାପ୍ରଭୁଙ୍କ ପାଖରେ ଅଧିଆ ପଡ଼ିଲେ। ଠାକୁର ତଲୁଛ ମହାପାତ୍ରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ - 'ମହାପାତ୍ରେ, ମୁଁ ଭକ୍ତବତ୍ସଳ। ମୋ ଭକ୍ତର ଅପମାନକୁ ମୁଁ ମୋର ଅପମାନ ମନେ କରେ। ମୋର ଭକ୍ତ ରଘୁବର ଦାସକୁ ସୋଲପଦ୍ମ ଓ ବାହାରର କ୍ଷୀରି ପ୍ରସାଦ ଲାଗି ହେବ ନାହିଁ କହି ଅପମାନିତ କରାଯାଇଛି। ତା'ର ମୁଖପଦ୍ମ ଧାରଣ କରିବା ଓ କ୍ଷୀରି ପ୍ରସାଦ ପାଇବା ପାଇଁ ମୁଁ ଏକାନ୍ତ ଆଗ୍ରହୀ। ରଘୁବରକୁ କ୍ଷମାପ୍ରାର୍ଥନା କରି ସେସବୁ ଆଣି ମୋତେ ଲାଗି କରାଇଲେ, ମୁଁ ବଡ଼ସିଂହାର ବେଶ ହେବି। ତଲୁଛ ମହାପାତ୍ର ଅନ୍ୟ ସେବକମାନଙ୍କୁ ଡାକି ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ସବୁ ସେବାୟତ ଦଳବଦ୍ଧ ହୋଇ ରଘୁବରଙ୍କୁ କ୍ଷମା ପ୍ରାର୍ଥନା କଲେ। ତାଙ୍କଠାରୁ ମୁଖପଦ୍ମ ନେଇ ମହାପ୍ରଭୁଙ୍କୁ ପଦ୍ମବେଶ କଲେ ଓ କ୍ଷୀରି ପ୍ରସାଦ ଅର୍ପଣ କଲେ। ପଦ୍ମମୁଖ ଥାଇ ମହାପ୍ରଭୁ ବଡ଼ସିଂହାର ବେଶ ହେଲେ। ସେହି ଦିନଠାରୁ ପ୍ରତିବର୍ଷ ମାଘ ଅମାବାସ୍ୟା ପରେ ବୁଧବାର ବା ଶନିବାର ମହାପ୍ରଭୁଙ୍କର ପଦ୍ମବେଶ କରା ଯାଉଛି। ଏହି ବେଶ ଥାଇ ତା' ଉପରେ ବଡ଼ସିଂହାର ବେଶ କରା ଯାଉଛି। ■

ସ୍ୱପ୍ନେଶ୍ୱର ଗୋଛି
ପୁରୀ, ୯୯୦୦୦୮୩୪୩୩

# ପରିକ୍ରମା: ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଅନୁଶୀଳନ

ପ୍ରକୃତି ତତ୍ତ୍ୱ ଆଧାରରେ ବେଦଶାସ୍ତ୍ର, ଉପନିଷଦ ଆଦିରେ ଦକ୍ଷିଣାବର୍ତ୍ତ ପରିକ୍ରମାକୁ ଶ୍ରେଷ୍ଠ ବୋଲି କୁହାଯାଉଛି ଏବଂ ଦେବ ପରିକ୍ରମା ଓ ପୂଜାଯଜ୍ଞାଦି ଆଦି ଧାର୍ମିକ କୃତ୍ୟକୁ ବାଧାବିଘ୍ନ ରହିତ ସମ୍ପାଦନ କରିବା ଏବଂ ପୁଣ୍ୟଫଳ କାମନା ପାଇଁ ଦକ୍ଷିଣାବର୍ତ୍ତ ପ୍ରଦକ୍ଷିଣ କରିବା ଉଚିତ ବୋଲି ବେଦଜ୍ଞମାନେ ଉପଦେଶ ଦେଇଛନ୍ତି। ... ଦେବଦେବୀଙ୍କ ସହସ୍ରନାମ ପାଠପୂର୍ବକ ପ୍ରଦକ୍ଷିଣ କଲେ, ସପ୍ତଦ୍ୱୀପବତି ପୃଥ୍ୱୀର ସମ୍ପୂର୍ଣ୍ଣ ପରିକ୍ରମାର ପୁଣ୍ୟଫଳ ପ୍ରାପ୍ତ ହେବା ସହ ସମାନ ବୋଲି ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

ଆଜି ଶ୍ରୀମନ୍ଦିରରେ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେଉଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହି ପରିକ୍ରମା ଉତ୍ସବ ଏକ ଦିବ୍ୟ ଅନୁଭୂତି ଆଣିବ। ଏହା କେବଳ ଏକ ମହୋତ୍ସବ, ଅନୁଷ୍ଠାନ ଓ ପର୍ଯ୍ୟଟନର ଆନନ୍ଦ ଉପଲବ୍ଧି ନୁହେଁ, ବରଂ ମହାପୁଣ୍ୟ ଅର୍ଜନର ମହାର୍ଘ ମୁହୂର୍ତ୍ତ। ଦେବଦେବୀଙ୍କ ଦର୍ଶନ ପରେ ଏବଂ ପୂର୍ବରୁ ମନ୍ଦିର ଓ ପୀଠସ୍ଥଳୀର ପରିକ୍ରମା କରାଯିବାର ଶାସ୍ତ୍ରସମ୍ମତ ବିଧି ରହିଛି। ଦର୍ଶନ ଓ ପୂଜନର ଏହା ଏକ ଅଙ୍ଗ। ପରିକ୍ରମା ବିଧି ପଛରେ ଯେତିକି ଆଧ୍ୟାତ୍ମିକ ମହତ୍ତ୍ୱ ରହିଛି ସେତିକି ଦାର୍ଶନିକ ଓ ବୈଜ୍ଞାନିକ କାରଣ ମଧ ନିହିତ ଅଛି।

କୌଣସି ବିଶେଷ ପୂଜାନୁଷ୍ଠାନ, ଯଜ୍ଞାନୁଷ୍ଠାନ ହେଉ କିମ୍ବା ବିବାହ, ଅଗ୍ନିକୁ ପ୍ରଦକ୍ଷିଣ ବା ପରିକ୍ରମା କରିବା ଷୋଡ଼ଶପଚାର ପୂଜାବିଧିର ଏକ ଅଙ୍ଗ। ବଟ ଓ ଅଶ୍ୱତ୍ଥ ବୃକ୍ଷର ପରିକ୍ରମା ମଧ ପୁଣ୍ୟଫଳ ପ୍ରଦାନ କରିଥାଏ। କେବଳ ହିନ୍ଦୁ ଧର୍ମ ନୁହେଁ, ପ୍ରତ୍ୟେକ ଧର୍ମରେ ପରିକ୍ରମା ବା ପ୍ରଦକ୍ଷିଣ କରିବାର ପରମ୍ପରା ରହିଛି। ପରିକ୍ରମାର ସଂସ୍କୃତ ଶବ୍ଦ ହେଉଛି 'ପ୍ରଦକ୍ଷିଣ'। ଏହି ଶବ୍ଦ 'ପ୍ର + ଦକ୍ଷିଣ' ଶବ୍ଦର ସମଷ୍ଟି ସୃଷ୍ଟି। 'ପ୍ର'ର ଅର୍ଥ ହେଉଛି ଅଗ୍ରଗତି ବା ଆଗକୁ ବଢ଼ିବା ଏବଂ 'ଦକ୍ଷିଣ'ର ଅର୍ଥ ହେଉଛି ଦକ୍ଷିଣ ଦିଗ। ତେଣୁ ଦକ୍ଷିଣ ଦିଗରୁ ପରିକ୍ରମା ଆରମ୍ଭ କରିବା ଉଚିତ। ଏଥିରେ ବ୍ୟକ୍ତିର ଡାହାଣ ଅଙ୍ଗ ଦେବ ମୂର୍ତ୍ତି କିମ୍ବା ଯଜ୍ଞକୁଣ୍ଡ ଆଡ଼କୁ ରହିବ। ଏହି ପରିକ୍ରମାକୁ 'ଶବ୍ଦକଳ୍ପଦ୍ରୁମ'ରେ 'ଦକ୍ଷିଣାବର୍ତ୍ତ ପ୍ରଦକ୍ଷିଣ' ଭାବେ ବର୍ଣ୍ଣନା କରାଯାଇଛି। ମନୁଷ୍ୟର ଦକ୍ଷିଣ ବା ଡାହାଣ ଅଙ୍ଗଗୁଡ଼ିକ ଦେବଅଙ୍ଗ ବା ପବିତ୍ର ଭାବେ ବିବେଚିତ। ତେଣୁ ପ୍ରତ୍ୟେକ ଦେବକାର୍ଯ୍ୟରେ ଡାହାଣ ହାତର ପ୍ରୟୋଜନ ହୁଏ ଏବଂ ପରିକ୍ରମା ମଧ ଦକ୍ଷିଣାବର୍ତ୍ତ ହୋଇଥାଏ। ଏଭଳି ନାମକରଣର ପ୍ରଥମ କାରଣ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କ ଦୈନିକ ଗତି ସହ ସମ୍ବନ୍ଧିତ। ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ଦକ୍ଷିଣ ଦିଗ ମଧ ଦେଇ ପଶ୍ଚିମରେ ଅସ୍ତ ହୋଇଥା'ନ୍ତି। ସୂର୍ଯ୍ୟଦେବଙ୍କ ଏହି ଦୈନିକ ଗତି ବିନାକୌଣସି ପ୍ରତିବନ୍ଧକରେ ପୂର୍ଣ୍ଣ ହୁଏ ଏବଂ ପୃଥିବୀରେ ସଫଳତାର ସହ ଗୋଟିଏ ଦିନ ସମ୍ପୂର୍ଣ୍ଣ ହୋଇଥାଏ। ଏହି ପ୍ରକୃତି ତତ୍ତ୍ୱ ଆଧାରରେ ବେଦଶାସ୍ତ୍ର, ଉପନିଷଦ ଆଦିରେ ଦକ୍ଷିଣାବର୍ତ୍ତ ପରିକ୍ରମାକୁ ଶ୍ରେଷ୍ଠ ବୋଲି କୁହାଯାଉଛି ଏବଂ ଦେବ ପରିକ୍ରମା ଓ ପୂଜାଯଜ୍ଞାଦି ଆଦି ଧାର୍ମିକ କୃତ୍ୟକୁ ବାଧାବିଘ୍ନ ରହିତ ସମ୍ପାଦନ କରିବା ଏବଂ ପୁଣ୍ୟଫଳ କାମନା ପାଇଁ ଦକ୍ଷିଣାବର୍ତ୍ତ ପ୍ରଦକ୍ଷିଣ କରିବା ଉଚିତ ବୋଲି ବେଦଜ୍ଞମାନେ ଉପଦେଶ ଦେଇଛନ୍ତି।



ପରିକ୍ରମାକୁ ସଫଳ କରିବା ପାଇଁ ପ୍ରଦକ୍ଷିଣ କରିବା ସମୟରେ ମନ୍ତ୍ରଜପ ଏବଂ ନାମ ସ୍ମରଣର ମହିମା ମଧ ଅଛି। ପରିକ୍ରମାର ବିଶେଷ ମନ୍ତ୍ର ହେଉଛି-

'ଜାନି କାନି ଚ ପାପାନି ଜନ୍ମାନ୍ତରଂ କୃତାନି ଚ / ତାନି ସର୍ବାଣୀ ନଶ୍ୟନ୍ତୁ ପ୍ରଦକ୍ଷିଣୋ ପଦେପଦେ'

ଏହାର ଅର୍ଥ ହେଉଛି ଆମ ଦ୍ୱାରା ଜାଣତରେ କିମ୍ବା ଅଜାଣତରେ କରାଯାଉଥିବା ପାପ ଏବଂ ପୂର୍ବଜନ୍ମର ସମସ୍ତ ପାପ ପ୍ରଦକ୍ଷିଣ ଦ୍ୱାରା ନାଶ ହୋଇଯାଉ। ପରମପିତା ପରମେଶ୍ୱର ମୋତେ ସଦ୍‌ବୁଦ୍ଧି ଏବଂ ଧାର୍ମିକ କାର୍ଯ୍ୟର ପୁଣ୍ୟଫଳ ପ୍ରଦାନ କରନ୍ତୁ। ଦେବଦେବୀଙ୍କ ସହସ୍ରନାମ ପାଠପୂର୍ବକ ପ୍ରଦକ୍ଷିଣ କଲେ, ସପ୍ତଦ୍ୱୀପବତି ପୃଥ୍ୱୀର ସମ୍ପୂର୍ଣ୍ଣ ପରିକ୍ରମାର ପୁଣ୍ୟଫଳ ପ୍ରାପ୍ତ ହେବା ସହ ସମାନ ବୋଲି ବିଭିନ୍ନ ଶାସ୍ତ୍ରରେ ଉଲ୍ଲେଖ ରହିଛି।

ସେହିପରି ଶାସ୍ତ୍ରବିଧି ଅନୁଯାୟୀ, ଯେଉଁଠାରୁ ପରିକ୍ରମା ଆରମ୍ଭ କରାଯିବ, ଉକ୍ତ ସ୍ଥାନରେ ପରିକ୍ରମା ଶେଷ କରାଯିବା ଉଚିତ। କିନ୍ତୁ ଦେବ ଦେବ ମହାଦେବଙ୍କ ପରିକ୍ରମା ସମ୍ପୂର୍ଣ୍ଣ କରାଯାଏ ନାହିଁ। ସର୍ବଦା ମହାଦେବଙ୍କୁ ଅର୍ଦ୍ଧପରିକ୍ରମା କରାଯିବାର ବିଧି ରହିଛି। ଏହାକୁ 'ଚନ୍ଦ୍ରାକାର ପରିକ୍ରମା' କୁହାଯାଏ। 'ନାରଦ ପୁରାଣ' ଏବଂ 'କର୍ମ ଲୋଚନ' ନାମକ ଗ୍ରନ୍ଥ ଅନୁସାରେ, ମହାଦେବଙ୍କ ଭଳି ଅନ୍ୟ ଦେବଦେବୀଙ୍କ ପାଇଁ ମଧ ପରିକ୍ରମା ସଂଖ୍ୟା ଭିନ୍ନ ରହିଛି। ମା' ଦୁର୍ଗାଙ୍କୁ ଗୋଟିଏ ଥର, ସୂର୍ଯ୍ୟଙ୍କୁ ୭ଥର, ଗଣେଶଙ୍କୁ ୩ଥର, ଶ୍ରୀବିଷ୍ଣୁ ଏବଂ ତାଙ୍କର ପ୍ରତ୍ୟେକ ଅବତାରଙ୍କୁ ୪ଥର ଏବଂ ସୋମବତି ଅମାବାସ୍ୟାରେ ଅଶ୍ୱତ୍ଥ ବୃକ୍ଷକୁ ୧୦୮ ଥର ପରିକ୍ରମା କରିବାର ନିୟମ ରହିଛି। ଯଜ୍ଞ ତିଳକ ଲଗାଇବା ପରେ ଯଜ୍ଞଦେବତା ଅଗ୍ନି କିମ୍ବା ଯଜ୍ଞବେଦୀର ୩ଥର ପରିକ୍ରମା କରିବା ଉଚିତ। ବିବାହ ସମୟରେ ବରବଧୂ ଅଗ୍ନିଙ୍କୁ ୭ଥର ପ୍ରଦକ୍ଷିଣ କରିଥା'ନ୍ତି।

ପବିତ୍ର ଧାର୍ମିକ ସ୍ଥଳ ଅଯୋଧ୍ୟା, ମଥୁରା ଆଦିରେ ପଞ୍ଚକୋଶୀ ପରିକ୍ରମା ଏବଂ ବ୍ରଜଧାମରେ ଗୋବର୍ଦ୍ଧନ ପୂଜାବିଧିରେ ସପ୍ତକୋଶୀ ପରିକ୍ରମା କରିବାର ବିଧି ଅଛି। ଦେବଦର୍ଶନ ପରେ ଦେବଭୂମିରେ ପରିକ୍ରମା କରିବା ଦ୍ୱାରା ଅଶ୍ୱମେଧ ଯଜ୍ଞର ପୁଣ୍ୟ ମିଳିଥାଏ ବୋଲି ଶାସ୍ତ୍ରାଦିରେ ଉଲ୍ଲେଖ ଅଛି।

ପ୍ରଦକ୍ଷିଣର ଦାର୍ଶନିକ ତତ୍ତ୍ୱ ହେଉଛି - ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ପ୍ରତ୍ୟେକ ଗ୍ରହନକ୍ଷତ୍ର ପରିକ୍ରମା କରିଥା'ନ୍ତି। ଏହି ପରିକ୍ରମା ହେଉଛି ଜୀବନର ସତ୍ୟତା। ବ୍ୟକ୍ତିର ଜନ୍ମମୃତ୍ୟୁ ବା ଜୀବନଚକ୍ର ଏକ ପରିକ୍ରମା ଭଳି। ଭଗବାନଙ୍କ ଭିତରେ ସମ୍ପୂର୍ଣ୍ଣ ସୃଷ୍ଟି ବିଦ୍ୟମାନ। ତେଣୁ ଭଗବାନଙ୍କ ମୂର୍ତ୍ତି କିମ୍ବା ଯଜ୍ଞାନୁଷ୍ଠାନର ପରିକ୍ରମା କରିବା ଦ୍ୱାରା ସମ୍ପୂର୍ଣ୍ଣ ସୃଷ୍ଟିର ପରିକ୍ରମା ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ଦାର୍ଶନିକ ତତ୍ତ୍ୱର ପ୍ରମାଣ ଭାବେ ଦେବଦେବ ମହାଦେବ, ମା' ପାର୍ବତୀ, କାର୍ତ୍ତିକେୟ ଓ ଗଣେଶଙ୍କୁ ନେଇ ପରିକ୍ରମା ସମ୍ପର୍କିତ ଏକ ପୌରାଣିକ ଆଖ୍ୟାନ ମଧ ରହିଛି। ଏକଦା ଦେବ ସନ୍ତାନ ଶ୍ରୀଗଣେଶ ଓ କାର୍ତ୍ତିକେୟଙ୍କ ମଧରେ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହେଲା, ତାହାର ସମାଧାନ କରିବାକୁ ଯାଇ ଶ୍ରୀଗଣେଶ ମୂଷା ପିଠିରେ ବସି ପିତାମାତାଙ୍କ ପ୍ରଦକ୍ଷିଣ କରିବାକୁ ଲାଗିଲେ ଏବଂ କାର୍ତ୍ତିକେୟ ମୟୂର ବାହନରେ ବସି ସୃଷ୍ଟି ଭ୍ରମଣ କଲେ। ଶ୍ରେଷ୍ଠ ପ୍ରତିପାଦିତ ହେଲେ ଶ୍ରୀଗଣେଶ। କାରଣ ମହାଦେବ ଓ ମା' ପାର୍ବତୀଙ୍କ ଭିତରେ ସମଗ୍ର ସୃଷ୍ଟି ବିଦ୍ୟମାନ। ତେଣୁ ପିତାମାତାଙ୍କୁ ପ୍ରଦକ୍ଷିଣ କରିବା ଅର୍ଥ ସମଗ୍ର ସୃଷ୍ଟିର ପ୍ରଦକ୍ଷିଣ କରିବା। ତେଣୁ ଦର୍ଶନ ତତ୍ତ୍ୱରେ ପରିକ୍ରମା ବା ପ୍ରଦକ୍ଷିଣର ମହତ୍ତ୍ୱ ଓ ଗୁରୁତ୍ୱ ଅଧିକ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିକ୍ରମାର ପ୍ରଭାବ ଆମର ଶାରୀରିକ ଓ ମାନସିକ ସ୍ତରରେ ପ୍ରତିଫଳିତ ହୋଇଥାଏ। ଅନେକଗୁଡ଼ିଏ ମନସ୍ତାତ୍ତ୍ୱିକ ବିଶ୍ଳେଷଣରେ ଦର୍ଶାଯାଇଛି ଯେ, କୌଣସି ବ୍ୟକ୍ତି ଯେତେବେଳେ ଅଧିକ ଭାବେ ମାନସିକ ଭାରାକ୍ରାନ୍ତ ହୋଇଯାଏ, ସେ ଶାନ୍ତି ପାଇବା ପାଇଁ କୌଣସି ଧାର୍ମିକ ପ୍ରବଚନ ଶୁଣିଥାଏ, ଧାର୍ମିକ ଉତ୍ସବ ଆଦିରେ ଯୋଗ ଦିଏ କିମ୍ବା ଦେବ ଦର୍ଶନ କରିବାକୁ ଆଗ୍ରହ ପ୍ରକାଶ କରେ। ଠାକୁରଙ୍କୁ ଦର୍ଶନ କରିବା ପରେ ସେ ପରିକ୍ରମା ଆରମ୍ଭ କରେ। ପରିକ୍ରମା ଶେଷ ହେବା ପରେ ଉକ୍ତ ବ୍ୟକ୍ତିର ମନରେ ସ୍ୱଳ୍ପ ସମୟ ପାଇଁ ଏକ ଦିବ୍ୟଶାନ୍ତି ଅନୁଭୂତ ହୁଏ। ଏହାର କାରଣ ହେଉଛି ଦେବସ୍ଥାନ ବା ଆଧ୍ୟାତ୍ମସ୍ଥଳୀରେ ଥିବା ସକାରାତ୍ମକ ଶକ୍ତି। ଉକ୍ତ ସକାରାତ୍ମକ ଶକ୍ତିର ପ୍ରତିଫଳନ ଯୋଗୁଁ ମନରେ ଥିବା ନକାରାତ୍ମକ ଶକ୍ତି, ଚିନ୍ତା ଓ ଅବସାଦର ସ୍ତର ହ୍ରାସ ପାଏ। ମସ୍ତିଷ୍କରୁ ଡୋପାମାଇନ୍ ନାମକ ହର୍ମୋନ ନିର୍ଗତ ହୁଏ। ଏହି ଡୋପାମାଇନ୍ ଯୋଗୁଁ କିଛି ସମୟ ପାଇଁ ମନରେ ଖୁସିର ସଞ୍ଚାର ହୋଇଥାଏ ଏବଂ ଏହି ଖୁସି ଆଶାର ଏକ ନୂତନ ଦିଗ ଆଡ଼କୁ ଯିବା ପାଇଁ ମସ୍ତିଷ୍କକୁ ଆଦେଶ ଦେଇଥାଏ। ତେଣୁ ମନ୍ଦିରରୁ ଫେରିଆସିବା ପରେ ଚିନ୍ତାଗ୍ରସ୍ତ ଥିବା ବ୍ୟକ୍ତି ନିଜକୁ ସ୍ଫୂର୍ତ୍ତି ମନେ କରି କର୍ମଚଞ୍ଚଳ ହୁଏ। ତେଣୁ ମାନସିକ ସ୍ୱାସ୍ଥ୍ୟକୁ ସଠିକ୍ ରଖିବା ପାଇଁ ହେଲେ ପ୍ରତିଦିନ ପୂଜା, ଯୋଗ, ପ୍ରାଣାୟାମ ସହିତ ପରିକ୍ରମାର ଆବଶ୍ୟକତା ମଧ ରହିଛି। ଶାରୀରିକ ବିଜ୍ଞାନ ଦୃଷ୍ଟିରୁ ଦେଖିବାକୁ ଗଲେ ପରିକ୍ରମା ଦ୍ୱାରା ଆମେ ଯେତିକି ସମୟ ପାଦରେ ଚାଲିଥାଉ, ତାହା ଆମ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍ତମ ବ୍ୟାୟାମ। ଖାଲି ପାଦରେ ଚାଲିବା ଦ୍ୱାରା ପାଦତଳେ ଥିବା ପ୍ରତ୍ୟେକ ଆକ୍ୟୁପ୍ରେସର୍ ବିନ୍ଦୁ ଉପରେ ଚାପ ପଡ଼ିଥାଏ। ଏହାର ପ୍ରଭାବରେ ଶରୀରରେ ରକ୍ତ ସଞ୍ଚାଳନ ଏବଂ ଅମ୍ଳଜାନର ମାତ୍ରା ସଠିକ୍ ହୋଇଥାଏ ଏବଂ ଶରୀର ସୁସ୍ଥ ରହିଥାଏ। ■

ଦୀପ୍ତିମୟୀ ମହାପାତ୍ର
ଭୁବନେଶ୍ୱର, ମୋ: ୭୯୭୮୦୩୮୭୯୯



# ଶ୍ରୀମନ୍ଦିରରେ ବିଶ୍ୱବ୍ରହ୍ମାଣ୍ଡର ପରିକଳ୍ପନା

**ଜଗନ୍ନାଥ ମନ୍ଦିରରେ ଯେଉଁ ସାମ୍ୟ ଧର୍ମ ପ୍ରଚଳିତ ଅଛି, ଅନ୍ୟତ୍ର ନାହିଁ। ଏଠାରେ ଜାତିଭେଦ ନାହିଁ। ଭଗବାନଙ୍କ ପ୍ରସାଦରେ ରୁଚି ବିକାର ନାହିଁ। ଭଗବାନ ଏଠାରେ ସ୍ୱୟଂ ଅଛନ୍ତି ବୋଲି ଲୋକେ ଯାହା ବିଶ୍ୱାସ କରନ୍ତି, ତାହା ଅନାଦି ଆବହମାନକାଳରୁ ଚଳିଆସୁଛି। ଜଗନ୍ନାଥ ଦେଉଳ ଉପରେ କେତେ ବିଧର୍ମୀ ବିପଦ ବାତ୍ୟା ବହିଗଲାଣି, ତା'ର ମାହାତ୍ମ୍ୟ ଅକ୍ଷୁଣ୍ଣ ରହିଛି। ପୌରାଣିକ ଯୁଗରେ ମଧ୍ୟ ବଡ଼ଦେଉଳର ମହାପ୍ରସାଦ ମାହାତ୍ମ୍ୟ ଥିଲା। ଭାଗବତ ପୁରାଣ, ବିଷ୍ଣୁ ଧର୍ମ ପୁରାଣ, ବରାହ ପୁରାଣ, ଗରୁଡ଼ ପୁରାଣ, ବିଷ୍ଣୁ ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ରୁଦ୍ରଯାମଳ, ବାୟୁ ପୁରାଣ ପ୍ରଭୃତିରେ ମହାପ୍ରସାଦ ମାହାତ୍ମ୍ୟ ବର୍ଣ୍ଣିତ ଅଛି।**

ଜଗନ୍ନାଥ ଦେଉଳ ଗୋଟିଏ ପ୍ରକାଣ୍ଡ ବ୍ରହ୍ମାଣ୍ଡ। ଦେଉଳର ନାମ ବଡ଼ ଦେଉଳ। ଦେଉଳର ଚତୁଃପାର୍ଶ୍ୱରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ଅଛି। ଏହାକୁ ବାହାର ବେଢ଼ା କୁହାଯାଏ। ମେଘନାଦ ପ୍ରାଚୀର ଅନ୍ୟ ଏକ ନାମ। ପ୍ରାଚୀର ଚାରିଦିଗରେ ଚାରିଦ୍ୱାର। ୧- ପୂର୍ବଦ୍ୱାର ବା ସିଂହଦ୍ୱାର, ୨- ପଶ୍ଚିମଦ୍ୱାର, ୩- ଉତ୍ତରଦ୍ୱାର ଓ ୪- ଦକ୍ଷିଣଦ୍ୱାର। ସିଂହଦ୍ୱାର ନିକଟରେ ପ୍ରକାଣ୍ଡ ଅରୁଣ ସ୍ତମ୍ଭ ଉପରେ ଗରୁଡ଼ ମୂର୍ତ୍ତି। ଏହି ସ୍ତମ୍ଭ କୋଣାର୍କରୁ ଆସିଥିବାର କଥିତ ହୁଏ। ପଥରରେ ନିର୍ମିତ। ସିଂହଦ୍ୱାର ଦୁଇପାର୍ଶ୍ୱରେ ଦୁଇଟି ପ୍ରକାଣ୍ଡ ସିଂହମୂର୍ତ୍ତି। ସିଂହଦ୍ୱାର ଡେଇଁ ଭିତରେ ପ୍ରବେଶ କଲେ ପତିତପାବନ ମୂର୍ତ୍ତି ଦେଖାଯା'ନ୍ତି। ରାଜା ରାମଚନ୍ଦ୍ର ଦେବ ଏହି ମୂର୍ତ୍ତି ନିର୍ମାଣ କରିଥିଲେ। ଗୁମୁଟ ପାର ହୋଇଗଲେ ବାଇଶି ପାବଚ୍ଛ। ବାଇଶି ପାବଚ୍ଛର ବାମ ପାର୍ଶ୍ୱରେ କାଶୀ ବିଶ୍ୱନାଥ, ବ୍ରହ୍ମା, ରାମ ଲକ୍ଷ୍ମଣ ପ୍ରଭୃତି ମୂର୍ତ୍ତି। ବାହାର ବେଢ଼ା ମଧ୍ୟରେ ରୋଷଘର, ସରଘର, ଚୈତନ୍ୟମୂର୍ତ୍ତି, ପୁଷ୍ପୋଦ୍ୟାନ, ନିର୍ମାଲ୍ୟଖଳା, ତୁଳସୀ ବଗିଚା, ବୀର ହନୁମାନ ମୂର୍ତ୍ତି, କୋଇଲି ବୈକୁଣ୍ଠ, ଈଶାନେଶ୍ୱର, ଶୀତଳା, ସୁନା କୂଅ, ଆନନ୍ଦ ବଜାର, ସ୍ନାନ ବେଦୀ। ବାହାର ବେଢ଼ା ଗୁମୁଟ ପାର ହୋଇ ଗଲେ ଭିତର ବେଢ଼ାରେ ପ୍ରବେଶ ହେବ। ଯେଉଁମାନେ ବେଢ଼ା ପରିକ୍ରମା କରନ୍ତି, ସେମାନେ ବାହାର ବେଢ଼ା ଗୁମୁଟ ପାର ହୋଇ ବାମ ଦିଗରେ ଯାଆନ୍ତି। ସତ୍ୟନାରାୟଣ, ବାଳମୁକୁନ୍ଦ, କଳ୍ପବଟ, ବଟଗଣେଶ, ବାଟମଙ୍ଗଳା, ଯମେଶ୍ୱର, ମାର୍କଣ୍ଡେଶ୍ୱର, ମୁକ୍ତିମଣ୍ଡପ, ନୃସିଂହ, ରୋହିଣୀକୁଣ୍ଡ, କାକଚତୁର୍ଭୁଜ, ବିମଳା, କାଞ୍ଚି ଗଣେଶ, ଶ୍ରୀକୃଷ୍ଣ, ଭଣ୍ଡଗଣେଶ, ଭୁବନେଶ୍ୱରୀ, ସରସ୍ୱତୀ, ଷଷ୍ଠୀଦେବୀ, ମଙ୍ଗଳା, କାଳୀ, ଲକ୍ଷ୍ମୀ, ପଦ୍ମପାଦ, ସୂର୍ଯ୍ୟନାରାୟଣ, ପାଦପଦ୍ମ ପ୍ରଭୃତି ଅନେକ ମୂର୍ତ୍ତି ଦେଖାଯା'ନ୍ତି। ଭିତର ବେଢ଼ା ମଧ୍ୟରେ ମୁଖଶାଳା, ଜଗମୋହନ ଓ ବଡ଼ଦେଉଳ। ଦେଉଳ ମୂଳଠାରୁ ଦଧିନଉତି ପର୍ଯ୍ୟନ୍ତ ଅନେକ ମୂର୍ତ୍ତି ଖୋଦିତ ଅଛି। ଉପରେ ଅନେକ ଦେବଦେବୀ ମୂର୍ତ୍ତି ମଧ୍ୟରେ ସଂସାରର ଚିତ୍ର, ପଶୁପକ୍ଷୀ ଇତ୍ୟାଦି। ଦେଉଳ ଭିତର ଜଗମୋହନ କାନ୍ଥରେ ଅନେକ ଖୋଦିତ ଓ ଚିତ୍ର ମୂର୍ତ୍ତି ଅଛି। ରତ୍ନସିଂହାସନରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ଚକ୍ର ବିରାଜମାନ।

ଜଗନ୍ନାଥ ଦେଉଳ ଦେଖିଲେ ମନେହୁଏ ଏ ଗୋଟିଏ ବିଶ୍ୱବ୍ରହ୍ମାଣ୍ଡର କ୍ଷୁଦ୍ର ପ୍ରତିକୃତି। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିପୁରର ଚିତ୍ର ଏଠାରେ ଦେଖାଯାଏ। ଅନେକ ଲୋକ ହିନ୍ଦୁମାନଙ୍କ ଦେଉଳ, ମୂର୍ତ୍ତି ପ୍ରଭୃତି ଦେଖି ସେମାନଙ୍କୁ ପୌତ୍ତଳିକ ବୋଲି କହିଥା'ନ୍ତି। ହିନ୍ଦୁ ଗ୍ରାମମାନ ଦିଅଁଦେଉଳରେ ପୂର୍ଣ୍ଣ। ପ୍ରତି ଗ୍ରାମ, ପ୍ରତି ସହରରେ ଦେବମନ୍ଦିର ଅଛି। ପୌତ୍ତଳିକ ବୋଲି ଯେଉଁମାନେ କହନ୍ତି, ସେମାନେ ସମ୍ଭବତଃ ହିନ୍ଦୁ ଧର୍ମର ସାର ବୁଝିନାହାନ୍ତି। ହିନ୍ଦୁମାନେ ପ୍ରକୃତରେ ନିର୍ଜୀବ କାଠ ପଥରକୁ ପୂଜା କରନ୍ତି ନାହିଁ। ସେମାନେ ଯେଉଁ ମୂର୍ତ୍ତି ପୂଜା କରନ୍ତି, ତହିଁରେ ସେହି ସର୍ବଶକ୍ତିମାନ, ସର୍ବବ୍ୟାପକ ପରମାତ୍ମାଙ୍କ ଆବାହନ କରି ପୂଜା କରନ୍ତି। ମୂର୍ତ୍ତି ନିମିତ୍ତ ମାତ୍ର। ଭଗବାନ କାଷ୍ଠ ପାଷାଣ ତରୁ ତୃଣ ସର୍ବତ୍ର ବ୍ୟାପୀ ରହିଅଛନ୍ତି। ମୂର୍ତ୍ତିରେ ତାଙ୍କ ସତ୍ତା ଉପଲବ୍ଧି କରିପାରିବାର ଅସମ୍ଭବ ହେବ କାହିଁକି ?

ଗୀତାରେ ମଧ୍ୟ ଅଛି- ନିରାକାର ଉପାସନା ଅପେକ୍ଷା ସାକାର ଉପାସନା ସହଜ। ସାକାର ଦ୍ୱାରା ନିରାକାର ଉପଲବ୍ଧି କରାଯାଇପାରେ। ମନୁଷ୍ୟ ସାକାର, ସସୀମ। ସେ ଏକାବେଳକେ ଅସୀମ ନିରାକାର। ବସ୍ତୁର ଧାରଣା କରିପାରିବା କଠିଣ। ଯିଏ କରିପାରିଲା କରୁ, ସେଥିରେ ଆପତ୍ତି ନାହିଁ; ମାତ୍ର ତହିଁପାଇଁ ଅନ୍ୟାନ୍ୟ ସାଧାରଣ ଧ୍ୟାନ ଧାରଣା ଶକ୍ତି ଆବଶ୍ୟକ। ପ୍ରଭୁଙ୍କ କୃପାରୁ ଯାହାର ସେ ଶକ୍ତି ଅଛି, ସେ କରୁ; ମାତ୍ର ଲୋକସାଧାରଣ ଲାଗି ସାକାର ଉପାସନା ସହଜ, ସୂକ୍ଷ୍ମ ଉପାୟ। ତେଣୁ ହିନ୍ଦୁ ଜଗତରେ ସାକାର ପୂଜାର ବହୁଳତା। ପ୍ରହ୍ଲାଦ ସ୍ତମ୍ଭରେ ଈଶ୍ୱର ଦେଖିପାରିଲେ। ସାକାର ପୂଜା ହେଉ ବା ନିରାକାର ପୂଜା ହେଉ, ମନଟାକୁ ଭଗବାନଙ୍କଠାରେ ଅର୍ପଣ କରିପାରିଲେ ହେଲା। ମନ ଦୃଢ଼ ହେଲେ ଗଡ଼ିଆ ଗଙ୍ଗା। ଯାହା ମନ ମୁନ ଭଗବାନଙ୍କଠାରେ ଥିବ, ସେ ତ ସର୍ବତ୍ର ଭଗବାନଙ୍କ ମୂର୍ତ୍ତି ଦର୍ଶନ କରିବ।

ଜଗନ୍ନାଥ ମନ୍ଦିରରେ ଯେଉଁ ସାମ୍ୟ ଧର୍ମ ପ୍ରଚଳିତ ଅଛି, ଅନ୍ୟତ୍ର ନାହିଁ। ଏଠାରେ ଜାତିଭେଦ ନାହିଁ। ଭଗବାନଙ୍କ ପ୍ରସାଦରେ ରୁଚି ବିକାର ନାହିଁ। ଭଗବାନ ଏଠାରେ ସ୍ୱୟଂ ଅଛନ୍ତି ବୋଲି ଲୋକେ ଯାହା ବିଶ୍ୱାସ କରନ୍ତି, ତାହା ଅନାଦି ଆବହମାନକାଳରୁ ଚଳିଆସୁଛି। ଜଗନ୍ନାଥ ଦେଉଳ ଉପରେ କେତେ ବିଧର୍ମୀ ବିପଦ ବାତ୍ୟା ବହିଗଲାଣି, ତା'ର ମାହାତ୍ମ୍ୟ ଅକ୍ଷୁଣ୍ଣ ରହିଛି। ପୌରାଣିକ ଯୁଗରେ ମଧ୍ୟ ବଡ଼ଦେଉଳର ମହାପ୍ରସାଦ ମାହାତ୍ମ୍ୟ ଥିଲା। ଭାଗବତ ପୁରାଣ, ବିଷ୍ଣୁ ଧର୍ମ ପୁରାଣ, ବରାହ ପୁରାଣ, ଗରୁଡ଼ ପୁରାଣ, ବିଷ୍ଣୁ ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ରୁଦ୍ରଯାମଳ, ବାୟୁ ପୁରାଣ ପ୍ରଭୃତିରେ ମହାପ୍ରସାଦ ମାହାତ୍ମ୍ୟ ବର୍ଣ୍ଣିତ ଅଛି।

ଓଁକାର ଯନ୍ତ୍ରାନୁରୂପ ମୂର୍ତ୍ତିତ୍ରୟ ଗଠିତ ହୋଇଛନ୍ତି। ଉତ୍ତର ମୀମାଂସା ଓ ପୂର୍ବ ମୀମାଂସାର ମତ ଏଠାରେ ସାମଞ୍ଜସ୍ୟ କରାଯାଇଅଛି। ଓଁକାର ବିରାଟ ମୂର୍ତ୍ତିର ପରିଚାୟକ। ସୁତରାଂ କରଚରଣ ବିହୀନ। ଓଁକାର ତ୍ରିଗୁଣାତ୍ମକ ବୋଲି ତ୍ରିମୂର୍ତ୍ତିର ସୃଷ୍ଟି। ସତ୍ତ୍ୱ, ରଜ, ତମ ଅବା ପରମାତ୍ମା ଆତ୍ମା ମାୟାର ପରିଚାୟକ। ରାଜର୍ଷି ଇନ୍ଦ୍ରଦ୍ୟୁମ୍ନ କର୍ମକାଣ୍ଡ ଓ ଜ୍ଞାନ କାଣ୍ଡାତ୍ମକ ନବଭକ୍ତିରେ ଏହି ମୂର୍ତ୍ତି ସ୍ଥାପନ କରାଇଥିଲେ। ଏହି ହେତୁ ଆଗମ ଯୁଗର ବ୍ୟକ୍ତି, ପୌରାଣିକ ଯୁଗର ଲୋକ ଏବଂ ଶଙ୍କର ପ୍ରଭୃତି ପର ଯୁଗର ଭକ୍ତମାନେ ସମଭାବରେ ଆଦର କରନ୍ତି। ସକଳ ସମ୍ପ୍ରଦାୟର ଭକ୍ତମାନେ ଏହି ମୂର୍ତ୍ତିମାନଙ୍କୁ ଦେଖି ଆପଣା ଆପଣା ଇଷ୍ଟଦେବତାଙ୍କୁ ଅନୁଭବ କରିପାରନ୍ତି। ଦାରୁବ୍ରହ୍ମ ମୂର୍ତ୍ତି ସମ୍ବନ୍ଧେ ଅନେକ ପ୍ରାଚୀନ ପ୍ରମାଣ ଅଛି। ତୈତ୍ତିରୀୟ ଶ୍ରୁତି, ବୃହତ୍ ବିଷ୍ଣୁ ପୁରାଣ, ଶ୍ରୀ ଭାଗବତ, ବ୍ରହ୍ମବୈବର୍ତ୍ତ, ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ, ନରସିଂହ ପୁରାଣ, ବାୟୁ ପୁରାଣ, ବିଷ୍ଣୁ ଯାମଳ, ବ୍ରହ୍ମ ଯାମଳ, ଉତ୍କଳ ପ୍ରଭୃତି ପ୍ରାଚୀନ ପୁରାଣମାନେ, ଦାରୁ ବ୍ରହ୍ମ ମୂର୍ତ୍ତି ଜଗନ୍ନାଥ, ପୁରୁଷୋତ୍ତମ କ୍ଷେତ୍ର ପ୍ରଭୃତି କଥା ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି। ଓଁକାର ମୂର୍ତ୍ତି ସମ୍ବନ୍ଧେ ଉତ୍କଳଖଣ୍ଡରେ ଲେଖା ଅଛି। ମହାଭାରତଠାରୁ ଆରମ୍ଭ କରି ସର୍ବଶେଷ ପୁରାଣ ଭାଗବତ ପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ କୀର୍ତ୍ତିତ ହୋଇଆସିଛି। ପୁରାଣ, ତନ୍ତ୍ର, ପ୍ରାଦେଶିକ ସ୍ମୃତି ଶାସ୍ତ୍ରମାନଙ୍କରେ ପୁରୁଷୋତ୍ତମ ମାହାତ୍ମ୍ୟ କୀର୍ତ୍ତିତ। ସମଗ୍ର ହିନ୍ଦୁଜାତିର ପବିତ୍ର ଶ୍ରେଷ୍ଠତମ ଧର୍ମକ୍ଷେତ୍ର ଏହି ପୁରୁଷୋତ୍ତମ। ■



ଦେବପ୍ରସାଦ ମିଶ୍ର
କଟକ, ମୋ: ୯୪୩୭୦୨୩୩୯୦

**Comfort, Care, Elegance – All in perfect Harmony!**
**Swosti Premium Beach Resorts – a Perfect Destination for MICE & Weddings in Puri**
**(Scheduled to open in EARLY 2024)**

Swosti Premium Beach Resorts by the Swosti Group, the first five-star premium luxury beach resort, centrally air-conditioned, open its doors for guests at Sipasurubuli, Puri. Positioning the State of Odisha as a prominent MICE destination, the property comes equipped with facilities to host mega conferences and elaborate wedding ceremonies with large open-air landscaped lawns. Nestled on the shores of the Bay of Bengal, just a leisurely 60-minute drive from Bhubaneswar Airport and Railway Station, the Swosti Premium Beach Resorts Puri is a true gem on the Blue Flag Beach, Puri. This seaside paradise offers a perfect blend of luxury, comfort, and natural beauty, making it an ideal destination for both leisure and business travelers. Swosti Premium Beach Resorts extends its guests Luxury Rooms (Sea View Rooms & Premium Rooms) and presidential suites (Oasis Suite, Intimate Escape Suite, Imperial Suite & The Royal Ambassador Suite) with a no obstruction view of the sea. The All Day dining restaurant (Beach Hut), at the Swosti Premium Beach Resorts offer an incredible array of local delicacies and the choicest of international cuisines with the décor and the ambience just adding to the mood and the highlight of the property is the Sky lounge bar (Saltwater) situated at a height of 150ft above ground level overlooking the Bay of Bengal. The Coffee Bar (Beanhive) is a perfect settlement for a tired mind to relax or to catch up with friends or colleagues. One of the standout features of Swosti Premium Beach Resort is its versatility as a wedding and event destination. The resort boasts four wedding venues (namely Boita Voyage at Ground Floor, Mahari Courtyard at 3rd floor and Panaroma, Portrait at 1st floor) with open-air landscaped lawns at different heights, ensuring that your special day is set against a backdrop of unparalleled natural beauty. The mega banquet halls, complete with pre-function areas, can host up to 750 people, and the open landscaped lawns overlooking the sea and sky create a dreamlike atmosphere for any MICE or Wedding event. For those looking to relax and unwind, the resort offers a large infinity swimming pool and an ultra-modern wellness spa (Ekayaa), where you can indulge in rejuvenating treatments to soothe your mind and body. The health club and game zones cater to both adults and kids, providing entertainment and fitness options for everyone. Swosti Premium Beach Resorts, Puri is more than just a luxurious getaway; it's a complete coastal experience. With its beautiful rooms, mega conference facilities, wellness amenities, and diverse dining options, the resort caters to all your needs. Whether you're seeking a serene beachside retreat, a destination for special events, or a place to indulge in relaxation and adventure, this resort offers it all. Come and discover the charm of this coastal gem on the eastern shores of India

SWOSTI GROUP
HOTELS . RESORTS . TRAVELS
SINCE 1981
WHERE PASSION LIVES

